

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.112, Monday, 10 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୨, ସୋମବାର, ୧୦ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.112, Monday, 10 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୨, ସୋମବାର, ୧୦ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.112, Monday, 10 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୨, ସୋମବାର, ୧୦ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ସିଡବ୍ଲ୍ୟୁଜି ମେଡାଲ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

## 'ଜୋ ଖେଲେଗା , ୱୋ ଖିଲେଗା'



ନୂଆଦିଲ୍ଲୀ

ଭାରତ ପାଇଁ କମନୱେଲଥ ଗେମ୍ସ ୨୦୨୬ର ଯାତ୍ରା ଥିଲା ଖୁବ୍ ଆକର୍ଷଣୀୟ। ଅନେକ ପ୍ରମୁଖ ଖେଳ ଗୁଡ଼ିକ ସାମିଲ ନଥିବା ସତ୍ତ୍ୱେ ଭାରତୀୟ ଖେଳାଳିମାନେ ଗ୍ଲାସଗୋରେ ନିଜର ଦମଦାର ପ୍ରଦର୍ଶନ କରି ପାରିଥିଲେ ଏବଂ ୩୯ଟି ମେଡାଲ ଜିତି ସବୁ ଦେଶ ମଧ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏବେ ମେଡାଲ ବିଜେତାମାନେ ଦେଶକୁ ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। କିନ୍ତୁ ସମସ୍ତ ମେଡାଲ ବିଜେତାଙ୍କ ସବୁଠାରୁ ନିଆରା ସ୍ୱାଗତ କରାଯାଇ ଥିଲା ଲୋକ କଲ୍ୟାଣ ମାର୍ଗରେ, ଯେଉଁଠାରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଆତିଥ୍ୟ ସତ୍କାର କରି ଥିଲେ। ଏହା ସହିତ ପ୍ରଧାନମନ୍ତ୍ରୀ ଦେଶର ଖେଳାଳି ମାନଙ୍କୁ ବାର୍ତ୍ତା ଦେଇଥିଲେ ଯେ, ଖେଳୁଥିବା ଲୋକମାନେ ହିଁ ଉନ୍ନତି କରିବେ। ରବିବାର ୯ ଅଗଷ୍ଟର ସନ୍ଧ୍ୟା। ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ, ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ କମନୱେଲଥ ଗେମ୍ସ ୨୦୨୬ର ମେଡାଲ ବିଜେତାମାନଙ୍କୁ ସ୍ୱାଗତ କରାଯାଇ ଥିଲା। ଏହି ସମୟରେ ପିଏମ୍ ମୋଦି ସମସ୍ତ ବିଜେତାଙ୍କୁ ଭେଟି ଥିଲେ ଏବଂ ସେମାନଙ୍କ ଅନୁଭବ ଓ ଅନୁଭୂତିକୁ ଧ୍ୟାନର ସହ ଶୁଣି ଥିଲେ। ଏହାସହ ମୋଦି

■ ପୃଷ୍ଠା-୧୫

### 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଯୁବଶକ୍ତିର ଏକ ହିଁ ସ୍ୱର, ସୁରକ୍ଷିତ ହେବ ଦେଶ ଆମର

- ଅଗଷ୍ଟ ୯ରୁ ୧୭ ସବୁଠି ଉଡ଼ିବ ଜାତୀୟ ପତାକା
- ତ୍ରିରଙ୍ଗା ପଦଯାତ୍ରାରେ କମ୍ପିଲା ରାଜଧାନୀ
- ଜେନ୍-ଜି ଓ ଯୁବସମାଜକୁ ଦେଶଭକ୍ତିର ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ
- ପ୍ଲାଷ୍ଟିକ୍‌କୁ ନା', କପଡ଼ା ପତାକାକୁ ହଁ'
- ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ବ୍ୟୁରୋ)

ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସପୁତମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ। ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି. ଏବଂ ଏନ.ଏସ.ଏସ.ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟର 'ଜେନ୍-ଜି' ଓ ଯୁବସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ

■ ପୃଷ୍ଠା-୧୫

## ଓଡ଼ିଶା ହାଇକୋର୍ଟର ଦୁଇ ଜଜ୍‌ଙ୍କ ବଦଳି

ନୂଆଦିଲ୍ଲୀ

ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ଦୁଇ ଜଣ ବିଚାରପତିଙ୍କୁ ଅନ୍ୟ ରାଜ୍ୟର ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଗତ ୬ ତାରିଖରେ ଅନୁଷ୍ଠିତ କଲେଜିୟମ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ରବିବାର ପ୍ରକାଶ ପାଇଛି। ସୁପାରିସ ଅନୁଯାୟୀ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଅନ୍ୟ ଜଣେ ବିଚାରପତି ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟରୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବା ପାଇଁ କଲେଜିୟମ ସୁପାରିସ କରିଛନ୍ତି। ବିଚାରପତିମାନଙ୍କର ଏହି ପ୍ରସ୍ତାବିତ ବଦଳି ପ୍ରକ୍ରିୟା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବାବଦରେ ଆବଶ୍ୟକ ଆନୁଷ୍ଠାନିକ ବଦଳି ବିଜ୍ଞପ୍ତି ଜାରି ହେବା ପରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ।

### ଆଇଆଇଆରଏଫ୍ ରାଙ୍କିଂରେ

## ଓଡ଼ିଶାର ୩ ପ୍ରମୁଖ ସରକାରୀ ମେଡିକାଲ କଲେଜ

ଭୁବନେଶ୍ୱର(ବ୍ୟୁରୋ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁସନାଲ୍ ରାଙ୍କିଂ ଫ୍ରେମୱାର୍କ ୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ଉଲ୍ଲେଖନୀୟ ସ୍ଥାନ ହାସଲ କରିଛନ୍ତି। ସେଗୁଡ଼ିକ ହେଲେ, ଏସ୍‌ସିବି ମେଡିକାଲ କଲେଜ ୧୫ତମ, ଭିମସାର ୬୪ତମ ଓ ଏମ୍‌କେସିଜି ମେଡିକାଲ କଲେଜ ୭୪ତମ ସ୍ଥାନରେ, ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ରହିଛି। ପ୍ରଥମ ଥର ପାଇଁ ଓଡ଼ିଶାର ଏକ ସରକାରୀ ମେଡିକାଲ କଲେଜ ଏହାର ଏମ୍ସ ସମକକ୍ଷ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇ ଏହି ରାଙ୍କିଂରେ ଆଗରେ ରହିଛି। ଏସସିବି ୧୫ତମ ସ୍ଥାନରେ ଥିବ ବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି। ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସ୍ଥାନ ପାଇଥିବା ମେଡିକାଲ କଲେଜର ସମସ୍ତ ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ' ଏହି ରାଙ୍କିଂ ଆମ ପାଇଁ କେବଳ ଏକ ସଫଳତା ନୁହେଁ, ବରଂ ଓଡ଼ିଶାର ସରକାରୀ ମେଡିକାଲ କଲେଜଗୁଡ଼ିକୁ ଜାତୀୟସ୍ତରରେ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଏକ ପ୍ରେରଣା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଚିକିତ୍ସା ଶିକ୍ଷା, ଗବେଷଣା, ଆଧୁନିକ ଭିତ୍ତିଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସରତ ଏବଂ ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି ।

## ଛାଡୁନି ବନ୍ୟାର ପ୍ରକୋପ, ଜନଜୀବନ ବେହାଲ୍

- ଘର, ଫସଲ ଓ ଜୀବିକା ଛାରଖାର
- ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ାରେ ବଢୁଛି ଦୁର୍ଦ୍ଦଶା
- ୧୫ ଦିନ ଧରି ପାଣିଘେରରେ ଲୋକେ



ଭୁବନେଶ୍ୱର(ବ୍ୟୁରୋ)

ଗୋଟିଏ ପରେ ଗୋଟିଏ ବନ୍ୟା । ଗୋଟିଏ ବଢିପାଣି ଦାଗ ନ ଲିଭୁଣୁ ପୁଣି ବେହାଲ କରିପକାଉଛି ବର୍ଷା। ଉପକୂଳରୁ ଆଭ୍ୟନ୍ତର, ଜୀବନକୁ ଘାଇଲା କରିପକାଇଲାଣି। ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ାର ଦୁର୍ଦ୍ଦଶା ନକହିବା ଭଳି । ପ୍ରାୟ ୧୫ ଦିନ ଧରି ପାଣି ଘେରରେ ଯନ୍ତ୍ରଣା ଭୋଗୁଛନ୍ତି ହଜାର ହଜାର ଲୋକେ । ଘର, ଫସଲ ଓ ଜୀବିକା ସବୁ ଉଜୁଡ଼ିଗଲାଣି। ଏଠି ଜୀବନ ଜାଗା ଖୋଜୁଛି। ଘରଦ୍ୱାର ଛାଡ଼ି ବନ୍ଧ ଉପରେ ପରିବାର ବସିଛି। ପଲିଥିନ୍ ତଳେ କଟୁଛି ଜୀବନ। ଗାଈଗୋରୁଙ୍କ ସାଥିରେ ଦିନ ବିତୁଛି। ପୁଣି ଚୁଡ଼ା ମୁଠାଏରେ ପେଟ ପୁରୁଛି। ଦିନେ କି ଦୁଇ ଦିନ ନୁହେଁ, ପ୍ରାୟ ୧୫ ଦିନ ହୋଇଗଲାଣି। ପାଣି ଘେରରେ ବନ୍ଧା ପଡ଼ିଛି ମଣିଷ। ଗାଁ ଦାଣ୍ଡରେ ଅଣ୍ଟେ, ଘର ଭିତରେ ଆଣ୍ଠିଏ ପାଣି। ଆଉ ଯେଉଁଠି ସୁନାର ଫସଲ ହସିବା କଥା, ସେଠି ବନ୍ୟାର ରାଜୁତି। ଯାଜପୁର ଜିଲ୍ଲା ଦଶରଥପୁରକୁ ବରବାଦ କରିଦେଇଛି ବ୍ୟାକ୍ ଟୁ ବ୍ୟାକ୍ ବନ୍ୟା। ଗଲା ଲଘୁଚାପ ତ ଯେତିକୁ ବୁଡ଼ାଇଥିଲା, ତାଠୁ ବଳିକି ହେଲାଣି ଗତ ୪ ଦିନର ଲଗାଣ ବର୍ଷା। କାଣୀ ନଦୀରେ ପୁଣି ଦେଖାଦେଇଛି ବନ୍ୟା ସ୍ଥିତି। ମରାମତି ଘାଇ ଆଉଥରେ ଧଣିବାରୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରାୟ ୪୦ ପରିବାର ରାସ୍ତା ଉପରେ ବସିଛନ୍ତି। ଏପରିକି ବଜାର ଭିତରେ ପାଣି ପଶି ଦୋକାନ ଓ ସ୍କୁଲଘର ଅଧା ବୁଡ଼ା ଅବସ୍ଥାରେ। ଶୌଚ ହେବାକୁ ଯାଇଥିବାବେଳେ ଜଣେ ବ୍ୟକ୍ତି ଭାସିଯାଇ ନିଖୋଜ ଅଛନ୍ତି। ଭଦ୍ରକ ଜିଲ୍ଲାରେ ବନ୍ୟା ଆସିଲା, ଘର ଭାସିଲା, ଫସଲ ଉଜୁଡ଼ିଲା। ଭାବିଥିଲେ ପାଣି କମିଲେ ଜୀବନ ବି ଧୀରେ ଧୀରେ ଫେରିବ। ହେଲେ ପାଣି ଛାଡ଼ିବା ଆଗରୁ ପୁଣି ବର୍ଷା ବେହାଲ କରିସାରିଲାଣି। ବୈତରଣୀ ଓ ସାଳନ୍ଦୀ ନଈ ବେଳକୁ ବେଳ ଡରାଇ ଚାଲିଛି। ତିହିଡ଼ି ବାରୋଡିହରେ ସାଳନ୍ଦୀ ନଦୀରେ ୨୦୦ ଫୁଟର ଘାଇ ଓ ଲଞ୍ଜାତରାଠାରେ ୩୦୦ ଫୁଟର ଘାଇ ପ୍ରାୟ ୮ଟି ଗାଁକୁ ଜଳବନ୍ଦୀ କରିଛି। କାଂଶବାଂଶ, ଗମେଇ ନଦୀରେ ପୁଣି ଆସିଛି ବନ୍ୟା। ସେପଟେ କେନ୍ଦ୍ରାପଡ଼ାରେ ବଢିପାଣି କୋପ ବଢିଚାଲିଛି । ପଟ୍ଟାମୁଣ୍ଡାଇରେ ଏବେ ବି ସ୍ଥିତି ସଂଗୀନ। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ସିନା ଥମିଯାଇଛି ହେଲେ ଲୋକଙ୍କ ଦୁଃଖ ଯେମିତିକୁ ସେମିତି। ଘର ଆଗରୁ ଏଯାଏଁ ପାଣି

■ ପୃଷ୍ଠା-୧୫

### ସେ କହିଲେ...



ରାଜ୍ୟର ୧୬୯ଟି ଜନଜାତି ଗୋଷ୍ଠୀକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରାଯାଉ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିବ। ବିଜୁ ଜନତା ଦଳ ଜନଜାତି ଭାଇଭଉଣୀଙ୍କ ଶ୍ରେଷ୍ଠ ବନ୍ଧୁ। ସେମାନଙ୍କ ଅଧିକାର, ସ୍ୱାଭିମାନ ଓ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ସବୁବେଳେ ଦୃଢ଼ ଭାବେ ଛିଡ଼ା ହୋଇଛି। ଆଗକୁ ମଧ୍ୟ ଏହି ଲଢ଼େଇ ଜାରି ରହିବ। ଜନଜାତିଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ମୁଖ୍ୟ ଲକ୍ଷ୍ୟ। ବିଜେଡି ସରକାର ସମୟରେ ଜନଜାତି ବର୍ଗର ଶିକ୍ଷା, ଜୀବନଜୀବିକା ଓ ସାମାଜିକ-ଆର୍ଥିକ ସଶକ୍ତୀକରଣ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିଲା ।

**ନବୀନ ପଟ୍ଟନାୟକ**
**ବିଜେଡି ସଭାପତି**

### ଜେନ୍ ଜି'ଙ୍କୁ ନେଇ ଚାଲିଛି ପ୍ରତିଯୋଗିତା

# ଭୋଟ ପୂର୍ବରୁ ପାଲଟିଛି ପଲିଟିକାଲ ଟ୍ରେଣ୍ଡ୍

**ଜେନ୍ ଜି'ଙ୍କୁ ନେଇ ରାଜନୈତିକ ଦଳ ଭିତରେ ଚାଲିଛି ପ୍ରତିଯୋଗିତା। ଏକ ପ୍ରକାର ଟ୍ରେଣ୍ଡ୍ ପାଲଟିଗଲାଣି ଜେନ୍ ଜି'। ହେଲେ ଘାରିଛି ବାହ୍ୟଶକ୍ତିଙ୍କ ଦ୍ୱାରା ପ୍ରଭାବିତ ହେବାର ଭୟ। ପ୍ରଭାବିତ ନ ହେବା ଲାଗି ସିଏମ୍ ଏମ୍‌ସିଏମ୍ ଅପିଲ୍ କରିଥିବା ବେଳେ ବିରୋଧୀ ଦଳ ବି ଏନେଇ ଖେଳିଛି ପଲିଟିକାଲ ଷ୍ଟଣ୍ଟ୍। ବିଜେଡି କହିଛି ଯେ, ସରକାର ଭୁଲ କାମ କଲେ ଯୁବଶକ୍ତି ସ୍ୱର ଉଠାଇବେ। ଯିଏ ସରକାରଙ୍କ ଭୁଲ୍ ଧରିବ, ସିଏ ଦେଶ ବିରୋଧୀ ନୁହେଁ। ନିଜ ଭୁଲ୍ ଲୁଚାଇବାକୁ କାଦୁଅ ଫିଙ୍ଗୁଛନ୍ତି ସରକାର। ଜେନ୍ ଜି'ଙ୍କୁ ନେଇ ସରକାର ଏତେ ଭୟଭୀତ ହେବା ପଛରେ କାରଣ କ'ଣ।**



**ବାହ୍ୟଶକ୍ତିଠାରୁ ଦୂରେଇ ରୁହ: ମୁଖ୍ୟମନ୍ତ୍ରୀ**
**ଭୁଲ୍ ଲୁଚାଇବାକୁ କାଦୁଅ ଫିଙ୍ଗନି: ବିଜେଡି**
**ଆଗକୁ ଫଳ ଭୋଗିବ ବିଜେପି: କଂଗ୍ରେସ**
**ଜେନ୍ ଜି'ଙ୍କ ୟର୍କରରେ ଧର୍ମେନ୍ଦ୍ର କ୍ଲିନ୍‌ବୋଲ୍ଡ**
**ଯୁବଭୋଟରଙ୍କ ଉପରେ ସବୁ ଦଳଙ୍କ ନଜର**

ଭୁବନେଶ୍ୱର (ବ୍ୟୁରୋ)

ଆଗକୁ ପଞ୍ଚାୟତ ଓ ପୌର ଭୋଟ। ସେଥିଲାଗି ଜେନ୍ ଜି'ଙ୍କୁ ନେଇ ଚାରିଆଡ଼େ ଚାଲିଛି ଜୋରଦାର ଆଲୋଚନା। ଜନମତକୁ ବେଶ ପ୍ରଭାବିତ କରିଥାନ୍ତି ଏହି ବର୍ଗର ଭୋଟର। କିନ୍ତୁ ବାହ୍ୟଶକ୍ତି ଦ୍ୱାରା ସେମାନେ ପ୍ରଭାବିତ ହେଉନାହାନ୍ତି ତ? ଯାହାକୁ ନେଇ ଏବେ ଶଙ୍କା ଉଠିଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍ ପରେ ରାଜନୈତିକ ବୟାନ ବାଜି ତେଜିଛି। ସେପଟେ ଜେନ୍ ଜି'ଙ୍କ ସମର୍ଥନ ପାଇଁ ଏବେ ରାଜନୈତିକ ଦଳଗୁଡ଼ିକ ଭିତରେ ପ୍ରତିଯୋଗିତା ବି ତୀବ୍ର। ଦୁନିଆ ଦୁଲୁକୁଛି ଜେନ୍ ଜି ସ୍ୱରରେ। କେଉଁଠି ସତ୍ତାକୁ ଚ୍ୟାଲେଞ୍ଜ ତ କେଉଁଠି ବ୍ୟବସ୍ଥାକୁ ପ୍ରଶ୍ନ, ଆଉ କେଉଁଠି ସିଷ୍ଟମରେ ପରିବର୍ତ୍ତନ ପାଇଁ ରାସ୍ତାକୁ ଓହ୍ଲାଉଛନ୍ତି ଯୁବଶକ୍ତି। ପ୍ରଶ୍ନ ପଚାରି, ଦାବି ଉଠାଇ ଜବାବ ମାଗିବା ଜେନ୍-ଜି ପାଇଁ କେବଳ ପ୍ରତିବାଦ ନୁହେଁ, ଏକ ଟ୍ରେଣ୍ଡ ପାଲଟିଗଲାଣି। ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ଯୋଗଦେଇ ବାହ୍ୟଶକ୍ତିରୁ ଦୂରେଇ ରହିବାକୁ ଜେନ ଜି'ଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଦେଶର ଯୁବଶକ୍ତିଙ୍କୁ ସଶକ୍ତ ଓ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଡିଜିଟାଲ ଯୁଗରେ ଦେଶ ବାହାରୁ ଯୁବବର୍ଗଙ୍କୁ ଭ୍ରମିତ କରାଯାଉଛି। ସୋସିଆଲ ମିଡିଆର ଅପବ୍ୟବହାର ଓ ନିଶାଦ୍ରବ୍ୟର କୁପ୍ରଭାବ ଯୁବକଙ୍କୁ ପଥଭ୍ରଷ୍ଟ କରୁଛି। ଅନ୍ୟପଟେ ବିଜେଡି କାଉଣ୍ଟର କରି କହିଛି ଯେ, ଯିଏ ସରକାରଙ୍କ ଭୁଲ୍ ଧରିବ, ସିଏ ଦେଶ ବିରୋଧୀ। ନିଜ ଭୁଲ୍ ଲୁଚାଇବାକୁ କାଦୁଅ ଫିଙ୍ଗୁଛନ୍ତି ସରକାର।

ତର୍କ-ବିତର୍କ ଭିତରେ ଜେନ୍-ଜି ଏବେ ରାଜନୀତି ପଶାପାଲିରେ ସବୁଠୁ ବଡ଼ ଗୋଟି। ଯୁବ ଭୋଟ୍ ବ୍ୟାଙ୍କ ଉପରେ ସବୁ ରାଜନୈତିକ ଦଳଙ୍କ ଆଖି। ଜେନ୍-ଜିଙ୍କ ସମର୍ଥନ ପାଇବାକୁ ଜୋରଦାର ପ୍ରତିଯୋଗିତା ଚାଲିଛି। ଗତକାଲି ଜେନ୍-ଜି ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କ ଭୂମିକାକୁ ନେଇ ଟାର୍ଗେଟ କରିଥିଲେ ଧର୍ମେନ୍ଦ୍ର ପ୍ରଧାନ। ଜିଏମ୍ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଥିଲେ, ମୁଁ ଏବେ ଜେନ୍ ଜି'ରେ ପୀଡ଼ିତ। କିଛି ଲୋକ ନୂଆ ପିଢିଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି।

ତେଣେ ବିଜେଡି ଧର୍ମେନ୍ଦ୍ରଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛି ଯୁବ ଗୋଷ୍ଠୀ ବା ଜେନ୍ ଜି ଏବେ ବିରୋଧ କରିବା ଆରମ୍ଭ କରିଛନ୍ତି। ଜେନ୍ ଜିଙ୍କ ୟର୍କରରେ କ୍ଲିନ୍ ବୋଲଡ ହେଇ କହୁଛନ୍ତି ହିଟ୍ ୱିକେଟ୍ ହେଇଛି ବୋଲି। କଂଗ୍ରେସ କହିଛି ଜନ୍ତରମନ୍ତର ଘଟଣା ପରେ ଜେନ୍ ଜିଙ୍କ ସମର୍ଥନ କଂଗ୍ରେସ ସହିତ ରହିଛି। ଆଗାମୀ ଦିନରେ ଏହାର ପ୍ରତିଫଳନ ଦେଖିବ ବିଜେପି।

■ ପୃଷ୍ଠା-୧୫



# ବନ୍ଧାପଡ଼ିଛି ଭାରତର ଭବିଷ୍ୟତ

ବାରମ୍ବାର 'ଇଣ୍ଡିଆ ଫାଷ୍ଟ'ର ସ୍ଲୋଗାନ ଦିଆଯାଉଛି। ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱଗୁରୁ ଭାବେ ଅଭିହିତ କରାଯାଉଛି। ସୁଶାସନ, ପ୍ରଗତିର ବାର୍ତ୍ତା ଦିଆଯାଉଛି। ହେଲେ କେଉଁଠି ନା କେଉଁଠି ଭାରତ ଆମେରିକାର ଗୋଡ଼ାଣିଆ ପାଲଟି ଯାଉଛି। ବିଶ୍ୱ ଜିଡିପିର ସ୍ଥିତିକୁ ଦେଖିଲେ ଭାରତର ଅଭିବୃଦ୍ଧି ହାର ଅନ୍ୟ ବିକାଶୋନ୍ମୁଖୀ ଦେଶଗୁଡ଼ିକ ତୁଳନାରେ ବେଶ ଭଲ ରହିଛି। ତଥାପି ଆମେ ଆମେରିକାର ନାଲିଆଖିର ଶିକାର ହେଉଛେ। ମୋଦୀ ସରକାର ଦ୍ୱାରା ବାଣିଜ୍ୟିକ ଶୁଳ୍କ (ଟାରିଫ୍) ଏବଂ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପକୁ କିପରି ପରିଚାଳନା କରାଯାଉଛି, ସେନେଇ ଦେଶ ଭିତରେ ରାଜନୈତିକ ସମାଲୋଚନା ଜାରି ରହିଛି। ଭାରତର ଆର୍ଥିକ ରିହାତି ବା ନୀତିଗତ ପରିବର୍ତ୍ତନଗୁଡ଼ିକ ଆମେରିକାର ଚାପ ସହିତ ଅଧିକ ମେଳ ଖାଉଛି କି ନାହିଁ, ସେନେଇ ପ୍ରାୟତଃ ତର୍କ ବିତର୍କ ହୋଇଥାଏ। ଆଜି ଦେଶର ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତିରେ ଟ୍ରମ୍ପଙ୍କ ହସ୍ତକ୍ଷେପ ରହିଛି ବୋଲି ଆଲୋଚନା ଚାଲିଛି। ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ପ୍ରତ୍ୟେକ କଥା ମାନୁଛନ୍ତି, ତାହା ଭୁଲ ହେଉକି ଠିକ୍। ଅନ୍ୟପଟେ ଟ୍ରମ୍ପ ସରକାର ଭାରତ ବିରୋଧରେ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଥିବା ଦାବି କରାଯାଉଛି। ଆମେରିକାର ଟାରିଫ୍ ବିଲ୍‌କୁ ନେଇ ତେଜ୍ ହୋଇଛି ଭାରତର ରାଜନୀତି। ଆମେରିକା ସିନେଟ୍ ୮୬-୧୧ ଭୋଟରେ ଏକ ରୁଷ ବିରୋଧୀ ସାଙ୍କସନ୍ ବିଲ୍‌କୁ ପାସ୍ କରିଛି। ଏହି ବିଲ୍‌ରେ ରୁଷଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ପ୍ରମୁଖ ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବାର କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କୁ ଦେବାକୁ ପ୍ରସ୍ତାବ ରହିଛି। ଭାରତ ଓ ଚୀନ୍ ସମେତ ୫ଟି ଦେଶ ଏହାର ସମ୍ଭାବ୍ୟ ପ୍ରଭାବିତ ଦେଶ ମଧ୍ୟରେ ରହିଛନ୍ତି, ଯାହା ଭାରତ ପାଇଁ ଅଡୁଆ ହୋଇଛି।

**ସୁଶାନ୍ତ କୁମାର ଦାସ**

ଭାରତ ବାରମ୍ବାର ଆମେରିକାକୁ ଏକ ଭଲ ସହଯୋଗୀ ଦେଶ ଭାବେ ଦେଖିଆସୁଛି। ୟୁରୋପ ପରେ ଆମେରିକା ସହ ବାଣିଜ୍ୟିକ ସମ୍ପର୍କ ବୃଦ୍ଧିକରିବା ଲାଗି ବ୍ୟାକୁଳତାର ସହ ଚାହିଁରହିଛି। ହେଲେ ଆମେରିକା ପଟୁ ଭାରତ ପ୍ରତି ସେଭଳି ଆନ୍ତରିକତା ଦେଖିବାକୁ ମିଳୁନାହିଁ। ଛାତ୍ର ଭିସା ପ୍ରସଙ୍ଗ ହେଉ କି ଟାରିଫ ପ୍ରସଙ୍ଗ ସବୁଥିରେ ଭାରତ ବିରୋଧୀ ଆଭିମୁଖ୍ୟ ଜଳଜଳ ହୋଇ ଦିଶୁଛି।

## ବାଣିଜ୍ୟ ଏବଂ କଟକଣା ପ୍ରସଙ୍ଗ

ଆମେରିକାର ଶୁଳ୍କ ଆଦେଶ ଏବଂ ବାଣିଜ୍ୟ ବ୍ୟବସ୍ଥାଗୁଡ଼ିକୁ ମୋଦୀ ପ୍ରଶାସନ ପୁନଃସମୀକ୍ଷା କରିଛି, ଯାହା ଦ୍ୱାରା ବାଣିଜ୍ୟ ସର୍ତ୍ତାବଳୀକୁ ପରିଚାଳନା କରାଯାଇପାରିବ ଏବଂ ଋଷିଆରୁ ତେଲ ଆମଦାନୀ ଉପରେ ରହିଥିବା ଚାପର ମୁକାବିଲା କରାଯାଇପାରିବ। ଅଧିକାରୀମାନେ ଏହା ସ୍ପଷ୍ଟ କରିଛନ୍ତି ଯେ, ଭାରତର ଆର୍ଥିକ ଏବଂ ଶକ୍ତି ସମ୍ବନ୍ଧୀୟ ନିଷ୍ପତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ୱାର୍ଥ, ସ୍ୱାଧୀନ କୂଟନୈତିକ ସ୍ୱାଧୀନତା ଏବଂ ଖୋଲା-ବଜାର ଆଲୋଚନା ଉପରେ ଆଧାରିତ। ହେଲେ ଏହା ଆମେରିକା ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟକରିବା ଯୋଗୁଁ ପରିସ୍ଥିତିରେ ଫରକ ବାରିହୋଇ ପଡୁଛି।

## କେନ୍ଦ୍ର ସରକାରକୁ ଆପ୍‌ର ଟାର୍ଗେଟ୍

ଏହି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଆମ୍ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିୱାଲ। ସୋସିଆଲ୍ ମିଡିଆ ପୋଷ୍ଟ କରି କେଜ୍ରିୱାଲ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। କେଜ୍ରିୱାଲ୍ ଅଭିଯୋଗ କରିଛନ୍ତି ଯେ, ଦେଶକୁ ଆମେରିକାର ହାତରେ ବନ୍ଧା ପକାଇବା ପରେ ଟ୍ରମ୍ପଙ୍କ ଗୁଲାମୀ କରିବା ଭାରତକୁ ଅପମାନିତ କରିଛି। ସେ ଆହୁରି କହିଛନ୍ତି, ଆଜି ଦେଶର ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତିରେ ଟ୍ରମ୍ପଙ୍କ ହସ୍ତକ୍ଷେପ ରହିଛି। କେଜ୍ରିୱାଲଙ୍କ ଅଭିଯୋଗ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ପ୍ରତ୍ୟେକ କଥା ମାନୁଛନ୍ତି, ତାହା ଭୁଲ ହେଉକି ଠିକ୍। ଅନ୍ୟପଟେ ଟ୍ରମ୍ପ ସରକାର ଭାରତ ବିରୋଧରେ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଥିବା ସେ ଦାବି କରିଛନ୍ତି। ତେବେ ଏହି ବିଲ୍‌ର ଉଦ୍ଦେଶ୍ୟ କେବଳ ଭାରତକୁ ଟାର୍ଗେଟ୍ କରିବା ନୁହେଁ। ରୁଷର ତେଲ ଓ ଗ୍ୟାସ୍ ବିକ୍ରିରୁ ଆସୁଥିବା ରାଜସ୍ୱକୁ କମାଇବା ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷକୁ ମିଳୁଥିବା ଆର୍ଥିକ ସମର୍ଥନ ଉପରେ ଚାପ ସୃଷ୍ଟିକରିବା ଏହି ବିଲ୍‌ର ପ୍ରମୁଖ ଉଦ୍ଦେଶ୍ୟ।

## ଭାରତ ଉପରେ ଲାଗିବ ୧୦୦% ଟାରିଫ

ଋଷିଆରୁ ତେଲ କିଣୁଥିବା ଦେଶ ଉପରେ ଆମେରିକା ଲଗାଇବାକୁ ଯାଉଛି ୧୦୦% ଟାରିଫ। ଏହି ଶ୍ରେଣୀରେ ଭାରତ, ଚୀନ ଭଳି କେତେକ ଦେଶ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିନେଟ୍‌ରେ ବିଲ୍ ପାସ୍ ହୋଇଥିଲେ ମଧ୍ୟ ଏହା ତୁରନ୍ତ ଭାରତ ଉପରେ ୧୦୦% ଟାରିଫ୍ ଲାଗୁ ହୋଇଗଲା ବୋଲି ଭାବିବା ଠିକ୍ ନୁହେଁ। ବିଲ୍‌ଟି ଆଗକୁ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ। ଆଇନ୍ ହେବା ପରେ ମଧ୍ୟ ଟାରିଫ୍ ଲାଗୁ କରିବାର ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ହାତରେ ରହିବ। ତେଣୁ ଏହି ବିଲ୍ ଆଗାମୀ ଦିନରେ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ, ରୁଷଠାରୁ ଭାରତର ତେଲ ଆମଦାନୀ ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଉପରେ କେତେ ପ୍ରଭାବ ପକାଇବ, ତାହା ଉପରେ ଏବେ ସମସ୍ତଙ୍କ ନଜର। ହେଲେ ଆମେରିକାର ମୁଡ୍ କହୁଛି ଋଷିଆ ସହ ମିତ୍ରତା ଓ ତୈଳ ଆମଦାନୀ କେବେହେଲେ ବରଦାସ୍ତ କରାଯାଇପାରିବନି। କାରଣ ତେଲ ଓ ଗ୍ୟାସ୍ ବିକି ଋଷିଆ ଭଲ ଆୟ କରିବା ସହ ୟୁକ୍ରେନ ଉପରେ ଆକ୍ରମଣ କରିବା ଲାଗି ବଳ ଗୋଟାଉଛି। ଏଭଳି ସ୍ଥିତିରେ ଭାରତ ଆମେରିକାର ଟାରିଫ ଜାଲ ଭିତରେ ଫସିବା ନିଶ୍ଚିତ ମନେହେଉଛି।



## ପୁଞ୍ଜିବାଦକୁ ବିରୋଧ କରିଆସିଛି ଭାରତ

ଶୀତଳ ଯୁଦ୍ଧ ସମୟରେ (୧୯୪୭-୧୯୯୧) ଭାରତ ଆମେରିକାର ନିକଟତର ହୋଇ ନଥିଲା। ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଅଧୀନରେ ଭାରତ ନନ-ଆଲାଇନ୍‌ମେଣ୍ଟ ନୀତି ଗ୍ରହଣ କରିଥିଲା। ଆମେରିକା ନେତୃତ୍ୱାଧୀନ ପୁଞ୍ଜିବାଦୀ ଗୋଷ୍ଠୀ କିମ୍ବା ସୋଭିଏତ୍-ନେତୃତ୍ୱାଧୀନ କମ୍ୟୁନିଷ୍ଟ ଗୋଷ୍ଠୀରେ ଯୋଗଦେବାକୁ ମନା କରିଦେଇଥିଲା, ଯାହା ୱାଶିଂଟନ୍ ସହିତ କ୍ରମାଗତ ରଣନୈତିକ ତିକ୍ତତା ସୃଷ୍ଟି କରିଥିଲା। ଆମେରିକା ୧୯୫୦ ଦଶକରେ ପାକିସ୍ତାନ ସହିତ ଏକ ସାମରିକ ମେଣ୍ଟ ଗଠନ କରିଥିଲା, ଯାହା ଭାରତର ପଡ଼ୋଶୀ ତଥା ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିଥିଲା। ବାଂଲାଦେଶ ମୁକ୍ତିସଂଗ୍ରାମ ସମୟରେ ଆମେରିକା ଭାରତ ଉପରେ ଚାପ ପକାଇବା ପାଇଁ ବଙ୍ଗୋପସାଗରକୁ ଏକ ନୌସେନା କାର୍ଯ୍ୟବାହିକା ପଠାଇଥିଲା, ଯେତେବେଳେ କି ସୋଭିଏତ୍ ୟୁନିୟନ୍ ନିଜର ନୌସେନା ମୁତୟନ କରି ଭାରତକୁ ସମର୍ଥନ କରିଥିଲା। ଖାଲି ସେତିକି ନୁହେଁ ଭାରତର ଆର୍ଥିକ ନୀତି ରାଷ୍ଟ୍ରକୈନ୍ଦ୍ରୀକ ଥିଲା। ଭାରତ ଏକ ରାଷ୍ଟ୍ର-ନେତୃତ୍ୱାଧୀନ, ସମାଜବାଦୀ-ଝୁଙ୍କ ଥିବା ଯୋଜନାବଦ୍ଧ ଅର୍ଥନୀତି ଗ୍ରହଣ କଲା, ଯାହା ଆମେରିକାର ପୁଞ୍ଜିବାଦୀ ସ୍ୱାର୍ଥକୁ ନିରାଶ କରିଥିଲା।

## କଠିନ ପରିସ୍ଥିତିରେ ଭାରତ

ଋଷଠାରୁ ଶକ୍ତି (ତେଲ) ନିରବଚ୍ଛିନ୍ନ ଭାବରେ ଭାରତ ଆମଦାନୀ କରିଆସିଛି। ଶକ୍ତିସଙ୍କଟର ମୁକାବିଲା ଲାଗି ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଆସିଛି। ବିଶେଷକରି ଇରାନ ଯୁଦ୍ଧ ମୁହଁକୁ ଚାଲିଯିବା ଓ ହର୍ମୁଜ ପ୍ରଣାଳୀ ବନ୍ଦ ହୋଇଯିବା କାରଣରୁ ଭାରତ ବ୍ୟାପକ ତୈଳ ଓ ଗ୍ୟାସ ସଙ୍କଟର ସମ୍ମୁଖୀନ ହୋଇଛି। ହେଲେ ଋଷଠାରୁ ତେଲ କି ଗ୍ୟାସ ଆମଦାନୀ କରିବା ସପକ୍ଷରେ ଆମେରିକା ନାହିଁ। ତେଣୁ ଭାରତ ଭଳି କେତେକ ଦେଶକୁ କଟକଣା ଲଗାଇ ବାଟ ଓଗାଳିବାକୁ ଚେଷ୍ଟା ଆରମ୍ଭ କରିଛି। ଋଷ ଭାରତର ମିତ୍ର ରାଷ୍ଟ୍ର ହୋଇଥିଲେ ବି କଟକଣାରୁ ବର୍ତ୍ତିବା ଲାଗି ଭାରତ ଏବେ କିଂ କର୍ତ୍ତବ୍ୟ ବିମୁଢ଼ ସ୍ଥିତିରେ ରହିଛି। ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଅଟକି ରହିବା କାରଣରୁ ଆମେରିକା, ପ୍ରସ୍ତାବିତ ଦଣ୍ଡମୂଳକ ଶୁଳ୍କ (ଟାରିଫ୍) ଏବଂ ଦ୍ୱିତୀୟ ପର୍ଯ୍ୟାୟ କଟକଣା ମାଧ୍ୟମରେ ଭାରତ ଉପରେ ପ୍ରବଳ ଆର୍ଥିକ ଏବଂ ବାଣିଜ୍ୟିକ ଚାପ ପ୍ରୟୋଗ କରିଛି। ଆମେରିକା ଆଇନଗତ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇଛି ଏବଂ ଜବତ କରାଯାଇଥିବା ଶ୍ରମ ଆମେରିକୀୟ ନିୟମର ପାଳନରେ ତ୍ରୁଟି ଦର୍ଶାଇ ଅତିରିକ୍ତ ୧୨.୫% ପର୍ଯ୍ୟନ୍ତ ଶୁଳ୍କ ପ୍ରସ୍ତାବ ଦେଇଛି। ଏହା ସହିତ ସିନେଟ୍ ପକ୍ଷରୁ ଭାରତ ଭଳି ପ୍ରମୁଖ ଋଷୀୟ ତେଲ କ୍ରେତାମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଏକକାଳୀନ ଶୁଳ୍କ ଜରିମାନା ଲଗାଇବାର ଧମକ ମଧ୍ୟ ଦିଆଯାଇଛି।

## ଜାତୀୟ ଶକ୍ତି ସ୍ୱାଧୀନତାକୁ ଗୁରୁତ୍ୱ

ଏକ ବ୍ୟାପକ ଆମେରିକା-ଭାରତ ବାଣିଜ୍ୟିକ ବ୍ୟବସ୍ଥା ପାଇଁ ଉଚ୍ଚସ୍ତରୀୟ ଆଲୋଚନା ବଡ଼ ଧରଣର ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି, କାରଣ ଭାରତୀୟ କୃଷି ଏବଂ ଦୁଗ୍ଧ ବଜାରରେ ଆମେରିକାର ପ୍ରବେଶ ଅଧିକାରକୁ ନେଇ ମତଭେଦଗୁଡ଼ିକ ସମାଧାନ ହୋଇପାରି ନାହିଁ। ୱାଶିଂଟନ୍ ଅଧିକାରୀମାନେ ନୂଆଦିଲ୍ଲୀର ତେଲ କ୍ରୟ ରଣନୀତିକୁ ସର୍ବସାଧାରଣରେ ସମାଲୋଚନା କରିଛନ୍ତି। ସେମାନେ ଭାରତର ପରିଶୋଧନାଗାର ଆମଦାନୀକୁ ମସ୍କୋର ସାମରିକ ପ୍ରୟାସ ପାଇଁ ପରୋକ୍ଷ ଆର୍ଥିକ ସହାୟତା ଭାବରେ ବର୍ଣ୍ଣନା କରିଛନ୍ତି, ଯେତେବେଳେ କି ଭାରତ ଜାତୀୟ ଶକ୍ତି ସ୍ୱାଧୀନତା ଏବଂ ବିବିଧ ଉତ୍ସରୁ ସଂଗ୍ରହକୁ ଅଗ୍ରାଧିକାର ଦେବାରେ ଲାଗିଛି।

## ଆମେରିକାର କୂଟନୀତି ଭାରତ ପାଇଁ ମହଙ୍ଗା

ଯୁକ୍ତରାଷ୍ଟ୍ର ଆମେରିକା, ଭାରତକୁ ରୁଷିଆର ଶକ୍ତି ଏବଂ ପ୍ରତିରକ୍ଷା ଉପରେ ଏହାର ନିର୍ଭରଶୀଳତାରୁ ଦୂରେଇ ନେବା ପାଇଁ ପ୍ରବଳ କୂଟନୈତିକ ଏବଂ ଅର୍ଥନୈତିକ ଚାପ ପ୍ରୟୋଗ କରୁଛି। ଏହା ବାଣିଜ୍ୟ ଚୁକ୍ତି ଏବଂ ଦ୍ୱିତୀୟ ଶ୍ରେଣୀୟ ଶୁଳ୍କ (ସେକେଣ୍ଡାରୀ ଟାରିଫ୍) ଧମକକୁ ଉପଯୋଗ କରୁଥିବା ବେଳେ, ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଚୀନ୍ ବିରୁଦ୍ଧରେ ଏକ ଜରୁରୀ ଗଣତାନ୍ତ୍ରିକ ପ୍ରତିଭାର ଭାବରେ ନୂଆଦିଲ୍ଲୀ ଉପରେ ନିର୍ଭର କରୁଛି। ରୁଷିଆର ଯୁଦ୍ଧ ପାଣ୍ଠିକୁ ଦୁର୍ବଳ କରିବା ପାଇଁ ଆମେରିକା ଅନ୍ୟଦେଶଗୁଡ଼ିକ ଉପରେ ଚାପ ପକାଇ ରୁଷିଆର ତେଲ, ଗ୍ୟାସ୍ ନକିଣିବାକୁ ବାଧ କରୁଛି। ଆମେରିକାର ଏଭଳି କୂଟନୀତିରେ ଭାରତ ଫସିବାକୁ ଯାଉଛି।

## ଇଣ୍ଡୋ-ପାସିଫିକ୍ ସୁରକ୍ଷା ନିର୍ମାଣ

ଆମେରିକା ଏସିଆରେ ଚୀନ୍‌ର ସାମରିକ ଏବଂ ଅର୍ଥନୈତିକ ଶକ୍ତିକୁ ପ୍ରତିହତ କରିବା ପାଇଁ ଭାରତକୁ ଏକ ମୁଖ୍ୟ ଭାଗିଦାରୀ ଭାବରେ ବିବେଚନା କରେ। ଆମେରିକୀୟ କୂଟନୀତି ଭାରତକୁ ରୁଷିଆର କ୍ରୁଡ୍ ଅଏଲ୍ ବଦଳରେ ଆମେରିକା ଏବଂ ଅନ୍ୟାନ୍ୟ ବିଶ୍ୱ ସରବରାହକାରୀଙ୍କଠାରୁ ଶକ୍ତି ଆମଦାନୀ କରିବାକୁ ପ୍ରେରଣା ଦେଇଥାଏ। ଆମେରିକାକୁ ରପ୍ତାନି କରୁଥିବା ଶୀର୍ଷ ରୁଷୀୟ ଶକ୍ତି କ୍ରେତାମାନଙ୍କୁ ୧୦୦% ବା ଅଧିକ କଠିନ ଶୁଳ୍କ ଲଗାଇବା ପାଇଁ ଆମେରିକା କଂଗ୍ରେସ 'ସାଙ୍କସନିଂ ରୁଷିଆ ଆକ୍ଟ' ଭଳି ବିଲ୍ ଆଗକୁ ବଢ଼ାଇଛି। ନୂଆଦିଲ୍ଲୀକୁ ରୁଷିଆରୁ ଆମଦାନୀ ହ୍ରାସ କରିବାକୁ ଉତ୍ସାହିତ କରିବା ପାଇଁ ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସକୁ ଏକ ପ୍ରୋତ୍ସାହନ ଭାବରେ ବ୍ୟବହାର କରୁଛି। ତେଣୁ ବେଳହୁଁ ସାବଧାନ। ଭାରତ ଏକ୍ଷେତ୍ରରେ ସ୍ୱାଧୀନ ହୋଇ ଆଗେଇବା ଜରୁରୀ। ଋଷ ଆମର ପଡ଼ୋଶୀ ଓ ସହଯୋଗୀ ଦେଶ। ଆମେରିକା ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ। ତେଣୁ ସ୍ୱାବଲମ୍ବୀ ହେବା ଓ ରଣନୀତିକ ପରିବର୍ତ୍ତନକୁ ଗୁରୁତ୍ୱ ଦେବା ନିହାତି ଜରୁରୀ। ନହେଲେ ଏମିତି ଆମେରିକାରଗୋଡ଼ାଣିଆ ହୋଇ ରହିଲେ ପରିସ୍ଥିତି ବିଗିଡ଼ିଯିବାର ଆଶଙ୍କା ରହିଛି।



## ଢୋଲ, ନିଶାନରେ ମୁଖରିତ ଖପ୍ରାଖୋଲ

# ଧୂମଧାମରେ ପାଳିତ ହେଲା ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ

**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲଠାରେ ଧୁମଧାମ ଓ ଉତ୍ସାହ-ଉଦ୍ଦୀପନାର ସହ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଶତାଧିକ ଆଦିବାସୀ ଭାଇଭଉଣୀ ଏକତ୍ରିତ ହୋଇ ନିଜର ସମୃଦ୍ଧ ପରମ୍ପରା, ସଂସ୍କୃତି, ଐତିହ୍ୟ ଓ ଏକତାର ଅନନ୍ୟ ପରିଚୟ ପ୍ରଦର୍ଶନ କରିଥିଲେ। ସଭାପତି କୁଶଧ୍ୱଜ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମନ ସିଂ ବରିହା, ସମ୍ମାନିତ ଅତିଥି ଭାବେ ଶିବାନୀ ବରିହା ଓ ଅଜିତ ଭୋଇ ମଞ୍ଚାସୀନ ଥିବାବେଳେ ମୁଖ୍ୟ ବକ୍ତା ଭାବେ ମୋହନ ସୁନ୍ଦର ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଏକ ବିଶାଳ



ଆଦିବାସୀ ଶୋଭାଯାତ୍ରା। ଖପ୍ରାଖୋଲ ଧାନମଣ୍ଡିଠାରୁ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ଆଦିବାସୀ ସମ୍ପ୍ରଦାୟର ଲୋକେ ନୃତ୍ୟ, ଗୀତ ଓ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଏକ ବିଶାଳ ରାଲିରେ ବାହାରିଥିଲେ। ଶୋଭାଯାତ୍ରାଟି ସ୍ଥାନୀୟ ଭାରତ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲା। ଶହ ଶହ ଆଦିବାସୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବରେ ଆଦିବାସୀ ସମାଜର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ପାରମ୍ପରିକ ପୋଷାକରେ ସଜ୍ଜିତ ପୁରୁଷ ଓ ମହିଳାମାନେ ଢୋଲ, ନିଶାନ, ବାଜା ଓ ତାଳବାଦ୍ୟର ତାଳେ ତାଳେ ନୃତ୍ୟ କରିବା ସହ ହୃଦୟସ୍ପର୍ଶୀ ଗୀତ ଗାଇଥିଲେ। ସେମାନଙ୍କ ନୃତ୍ୟ ଓ ସଙ୍ଗୀତରେ ସମଗ୍ର ଖପ୍ରାଖୋଲ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ରାଲି ସମୟରେ ଢୋଲ, ନିଶାନ ଓ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ତାଳେ ଆଦିବାସୀ ସମ୍ପ୍ରଦାୟର ଉତ୍ସାହଭରା ନୃତ୍ୟ ଓ ସଙ୍ଗୀତରେ ରାଜରାସ୍ତା ମୁଖରିତ ହୋଇଥିଲା। ଏହି ଶୋଭାଯାତ୍ରା କେବଳ ଏକ ଉତ୍ସବର ରୂପ ନେଇନଥିଲା, ବରଂ ଆଦିବାସୀ ସମାଜର ଏକତା, ସ୍ୱାଭିମାନ ଓ ନିଜ ସଂସ୍କୃତି ପ୍ରତି ଗଭୀର ଭଲପାଇବାର ଜୀବନ୍ତ ପ୍ରତିଛବି ପାଲଟିଥିଲା। ଏହି ଅବସରରେ ନାରାୟଣ କିଷାନ, ଅଷ୍ଟରନ୍ ବରିହା, ରଘୁନାଥ ବରିହା, ବିପ୍ର ବିଶି, କୁଳମଣି ଧରୁଆ, ହେମକାନ୍ତି ନାଏକ, ଶଶୀରେଖା ଧରୁଆ, ସତ୍ୟଭାମା ମାଝୀ, ଅଜିତ କୁମାର ନାଏକ, ଉତ୍ତର କୁମାର ଭୋଇଙ୍କ ସମେତ ବହୁ ଆଦିବାସୀ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ଲୋକ ଉପସ୍ଥିତ ଥିଲେ। ଗୋଲାପ ବିଶି ମଞ୍ଚ ପରିଚାଳନା କରିଥିଲେ।

# ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଧାୟକ ପାଣ୍ଠିରୁ ବ୍ୟାରିକେଡ୍

## ଆଗକୁ ସହରରେ ସିସିଟିଭି ବ୍ୟବସ୍ଥା

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଓ ଜନସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପଦକ୍ଷେପ। ବିଧାୟକ ପାଣ୍ଠିରୁ ବଲାଙ୍ଗିର ପୋଲିସ ପ୍ରଶାସନକୁ ବିଭିନ୍ନ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ଯୋଗାଇ ଦିଆଯାଇଛି। ଶନିବାର ବଲାଙ୍ଗିର ଆଦର୍ଶ ଥାନା ପରିସରରେ ଏହି ଟ୍ରାଫିକ ବ୍ୟାରିକେଡ୍ ?ର ଶୁଭ ଉଦ୍ ?ଘାଟନ କରିଥିଲେ ବିଧାୟକ ଶ୍ରୀ ସିଂହଦେଓ। ବିଧାୟକଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ସହରର ବ୍ୟସ୍ତବହୁଳ ଛକଗୁଡ଼ିକରେ ଟ୍ରାଫିକ ଚଳାଚଳକୁ ନିୟମିତ କରିବା ସହ ଦୁର୍ଘଟଣା ଓ ଯାତାୟାତଜନିତ ସମସ୍ୟାକୁ ହ୍ରାସ କରିବା। ଏହି ଅବସରରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ଆରକ୍ଷୀ ଅଧିକ୍ଷକ ଅଭିଲାଶ ଜି, ଟାଉନ ଥାନା ଅଧିକାରୀ ଅବନୀ ସାହୁ, ଟ୍ରାଫିକ ଇନ୍ସପେକ୍ଟରଙ୍କ




ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ସହରର ବିଭିନ୍ନ ପଡ଼ା ଓ ପ୍ରମୁଖ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ ଏବଂ ଅପରାଧ ନିରୋଧ ସହ ଜନସୁରକ୍ଷା ପାଇଁ ଉଉଞ୍ଚଠ କ୍ୟାମେରା ସ୍ଥାପନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଏହା ଉପରେ ବିଧାୟକ ଶ୍ରୀ ସିଂହଦେଓ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗିର ସହରର ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ, ନିରାପଦ ଓ ଆଧୁନିକ କରିବା ସହ ନାଗରିକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଜାରି ରହିବ ବୋଲି ବିଧାୟକ କହିଛନ୍ତି।




# ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ବୃକ୍ଷରୋପଣ

**ବଲାଙ୍ଗୀର(ଅମୃତ ମିଡିଆ):** ଆଜି ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ବେହେରାପାଲି ରେଲୱେ ଓଭର ବ୍ରିଜ ରାସ୍ତା ଉଭୟ ପାର୍ଶ୍ୱରେ ୨୫ ଗୋଟି ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ମୋହନ ଗୋପାଳ ପଣ୍ଡାଙ୍କ ନେତୃତ୍ୱ ରେ ଉପସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଂପାଦକ ଡା. ସୁକାନ୍ତ ପୁରୋହିତ, କୋଷାଧକ୍ଷ ବ୍ରଜବନ୍ଧୁ ସାଏ, ସହ ସଂପାଦକ ପ୍ରଦୀପ ମିଶ୍ର, ସଦସ୍ୟ ରାଜ କିଶୋର ଦାଶ, ସଲିମ ଖାନ, ଶରତ ଶ୍ରୀଚନ୍ଦନ, ଭଗବାନ ବଗର୍ତ୍ତି, ଅଶୋକ ରଣା, ଜୟପ୍ରକାଶ ପଣ୍ଡା, ଅମରଦୀପ ପାଣିଗ୍ରାହୀ, ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଯୋଗ ଦେଇ ନିମ୍ବ, ବଉଳ, କରଞ୍ଜ ଆଦି ବୃକ୍ଷ ଲଗାଇବା ସହ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ପ୍ରକୃତି ପ୍ରେମୀ ପ୍ରଦୋଷ ପତି ସହଯୋଗ କରିଥିଲେ । ବୃକ୍ଷ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ସଂଘ ପକ୍ଷରୁ ଖୁଣ୍ଟ ଓ ସବୁଜ କପଡା ଘେରା ବାଉଣ୍ଡରୀ କରାଯାଇଥିଲା। ଆଗାମୀ ଦିନ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି ।

# ନିଖୋଜ ମହିଳାଙ୍କ ଶବ ଉଦ୍ଧାର

## ପୋଲିସ ପକ୍ଷରୁ ତଦନ୍ତ ଜାରି

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ବଡ଼କେନ୍ଦୁଗୁଡା ଗ୍ରାମରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗତ ମଙ୍ଗଳବାର ଠାରୁ ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ଶବ -ଶନିବାର ସକାଳୁ ଗାଁ ନିକଟସ୍ଥ ଏକ ଚାଷ ଜମିରୁ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ଦର୍ଲିପଡା ଗ୍ରାମର ଦୈତାରି ଗୋପାଳଙ୍କ ସ୍ତ୍ରୀ ସସ୍ମିତା ଗୋପାଳ (୩୩)। ମିଳିଥିବା ସୂଚନା ଅନୁସାରେ, ଗତ ମଙ୍ଗଳବାର ସକାଳେ ସସ୍ମିତା ଘରୁ ଶୌଚ ପାଇଁ ବାହାରକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ସେ ଘରକୁ ‘ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏହାପରେ ବୁଧବାର ଦିନ ସସ୍ମିତାଙ୍କ ବାପଘର ପକ୍ଷରୁ ଆମପାଣି ଥାନାରେ ଏକ



ନିଖୋଜ ଏତଲା ଦାୟର କରାଯାଇଥିଲା। ସସ୍ମିତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ ଏବଂ ଏଥିପାଇଁ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ଅସୁସ୍ଥତା କାରଣରୁ ସେ ନିଜ ଦୁଇ ପିଲାଙ୍କୁ ଧରି ବାପଘର ବଡ଼କେନ୍ଦୁଗୁଡା ଗ୍ରାମରେ ରହୁଥିଲେ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ସେ ମାନସିକ ଚାପରେ ରହୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି । ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ତାଙ୍କ ସ୍ୱାମୀ ଦୈତାରୀ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଛନ୍ତି। ଶନିବାର ସକାଳୁ ସ୍ଥାନୀୟ ଲୋକେ ଚାଷ ଜମିର ନିକଟରୁ ସସ୍ମିତାଙ୍କ ଗଳିତ ଶବ ଦେଖି ପୋଲିସକୁ ଖବର ଦେଇଥିଲେ। ଆମପାଣି ଥାନା ପୋଲିସ ’ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ।ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ଘଟଣା ସ୍ଥଳରେ ହିଁ ଶବ ବ୍ୟବଚ୍ଛେଦ କରାଇଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଆଇଏମ୍ଇଆଇ ଟ୍ରାକିଂରେ ପୋଲିସର ବଡ଼ ସଫଳତା

# ୩୦ ମାଲିକଙ୍କୁ ଫେରାଇଲା ହଜିଥିବା ଫୋନ୍

**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ:** ଚୋରି ଓ ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରାଇବାରେ ଖପ୍ରାଖୋଲ ପୋଲିସକୁ ମିଳିଛି ବଡ଼ ସଫଳତା। ଟେକ୍ନିକାଲ ଜ୍ଞାନକୌଶଳର ସଫଳ ପ୍ରୟୋଗ କରି ପୋଲିସ ଚୋରି ଓ ହଜିଯାଇଥିବା ୩୦ଟି ମୋବାଇଲ୍ ଫୋନ୍ ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର କରିଛି। ଉଦ୍ଧାର ମୋବାଇଲ୍ ଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଖପ୍ରାଖୋଲ ଥାନାରେ ମୋବାଇଲ୍ ଚୋରି ଓ ହଜିଯିବା ସମ୍ପର୍କରେ ରୁଜୁ ହୋଇଥିବା ମାମଲାର ତଦନ୍ତ କରି ଏହି ସଫଳତା ହାସଲ କରିଛି ପୋଲିସ। ଏସ୍‌ପି ଅବିଳାସ ଜିଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ଗଠନ କରାଯାଇ ଗତ ଜୁନ୍ ମାସରୁ ମୋବାଇଲ୍‌ଗୁଡ଼ିକର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଚୋରି ଓ ହଜିଯାଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକର ଆଇଏମ୍ଇଆଇ ନମ୍ବର ଟ୍ରାକ୍ କରି ସେଗୁଡ଼ିକର ଅବସ୍ଥିତି ଠାବ କରାଯାଇଥିଲା। ଏହାପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଉଦ୍ଧାର ମୋବାଇଲ୍‌ଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରାଇବା ପାଇଁ ଖପ୍ରାଖୋଲ ଥାନା ପରିସରରେ ଏକ ମୋବାଇଲ୍ ବିତରଣ ମେଳା ଆୟୋଜିତ ହୋଇଥିଲା। ଏଥିରେ ମୋବାଇଲ୍ ହରାଇଥିବା ବ୍ୟକ୍ତିମାନେ ଉପସ୍ଥିତ ହୋଇ ଆବଶ୍ୟକ ପ୍ରମାଣପତ୍ର ଓ ପରିଚୟପତ୍ର ଦାଖଲ କରିବା ପରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ ସେମାନଙ୍କୁ ମୋବାଇଲ୍ ଫୋନ୍ ହସ୍ତାନ୍ତର କରିଥିଲେ। ଦୀର୍ଘଦିନ ପରେ ନିଜର ହଜିଯାଇଥିବା ମୋବାଇଲ୍



ଫେରିପାଇ ମାଲିକମାନଙ୍କ ମୁହଁରେ ଖୁସିର ହସ ଫୁଟିଥିଲା। ନିଜର ହଜିଥିବା ସମ୍ପତ୍ତି ଫେରିପାଇ ଉପସ୍ଥିତ ଲୋକେ ଖପ୍ରାଖୋଲ ପୋଲିସ ଓ ଜିଲ୍ଲା ପୋଲିସର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଟେକ୍ନୋଲୋଜିର ସଠିକ୍ ବ୍ୟବହାର କରି ହଜିଯାଇଥିବା ମୋବାଇଲ୍ ଉଦ୍ଧାର କରିବା ସହ ପ୍ରକୃତ ମାଲିକଙ୍କୁ ଫେରାଇବା ପୋଲିସର ଏହି ପଦକ୍ଷେପ ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଆସ୍ଥା ଓ ବିଶ୍ୱାସକୁ ଆହୁରି ମଜବୁତ କରିଛି। ଅପରାଧ ନିୟନ୍ତ୍ରଣ ସହ ଲୋକଙ୍କ ହଜିଥିବା ସମ୍ପତ୍ତି ଉଦ୍ଧାର କରିବାରେ ଖପ୍ରାଖୋଲ ପୋଲିସର ଏହି ପ୍ରୟାସ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲିସ ଏସ୍‌ଆଇ ଲିଙ୍ଗରାଜ କିଷାନ, କନେଷ୍ଟବଲ ଦୟାନିଧି ମେହେର, ସଞ୍ଜୁ ପଧାନ, ସୁକାନ୍ତି ମାଡକାମୀ, ରଞ୍ଜିତ ପୁଝାରୀଙ୍କ ସମେତ ଟେକ୍ନିକାଲ ଟିମ୍‌ର ବାବୁଲାଲ ମଲ୍ଲିକ, ଲଲାଟେନ୍ଦୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଯୁଗର ଚାକଚକ୍ୟରେ ହଜିବାକୁ ବସିଛି ପତ୍ର ଖଳିଦନା

## ଭୋଜିରୁ ହଟିଲା, ପୂଜାପର୍ବରେ ଏବେ ବି ଲୋଡ଼ା

## ଆଦିବାସୀଙ୍କ ପାରମ୍ପରିକ ଜୀବିକାରେ ପଡ଼ିବ କି ପୂର୍ଣ୍ଣଛେଦ ?

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ସମୟ ବଦଳିଛି, ତା’ ସହିତ ବଦଳିଛି ମଣିଷର ଜୀବନଶୈଳୀ। ଦିନେ ଗାଁର ବିବାହ, ବ୍ରତ, ଶ୍ରାଦ୍ଧ, ସାମୂହିକ ଭୋଜିଠାରୁ ଆରମ୍ଭ କରି ଯାନିଯାତ୍ରା ପର୍ଯ୍ୟନ୍ତ ପତ୍ରରେ ତିଆରି ଖଲି ଓ ଦନା ବିନା ଭୋଜିର କଳ୍ପନା କରିବା କଷ୍ଟକର ଥିଲା। ଜଙ୍ଗଲରୁ ସଂଗୃହୀତ ପତ୍ରକୁ ଯତ୍ନରେ ସଜାଇ, ଶୁଖାଇ ଓ ସିଲେଇ କରି ତିଆରି ହେଉଥିବା ଖଲି କେବଳ ଖାଦ୍ୟ ପରିବେଷଣର ଏକ ସାମଗ୍ରୀ ନଥିଲା; ଏହା ଗ୍ରାମୀଣ ଜୀବନ, ଜଙ୍ଗଲ ଓ ଆଦିବାସୀ ଅର୍ଥନୀତି ମଧ୍ୟରେ ଥିବା ଏକ ଜୀବନ୍ତ ସେତୁ ଥିଲା। କିନ୍ତୁ ଆଜି ସେହି ଚିତ୍ର ଦ୍ରୁତ ଗତିରେ ବଦଳୁଛି। ବିବାହ ଓ ବଡ଼ ଭୋଜିରେ ଷ୍ଟିଲ୍, ଫାଇବର, କାଗଜ କିମ୍ବା ଅନ୍ୟ ବିକଳ୍ପ ପ୍ଲେଟ୍‌ର ବ୍ୟବହାର ବଢ଼ିଛି। କ୍ୟାଟରିଂ ବ୍ୟବସ୍ଥାର ପ୍ରସାର ମଧ୍ୟ ପାରମ୍ପରିକ ପତ୍ରଖଲିର ଚାହିଦାକୁ ପ୍ରଭାବିତ କରିଛି। ଫଳରେ ଯେଉଁ ପରିବାର ଦିନେ ପତ୍ର ସଂଗ୍ରହ, ଖଲି ସିଲେଇ ଓ ବିକ୍ରି କରି କିଛି ଆୟ କରୁଥିଲେ, ସେମାନଙ୍କ ପାଇଁ ବଜାର ଧୀରେଧୀରେ ସଙ୍କୁଚିତ ହେଉଛି।

(ପୂଜାପର୍ବ ବଞ୍ଚାଇ ରଖିଛି ପତ୍ରଖଲିର ପରମ୍ପରା)- ତଥାପି ପତ୍ରଖଲିର କାହାଣୀ ଏଠାରେ ଶେଷ ହୋଇନାହିଁ। ଓଡ଼ିଶାର ଗାଁଗଣ୍ଡାରେ ଆଜି ମଧ୍ୟ ପୂଜାପର୍ବ, ଦେବଦେବୀଙ୍କ ନୈବେଦ୍ୟ, ଗ୍ରାମଦେବୀଙ୍କ ପୂଜା, ଯାନିଯାତ୍ରା ଓ ବିଭିନ୍ନ ପାରମ୍ପରିକ ଆଚାରରେ ପତ୍ରଖଲିର ଆବଶ୍ୟକତା ରହିଛି। ଆଧୁନିକ ପ୍ଲେଟ୍ ଘରର ଭୋଜିରେ ପ୍ରବେଶ କରିଥିଲେ ମଧ୍ୟ ଦେବଦେବୀଙ୍କ ପାଖରେ ପତ୍ରର ସ୍ଥାନ ସମ୍ପୂର୍ଣ୍ଣ ନେଇପାରିନାହିଁ। ଏହା ହିଁ ଏହି ପାରମ୍ପରିକ ବ୍ୟବସାୟ ପାଇଁ ଏକ କ୍ଷୀଣ ଆଶାର ଆଲୋକ। କିନ୍ତୁ ପ୍ରଶ୍ନ ହେଉଛି—କେବଳ ପୂଜାପର୍ବର ସୀମିତ ଚାହିଦା ଉପରେ ନିର୍ଭର କରି ଗୋଟିଏ ପାରମ୍ପରିକ ଜୀବିକା କେତେଦିନ ବଞ୍ଚିପାରିବ ?

(ଗୋଟିଏ ଖଲି ପଛରେ ଲୁଚିଛି ଜଙ୍ଗଲବାସୀଙ୍କ ଶ୍ରମ)-ବଜାରରେ ଆମେ ଅଳ୍ପ ଦାମରେ ପତ୍ରଖଲି କିଣି ନେଉ। କିନ୍ତୁ ତାହା ପଛର ଶ୍ରମକୁ କେତେଜଣ ଦେଖନ୍ତି ? ଭୋରୁ ଜଙ୍ଗଲକୁ ଯିବା, ଉପଯୁକ୍ତ ପତ୍ର ସଂଗ୍ରହ କରିବା, ଘରକୁ ଆଣିବା, ସଜାଇ ରଖିବା, ସିଲେଇ କରି ଖଲି ତିଆରି କରିବା ଏବଂ ଶେଷରେ ହାଟବଜାରକୁ ନେଇ ବିକ୍ରି କରିବା—ଏହା ଏକ ଦୀର୍ଘ ଶ୍ରମଶୃଙ୍ଖଳା। ବିଶେଷକରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଆଦିବାସୀ ଓ ବନବାସୀ ପରିବାର ପାଇଁ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ ଏକ ପାରମ୍ପରିକ ଆୟର ଉତ୍ସ। ପତ୍ରଖଲିର ବଜାର ହ୍ରାସ ପାଇଲେ ତାହାର ପ୍ରଭାବ କେବଳ ଗୋଟିଏ ସାମଗ୍ରୀର ବିକ୍ରି ଉପରେ ପଡ଼ିବ ନାହିଁ; ଏହା ସହ ଜଡ଼ିତ ଛୋଟ ଛୋଟ ଆୟର ରାସ୍ତା ମଧ୍ୟ ବନ୍ଦ ହେବ।

(ଯାହାକୁ ଛାଡ଼ୁଛୁ, ଦୁନିଆ ତାହାକୁ ପୁଣି ଖୋଜୁଛି)- ଏଠାରେ ଏକ ବଡ଼ ବିଡ଼ମ୍ବନା ରହିଛି। ଆଧୁନିକତା ନାଁରେ ଆମେ ପ୍ରକୃତି ଦେଇଥିବା ପତ୍ରଖଲିକୁ ପଛକୁ ଠେଲୁଥିବା ବେଳେ ସମଗ୍ର ବିଶ୍ୱ ପରିବେଶବାନ୍ଧବ ଓ ଜୈବବିଘଟନଶୀଳ ସାମଗ୍ରୀର ବିକଳ୍ପ ଖୋଜୁଛି। ପ୍ଲାଷ୍ଟିକ୍ ବର୍ଜ୍ୟ ଆଜି ପରିବେଶ ପାଇଁ ବଡ଼ ସଙ୍କଟ ହୋଇଥିବା ବେଳେ ପତ୍ରରୁ ତିଆରି ପ୍ଲେଟ୍ ପ୍ରକୃତିକୁ ଫେରିଯାଏ। ଯେଉଁ ପାରମ୍ପରିକ ଜ୍ଞାନକୁ ଆମେ ପଛୁଆ ବୋଲି ଭାବୁଥିଲୁ, ଆଜିର ‘ସବୁଜ ଅର୍ଥନୀତି’ ସେହି ଧାରଣାକୁ ନୂଆ ନାମରେ ଆଗକୁ ଆଣୁଛି।

ତେବେ ପ୍ରଶ୍ନ—ପତ୍ରଖଲି ବ୍ୟବସାୟକୁ ମରିବାକୁ ଦେବା କାହିଁକି ? ଏହାକୁ ଆଧୁନିକ ବଜାର ସହ ଯୋଡ଼ିବାର ଚେଷ୍ଟା କାହିଁକି ହେବ ନାହିଁ?

(ପାରମ୍ପରିକ ଖଲିକୁ ଦରକାର ଆଧୁନିକ ବଜାର)- ସରକାର, ବନ ବିଭାଗ, ଓରମାସ୍, ସ୍ୱୟଂସହାୟକ ଗୋଷ୍ଠୀ



ଏବଂ ଜୀବିକା ମିଶନ୍ ଭଳି ସଂସ୍ଥାଗୁଡ଼ିକ ଚାହିଁଲେ ଏହି ପାରମ୍ପରିକ ଜୀବିକାକୁ ନୂଆ ରୂପ ଦେଇପାରିବେ। ହାତରେ ସିଲେଇ ହେଉଥିବା ଖଲି ସହ ମେସିନ୍ ସହାୟତାରେ ଆକର୍ଷଣୀୟ ଓ ସ୍ୱାସ୍ଥ୍ୟସମ୍ମତ ପତ୍ର ପ୍ଲେଟ୍, ବାଟି ଓ ବିଭିନ୍ନ ପରିବେଶବାନ୍ଧବ ସାମଗ୍ରୀ ତିଆରି କରାଯାଇପାରେ। ଉତ୍ପାଦକମାନଙ୍କୁ ପ୍ରଶିକ୍ଷଣ, ଯନ୍ତ୍ର, ପ୍ୟାକେଜିଂ, ବ୍ରାଣ୍ଡିଂ ଓ ବଜାର ସଂଯୋଗ ମିଳିଲେ ଯେଉଁ ବୃତ୍ତି ଆଜି ବିଲୁପ୍ତିର ଦ୍ୱାରରେ, ସେହି ବୃତ୍ତି ଆସନ୍ତାକାଲି ଗ୍ରାମୀଣ ଉଦ୍ୟୋଗରେ ପରିଣତ ହୋଇପାରିବ। ସରକାରୀ କାର୍ଯ୍ୟକ୍ରମ, ସାମୂହିକ ଭୋଜି, ପର୍ଯ୍ୟଟନସ୍ଥଳୀ, ମେଳା, ମହୋତ୍ସବ ଓ ସ୍ଥାନୀୟ ଉତ୍ସବରେ ପରିବେଶବାନ୍ଧବ ପତ୍ର ପ୍ଲେଟ୍‌କୁ ପ୍ରାଥମିକତା ଦିଆଗଲେ ଏକ ସ୍ଥାୟୀ ବଜାର ସୃଷ୍ଟି ହୋଇପାରିବ। ଏହା ଏକପଟେ ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟର ଚାପ କମାଇବ, ଅନ୍ୟପଟେ ଜଙ୍ଗଲ ନିର୍ଭର ପରିବାରଙ୍କ ହାତକୁ ରୋଜଗାର ଦେବ।

(ପୂର୍ଣ୍ଣଛେଦ ନୁହେଁ, ନୂଆ ଅଧ୍ୟାୟ ଆବଶ୍ୟକ)- ପତ୍ରଖଲିକୁ କେବଳ ଅତୀତର ସ୍ମୃତି ଭାବେ ଦେଖିବାର ସମୟ ଏହା ନୁହେଁ। ଏହା ଆମ ପରମ୍ପରା, ପରିବେଶ ଓ ଜଙ୍ଗଲ ନିର୍ଭର ଲୋକଙ୍କ ଜୀବିକା—ତିନୋଟିକୁ ଏକାଠି କରୁଥିବା ଏକ ଉତ୍ପାଦ। ଆଧୁନିକତାର ଅର୍ଥ ପୁରୁଣା ସବୁକିଛିକୁ ଫିଙ୍ଗିଦେବା ନୁହେଁ; ବରଂ ଉପଯୋଗୀ ପରମ୍ପରାକୁ ଆଧୁନିକ ବଜାର ସହ ଖାପ ଖୁଆଇ ଆଗକୁ ନେବା।

ଆଜି ପ୍ରଶ୍ନ ହେଉଛି—ଭୋଜିରୁ ପତ୍ରଖଲି ହଟିଯିବା ସହ ଆଦିବାସୀଙ୍କ ଏହି ପାରମ୍ପରିକ ଜୀବିକାରେ ମଧ୍ୟ ପୂର୍ଣ୍ଣଛେଦ ପଡ଼ିବ କି ? ନା ପରିବେଶ ସୁରକ୍ଷାର ଏହି ଯୁଗରେ ସେହି ପତ୍ରଖଲିକୁ ନୂଆ ପରିଚୟ, ନୂଆ ବଜାର ଓ ନୂଆ ଜୀବନ ମିଳିବ ?

ଏହାର ଉତ୍ତର କେବଳ ଆଦିବାସୀ ପତ୍ରଖଲି ବିକ୍ରେତାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ ନାହିଁ; ଆମେ ପ୍ରକୃତି, ପରମ୍ପରା ଓ ସ୍ଥାନୀୟ ଜୀବିକାକୁ କେତେ ମୂଲ୍ୟ ଦେଉଛୁ, ତାହା ମଧ୍ୟ ନିର୍ଦ୍ଧାରଣ କରିବ।

ସମ୍ପାଦକୀୟ...

## ଆଇଆର୍‌ଜିସି-ସୁରକ୍ଷା କବଚ

ଇରାନ୍ ଏବଂ ଆଇଆର୍‌ଜିସି ମଧ୍ୟରେ କିଛି ବି ଫରକ୍ ନାହିଁ। ଫରକ୍ ନାହିଁ ଏଇଥିପାଇଁ କୁହାଯାଇପାରେ ଯେ ଇରାନକୁ ସମ୍ପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରୁଥିବା ଇରାନ୍ ଜେନେରାଲ୍ ଆର୍ମି ବ୍ୟତିରେକ ଇରାନରେ ଆଉ ଗୋଟିଏ ସ୍ୱତନ୍ତ୍ର ଆର୍ମି ଗ୍ରୁପ୍ ରହିଛି ଆଇ ଆର୍ ଜି ସି ଯାହାକୁ ଇରାନ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଦାୟିତ୍ୱ। ଇରାନ୍ ର ସାଧାରଣ ସୁରକ୍ଷା ବାହିନୀ ବ୍ୟତୀତ ଦେଶର ସୁରକ୍ଷାରେ ଆଇ ଆର୍ ଜିସିର ମଧ୍ୟ ଗୋଟାଏ ବଡ଼ ଭୂମିକା ରହିଛି। ଆଇଆର୍‌ଜିସିର ମଧ୍ୟ ଅତି ସ୍ୱତନ୍ତ୍ର ଭୂମିକା ରହିଛି। ସେଥିପାଇଁ ତ ଇରାନ୍‌ର ତତ୍କାଳୀନ ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଦେଶର ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଆଇ ଆର୍ ଜିସି କୁ ଦେଇଥିଲେ ସ୍ୱତନ୍ତ୍ର ଦାୟିତ୍ୱ । ୧୯୭୯ ଏପ୍ରିଲ୍ ମାସରେ ଇରାନ୍ ର ତତ୍କାଳୀନ ସର୍ବୋଚ୍ଚ ଶାସକ ଆୟାତୋଲ୍ଲା ରୁହୋଲ୍ଲା ଖାମେନେଇଙ୍କ ଦ୍ୱାରା ସେତେବେଳେ ଯେବେ ଏହି ସଙ୍ଗଠନର ପ୍ରତିଷ୍ଠା ହୋଇଥିଲା, ସଙ୍ଗଠନ ଗଠନ ପଛରେ କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥିଲା। ଇରାନ୍‌କୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯେତିକି ଇରାନ୍‌ର ସାଧାରଣ ପ୍ରଶାସନର ଦାୟିତ୍ୱ ରହିଥିଲା, ସମାନ ଭାବରେ ସେତିକି ଦାୟିତ୍ୱ ଇରାନ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ-ଆଇଆର୍‌ଜିସିର ମଧ୍ୟ ରହିଛି। ଆଇ ଆର୍‌ଜିସି ଇରାନ୍ ଉପରେ ଦେଶର ସୁରକ୍ଷାର ଅତି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତିରକ୍ଷାର ସବୁ ବିଭାଗରେ ଆଇ ଆର୍ ଜି ସି ଅତି ସକ୍ରୀୟ ଭୂମିକା ଗ୍ରହଣ କରିଛି। ତା'ସହିତ ଦେଶର ସାଧାରଣ ସୁରକ୍ଷାବାହିନୀକୁ ସବୁଦୃଷ୍ଟିରୁ ଅତି ଶୃଙ୍ଖଳିତ ଏବଂ ସଶକ୍ତ କରିବାରେ ମଧ୍ୟ ଆଇ ଆର୍ ଜି ସି ତୁଲାଉଛି ଅତି ଗୁରୁଦାୟିତ୍ୱ। ମୋଟାମୋଟି ଭାବେ କହିବାକୁ ଗଲେ ଇରାନ୍ ପାଇଁ ଏକପ୍ରକାର ସୁରକ୍ଷା କବଚ ସାଜିଛି ଆଇ ଆର୍ ଜି ସି ଯେ କି ଦେଶର ଉଭୟ ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ନିଜକୁ ନିୟୋଜିତ କରିଛି ଯାହା ପଛରେ ରହିଛି ଇରାନ୍ ସରକାର। ଏହା ତ ଅତି ସାଧାରଣ କଥା। ସବୁ ଦେଶର ଡିଫେନ୍ସ ଗ୍ରୁପ୍ ପଛରେ ମୂଳତଃ ସରକାର। ଆଗରେ ବି ସରକାର ଏବଂ ପଛରେ ବି ସରକାର। ସବୁଆଡ଼େ ତ ସରକାର। ତେଣୁ ସରକାର ତ ପାୱାରଫୁଲ୍ । ସବୁଜାଗାରେ ଅବା ସବୁ ଦେଶରେ ବି ସେହି ବ୍ୟବସ୍ଥା। ବିଶେଷ କରି ଗଣତନ୍ତ୍ରରେ କେବଳ ସରକାର ହିଁ କ୍ଷମତାଶାଳୀ । ହେଲେ ବିଶ୍ୱର କେତେକ କଟ୍ଟର ଇସଲାମିକ୍ ଦେଶରେ କେବେ କେବେ ସେନା ବି ତା'ର କାରନାମା ଦେଖାଇବାକୁ ପଛାଏ ନାହିଁ। ଆବଶ୍ୟକସ୍ଥଳେ ସେହି ଦେଶର କଟ୍ଟର ସେନାବାହିନୀ ଦେଶର ଶାସନ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରିଛି ଏବଂ ସଫଳ ହୋଇଛି । ଏଇ ଯେମିତି ଆମେ ଅତୀତରେ କହିବା ପାକିସ୍ତାନ୍ କଥା ଯେବେ କି ପରବେଜ୍ ମୁସରଫ... ସେ ବି କେବେ ପାକିସ୍ତାନ୍ ଶାସନଭାର ଦାୟିତ୍ୱ କିଛି ସମୟ ପାଇଁ ନିଜ ଆୟତ୍ତ ଭିତରକୁ ନେଇ ଯାଇଥିଲେ। ମୂଳ ସରକାର ବେକାର, ମୂଳ ସରକାର ଲାଚାର ମାନେ ପୂରା ଲାଚାର ଖାଲି ନାମକୁ ମାତ୍ର ମୂଳ ସରକାର। କେବେ କେବେ ଇସଲାମିକ୍ କଟ୍ଟର ସରକାରରେ ଏମିତି ବି ହୁଏ। ଏଇ ଯେମିତି ଏବେ ହେବାକୁ ଯାଉଛି ଇରାନରେ .. ଆଇ ଆର ଜି ସି କ୍ଷେତ୍ରରେ । ଏବେ ଇରାନ୍‌ରେ ସର୍ବୋଚ୍ଚ ଶାସକ ଦେଶର ସେନାବାହିନୀକୁ ଦେବାକୁ ଯାଉଚନ୍ତି ଅଖଣ୍ଡ କ୍ଷମତା ଯାହା ବଳରେ ଇରାନ୍ ସେନା ବହିନୀ ମୁକାବିଲା କରିବ ଆମେରିକାର । ଇରାନ୍‌ର ଆଇଆର୍ ଜିସି ଏବେ ସେହି ଅଖଣ୍ଡ କ୍ଷମତା ବଳରେ ମୁକାବିଲା କରିବ ଆମେରିକାର ଆଡ଼ବାୟା ସୁଲତାନ୍ ମିଷ୍ଟର ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ।

# ଭୁଲ୍‌ର ପରିମାର୍ଜିତ ଓ ଜୀବନରେ ସଫଳତା



**-ଡ. ଅମୂଲ୍ୟ କୁମାର ପଣ୍ଡା**

ଜୀବନରେ ଭୁଲ ଭୟକୁ ପରିତ୍ୟାଗ କରିବା ଉଚିତ୍ ଏବଂ ଚେଷ୍ଟା ଜାରି ରଖିବା ମଧ୍ୟ ଉଚିତ୍, ତେବେ ଜୀବନରେ ସମସ୍ତ କ୍ଷେତ୍ରରେ ସଫଳତା ମିଳିଥାଏ । ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଭୁଲଗୁଡ଼ିକ ଶିଖିବାର ଏକ ମାଧ୍ୟମ, ବନ୍ଦ କରିବାର କାରଣ ନୁହେଁ। ଭୁଲ୍ ଭୟରେ ନୂତନ ଜିନିଷ ଚେଷ୍ଟା ନ କରିବା ଜୀବନକୁ ସ୍ଥିର କରିଦିଏ, ଯେତେବେଳେ ନିରନ୍ତର ପ୍ରୟାସ ପ୍ରଗତି ପାଇଁ ମୂଳଦୁଆ। ଭଗବଦ୍ ଗୀତାର କର୍ମଯୋଗରେ, ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ କର୍ମର ଫଳାଫଳ ବିଷୟରେ ଚିନ୍ତା କରିବାକୁ କହିଛନ୍ତି, କାରଣ କର୍ମ ହେଉଛି ବନ୍ଧନ, ଫଳାଫଳ ପ୍ରତି ଆଗ୍ରହ ନୁହେଁ। ଭାଗବତରେ କୁହାଯାଇଛି : 'କର୍ମଣ୍ୟେ ବନ୍ଧନସ୍ତେ ମା ଫଳେଷୁ କଦଚନ। ମା କର୍ମଫଳହେତୁର୍ଭୁର୍ମା। ତେ ସଂଗୋଷ୍ଟକର୍ମଣି।' ଅର୍ଥାତ୍, ଆପଣଙ୍କର ଅଧିକାର କେବଳ କାର୍ଯ୍ୟ କରିବାର, ଏହାର ଫଳାଫଳ ଉପରେ କେବେବି ନୁହେଁ। ଏହା ଭୟ କିମ୍ବା ବିଫଳତାର ଭୟକୁ ଦୂର କରେ। ଏହି ଶ୍ଳୋକ ଆମକୁ ଚେଷ୍ଟା ଜାରି ରଖିବାକୁ, ଭୁଲରୁ ଶିଖିବାକୁ, କିନ୍ତୁ କେବେବି ବନ୍ଦ କରିବାକୁ ପ୍ରେରଣା ଦିଏ। ଯଦି ଜୀବନରେ କୌଣସି ଭୁଲ ହୋଇନାହିଁ, ତେବେ କୌଣସି ପ୍ରୟାସ ହୋଇନାହିଁ। ସନାତନ ଦର୍ଶନରେ, କାର୍ଯ୍ୟରେ ନିରନ୍ତରତା ହେଉଛି ମୋକ୍ଷର ଦ୍ୱାର ଖୋଲିଥାଏ।

ଭୟ ହେଉଛି ମନର ଏକ ଭ୍ରମ ଯାହା ପ୍ରୟାସକୁ ବନ୍ଦ କରିଦିଏ। ଗୀତାରେ କୃଷ୍ଣ କହିଛନ୍ତି: 'କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟୁପପଦ୍ୟତେ। କ୍ଷୁଦ୍ରମ୍ ହୃଦୟଦୌରବଲାୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।' ଅର୍ଥାତ୍, ହେ ପାର୍ଥ! ଏହି କାପୁରୁଷତା ତୁମକୁ ଶୋଭା ଦିଏ ନାହିଁ, ହୃଦୟର ଏହି କ୍ଷୁଦ୍ର ଦୁର୍ବଳତାକୁ ପରିତ୍ୟାଗ କର ଏବଂ ଉଠ। ଏହି ଭୟ ଭୁଲ ଭୟରୁ ଜନ୍ମ ନେଇଥାଏ, କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମା ଅମର, ଭୁଲ କ୍ଷଣିକ। ରାମାୟଣରେ, ବିଭୀଷଣ ରାବଣକୁ ଛାଡି ସତ୍ୟର ପଥ ବାଛିଥିଲେ, ଯଦିଓ ସେ ଭୁଲ କରିବାକୁ ଭୟ କରୁଥିଲେ, କିନ୍ତୁ ତାଙ୍କ ପ୍ରୟାସରେ ସେ ବିଜୟୀ ହୋଇଥିଲେ। ମହାଭାରତରେ, ଅର୍ଜୁନଙ୍କ ଭୁଲ ଯାହାକୁ ଯୁଦ୍ଧର ଭୟ କୁହଯାଏ କୃଷ୍ଣଙ୍କ ଦ୍ୱାରା ସଂଶୋଧନ କରାଯାଇଥିଲା। ଭୁଲ କରିବା ସ୍ୱାଭାବିକ, ତାହାକୁ ପୁନରାବୃତ୍ତି କରିବା ନୁହେଁ। ଗୀତାରେ କୁହାଯାଇଛି ଯେ ଜ୍ଞାନୀମାନେ ଅଜ୍ଞାନୀମାନଙ୍କୁ କାମ କରିବାରୁ ନିବୃତ୍ତ କରିବା ଉଚିତ୍ ନୁହେଁ, ବରଂ ନିଜେ ନିଃସ୍ୱାର୍ଥପର କାମ କରି ସେମାନଙ୍କୁ ପ୍ରେରଣା ଦେବା ଉଚିତ୍। 'ନ ବୁଦ୍ଧିଭେଦମ୍ ଜନୟେଦ୍ଜ୍ଞାନାଂ କର୍ମସଙ୍ଗିନମ୍। ଜୋଷ୍ୟେତସର୍ବକର୍ମଣୀ ବିଧୁବନ ଯୁକ୍ତଃ ସମାଚାର।' ମହାଭାରତରୁ କର୍ଣ୍ଣଙ୍କ ଭୁଲରୁ ବହୁତ ଶିକ୍ଷା ମିଳିଥାଏ। ଭୁଲ ସଙ୍ଗ ପୁନରାବୃତ୍ତି କରିବା ଉଚିତ୍ ନୁହଁ । କବୀରଦାସ ଜୀ କୁହନ୍ତି, ନିଜ ଭୁଲରୁ ଶିଖନ୍ତୁ, ଅନ୍ୟମାନଙ୍କ ଦୋଷ ଦେଖନ୍ତୁ ନାହିଁ। ଭୁଲ ହେଉଛି ଶିକ୍ଷକ ଯେଉଁମାନେ ଭବିଷ୍ୟତକୁ ରକ୍ଷା କରନ୍ତି।

ସନାତନ ଗ୍ରନ୍ଥଗୁଡ଼ିକ ପ୍ରୟାସକୁ ପ୍ରାୟଶ୍ଚିତ୍ତ ବୋଲି ବିବେଚନା କରନ୍ତି। ଗୀତାରେ କୁହାଯାଉଛି 'ସର୍ବଧର୍ମପରିତ୍ୟଜ୍ୟ ମାମେକମ୍ ଶରଣମ୍ ଭ୍ରାଜ। ଅହମ୍ ତ୍ୱାନ୍ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ।' ଭୁଲର ପାପରୁ ଭୟ କର ନାହିଁ, ଈଶ୍ୱରଙ୍କ ଶରଣ ନିଅ। ନିରନ୍ତର ଅଭ୍ୟାସ ଦ୍ୱାରା ଭୁଲଗୁଡ଼ିକ ଶୁଦ୍ଧ ହୁଏ। ଉପନିଷଦରେ କୁହାଯାଇଛି ଯେ ନିରନ୍ତର ପ୍ରୟାସ ଦ୍ୱାରା ଆତ୍ମବିକାଶ ହୁଏ, ଧୈର୍ଯ୍ୟ ରଖନ୍ତୁ। ଜୀବନ ନଦୀ ପରି ପ୍ରବାହିତ ହେବା ଉଚିତ, ଭୁଲଗୁଡ଼ିକ କେବଳ ତରଙ୍ଗ। ଭୁଲ୍ ଗୁଡ଼ିକ ଆମକୁ ଭୟଭୀତ କରିବା ପାଇଁ ନୁହେଁ, ବରଂ ଆମକୁ ଶିକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଶ୍ରୀକୃଷ୍ଣଙ୍କ ପରି ନିର୍ଭୀକ ଭାବରେ କାର୍ଯ୍ୟ କରିବା ଉଚିତ୍ । ରାମଙ୍କ ଚରିତ୍ର ଗ୍ରହଣ କରିବା ଉଚିତ । ଆମେ ମାନେ , ପ୍ରତିଜ୍ଞା ନେବା ଉଚିତ୍ ଯେ ଆମ୍ଭମାନଙ୍କ ପ୍ରୟାସ ସଦାସର୍ବଦା ଜାରି ରଖିବା ଏବଂ ସମସ୍ତିଙ୍କ ଠାରୁ କିଛି ଶିଖିବା ଯାହା ଆମ ଜୀବନ ପଥରେ ସଫଳତାର ଅନନ୍ତ ପଥ ଦେଖାଇବ ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ -**
**୯୯୩୮୯୦୬୦୭୦**

# ଜୀବନ, ଜୀବିକା ଓ ଭାରତୀୟ ରାଜନୀତି



**ବିଷ୍ଣୁ ପ୍ରସାଦ ଦାସ**

ମଣିଷ ଜନ୍ମ ନିଏ ବଞ୍ଚିବା ପାଇଁ, ଏବଂ ବଞ୍ଚିବାକୁ ହେଲେ ଜୀବିକାର ଆବଶ୍ୟକତା ଅନିବାର୍ଯ୍ୟ। ତେଣୁ ଜୀବନ ଓ ଜୀବିକା ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ । କିନ୍ତୁ ଏହି ଦୁଇଟିକୁ ସୁରକ୍ଷିତ, ସୁଦୃଢ଼ ଓ ସମୃଦ୍ଧ କରିବାରେ ଯେଉଁ ଶକ୍ତି ସବୁଠାରୁ ଅଧିକ ପ୍ରଭାବ ପକାଏ, ତାହା ହେଉଛି ରାଜନୀତି। ରାଜନୀତି କେବଳ ନିର୍ବାଚନ, ଦଳ ବା ସରକାର ଗଠନରେ ସୀମିତ ନୁହେଁ; ବରଂ ଏହା ଏକ ରାଷ୍ଟ୍ରର ନୀତି, ଅର୍ଥନୀତି, ସାମାଜିକ ନ୍ୟାୟ ଏବଂ ବିକାଶର ଦିଗ ନିର୍ଦ୍ଧାରଣ କରେ । ତେଣୁ ଭାରତୀୟ ରାଜନୀତି ଏବଂ ସାଧାରଣ ଲୋକଙ୍କ ଜୀବନ-ଜୀବିକା ମଧ୍ୟରେ ଅତ୍ୟନ୍ତ ଘନିଷ୍ଠ ସମ୍ପର୍କ ରହିଛି।

ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ଲୋକମାନେ ନିଜର ପ୍ରତିନିଧିଙ୍କୁ ନିର୍ବାଚିତ କରି ସରକାର ଗଠନ କରନ୍ତି । ସେହି ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର, ବାଣିଜ୍ୟ ତଥା କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ଦେଶର ବିକାଶର ଦିଗ ନିର୍ଦ୍ଧାରଣ କରେ। ସରକାରଙ୍କ ପ୍ରତ୍ୟେକ ନୀତିର ପ୍ରଭାବ କୌଣସି ନା କୌଣସି ରୂପରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଉପରେ ପଡ଼ିଥାଏ । କୃଷକଙ୍କ ଫସଲର ଦର, ଶ୍ରମିକଙ୍କ ମଜୁରି, ଯୁବକଙ୍କ ଚାକିରି, ବ୍ୟବସାୟୀଙ୍କ ବ୍ୟବସାୟ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ବୃଦ୍ଧଙ୍କ ସାମାଜିକ ସୁରକ୍ଷା, ସବୁକିଛି କୌଣସି ନା କୌଣସି ରାଜନୈତିକ ନିଷ୍ପତ୍ତି ସହ ଜଡ଼ିତ । ସ୍ୱାଧୀନତା ପରେ ଭାରତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରତା, ସୂଚନା ପ୍ରଯୁକ୍ତିର ବିକାଶ, ମହାକାଶ ଗବେଷଣା, ଡିଜିଟାଲ ସେବା, ସଡ଼କ ଓ ରେଳ ଭିତ୍ତିଭୂମିର ବିସ୍ତାର, ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଉନ୍ନତି, ଏସବୁ ରାଜନୈତିକ ଦୀର୍ଘମିଆଦି ପରିକଳ୍ପନାର ଫଳ । ତଥାପି ଦେଶରେ ବେକାରି, ମୂଲ୍ୟବୃଦ୍ଧି, ଦାରିଦ୍ର୍ୟ, କୃଷକଙ୍କ ଦୁର୍ଦ୍ଦଶା, ଆୟ ବୈଷମ୍ୟ ଦୁର୍ନୀତି ପରି ସମସ୍ୟା ଆଜି ମଧ୍ୟ ଆମପାଇଁ କିଛି ମାତ୍ରାରେ ଆହ୍ୱାନ ହୋଇ ରହିଛି । ଏହି ସମସ୍ୟାଗୁଡ଼ିକ ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ସିଧାସଳଖ ପ୍ରଭାବିତ କରୁଛି ।

ଆଜିର ରାଜନୀତିରେ ବିକାଶ ତୁଳନାରେ ଅନେକ ସମୟରେ ଜାତି, ଧର୍ମ, ଭାଷା, ଆଞ୍ଚଳିକତାର ପ୍ରସଙ୍ଗ ଅଧିକ ପ୍ରାଧାନ୍ୟ ପାଉଛି । ନିର୍ବାଚନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଏ, କିନ୍ତୁ ସେଥିରୁ ଅନେକ ପ୍ରତିଶ୍ରୁତି ବାସ୍ତବ ରୂପ ନେଇ ପାରେ ନାହିଁ। ଫଳରେ ଜନସାଧାରଣଙ୍କ ମନରେ ଅସନ୍ତୋଷ ଏବଂ ଅବିଶ୍ୱାସ ସୃଷ୍ଟି ହୁଏ। ଯଦି ରାଜନୀତିର ଲକ୍ଷ୍ୟ କେବଳ କ୍ଷମତା ହାସଲ ହେବ, ତେବେ ଜନ କଲ୍ୟାଣ ପଛକୁ ଚାଲିଯିବ। କିନ୍ତୁ ଯଦି ରାଜନୀତି ସେବା, ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱର ଆଧାରରେ ପରିଚାଳିତ ହୁଏ, ତେବେ ଦେଶର ସାମଗ୍ରିକ ବିକାଶ ସମ୍ଭବ। ଭାରତର ଅଧିକାଂଶ ଲୋକ ଆଜି ମଧ୍ୟ କୃଷି ଓ ଅଣସଂଗଠିତ କ୍ଷେତ୍ର ଉପରେ ନିର୍ଭରଶୀଳ। ସେମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ପାଇଁ ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ଶିଳ୍ପାୟନ, କ୍ଷୁଦ୍ର ଉଦ୍ୟୋଗର ପ୍ରୋତ୍ସାହନ, ରୋଜଗାର ସୃଷ୍ଟି ଅତ୍ୟାବଶ୍ୟକ। ରାଜନୀତିର ପ୍ରକୃତ ସଫଳତା ସେତେବେଳେ ସାବ୍ୟସ୍ତ ହେବ, ଯେତେବେଳେ ପ୍ରତ୍ୟେକ ଯୁବକ ମର୍ଯ୍ୟାଦାପୂର୍ଣ୍ଣ ରୋଜଗାର ପାଇବେ, କୃଷକ ତା'ଙ୍କ ପରିଶ୍ରମର ଯଥାର୍ଥ ମୂଲ୍ୟ ପାଇବେ, ଶ୍ରମିକ ନ୍ୟାୟସଙ୍ଗତ ମଜୁରି ପାଇବେ ଏବଂ କୌଣସି ପରିବାର ଭୋକ, ଦାରିଦ୍ର୍ୟ କିମ୍ବା ବେକାରି ପାଇଁ ଅସହାୟ ହୋଇ ରହିବେ ନାହିଁ ।

ଗଣତନ୍ତ୍ରରେ କେବଳ ରାଜନେତାଙ୍କ ଦାୟିତ୍ୱ ନୁହେଁ, ନାଗରିକଙ୍କ ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ମତାଧିକାରର ସଠିକ୍ ପ୍ରୟୋଗ, ସାମାଜିକ ସଚେତନତା, ଆଇନ ପ୍ରତି ସମ୍ମାନ, ଦୁର୍ନୀତି ବିରୋଧରେ ସଚେତନ ମନୋଭାବ ହିଁ ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର । ଯେତେବେଳେ ଭୋଟ ଜାତି, ଧର୍ମ କିମ୍ବା ଲୋଭର ଆଧାରରେ ନୁହେଁ, ବରଂ ନୀତି, ସତ୍ୟନିଷ୍ଠା, ବିକାଶର ଆଧାରରେ ଦିଆଯିବ, ସେତେବେଳେ ରାଜନୀତିର ଗୁଣାତ୍ମକ ପରିବର୍ତ୍ତନ ସମ୍ଭବ ହେବ। ସୁଶାସନ, ସ୍ୱଚ୍ଛ ପ୍ରଶାସନ, ଜନକୈନ୍ଦ୍ରିକ ନୀତି, ସଚେତନ ନାଗରିକତା ହିଁ ଏକ ସମୃଦ୍ଧ ଭାରତର ଭିତ୍ତିଭୂମି ଭାରତୀୟ ଗଣତନ୍ତ୍ରର ପ୍ରକୃତ ସଫଳତା ।

**ବରିଷ୍ଠ ନାଗରିକ**
**ସ୍ନେହ କୁଟୀର**
**ଝାଞ୍ଜିରୀ ମଙ୍ଗଳା, କଟକ**
**୭୫୩୦୦୯**

# ମହେଶ୍ୱରଙ୍କ ମହିମା ଓ ପବିତ୍ର ଶ୍ରାବଣ ମାସ



**ଅଧ୍ୟାପକ ହେମନ୍ତ କୁମାର**



ଆମ ହିନ୍ଦୁ ଧର୍ମର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ବ୍ରହ୍ମା ,ବିଷ୍ଣୁ ଓ ମହେଶ୍ୱର। ଏହି ତ୍ରିଦେବଙ୍କ ମଧ୍ୟରୁ ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା ଓ ବିଷ୍ଣୁଙ୍କୁ ପାଳନ କର୍ତ୍ତା (ସ୍ଥିତି) ରୂପେ ପୁରାଣାଦିରେ ବର୍ଣ୍ଣନା କରାଯାଇଥିବା ବେଳେ ମହେଶ୍ୱରଙ୍କୁ ସଂହାର କର୍ତ୍ତାର ଅଧିକାରୀ ବୋଲି କୁହାଯାଇଛି। ଏ ସଂହାର ପଦଟି ସମ୍ ଉପସର୍ଗ ଓ ହାର ମୂଳ ଶବ୍ଦକୁ ନେଇ ଗଠିତ। ଯାହାର ଅର୍ଥ ଠିକ୍ ଭାବରେ, ପୂର୍ଣ୍ଣ ଭାବରେ ବା ଏକତ୍ର ଭାବରେ ହରଣ କିମ୍ବା ନଷ୍ଟ କରିବା । ଏହି କାର୍ଯ୍ୟକୁ ଯିଏ ସୁଚାରୁ ରୂପେ ସମ୍ପାଦନ କରନ୍ତି ଏବଂ ଯିଏ ମହାନ ତଥା ଈଶ୍ୱର ଅଟନ୍ତି ସେ ହେଉଛନ୍ତି ମହେଶ୍ୱର। ତେଣୁ ଏହି ଦେବଙ୍କୁ ଶାସ୍ତ୍ରରେ 'ମହାଷ୍ଟାସାବୀଶ୍ୱରଶ୍ଚ କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ବା ସମର୍ଥଃ' କୁହାଯାଇଛି। ଏହା ସହ ସେ ଅକାଳମୃତ୍ୟୁର ହରଣର କର୍ତ୍ତା ଯୋଗୁଁ ମୃତ୍ୟୁଞ୍ଜୟ, ସଦା ସର୍ବଦା ଧ୍ୟାନସ୍ଥ ହେତୁ ମହାଯୋଗୀ, ସଦାଶମ୍ଭୁ କୁହାଯାଏ । କେବଳ ସେ ମହାଯୋଗୀ ନୁହଁନ୍ତି ଅପିତୁ ସେ ହେଉଛନ୍ତି ସକଳ ଶାସ୍ତ୍ରର ବେତ୍ତା ଏଂ ଜ୍ଞାନ ପ୍ରଦାୟକ । ତେଣୁ ଏହି ଈଶଙ୍କୁ ଆଦିଗୁରୁ ବୋଲି ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେହିପରି ସେ ଦେବ ଦେବ ମହାଦେବ ଓ କାଳଙ୍କର କାଳ ଯୋଗୁଁ ତା'ଙ୍କୁ ମହାକାଳ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ତୁରିତ ବର ପ୍ରଦାନ କରିଥାନ୍ତି । ଏଣୁ ଦେବଙ୍କୁ ଆଶୁତୋଷ ଏବଂ ପ୍ରଥମ ଦେବତା ହେତୁ ଆଦିଦେବ କୁହାଯାଏ। ଏହି ଭଗବାନ ଦେବ, ଦାନବ, ମାନବ, ଭୂତ, ପ୍ରେତ ଓ ପିଶାଚ ଜାତିର କେବଳ ନାଥ ନୁହଁନ୍ତି ; ସେ ହେଉଛନ୍ତି ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ନାଥ। ଅତଃ ଏହାଙ୍କୁ ପଶୁପତିନାଥ ବୋଲି କୁହାଯାଏ। ଏ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ ଅପଶକ୍ତି, ଅନ୍ୟାୟ ଓ ଅନୀତି ଆଦିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରିବା ସହ ସଂସାରକୁ ସୁଖ ,ଶାନ୍ତି ତଥା ମଙ୍ଗଳ ପ୍ରଦାନ କରିଥାନ୍ତି। ତେଣୁ ମହେଶ୍ୱରଙ୍କୁ ସତ୍ୟ - ଶିବ - ସୁନ୍ଦର ମଧ୍ୟ କୁହାଯାଏ।

ଏହି ମହେଶଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ଶ୍ରାବଣ ମାସ। ଯାହାକୁ ସେ ସ୍ୱୟଂ କହିଛନ୍ତି:-

ଦ୍ୱାଦଶସ୍ୱପି ମାସେଷୁ ଶ୍ରାବଣୋ ମେ 'ତିବଲ୍ଲଭଃ

ଶ୍ରବଣାହଁ ଜନ୍ମାହାମ୍ୟଂ ତେନାସୌ ଶ୍ରବଣ ମତଃ ।।

ଅର୍ଥାତ୍ ବାର ମାସ ମଧ୍ୟରେ ଶ୍ରାବଣ ମାସ ମୋର ସବୁଠାରୁ ପ୍ରିୟ ଅଟେ। ଏହି ମାସର ଶ୍ରବଣ ଯୋଗ୍ୟ ମହିମା ଏବଂ ଶ୍ରବଣା ନକ୍ଷତ୍ର ସହିତ ଏହାର ସମ୍ବନ୍ଧ ଯୋଗୁଁ ଏହାକୁ 'ଶ୍ରାବଣ' କୁହାଯାଏ। ଉକ୍ତ ମାସରେ ଭଗବାନ ଶିବଙ୍କ ଯେଉଁ ଅନନ୍ୟ ସ୍ୱରୂପ ରହିଛି, ଯାହାଙ୍କୁ ଶିବଲିଙ୍ଗ ରୂପେ ପୂଜିତ କରାଯାଏ। ଯାହାର ପାଞ୍ଚ ଗୋଟି ମୁଖ ରହିଛି ଯଥା:- ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ ?ପୁରୁଷ ଏବଂ ଈଶାନ । ଏଣୁ ଏହାଙ୍କୁ ପଞ୍ଚାନନ ଅଭିହିତ କରାଯାଇଛି। ଯାହା ମହାଦେବଙ୍କ ପାର୍ଥିବ ସ୍ୱରୂପ ଅଟେ। ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ, ଶ୍ରବଣା ନକ୍ଷତ୍ର ନାମରେ ଶ୍ରାବଣ ମାସ ନାମିତ ହୋଇଛି । ଏହି ପବିତ୍ର ମାସର ଧାର୍ମିକ ଓ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ବିଧିବିଧାନ ସହକାରେ ପୂଜା କଲେ ଆଶୁତୋଷ ସମସ୍ତ ମନସ୍କାମନା ପୂର୍ଣ୍ଣ କରିଥାଆନ୍ତି । ପୁରାଣରେ ବର୍ଣ୍ଣିତ ରହିଛି ଯେ, ମାତା ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ। ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ମାସରେ ମାତା ପାର୍ବତୀ ଓ ଭଗବାନ ଶିବ ଭୂଲୋକକୁ ଭ୍ରମଣ କରିବାକୁ ଆସିଥାନ୍ତି। ଏଣୁ ଶ୍ରାବଣ ମାସର କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରାବଣ ମାହାତ୍ମ୍ୟ ପଠନ କରାଯାଇଥାଏ। ଏ ମାସର ପ୍ରତ୍ୟେକ ସୋମବାର ଦିନ ମହାଦେବଙ୍କୁ ଜଳ ଅର୍ପଣ କଲେ, ସେ ସନ୍ତୁଷ୍ଟ ହୁଅନ୍ତି। କାରଣ ସମସ୍ତ ଉପଚାରମାନଙ୍କ ମଧ୍ୟରେ ଶିବଙ୍କ ଅତୀବ ପ୍ରିୟ ଜଳ। ଏଣୁ ଶାସ୍ତ୍ରରେ କୁହାଯାଇଛି ଯେ ' ଶିବ ଜଳଧାରା ପ୍ରିୟଃ'। ସେ'ପରି ପୁରାଣରେ ବର୍ଣ୍ଣନା ରହିଛି ଯେ , ଯେତେବେଳେ ଦେବତା ଓ ଦାନବମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଯାଇଥିଲା ; ସେତେବେଳେ ପ୍ରଥମେ ହଳା ହଳ ନାମକ ଏକ ଭୟଙ୍କର ଗରଳ ଓ ଅମୃତ ଦ୍ୱୟ ଶ୍ରାବଣ ମାସ ଅମାବାସ୍ୟା ଦିନ ଉତ୍ପନ୍ନ ହୋଇଥିଲା। ସେହି ବିଷ ପ୍ରଭାବରେ ସମଗ୍ର ସଂସାରର ପ୍ରାଣୀମାନେ ଅଚେତନ ହୋଇଗଲେ। ଏହି ଘୋର ବିପଦରୁ ଉଦ୍ଧାର କରିବା ପାଇଁ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ। ସେହି ପ୍ରାର୍ଥନା ସ୍ୱରୂପ ଅନୁରୋଧକୁ ରକ୍ଷାକରି , ମହାଦେବ ଉକ୍ତ ବିଷକୁ ପାନ କରିଦେଇଥିଲେ । ଯାହା ଫଳରେ ଶିବଙ୍କ କଣ୍ଠଦେଶ ନୀଳବର୍ଣ୍ଣ ହୋଇଯାଇଥିଲା । ସେହି ବିଷଜ୍ୱାଳାକୁ ଲାଘବ କରିବା ଉଦ୍ଦେଶ୍ୟରେ ଦେବଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳିଥିଲେ। ସେ'ପରି ଶିବଙ୍କ ପରମ ଭକ୍ତ ଲଙ୍କାପତି ରାବଣ ନୀଳକଣ୍ଠଙ୍କ ଗରଳ ଜ୍ୱାଳକୁ ପ୍ରଶମିତ କରିବା ପାଇଁ , ହିମାଳୟରୁ ପବିତ୍ର ଗଙ୍ଗା ଜଳ ଆଣି ଭୋଳାନାଥଙ୍କୁ ଅର୍ପଣ କରିଥିଲେ । ଅତଃ ଏହି ପବିତ୍ର ମାସରେ ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କାଉଡ଼ି ଯାତ୍ରାର ପରମ୍ପରା ରହିଆସିଛି। ଭଗବାନ ପର୍ଶୁରାମ ପ୍ରଥମେ କାଉଡ଼ି ଯାତ୍ରା ଆରମ୍ଭ କରିଥିଲେ ବୋଲି ଦେଖିବାକୁ ମିଳେ। ସେ ଉତ୍ତର ପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ।

ବହୁ ପୁରାତନ କାଳରୁ ଶିବ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କୁ ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି। କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୋଇ ନଥା'ନ୍ତି ଜଳାଭିଷେକ ଦ୍ୱାରା ତାଠାରୁ ବେଶି ପ୍ରସନ୍ନ ହୋଇଥାନ୍ତି । ସେଥିପାଇଁ ଆଜି ମଧ୍ୟ ଶ୍ରାବଣ ମାସରେ ଭାରତ ଓ ନେପାଳର ଲକ୍ଷ ଲକ୍ଷ ଭକ୍ତ ଜଳଧାରା ଧରି ଯାତ୍ରା କରି ଆସୁଛନ୍ତି । ରାସ୍ତାରେ ଚାଲିବା ବେଳେ ପଥ ଲାଘବ ପାଇଁ କାଉଡ଼ିଆମାନେ ବୋଲ ବମ - ବୋଲ ବମ କହିଥାନ୍ତି।

ବୋଲ ବମ ଯାତ୍ରାରେ ଭାଗନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କୁହାଯାଏ । ଏହି କାଉଡ଼ିଆ ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ କାନ୍ଧରେ କଳସୀ ଭାର ଧରି ନିଷ୍ଠାର ସହିତ ସଂପୂର୍ଣ୍ଣ ପଥ ଖୋଲା ପାଦରେ ଅତିକ୍ରମ କରିଥାନ୍ତି । କେହି କେହି ଗୋମୁଖ ଓ ଗଙ୍ଗୋତ୍ରୀରୁ ଗଙ୍ଗା ଜଳ ଆଣିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାବନ ଶିବ ମନ୍ଦିର ନିକଟସ୍ଥ ପବିତ୍ର ନଦୀ ପାଖରୁ ଜଳ ଆଣିଥାନ୍ତି। ଆମ ଓଡ଼ିଶାର ଅଧିକାଂଶ ଭକ୍ତ କଟକ ସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢ଼ାଳିଥାନ୍ତି । ସେ'ପରି ଗଞ୍ଜାମ ଜିଲ୍ଲା ପବିତ୍ରା ଋଷିକୂଲ୍ୟା ନଦୀରୁ ଜଳ ନେଇ ଅନେକ ଶିବାଳୟକୁ ଯାଇଥାନ୍ତି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଆଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଶ୍ରାବଣ ମାସରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ଭକ୍ତି ସହକାରେ ପୂଜାକଲେ, ପୂଜାର ଫଳ ହଜାର ଗୁଣ ମିଳି ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ହୋଇଥାଏ।

**ବରିଷ୍ଠ ଦର୍ଶନ ଅଧ୍ୟାପକ**
**ଆସିକା, ଗଞ୍ଜାମ।**
**୯୮୬୧୩୩୪୮୬୮**

ଜ୍ଞାନାମୃତ

## ଛାତ୍ରଙ୍କ କୃତିତ୍ୱ

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥାଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।





# ନିର୍ଦ୍ଦେଶକୁ ଫୁଁ'କରି ଚୌଦ୍ୱାର ଆଇ. ଟି. ଟି. ରେ କଲେଜ ୟୁନିଫର୍ମ ବିକ୍ରି ଚାଲିଛି

**ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାରରେ ଥିବା ଆଇ. ଟି. ଟି. ରେ ଉପରିସ୍ଥ ଅଧିକାରୀ ଙ୍କ ନିର୍ଦ୍ଦେଶକୁ ଫୁକରି କଲେଜ ପ୍ରିନ୍ସିପାଲ ନିଜସ୍ୱ ଅର୍ଥ ଉପାର୍ଜନ ପାଇଁ କଲେଜ ପିଲାଙ୍କ ୟୁନିଫର୍ମ ଡ୍ରେସ ବେପାର କରୁଥିବାର ଅଭିଯୋଗ ଆସିଚୀନ, ଏଥିରେ ଜଣେ ଅବସରପ୍ରାପ୍ତ କର୍ମଚାରୀ ସାମିଲ ଅଛନ୍ତି, ଯାହାକି ସରକାରଙ୍କ ନିୟମ ବହିର୍ଭୁତ ଅଟେ, ଓଡ଼ିଶାର ସମସ୍ତ କଲେଜରେ ଏହି ୟୁନିଫର୍ମ କ୍ୟାମ୍ପସ ବାହାରୁ ୟୁନିଫର୍ମ ଆଭିଭାବକ କିଣିବାର ନିୟମ ଥିବାବେଳେ କେବଳ ଚୌଦ୍ୱାର ଆଇ. ଟି. ଟି. ରେ ପ୍ରିନ୍ସିପାଲ ୟୁନିଫର୍ମ ପସରା ମେଲାଇ ଲକ୍ଷା ଧିକ ଟଙ୍କା ରୋଜଗାର ପାଇଁ ଉଦ୍ୟମ କରୁଛନ୍ତି, ଚୌଦ୍ୱାର ରେ ଏହି ୟୁନିଫର୍ମ ୧୪୦୦ ଟଙ୍କାରେ ଅଭିଭାବକ ମାନଙ୍କୁ ମିଳୁଥିବା ବେଳେ କଟକ ଲିଙ୍କରୋଡ଼ ଅଂଚଳର ଜଣେ ବ୍ୟବସାୟିଙ୍କଠାରୁ ୧୮୦୦ ଟଙ୍କାରେ କିଣିବା ପାଇଁ ପିଲାମାନଙ୍କୁ ବାଧ କରାଯାଉଥିବାର ଜଣାପଡ଼ିଛି, ସେଥିପାଇଁ ପିଲାଙ୍କ ଆଡିମିଶନ ସମୟରେ ୧ହଜାର ଟଙ୍କା ଅଗ୍ରିମ ଆଦାୟ କରାଯାଇଛି, ଯେଉଁମାନେ


ଏତ ଦ୍ୱାରା ITT ର 1st year (2026-27) Fresher ଏବଂ parents ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା -05.08.26ରିଖ (ବୁଧବାର )ଦିନ 11 ଟାରେ college Auditorium room ରେ Orientation program ଅଛି । ତେଣୁ ସମସ୍ତ ଅଭିଭାବକ ଏବଂ ଛାତ୍ର ଛାତ୍ରୀ ମାନେ Orientation program ରେ ଯୋଗ ଦେବା ପାଇଁ ଚେଷ୍ଟା କରନ୍ତୁ ଏବଂ ଯେଉଁ ମାନେ Dress ନେଇ ନାହାଁନ୍ତି orientation program ରେ dress ପାଇଁ 1800 ଟଙ୍କା ନେଇ ଆସିଥିବେ, ଯେଉଁ ମାନେ hostel admission କରିବାକୁ ଚାହୁଁଛନ୍ତି,ସେମାନେ ସବୁ branch ପିଲା 4200 ଟଙ୍କା ନେଇକି ଆସି ସେହି ଦିନ Hostel admission କରିବେ except Textile branch (Only girl student)1200 ଟଙ୍କା ଆଣି hostel admission କରିବେ ।
Note :

ଏଥିରୁ ବାଦ ପଡିବେ ସେମାନଙ୍କର ପ୍ରାକଟିକାଲ ରେ ମାର୍କ କମିଯିବ ବୋଲି ଧମକ ଦେଇଥିବାର ଅଭିଯୋଗ ରହିଛି ଫଳରେ ଅଭ୍ଭିାବକ ଚୌଦ୍ୱାର ରୁ ପିଲାମାନଙ୍କ ପାଇଁ ୟୁନିଫର୍ମ କିଣିଥିଲେ ମଧ୍ୟ ୧ହଜାର ଟଙ୍କା ଜମା କରିଛନ୍ତି,କେବଳ ଏତିକି ନୁହେଁ କଲେଜ ତରଫରୁ ସମସ୍ତ




ଅଭିଭାବକ ମାନଙ୍କୁ ମୋବାଇଲରେ ମେସେଜ ଦିଆଯାଇଛି, ସେମାନେ ଓରିଏଣ୍ଟସନ କାର୍ଯ୍ୟକର୍ମଦିନ ୧୮୦୦ ଟଙ୍କା ଜମା କରନ୍ତୁ ପୁଣି ୟୁ. ରାଉତ --୮୨୮୦୧୪୦୯୨୩ ଓ ବି. ଦାସ.--୭୦୦୮୪୬୪୧୩୧ ଫୋନ ରେ ଯୋଗାଯୋଗ କରିବା ପାଇଁ ଲେଖିଛନ୍ତି, ଏହି ଘଟଣାରେ ପ୍ରିନ୍ସିପାଲଙ୍କୁ କିଛି ଗଣମାଧ୍ୟମ ବ୍ୟକ୍ତି ପଚାରିବାରୁ ସେ କହିଲେ ଏହାକୁ ବନ୍ଦ କରାଯିବ କିନ୍ତୁ ବାସ୍ତବରେ ସପ୍ଲାୟାର ଫୋନ ମାଧ୍ୟମରେ ଅଭିଭାବମାନଙ୍କୁ ଡାକି ୟୁନିଫର୍ମ ବିକୁଥିବାର ଜଣାପଡିଛି, ତେଣୁ ଏହାର ତଦନ୍ତ କଲେ ସତ୍ୟ ବାହାରକୁ ଆସିବ ବୋଲି ଚର୍ଚ୍ଚା ହେଉଚି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ଭଗବାନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଏବି ଇଓ ଧରଣୀଧର ସେଠୀ, ମୁଖ୍ୟବକ୍ତା ଭାବରେ ଶିକ୍ଷକ ରଣଜିତ ପ୍ରଧାନ, ସଂମ୍ମାନିତ ଅତିଥି ଭାବରେ ସି ଆର ସି ସି ବିଭୁତି ଭୂଷଣ ନାୟକ, ପ୍ରମୁଖ ଯୋଗଦେଇ ସମସ୍ତ ଅବସରନେଇଥିବା ଶିକ୍ଷକ ମାନଙ୍କର ନିରୋଗୀ ଜୀବନ ଅତିବାହିତ ହେବାକୁ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସୂଚନା ଥାଉ କି କ୍ଲଷ୍ଟରର ଶିକ୍ଷକ ଧନେଶ୍ୱର ବିଶ୍ୱାଳ, ରାଜେନ୍ଦ୍ର ପ୍ରସାଦ ବିଶ୍ୱାଳ, ଖିରେଶ କୁମାର ବିଶ୍ୱାଳ, ଶ୍ରୀବତ୍ସ କୁମାର



ମହାନ୍ତି, ବିମଳ ବିହାରୀ ରଣ ଭୋଇଁସା, ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ, ଜୟନ୍ତୀ କୁମାରୀ ସାହୁ ପ୍ରମୁଖ ସାତ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅବସରଗ୍ରହଣ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବିକ୍ରମ ରଣଭୋଇଂସା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ଶିକ୍ଷକ ରଜିତ କୁମାର ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ଶିକ୍ଷୟତ୍ରୀ ସୁଶ୍ରୀ ଦାଶଙ୍କ ସମେତ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ । ଶେଷରେ ଶିକ୍ଷକ ହିମାଂଶୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୌଚପାଇଁ ନଦୀକୂଳକୁ ଆସି ବନ୍ୟା ସ୍ରୋତରେ ଭାସିଗଲେ

**ଦଶରଥପୁର (ଅମୃତ ମିଡିଆ) :** ବୈତରଣୀ ଶାଖା କାଣୀ ନଦୀରେ ପ୍ରବଳ ବନ୍ୟାଜଳ ଆସିବା ଯୋଗୁଁ ନିର୍ମାଣାଧୀନ ଘାଇ ଭାଙ୍ଗିଯାଇଛି । ଏହି ଘାଇ ନିକଟରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । ଶୌଚ ପାଇଁ ନଦୀକୂଳକୁ ଯାଇଥିବା ଜଣେ ବୃଦ୍ଧ ବନ୍ୟାଜଳର ପ୍ରଖର ସ୍ରୋତରେ ଭାସିଯାଇଥିବା ଜଣାପଡ଼ିଛି । ପଟଣା ଗ୍ରାମର ବୃଦ୍ଧ ମହେଶ୍ୱର ସୁତାର ଆଜି ସକାଳେ ଶୌଚ ପାଇଁ ଘାଇ ମୁହଁ ନିକଟକୁ ଯାଇଥିଲେ । ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାଜଳ ମଧ୍ୟକୁ ପଡ଼ିଯାଇଥିଲେ ।



ନିର୍ମାଣାଧୀନ ଘାଇ ମୁହଁ ନିକଟରେ ପାଣିର ସ୍ରୋତ ଅତ୍ୟନ୍ତ ପ୍ରଖର ଥିବାରୁ ବନ୍ୟାଜଳ ତାଙ୍କୁ ଟାଣି ନେଇଥିବା କୁହାଯାଉଛି । ଘଟଣା ପରେ ସ୍ଥାନୀୟ ଓଡ୍ରାଫ ଟିମ୍ ଓ ଦଶରଥପୁର ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଆରମ୍ଭ କରାଯାଇଛି । ଦୀର୍ଘ ସମୟ ଧରି ଖୋଜାଖୋଜି ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମହେଶ୍ୱର ସୁତାରଙ୍କ କୌଣସି ସନ୍ଧାନ ମିଳିପାରିନାହିଁ । ଘଟଣାକୁ ନେଇ ପଟଣା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି । ଶୌଚ ପାଇଁ ନଦୀକୂଳକୁ ଯାଇ ବନ୍ୟା ସ୍ରୋତରେ ଭାସିଗଲେ ବୃଦ୍ଧ ।

## ବିତିଲାଣି ବର୍ଷେ,ତଦନ୍ତ ରିପୋର୍ଟକୁ ଅପେକ୍ଷା

# ବିଜେପି ସରକାର ସମୟରେ ଆଇନରେ ପାତରଅନ୍ତର: ପୂର୍ବତନ ବିଧାୟକ ସୁକାନ୍ତ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ନିର୍ବାଚନ ମଣ୍ଡଳୀରେ ୨୦୨୧-୨୨,୨୦୨୨-୨୩,୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ବେଳେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ୨୦୨୪ ମସିହା ଅପ୍ରେଲ ମାସ ୧୯ ତାରିଖରେ ପାଞ୍ଚୋଟି ପଞ୍ଚାୟତରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ । ନୀଳଗିରି ବ୍ଲକର ବରହମପୁର, ସଜନାଗଡ,କେପିଲାଖରାଜ, ବେଗୁନିଆ,ଓ ଔପଦା ବ୍ଲକର ଗଡସାହି ପଞ୍ଚାୟତରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟରେ ଅର୍ଥ ହେ ?ଫେ ? ହୋଇଥିବା ନେଇ ଏଥିରେ ବ୍ୟବହୃତ ହୋଇଥିବା ଆଞ୍ଚଳିକ ପାଣ୍ଠିର ଯାଞ୍ଚ ନିମନ୍ତେ ବିଭାଗୀୟ କମିଶନରଙ୍କୁ ଚିଠି ଲେଖିଥିଲେ ।ବିଭାଗୀୟ କମିଶନର ୨୦୨୫ ମସିହା ଅଗଷ୍ଟ ମାସ ୨୨ ତାରିଖରେ ଆଞ୍ଚଳିକ ପାଣ୍ଠିର ନିର୍ଦ୍ଦେଶକଙ୍କୁ ଚିଠି ସଂଖ୍ୟା ୨୩୨୯୮ ମୂଳେ ଉକ୍ତ ପଞ୍ଚାୟତ ଗୁଡିକର ଆଞ୍ଚଳିକ ପାଣ୍ଠିର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବା ସହିତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ହେଲେ ଉକ୍ତ ଚିଠିକୁ ଏକ ବର୍ଷ ବିତିଥିଲେ ମଧ୍ୟ ଏଯାବତ ଉକ୍ତ ପାଞ୍ଚୋଗୋଟି ପଞ୍ଚାୟତର କୌଣସି ଯାଞ୍ଚ ରିପୋର୍ଟ ଉଚ୍ଚ ଅଧିକାରୀଙ୍କୁ ପ୍ରଦାନ କରାଯାଇନଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀ ନାୟକ କ୍ଷୋଭପ୍ରକାଶ କରିଛନ୍ତି । ତେବେ ଏହି ବିଭାଗ ଅଧୀନରେ ନୀଳଗିରି ବ୍ଲକର ଆରବନ୍ଧ, ତେଲିପାଳ, ସିଆଡିମାଳ,ଔପଦା ବ୍ଲକର ଫତେପୁର, ବାହାନଗା ବ୍ଲକର ଚକଜଗନ୍ନାଥପୁର ପଞ୍ଚାୟତରେ ୨୦୧୮ ମସିହାରୁ ୨୪ ମସିହା ମଧ୍ୟରେ ହୋଇଥିବା କାର୍ଯ୍ୟରେ ଦୁର୍ନୀତି ପରିଲକ୍ଷିତ କରାଯାଇ ବର୍ତ୍ତମାନର ବିଧାୟକଙ୍କ ଦ୍ୱାରା ଚିଠି ନମ୍ବର ୩୫୭ ମୂଳେ ୨୦୨୫ ମସିହା ଅପ୍ରେଲ ମାସରେ ଏକ ଚିଠି ବିଭାଗୀୟ କମିଶନରଙ୍କୁ ଲେଖାଯାଇଥିଲା । ଯାହାର ଦୁର୍ନୀତି ଯାଞ୍ଚ ରିପୋର୍ଟ ପ୍ରକାଶ କରାଯାଇଥିବା ବେଳେ ଅନ୍ୟ ପାଞ୍ଚଗୋଟି ପଞ୍ଚାୟତରେ ହୋଇଥିବା ଦୁର୍ନୀତି ମୂଳକ କାର୍ଯ୍ୟର ଯାଞ୍ଚ ରିପୋର୍ଟ ପ୍ରକାଶ କେବେ ପାଇବ ବୋଲି କହିବା ସହ ବିଭାଗ ପକ୍ଷରୁ ପକ୍ଷପାତିତା ହେଉଥିବା ନେଇ ପୂର୍ବତନ ବିଧାୟକ କହିଛନ୍ତି ।

# ୫ଟି ଆଦିବାସୀ ସମ୍ପ୍ରଦାୟ ପାଳିଲେ ବିଶ୍ୱ ଆଦିବାସୀ ଦିବସ



**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ କିଶୋରନଗର ବ୍ଲକ ଧଉରା ପାଲି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ପାଞ୍ଚଟି ସମ୍ପ୍ରଦାୟ କୁ ନେଇ ଗଠିତ ମିଳିତ ମଞ୍ଚ ର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଦିବାସୀ ସଭାପତି ମାଗୁଣି ଚରଣ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ଅତିଥି ଭାବରେ ରାଜ୍ୟ ସଂଯୋଜକ ପ୍ୟାରୀମୋହନ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବଶିଷ୍ଠ ନାୟକ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକ ,ସଂମ୍ମାନିତ ଅତିଥି ଭାବରେ କିସାନ ସମାଜର ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, ଗଣ୍ଡ ସମାଜ ର ଜିଲ୍ଲା ସଭାପତି ସଦାଶିବ ନାୟକ, ଖଇରା ସମାଜ ସଭାପତି ମହାଦେବ ଭୋଇ, କନ୍ଧ ସମାଜ ପ୍ରଗଣା ସଭାପତି ବସନ୍ତ କୁମାର ପ୍ରଧାନ, ରାଜ୍ୟ ଗଣ୍ଡ ସମାଜ ମହିଳା ସଂଯୋଜିକା ସୁଜାତା ନାୟକ, ମେହେର ସମାଜ ସଭାପତି ରଶ୍ମି ରଞ୍ଜନ ସାହୁ, ଚୈତନ୍ୟ ବେହେରା ଯୋଗ ଦେଇ ଆଦିବାସୀ ମିଳିତ ମଞ୍ଚ ଏକତ୍ରିତ ହୋଇ ସବୁଦିନ ରହି ପାରିଲେ ସମସ୍ତଙ୍କୁ ଫାଇଦା ମିଳିବ ବୋଲି କହିବା ସହିତ ଆଦିବାସୀ ମାନେ ସରଳ, ନିଷ୍କପଟ ଓ ତାଙ୍କ ର ସଂସ୍କୃତି ପରମ୍ପରା ସବୁ ପରିବେଶ ସମ୍ପର୍କିତ ହୋଇ ଥାଏ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ଦାବୀ ପୂରଣ ସହ ବିଶ୍ୱ ଆଦିବାସୀ ଦିବସ କୁ ରାଜ୍ୟ ସରକାର ଛୁଟି ଘୋଷଣା କରିବା ପାଇଁ ସମ୍ମିଳନୀ ରେ ପ୍ରସ୍ତାବ ପାରିତ ହୋଇଥିଲା । ପ୍ରାରମ୍ଭରେ ଧଉରା ପାଲି କଲ୍ୟାଣ ମଣ୍ଡପ ନିକଟରେ ସମସ୍ତେ ଏକତ୍ରିତ ହୋଇ ମାଦଳ ବଜାଇ ତାଳେ ତାଳେ ନୃତ୍ୟ କରି ବିଭିନ୍ନ ସ୍ଲୋଗାନ ଦେଇ ପଟୁଆର ବାହାରି ବିଭିନ୍ନ ସାହି ବସ୍ତି ବ୍ଲକ ଛକ କଲେଜ ଛକ କୁ ଯାଇ ପଟୁଆର କଲ୍ୟାଣ ମଣ୍ଡପ ନିକଟ କୁ ପୁନଶ୍ଚ ଫେରିଥିଲା । ମଞ୍ଚ ନିକଟରେ କୁନିକୁନି କଳାକାର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ବିଭିନ୍ନ ସମ୍ପ୍ରଦାୟ ର ଶତାଧିକ ଆଦିବାସୀ ଭାଇ ଭଉଣୀ ଯୋଗ ଦେଇଥିଲେ କ୍ଷ ସଭା କାର୍ଯ୍ୟକ୍ରମ କୁ ଶିକ୍ଷାବିତ ଭୈରବ କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ସୋମନାଥ ମାଝୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳନ

## ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ଦଫା ଦାବିପତ୍ର

**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ କୁଇ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଆଜି ତା ଅଗଷ୍ଟ ୯ ତାରିଖ ଦିନ ବହୁ ସମାରୋହ ପାଳିତ ହୋଇ ଯାଇଛି । ଏହି ଦିବସ ପାଳନ ଅବସରରେ ରାଜ୍ୟ ଆଦିବାସୀ ସମାଜ ମହାସଂଘ କନ୍ଧମାଳ ଜିଲ୍ଲା ସଭାପତି ମନୋଜ କୁମାର ମଲ୍ଲିକ ଓ କୁଇସମାଜର ନେତା ଲମ୍ବୋଦର କହଁର ଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ସ୍ଥାନୀୟ ସର୍କିଟ ହାଉସ ଠାରୁ ବାହାରି ଫୁଲବାଣୀ ସହର ପରିକ୍ରମା କରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା । ସେଠାରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ୨୦ ଦଫା ଦାବି ପତ୍ର ଜିଲ୍ଲାପାଳ ବେଦ ଭୂଷଣ ଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ସମ୍ପାଦକ ତଥା ରାଜ୍ୟ ବିଜେପି ଆଦିବାସୀ ଯୁବ ମୋର୍ଚ୍ଚାର ଉପ ସଭାପତି ଅବନୀ କୁମାର କହଁର, ପ୍ରେମାନନ୍ଦ ମାଝୀ,ସମ୍ପାଦକ ନୀତେନ୍ଦ୍ର ନାୟକ ଓ ଫୁଲବାଣୀ କାର୍ଯ୍ୟକାରୀ ସଭାପତି ରମାକାନ୍ତ ମଲ୍ଲିକ ପ୍ରମୁଖ ଆଦିବାସୀ ଦିବସର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କ କରେ ଗଭୀର ଆଲୋକ ପାତ କରିଥିଲେ । ରମାକାନ୍ତ ପେସା ଆଇନ କୁ ଠିକ ଭାବେ ଲାଗୁ କରିବା, ଆଦିବାସୀ ଜମି ହଡପ କୁ ରୋକିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଦାବୀ କରିଥିଲେ । ଆଦିବାସୀ ପରମ୍ପରା ଓ ସଂସ୍କୃତି କୁ ଆଦିବାସୀ ଓ ସରକାର ଉଭୟ ବଜାୟ ରଖିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ । ଜଙ୍ଗଲ ଜଳ ଜମି




ଯେଉଁ ମାନେ ହଡପ କରୁଛନ୍ତି ସେମାନଙ୍କୁ ପ୍ରତିହତ କରାଯିବାକୁ ସରକାର ଓ ପ୍ରଶାସନ ପଦକ୍ଷେପ ନେବା କୁ ଦାବୀ କରିଥିଲେ । ଆଦିବାସୀଙ୍କୁ ସରକାର ଓ ପ୍ରଶାସନ ଅବହେଳା କରୁଛନ୍ତି । ଆଦିବାସୀଙ୍କ ଅଧିକାର କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ ହେବ ବୋଲି ସରକାର ଓ ପ୍ରଶାସନ ଙ୍କୁ ସତର୍କ କରାଇଦେଇଥିଲେ ରମାକାନ୍ତ ମଲ୍ଲିକ । କନ୍ଧମାଳ ନୋବଦ୍ଧୟ ବିଦ୍ୟାଳୟ ରେ ଆଦିବାସୀ ଛାତ୍ର ମୃତ୍ୟୁ ର ସଠିକ ତଦନ୍ତ ଦାବୀ ମଧ୍ୟ କରିଥିଲେ ଆଦିବାସୀ ନେତା ରମାକାନ୍ତ । କନ୍ଧମାଳର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାଙ୍ଗୁ ମଳିକ ନାମରେ ସରକାର ଏକ ବିପ୍ଲବିକ ଦିବସ ପାଳନ କରନ୍ତୁ ବୋଲି ସେ ନିବେଦନ କରିଥିଲେ । ସୁଡୁଲୀ ଗ୍ରାମର କେସନ ମଳିକ ରେଗୁଲେସନ ୨ ରେ କେଶ ଲଢ଼ି ଜେଲ ଯାଇଥିବା ଏବଂ ଆଦିବାସୀ ଜମିକୁ ସୁରକ୍ଷା ଦେଇଥିବାରୁ କୁଇ ସମାଜ ପକ୍ଷରୁ ତାଙ୍କୁ ସମ୍ମାନ ଦେବା ଆବଶ୍ୟକ ଓ ଯେଉଁମାନେ ଇଂରେଜ ବିରୁଦ୍ଧରେ ଲଢ଼ିଥିଲେ ଓ ସହିଦ ହେଇଛନ୍ତି ସେମାନଙ୍କର ସ୍ମୃତି ରକ୍ଷା କରନ୍ତୁ ସରକାର ବୋଲି ରମାକାନ୍ତ ମଳିକ ନିବେଦନ କରାଇଥିଲେ । କୁଇ ସମାଜ ସେବା ସମିତି ସମ୍ପାଦକ ଅବନୀ କୁମାର କହଁର ,ମନୋଜ ପ୍ରଧାନ, ପଞ୍ଚାନନ କହଁର, ମିଳିତ ମଞ୍ଚ ସଭାପତି ତଥା ଆଦିବାସୀ ଯୁବ ନେତା ସମୀର ଘଟାଲ ଓ ମହିଳା ମାନେ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଙ୍କୁ ୨୦ଦଫା ଦାବିପତ୍ର ପ୍ରଦାନ କରିଥିଲେ । ପରେ ବିଜୁ କଲ୍ୟାଣ ମଣ୍ଡପ ରେ ଆୟୋଜିତ ସଭାରେ ବିଶିଷ୍ଟ ଆଦିବାସୀ ନେତା ଲମ୍ବୋଦର କହଁର, କୁଇ ସମାଜ ସେବା ସମିତି ଫୁଲବାଣୀ, ମନୋଜ ପ୍ରଧାନ, ସୌରା ସମାଜ ର ସଭାପତି ପଞ୍ଚାନନ ନାୟକ,କୁଇ ସମାଜ ମୁଖ୍ୟ ସଭ୍ୟ ପଞ୍ଚାନନ କହଁର, ନାରୀ ନେତ୍ରୀ ସୌଦାମିନୀ କହଁର,ଗୀତାଞ୍ଜଳି କହଁର , ମୁଖ୍ୟ ସଭ୍ୟ ଗୌତମ ପ୍ରଧାନ , ପ୍ରେମା ମାଝୀ କନ୍ଧ ଗୌଡ଼ ସଭାପତି,କନ୍ଧ କୁମ୍ଭାର ସମାଜ ସଭାପତି ଶ୍ରୀକର ବେହେରା, ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।

# ପାଞ୍ଚବର୍ଷ ଦୁଇମାସ ହେବ ଶାନ୍ତିପୂର୍ଣ୍ଣ ଧାରଣାରେ ସେବାପ୍ରତିନିଧି



**ବାଲିଅନ୍ତା (ଅମୃତ ମିଡିଆ) :** ମିଳିତ କ୍ରିୟାନୁଷ୍ଠାନ, ସେବା ପ୍ରତିନିଧି ଦୁଇଟିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୫ବର୍ଷ ୨ମାସ ଧରି ଶାନ୍ତି ପୂର୍ଣ୍ଣ ଧାରଣ ଲିଙ୍ଗରାଜ ପାସେଞ୍ଜର ହଲଟ ନିକଟରେ ଦିଆ ଗଲାଣି ସାଂସଦ ଅପରାଜିତା ଷଡ଼ଙ୍ଗୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସାହାଯ୍ୟ ସହଯୋଗ ପାଇ ଲିଙ୍ଗରାଜ ପାସେଞ୍ଜର ହଲଟ କାମ ଚାଲୁ ଅଛି । ଦୁଃଖ ର କଥା ଯେଉଁମାନେ କାର୍ଯ୍ୟ କରୁଛନ୍ତି, ସେମାନେ ମୌ ଲିକ କାର୍ଯ୍ୟ କୁ ଦୃଷ୍ଟି ଦେଉନାହାନ୍ତି ଲିପଟି ନଥିବାରୁ ବୟସ୍କ, ଛୋଟ ପିଲା ଜିଣିଷ ଧରି ଗୋଟେ ପ୍ଲାଟ ଫରମ ରୁ, ୯୦ ସିଡ଼ି ଦେଇ ଅନ୍ୟ ପ୍ଲାଟଫର୍ମ ଯିବା କଷ୍ଟ ହେଉଛି, ପ୍ଲାଟଫର୍ମ ସଫା ଦାୟିତ୍ୱ ରେ ଥିବା ରେଳ କର୍ମ ଚାରି ବିଜିତ୍ର ପରିଡା ସଫା ପ୍ରତି ଦୃଷ୍ଟି ଦେଉ ନାହାନ୍ତି ପାହାଁଞ୍ଚ, ଷ୍ଟେସନ ଆଗ କାଦୁଅ ପାଣିରେ ବୁଡି ରହିଛି, ଥରକୁ ଥର ଅବଗତ କଲେ ସୁଫଳ ମିଳୁନାହିଁ, ଯାତ୍ରୀ ପଂକକାଦୁଆ ମାଡି ଟିକେଟ ଘର ଯାଉଛନ୍ତି, ଅପରିଷ୍କାର ବଢ଼ି ଚାଲିଛି, ଲିଙ୍ଗରାଜ ଙ୍କ ନାମ ରେ ଟ୍ରେନ ନାମକରଣ କରାଯାଇ ନାହିଁ, ଅଟୋ ଷ୍ଟାଣ୍ଡ, ଲୋକ ହାଟ, ଏକାମ୍ର ହାଟ, ଡାକ୍ତରଖାନା, ସ୍କୁଲ କଲେଜ ନିମନ୍ତେ ୫ ଟକିଆ ଆହାର ଟିକେଟ କାଉଣ୍ଟର, ଦୂରଗାମୀ ରେଳ ରହଣି ପାଇଁ ଶ୍ରୀ ମିଶ୍ର ସହିତ ଅଶୋକ କୁମାର ମହାରଣା, ସୁବାଷ ଚନ୍ଦ୍ର ପଢି, ଅଙ୍କନିଧି ପଟ୍ଟନାୟକ, ଅରୁଣ କୁମାର ସ୍ୱାଇଁ, ଦାମ ଦର ସାମନ୍ତରାୟ, ବଂଶୀଧର ପଣ୍ଡା ପିତାମ୍ବର ପଢି ରାମ ପ୍ରସାଦ ରଥ, ସୁରେଶ କୁମାର ଦାଶ, ପିତାମ୍ବର ପଢି, ସତ୍ୟ ନାରାୟଣ ସାମନ୍ତ ସିଂହ ଓ ଅନେକ ଦାବି କରିଛନ୍ତି ।

# କୁନି କୁନି ବୋଲବମ୍ ଭକ୍ତ



**ଜୟପୁର (ଅମୃତ ମିଡିଆ) :** ଶ୍ରାବଣ ମାସରେ ସମସ୍ତ ଶିବାଳୟ ଠାରେ ବୋଲବମ୍ କାଉଡ଼ିଆ ଭକ୍ତ ଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଶୈବପୀଠ ଠାରେ ଲକ୍ଷ ଲକ୍ଷ କାଉଡ଼ିଆ ଭକ୍ତ ଙ୍କ ଭିଡ଼ ଦେଖିବାକୁ ମିଳିଥାଏ, । ମହାଦେବ ଙ୍କ ପ୍ରତି ସେମାନଙ୍କର ଯେଉଁ ଭଳି ଭକ୍ତି ତାହା ଆକଳନ କରିବା ସମ୍ଭବ ନୁହେଁ । କୁନି କୁନି ବୋଲବମ୍ ଭକ୍ତ ଙ୍କ ପକ୍ଷରେ ଗୁପ୍ତେଶ୍ୱର ଯିବା ସମ୍ଭବ ହୋଇ ନଥାଏ ତେଣୁ କିଛି ବର୍ଷ ହେବ ପାୱାର ହାଉସ୍ କଲୋନୀ ର କିଛି ମହାଦେବ ଭକ୍ତ କୁନି କୁନି ବୋଲବମ୍ ଜୟପୁର ସତିନଦି ନିକଟରୁ ପାଣି ଆଣି ପାୱାର ହାଉସ୍ ଠାରେ ଥିବା ଶିବ ମନ୍ଦିର ରେ ଜଳାଭିଷେକ କରନ୍ତି ।

# ଶିକ୍ଷାଭିତ୍ତିକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର (ବ୍ୟୁରୋ) :** ଭୁବନେଶ୍ୱରର ଲୋହିୟା ଏକାଡେମୀଠାରେ ଶିକ୍ଷାଭିତ୍ତିକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ 'ମୋ ଭାରତ ଓ ମୋ ପ୍ରଧାନମନ୍ତ୍ରୀ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଳ୍ପନା ମହା' ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟ ଆରମ୍ଭରୁ ପ୍ରଥମେ




ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ସେ ପ୍ରବଚ଼ନ ମାଧରେ ନିଜର ବକ୍ତବ୍ୟ ରଖିଥିଲେ । ସେ ଚ଼ଳିତ ମାଟ୍ରିକ ପରୀକ୍ଷାରେ ପିଲାମାନେ କିପରି ଭଲ ଫଳ ଅର୍ଜନ କରିବେ ସେ ଉପରେ କହିଥିଲେ । କେତେକ ମାଟ୍ରିକ ଟପ୍ପରଙ୍କୁ ସେ ଏହି ଅବସରରେ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଆୟୋଜକମାନଙ୍କ ପକ୍ଷରୁ ତାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀମତୀ ମହା'ଙ୍କ ଏକ ୟୁନିକନ୍ ପାଉଣ୍ଡେସନ ଥିବା ଜଣାପଡିଛି ।

# ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡଚଣା ବ୍ଲକ ଅନ୍ତର୍ଗତ ଖଡଗ ପୁର ସ୍ଥିତ ଜୟଦୁର୍ଗା ନୋଡାଲ ପ୍ରାଥମିକ ବିଦ୍ୟାଳୟ ର ପରିଚାଳନା କମିଟି ଶାନ୍ତି ଶୃଙ୍ଖଳା ର ସହ ଗଠିତ ହୋଇଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ଙ୍କ ଅଧ୍ୟକ୍ଷତା ରେ ଗ୍ରାମର ଅଭିଭାବକ ମାନେ ବସି ସଭାପତି ଭାବେ ପତିତପାବନ ପାତ୍ର, ଓ ଉପ ସଭାପତି ଭାବେ ନଳିନୀ ମଲ୍ଲିକ ନିର୍ବାଚିତ ହୋଇଛନ୍ତି । ସେହିଭଳି ସଭ୍ୟ ଭାବରେ ପ୍ରଶାନ୍ତ ମଲ୍ଲିକ, ଜଗଦୀଶ ଦାସ, ଅମୀୟ ରଞ୍ଜନ ପ୍ରଧାନ, ପ୍ରିୟ ରଞ୍ଜନ ପୃଷ୍ଟି, ଜୟନ୍ତ ସାହୁ, ଲିପିକା ପରମାଣିକ, ଲକ୍ଷ୍ମୀପ୍ରିୟା ନାୟକ, ମନୁଆ ଗୁରୁ, ସିଲି ବେହେରା, ମୌସୁମୀ ବେହେରା, ଅର୍ଚ୍ଚନା ଦାସ, ଓ କୁନିଲତା ମଲ୍ଲିକ ପ୍ରମୁଖ ୧୨ ଜଣ ସଭ୍ୟ ମନୋନୀତ ହୋଇଥିଲେ ।

# ଅଏଲ ପାମ୍ ଚାଷର ହବ୍ ହେବ କଳାହାଣ୍ଡି

## ୩ବର୍ଷରେ ୨୭୫ରୁ ପହଞ୍ଚିଲାଣି ୧୫୨୬ ହେକ୍ଟର

**କଳାହାଣ୍ଡି (ଅମୃତ ମିଡ଼ିଆ) :** ଦିନ ଥିଲା ପାମ୍ ରିଫାଇନ ତେଲ ଅନ୍ୟ ଦେଶରୁ ଆଣି ଭାରତରେ ବିକ୍ରି କରାଯାଉଥିଲା। ଏବେ ସମୟ ବଦଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଅଏଲ୍ ପାମ୍ ଚାଷ ଓଡ଼ିଶାରେ ଆରମ୍ଭହୋଇଛି। ଏହା ଆତ୍ମନିର୍ଭର ଭାରତ ପାଇଁ ଏକ ସୁଯୋଗ ସୃଷ୍ଟି କରିଥିବାବେଳେ ଏଥିରେ ଚାଷୀ ସ୍ୱାବଲମ୍ବୀ ହୋଇପାରିବ। କଳାହାଣ୍ଡି ଜିଲାରେ ସରକାରୀ ସ୍ତରର ୨୦୨୩-୨୪ ଆର୍ଥିକ ବର୍ଷରୁ ଆରମ୍ଭହୋଇଛି ଏହି ଚାଷ। ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲାରେ ୨୭୫.୭୫ ହେକ୍ଟର ଜମିରେ ଅଏଲ ପାମ୍ ଚାଷ ହୋଇଛି। ସେହିପରି ୨୦୨୪-୨୫ରେ ୪୧୩.୨୫ ଓ ୨୦୨୫-୨୬ରେ ୮୩୭.୧୦ ହେକ୍ଟର ଜମିରେ ଏହି ଚାଷ ହୋଇଛି ଉପରୋକ୍ତ ୩ ଆର୍ଥିକ ବର୍ଷରେ ମୋଟ ୧୫୨୬ ହେକ୍ଟର ଜମିରେ ଅଏଲ ପାମ୍ ଚାଷ ହୋଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୫୫୦ ହେକ୍ଟର



### ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ୩୬୦ ହେକ୍ଟର ଚାଷ
### ଚଳିତବର୍ଷ ୫୫୦ ହେକ୍ଟର ଚାଷ ଲକ୍ଷ

ଜମିରେ ଚାଷ ହେବା ଲକ୍ଷ୍ୟ ରଖାଯାଇଛି। ଯାହାକି ବର୍ତମାନ ସୁଦ୍ଧା ଶହେ ହେକ୍ଟର ପାର ହୋଇ ସାରିଲାଣି। ଗତ ଜୁଲାଇ ଶେଷ ସୁଦ୍ଧା ଜିଲାର ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ପ୍ରାୟ ୩୬୦ ହେକ୍ଟର ଜମିରେ ଅଏଲ ପାମ୍ ଚାଷ ହୋଇଛି। ସେହିପରି ଏହା ତଳକୁ ଜୁନାଗଡ଼ ବ୍ଲକରେ ୨୬୬ ହେକ୍ଟର, ଏମ୍.ରାମପୁର ୧୪୩, ଥୁଆମୂଳ ରାମପୁର ୧୪୧, ନର୍ଲା ୧୩୪, କେସିଙ୍ଗା ୧୦୪, କୋକସରା ୮୩,ଭବାନୀପାଟଣା ୮୦, କର୍ଲାମୁଣ୍ଡା ୭୫, ଗୋଲାମୁଣ୍ଡା ୭୦, ଜୟପାଟଣା ୬୯, କଲମପୁର ୫୦ ଓ ଧର୍ମଗଡ଼ ବ୍ଲକରେ ୪୭ହେକ୍ଟର ଜମିରେ ଏହି ଚାଷ ହୋଇଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସର୍ଭେ ସାଇ ଇଡ଼ିବଲ ଓଏଲ ନାମକ ଏକ କମ୍ପାନୀ ସହାୟତାରେ କଳାହାଣ୍ଡିରେ ଚାଷୀମାନେ ଏହି ଅଏଲ ପାମ ଚାଷ କରୁଛନ୍ତି। ଏହି କମ୍ପାନୀ ଚାରା ଯୋଗାଇବା ସହ ଉତ୍ପାଦନ ହେଉଥିବା ଅଏଲ ପାମକୁ ନେଉଥିବା ଜଣାପଡିଛି। ଗୋଟିଏ ପାମ ଗଛ ୨୦ରୁ ୨୫ ବର୍ଷ ଧରି ଚାଷୀଙ୍କୁ ରୋଜଗାର ଦେଇଥାଏ। ଏହି ଚାଷ କରିବାକୁ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଛି। ବ୍ଲକ ସ୍ତରରେ ଉଦ୍ୟାନ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଚିହ୍ନଟ କରୁଛନ୍ତି। ଏହି ଚାଷର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ହେକ୍ଟର ପିଛା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ୫୨୫୦ ଟଙ୍କା ସହାୟତା ଯୋଗାଇ ଦିଆଯାଉଛି। ଏହି ହିସାବରେ ୪ ବର୍ଷ ଯାଏ ୨୧ ହଜାର ଟଙ୍କା ଚାଷୀଙ୍କୁ ମିଳିବ। ସେହିପରି ଏହି ଚାଷ ଭିତରେ ମଧ୍ୟ ବିଭିନ୍ନ ପ୍ରକାର ପନିପରିବା, ଡାଲିଜାତୀୟ, ତୈଳବୀଜ ଚାଷ କଲେ ମଧ୍ୟ ଅତିରିକ୍ତ ୫୨୫୦ ଟଙ୍କା ସହାୟତା ରାଶି ବିଭାଗ ପକ୍ଷରୁ ଚାଷୀଙ୍କୁ ଦିଆଯାଉଛି। ଏହି ହିସାବରେ ୪ ବର୍ଷ ଯାଏ ୨୧ ହଜାର ଟଙ୍କା ଚାଷୀଙ୍କୁ ମିଳିବ। ଯଦ୍ୱାରା ଚାଷୀ ବେଶ ଲାଭାନ୍ୱିତ ହୋଇପାରୁଛନ୍ତି। ଜଳସେଚନ ପାଇଁ ମଧ୍ୟ ଚାଷୀଙ୍କୁ ଗଭୀର ନଳକୂପ ଖୋଲିଲେ ଅତି ବେଶୀରେ ୫୦ ହଜାର ଟଙ୍କାର ସହାୟତା ରାଶି ମଧ୍ୟ ଯୋଗାଇ ଦିଆଯାଉଛି ଓ ଜିଲାରେ ଧାନ ଚାଷ ବହୁଳ ପରିମାଣରେ କରାଯାଉଥିବାବେଳେ ଏବେ ସ୍ଥାନୀୟ ଚାଷୀମାନେ ମଧ୍ୟ ଅଏଲ ପାମ ଚାଷ ପ୍ରତି ଧ୍ୟାନ ଦେଉଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଧାନ ଚାଷ ପରି କଳାହାଣ୍ଡି ମଧ୍ୟ ଅଏଲ ପାମ ଚାଷର ହବ୍ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଏହା ଏକ ଲାଭଜନକ ଫସଲ ହୋଇଥିବାବେଳେ ଚଳିତବର୍ଷ ଜିଲାରେ ଆହୁରି ୫୫୦ ହେକ୍ଟର ଜମିରେ ଅଏଲ ପାମ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି ଓ ଚାଷୀଙ୍କୁ ଏଥିପ୍ରତି ସଚେତନ ମଧ୍ୟ କରାଯାଉଛି ବୋଲି ସହକାରୀ ଉଦ୍ୟାନ ନିର୍ଦ୍ଦେଶିକା ମୋନାଲିସା ପ୍ରଧାନ ପ୍ରକାଶ କରିଛନ୍ତି।

# ତାମିଲନାଡୁରୁ ଆସିପାରିଲାନି ଯୁବକଙ୍କ ମୃତଦେହ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କୌଣସି ନା କୌଣସି କାରଣରୁ ରାଜ୍ୟ ବାହାର କୁ ରୋଜଗାର କରିବାକୁ ଯାଉଥିବା ଶ୍ରମିକ ଟିଏ ଯଦି ସଶରୀରରେ ଗାଁ ଫେରିନପାରେ, ମୃତ୍ୟୁ ପରେ ଶବ ବି ଆସି ନ ପାରେ ତେବେ ତା ଠାରୁ ବଳି ଦୁଃଖ କଣ ହୋଇପାରେ ଓ ଏପରି ଏକ ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ଅଞ୍ଚଳ ରେ ଏହି ବ୍ଲକର ଗଜବାହାଲ ପଞ୍ଚାୟତର ଅବୁଜବାହାଲ ଗ୍ରାମର ବେଣୁଧର ସାହୁଙ୍କ ପୁଅ ସୀମାଞ୍ଚଳ ସାହୁ (୩୦)। ପ୍ରାୟ ୬ମାସ ତଳେ ରୋଜଗାର ପାଇଁ ତାମିଲନାଡୁର ତ୍ରିପୁର ଅଞ୍ଚଳକୁ ଯାଇଥିଲେ। ସେ ପୂର୍ବରୁ ମଧ୍ୟ ଅତୀତରେ ସେଠାରେ ସେ ତିନିବର୍ଷ ଥିଲେ। ତେବେ ଶୁକ୍ରବାର ହଠାତ ଝାଡାବାନ୍ତି ହେବାରୁ ସହଯୋଗୀମାନେ ସ୍ଥାନୀୟ ମେଡିକାଲରେ ଭର୍ତ୍ତୀ କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ୫ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଶବକୁ ନିଜ ଗାଁକୁ ଆଣିବା ପାଇଁ ଚେଷ୍ଟା କରିଥିଲେ। ସ୍ୱେଚ୍ଛାସେବୀ ରକ୍ତଦାତା ରବିନାରାୟଣ ସାହୁ ଯାଗାଯୋଗ କରି ଏଦିଗରେ ଗୋଲାମୁଣ୍ଡ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ସଞ୍ଜୟ ମହାରଣା ଗୋଲାମୁଣ୍ଡା ବିନ୍ଦୁ ଫାଉଣ୍ଡେସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏପରିକି ଫାଉଣ୍ଡେସନ ପକ୍ଷରୁ ଏୟାରଲିଫ୍ଟ ପାଇଁ ଫ୍ଲାଇଟ ବୁକିଂ ମଧ୍ୟ ସରିଥିଲା। ତେବେ ମେଡିକାଲରେ ସୀମାଞ୍ଚଳଙ୍କ ରେଜିଷ୍ଟ୍ରେସନରେ ଭୁଲ ରହିଥିଲା ଓ ଯଦ୍ୱାରା ସେଠାରୁ ଶବ ଛଡାଗଲା ନାହିଁ। ନିଜେ ମେଡିକାଲ କର୍ମଚାରୀ ନାମ ଭୁଲ ଲେଖୁଥିବା ବେଳେ ତାର ଶୀକାର ହେଲେ ମୃତକଙ୍କ ପରିବାର। ସକାଳେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ତ୍ରୁଟି ଯୋଗୁଁ ଶବ ଛଡା ଗଲା ନାହିଁ। ଫଳରେ ସେଠାରେ ଶନିବାର ଦିନ ୨ଟାରେ ଶବସତ୍କାର କରାଯାଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାଯାଇଛି। ସୂଚନାଯୋଗ୍ୟ, ସୀମାଞ୍ଚଳ ପ୍ରାୟ ଦୁଇବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଦେଢବର୍ଷର ଝିଅ ମଧ୍ୟ ଅଛି ଏବେ ସ୍ତ୍ରୀ ରାଜେନ୍ଦ୍ରୀ ଓ କୁନି ଝିଅ ବାହୁନି ବାହୁନି କାନ୍ଦୁଛନ୍ତି। ସ୍ୱାମୀର ମୁହଁ ଦେଖିନପାରିବାରୁ ସ୍ତ୍ରୀର କାନ୍ଦ କୋହ ସମ୍ଭାଳି ପାରୁନାହାନ୍ତି। ମୃତକଙ୍କ ପରିବାରରେ ସୀମାଞ୍ଚଳ ଜଣେ ରୋଜଗାରିଆ ପୁଅ ହୋଇଥିବାରୁ ଅସହାୟ ସ୍ତ୍ରୀ, ଝିଅର ପ୍ରତିପୋଷଣ ପାଇଁ ପ୍ରଶାସନ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଅଙ୍କୁର ଶିଶୁ ସାହିତ୍ୟ ସଂସଦର କବିତା ପାଠୋତ୍ସବ



**ବଲାଙ୍ଗୀର (ଅମୃତ ମିଡିଆ) :** ଅଙ୍କୁର ଶିଶୁ ସାହିତ୍ୟ ସଂସଦ ବଲାଙ୍ଗିର ତରଫରୁ ବିଶ୍ୱାମ୍ ବିଦ୍ୟା ମନ୍ଦିର, ଆନନ୍ଦ ନିକେତନ ଖୁଜେନପାଲି ବଲାଙ୍ଗିରଠାରେ ଶିଶୁମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କବିତା ପାଠୋତ୍ସବରେ ଅଙ୍କୁର ଶିଶୁ ସାହିତ୍ୟ ସଂସଦର ସଭାପତି କସ୍ତୁରୀ ରଥ ସଭାପତିତ୍ୱ କରି ଶିଶୁମାନଙ୍କର ଅନ୍ତଃନିହିତ, ଶିଶୁ ସୁଲଭ କବି ପ୍ରତିଭାକୁ ପ୍ରଶଂସିତ କରି ଜନ୍ମଦିବସ, ବିବାହ ଦିବସ ମାନଙ୍କରେ ଛୋଟ ଛୋଟ କବିତା ମାଧ୍ୟମରେ ଶୁଭେଚ୍ଛା ଜଣାଇବା ପାଇଁ ପରାମର୍ଶ ଦେଇଥିଲେ । ସଂପାଦକ ଡା. ଅଶୋକ କୁମାର ସେଠୀ ଅନୁଷ୍ଠାନ ଗଠନ ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସହ ସଂପାଦକ ସୁରଥ ସାହୁ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ । ଡ. ସୁଶାନ୍ତ କୁମାର ପ୍ରଧାନ, ତରୁଣ ତ୍ରିପାଠୀ, ନେତ୍ରାନନ୍ଦ ପାଣିଗ୍ରାହୀ, ଦୁର୍ଗାଚରଣ ସାହୁ, ଦିପିକା ସାହୁ, ନୌକାନ୍ତି ବାଗ, ରାଜେଶ୍ୱରୀ ଦାସ, ସ୍ନେହାରାଣୀ ଖୁଆସ, କବିତା ପଠନ କରିଥିଲେ, ଅଂଶୁମାନ ମହାପାତ୍ର ଓ ଆଦ୍ୟାଶା ସାହୁ କବିତା ଗୁଡିକୁ ସଂଯୋଜନା କରିଥିଲେ । ପରିଶେଷରେ ବିଦ୍ୟାଳୟର ସଂଯୋଜକ ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନ୍ଧେକେଲା ମା' ଦ୍ୱାରସେନୀ ମନ୍ଦିରରୁ ଚୋରି

**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଥାନା ଅଞ୍ଚଳରେ ଅଧିଷ୍ଠାତ୍ରୀ ଦେବି ମା' ଦ୍ୱାରସେନି ମନ୍ଦିର ରୁ ଚୋରି ଅଭିଯୋଗ ହୋଇଛି। ମନ୍ଦିରରେ ଥିବା ମା'ଙ୍କ ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରେ ଥିବା ଟଙ୍କା ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋର ମାନେ ମନ୍ଦିରର ଗ୍ରିଲ୍ ଗେଟ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାପଡ଼ିଛି। ଖବର ପାଇ ମନ୍ଦିର କମିଟିର ସଦସ୍ୟ ଓ ଗ୍ରାମବାସୀ ମନ୍ଦିରରେ ପହଞ୍ଚିଥିଲେ। ପରେ ତୁରନ୍ତ ସିନ୍ଧେକେଲା ପୋଲିସକୁ ଖବର ଦିଆଯାଇଥିଲା। ଚୋରକୁ ଧରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ବଲାଙ୍ଗୀର (ଅମୃତ ମିଡିଆ) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଲେଜ ଛକ, ବଲାଙ୍ଗୀର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ଶ୍ରୀ ବିକ୍ରମ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀ ଆନନ୍ଦ ଚନ୍ଦ୍ର ବଡ଼ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ରୂପେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜ୍ଞାନ ର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିର ପ୍ରମୁଖ ଶୁକଦେବ ସେଠ ଅତିଥି ପରିଚୟ କରିଥିଲେ। ସମ୍ପାଦକ ନିଳାଚଳ ଚିରଗୁନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ ଗୋଦାବରୀଶ ରଥ, ଗିରୀଶ ଚନ୍ଦ୍ର ବେହେରା, ଡୋଳାମଣି ଗଡତ୍ୟା, ମିତ୍ରଭାନୁ ପ୍ରଧାନ, ଫିରୋଜ ସାହୁ, ନବକିଶୋର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଜ୍ଞାନ ମେଳାରେ ପ୍ରାୟ ୧୫୦ଟି ପ୍ରକଳ୍ପ ଆସିଥିଲା। ବିଜ୍ଞାନ ପ୍ରମୁଖ ଅନଙ୍ଗ ଗୁରୁଜୀଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟ କର୍ମଟି ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସୁନ୍ଦର ଭାବରେ ସମାହିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ରବୀନ୍ଦ୍ର କୁମାର ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଦେଶଭକ୍ତି ସଂସ୍କୃତ ପ୍ରତିଯୋଗିତା ଆୟୋଜିତ

**ବଲାଙ୍ଗୀର (ଅମୃତ ମିଡିଆ) :** ସଂସ୍କୃତ ଭାରତୀ ଦ୍ୱାରା ସ୍ୱର୍ଗତ ପଣ୍ଡିତ ଟିକେଶ୍ୱର ଗୁରୁ ମହୋଦୟଙ୍କ ସ୍ମୃତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୬ ଅବସରରେ ସଂସ୍କୃତଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂସ୍କୃତ ପ୍ରତିଯୋଗିତାର ଆୟୋଜନ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗୀର ଠାରେ ହୋଇଥିଲା। ବିଭିନ୍ନ ବ୍ଲକ୍‌ର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରିଥିଲେ। ସଂସ୍କୃତ ଦେଶଭକ୍ତି ଶ୍ଳୋକ ଉଚ୍ଚାରଣ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସୃଜନୀ ଶୁଭଲକ୍ଷ୍ମୀ ନାୟକ, ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨, ବଲାଙ୍ଗିର। ଦ୍ୱିତୀୟ ସ୍ଥାନରେ ରତ୍ନପର୍ଣ୍ଣା ରଣା (ଷଷ୍ଠ ଶ୍ରେଣୀ), ଓଏଭି ପଥରଚେପା, ବଲାଙ୍ଗିରଞ୍ଚ ଏବଂ ତୃତୀୟ ସ୍ଥାନରେ ଓଜେଶ ତ୍ରିପାଠୀ (ଚତୁର୍ଥ ଶ୍ରେଣୀ), ବିନାୟକ ପବ୍ଲିକ ସ୍କୁଲ, କୁଶଙ୍ଗ, ଲୋଇସିଂହା ସ୍ଥାନ ପାଇଛନ୍ତି। ସଂସ୍କୃତ ଦେଶଭକ୍ତି ଗୀତ ଗାୟନ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଅନ୍ୱଶିକା ଗୁରୁ (ଅଷ୍ଟମ ଶ୍ରେଣୀ), ଲିଟିଲ୍ ଫ୍ଲାୱର ସ୍କୁଲ, ବଲାଙ୍ଗିର। ଦ୍ୱିତୀୟ ସ୍ଥାନରେ ଶ୍ରୀମୟୀ ପଣ୍ଡା (ନବମ ଶ୍ରେଣୀ), ଏସ୍ଏସ୍ଭିଏମ୍, କଦମପଡ଼ା ଏବଂ



ତୃତୀୟ ସ୍ଥାନରେ ପ୍ରଜ୍ଞା ବେହେରା (ଦଶମ ଶ୍ରେଣୀ), ଓଏଭି ପଥରଚେପାଞ୍ଚ ରହିଛନ୍ତି। ସେହିପରି ସଂସ୍କୃତ ଭାଷଣ ବିଭାଗରେ ପ୍ରଥମ ସ୍ଥାନ ବିନ୍ଦିୟା ବେହେରା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିକାର କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଦିତ୍ୟ ପ୍ରକାଶ ଦାଶ, ଓଏଭି ପଥରଚେପା ଏବଂ ତୃତୀୟ ସ୍ଥାନରେ ସରୋଜ ପ୍ରଧାନ, ଜେଏସ୍ଏମ୍ ହାଇଅର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗିର ସ୍ଥାନ ହାସଲ କରିଛନ୍ତି। ବିଜେତା ପ୍ରତିଯୋଗୀମାନଙ୍କୁ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମନୋହର ପଡ଼ିଆରେ ସମ୍ମାନିତ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷା, ସାହିତ୍ୟ ଓ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏପରି ପ୍ରତିଯୋଗିତା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଏହାଦ୍ୱାରା ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଏବଂ ଜନଜାଗରଣ ସୃଷ୍ଟି କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ସଂସ୍କୃତ ଭାରତୀ, ଉତ୍କଳ ପଶ୍ଚିମପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ଶେଷଦେବ ମିଶ୍ର, ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା, ପ୍ରାନ୍ତ ସହ ମନ୍ତ୍ରୀ ମାନସ ରଞ୍ଜନ ସାହୁ। ଦେଶଭକ୍ତିମୂଳକ ସଂସ୍କୃତ ପ୍ରତିଯୋଗିତା କେବଳ ଏକ ଭାଷାଭିତ୍ତିକ ପ୍ରତିଯୋଗିତା ନୁହେଁ; ଏହା ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ, ଭାରତୀୟ ସଂସ୍କୃତି ଓ ଜାତୀୟ ଏକତାର ଭାବନାକୁ ଦୃଢ଼ କରେ ବୋଲି ବିଶ୍ୱହିନ୍ଦୁ ପରିଷଦ ର ପ୍ରାନ୍ତ ସମ୍ପାଦିକା ସରସ୍ୱତୀ ନନ୍ଦ ଏବଂ ଓକିଲ ଜୟରାମ ମିଶ୍ର କହିଥିଲେ। ଏହି ପ୍ରତିଯୋଗିତା ରେ ଜିତେନ୍ଦ୍ର ଦଣ୍ଡସେନା, ରାଜକିଶୋର ମିଶ୍ର, ପ୍ରଦ୍ୟୁମ୍ନ ବଘାର, ରିଷବ ନାଏକ, ଶମ୍ଭୁ ପ୍ରସାଦ ଦାସ, ରାଜକିଶୋର ପଣ୍ଡା , ସ୍ୱାଗତିକା ଷଡ଼ଙ୍ଗୀ, ପଦ୍ମାଳୟା ତ୍ରିପାଠୀ, ମୟୁରୀ ପାଢ଼ୀ, ଜୟଶ୍ରୀ ପୋଡ଼ ଆଦି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଧର୍ମରାଜ ବାଗ, ରୋହିତ କଠାର, ମାନସୀ ସାହୁ ଆଦି କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ। ଏ ଅବସରରେ ସମସ୍ତ ପ୍ରତିଯୋଗୀମାନଙ୍କୁ ଯଥାର୍ଥ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା।

# ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସଂଗଠନ ସଜାଡ଼ିବାକୁ ଦିବ୍ୟଶଙ୍କରଙ୍କ ବୈଠକ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନେଇ ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ଏବେଠାରୁ ରାଜନୈତିକ ଗତିବିଧି ଜୋର୍ ଧରିବାର ସଙ୍କେତ ମିଳିଛି। ଜୁନାଗଡ଼ ଓ କୋକସରା ବ୍ଲକରେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରେ ଆହୁରି ସକ୍ରିୟ କରିବା ସହ ଆଗାମୀ ପଞ୍ଚାୟତ ଲଢ଼େଇ ପାଇଁ ଏକ ସୁସଂଗଠିତ ରଣନୀତି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏକ ହୋଟେଲ୍ ?ରେ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ମନ୍ଥନ ହୋଇଥିବା ଜଣାପଡ଼ିଛି। ଜୁନାଗଡ଼ ବିଧାୟକ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଜୁନାଗଡ଼ ଓ କୋକସରା ବ୍ଲକର ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଏହି ଆଲୋଚନାରେ ସାମିଲ ହୋଇଥିବା ବେଳେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ଆସନଠାରୁ ଆରମ୍ଭ କରି ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ ପଦ ପର୍ଯ୍ୟନ୍ତ ଦଳ କିପରି ନିଜର ସ୍ଥିତିକୁ ମଜବୁତ କରି ବିଜୟ ହାସଲ କରିପାରିବ, ତାହାକୁ ନେଇ ବିସ୍ତୃତ ମନ୍ଥନ ହୋଇଥିବା କୁହାଯାଉଛି। ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠନର ବର୍ତ୍ତମାନ ସ୍ଥିତି, କର୍ମୀଙ୍କ ମଧ୍ୟରେ ସମନ୍ୱୟ, ସ୍ଥାନୀୟ ନେତୃତ୍ୱକୁ ସକ୍ରିୟ କରିବା, ତୃଣମୂଳ କର୍ମୀଙ୍କୁ ଏକାଠି ରଖିବା ଏବଂ ଭୋଟରଙ୍କ ସହ ସିଧାସଳଖ ସମ୍ପର୍କକୁ ଆହୁରି ଦୃଢ଼ କରିବା ଭଳି ପ୍ରସଙ୍ଗ ଏହି ଆଲୋଚନାର କେନ୍ଦ୍ରରେ ରହିଥିବା ସୂଚନା ମିଳିଛି। ବିଶେଷକରି ପ୍ରତ୍ୟେକ ପଞ୍ଚାୟତର ରାଜନୈତିକ ସମୀକରଣକୁ ନଜରରେ ରଖି ସଂଗଠନକୁ ଆଗକୁ ନେବା ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ଥିବା ମତାନ୍ତରକୁ ଦୂର କରି ଏକଜୁଟ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇବା ଉପରେ ଗୁରୁତ୍ୱ ଦିଆଯାଇଥିବା କୁହାଯାଉଛି। ପଞ୍ଚାୟତ ନିର୍ବାଚନରେ ସ୍ଥାନୀୟ ନେତୃତ୍ୱ, ପ୍ରାର୍ଥୀ ଚୟନ, କର୍ମୀଙ୍କ ସକ୍ରିୟତା ଓ ଗ୍ରାମସ୍ତରର ସମୀକରଣ ନିର୍ଣ୍ଣାୟକ ହେଉଥିବାରୁ ଏବେଠାରୁ ସଂଗଠନକୁ ପ୍ରସ୍ତୁତ କରିବା ଦିଗରେ ଏହି ବୈଠକକୁ ରାଜନୈତିକ ମହଲରେ ଗୁରୁତ୍ୱର ସହ ଦେଖାଯାଉଛି। ତେବେ ହୋଟେଲ୍‌ରେ ହୋଇଥିବା ଏହି ରଣନୀତି ବୈଠକରେ କେଉଁ କେଉଁ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇଛି କିମ୍ବା ପ୍ରାର୍ଥୀ ଚୟନ ସମ୍ପର୍କରେ କୌଣସି ଆଲୋଚନା ହୋଇଛି କି ନାହିଁ, ସେନେଇ ଉପଲବ୍ଧ ତଥ୍ୟରେ ସ୍ୱଷ୍ଟତା ନାହିଁ। ତଥାପି ଜୁନାଗଡ଼ ଓ କୋକସରାର ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ କ୍ୟାପ୍ଟେନ୍ ମିଶ୍ରଙ୍କ ଏହି ମନ୍ଥନ ଆଗାମୀ ଦିନରେ ଜୁନାଗଡ଼ ରାଜନୀତିକୁ ଆହୁରି ସରଗରମ କରିବା ସହ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର ପ୍ରାରମ୍ଭିକ ସଂଗଠନାତ୍ମକ ପ୍ରସ୍ତୁତିର ସଙ୍କେତ ଦେଇଛି।

# ୨୫କିମି ପଦଯାତ୍ରାରେ ଗର୍ଜିଲେ ଚାଷୀ

## ପଦଯାତ୍ରାରେ ବହୁ ଚାଷୀ ସାମିଲ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ଚାଷୀଙ୍କ ସମସ୍ୟା ପ୍ରତି ସରକାରୀ ଉଦାସୀନତା ଏବଂ ଶସ୍ୟବୀମା ପଞ୍ଜିକରଣଠାରୁ ଆରମ୍ଭ କରି ସାର ଯୋଗାଣ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ଗୋଲାମୁଣ୍ଡା ବ୍ଲକର ଚାଷୀ। କଳାହାଣ୍ଡି ଜନସଂଗ୍ରାମ ସମିତି ପକ୍ଷରୁ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରାୟ ୩୦୦ ଜଣ ଚାଷୀ ଗୋଲାମୁଣ୍ଡାରୁ ଧର୍ମଗଡ଼ ପର୍ଯ୍ୟନ୍ତ ପ୍ରାୟ ୨୫ କିଲୋମିଟର ପଦଯାତ୍ରା କରିଥିଲେ। ପରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ଓ ଜନସଂଗ୍ରାମ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଗୋଲାମୁଣ୍ଡା ବ୍ଲକ ଏକ କୃଷି ପ୍ରଧାନ, ଆଦିବାସୀ ଅଧ୍ୟୁଷିତ ତଥା ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ। ବ୍ଲକର ପ୍ରାୟ ୮୦ ପ୍ରତିଶତ ପରିବାର ଚାଷ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ଚାଷୀମାନେ ପ୍ରତିବର୍ଷ ବିଭିନ୍ନ ପ୍ରାକୃତିକ ଓ ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେଉଥିବା ସମିତି ପକ୍ଷରୁ କୁହାଯାଇଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନ ବିକ୍ରୟ ପଞ୍ଜିକରଣ ଓ ଶସ୍ୟବୀମା ପଞ୍ଜିକରଣରେ ଏଗ୍ରିଷ୍ଟାକ୍ ବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ ସମସ୍ୟାରେ ପଡୁଛନ୍ତି। ତେଣୁ ଏହି ବ୍ୟବସ୍ଥାକୁ ହଟାଇ ଚାଷୀଙ୍କ ପାଇଁ ସରଳ ପଞ୍ଜିକରଣ



ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥି ସହ ୨୦୨୬-୨୭ ଆର୍ଥିକ ବର୍ଷରେ ଜଙ୍ଗଲ ଜମି ପଟ୍ଟା ଓ ରଇତାନୀ ପଟ୍ଟା ହିତାଧିକାରୀଙ୍କ ଶସ୍ୟବୀମା ଦରଖାସ୍ତ ଅଫଲାଇନ୍ ମାଧ୍ୟମରେ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଗୋଲାମୁଣ୍ଡା ବ୍ଲକରେ ସାରର କଳାବଜାରୀ ଏବଂ ଚଢ଼ାଦରରେ ସାର ବିକ୍ରି ହେଉଥିବା ନେଇ ମଧ୍ୟ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଆବଶ୍ୟକ ସମୟରେ ଉଚିତ ଏବଂ ଏହାର ସିଧାସଳଖ ପ୍ରଭାବ ଚାଷୀଙ୍କ ଆର୍ଥିକ ସ୍ଥିତି ଉପରେ ପଡୁ। ସାର କଳାବଜାରୀରେ ସମ୍ପୃକ୍ତ ଦୋକାନୀମାନଙ୍କୁ ଚିହ୍ନଟ କରି ଲାଇସେନ୍ସ ରଦ୍ଦ କରିବା ସହ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନେ କହିଛନ୍ତି ଯେ, ସେମାନଙ୍କ ଦାବିଗୁଡ଼ିକ ପ୍ରତି ସରକାର ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହ ଶସ୍ୟବୀମା ପଞ୍ଜିକରଣ ଓ ସାର ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ସେମାନେ ଦାବି କରିଛନ୍ତି। ଚାଷୀଙ୍କ ଏହି ଅଭିଯୋଗ ଉପରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ କି ପଦକ୍ଷେପ ନେଉଛନ୍ତି, ତାହାକୁ ନେଇ ଏବେ ଚାଷୀ ମହଲରେ ଅପେକ୍ଷା ରହିଛି। ଏହି ପଦଯାତ୍ରାରେ ଅଶାରୁ ମାଝୀ, ଟିକେ ମାଝୀ, ଜଗବନ୍ଧୁ ମାଝୀ, ଭୁଜାନ ମାଝୀ, ରୁଷୀ ମାଝୀ, ମଧୁସୂଦନ ମାଝୀ, ଜୟରାମ ମାଝୀ, ଭୁମି ମାଝୀ, ଯୁଧିଷ୍ଠିର ମାଝୀ, କୁମୁଦ ଗହିର, ପିତ ସିପକା, ତୁସାର ସୁନାନୀ, ରିଦ୍ର ମଙ୍ଗରାଜ, ଘନ ରାଣା, ସନ୍ତୋଷ ମାଝୀ, କବିରାଜ ମଙ୍ଗରାଜ, ଜାମା ଧାରୁଆ, ଅକାଲୁ ମାଝୀ ଓ କୁଶ ମାଝୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



## ପାଟଣା ବନାଞ୍ଚଳରେ ୨୮ଟିକିଆ ହାତୀଙ୍କ ଉପଦ୍ରବ

# ଭାଙ୍ଗୁଛନ୍ତି ଘର, ନଷ୍ଟ କରୁଛନ୍ତି ଧାନ-ମକା ଓ ପନିପରିବା ଚାଷ

**ବାରିପଦା/ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳରେ ଏବେ ହାତୀ ମାନଙ୍କ ଆତଙ୍କ ଚରମ ସୀମାରେ। ଗୋଟିଏ କି ଦୁଇଟି ନୁହେଁ, ପାଖାପାଖି ୨୮ଟି ହାତୀଙ୍କ ଚଳପ୍ରଚଳ ଯୋଗୁଁ ବନାଞ୍ଚଳ ସମେତ ଆଖପାଖ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀପଲ ଦିନକୁ ଦିନ ଜନବସତି ଆଡ଼କୁ ମୁହାଁଇବା ସହ ଘରଦ୍ୱାର ଭାଙ୍ଗିବାଠାରୁ ଆରମ୍ଭ କରି ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଶନିବାର ପାହାନ୍ତିଆ ସମୟରେ ସାହାରପଡ଼ା ବନପାଳ ଅଧୀନ ଦମାହୁଦା ବିଟ୍ ?ର ଡାଲପକା ଗ୍ରାମରେ ଏକ ଗୋଠଛଡ଼ା ଦନ୍ତା ହାତୀ ମନୋଜ ମାଝିଙ୍କ ଘର ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଭୋର ସମୟରେ ଘର ନିକଟରେ ଦନ୍ତାର ଉପସ୍ଥିତି ଓ ଘର ଭାଙ୍ଗିବା ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଭୟ ଖେଳିଯାଇଛି। ଅନ୍ୟପକ୍ଷରେ, ପାଟଣା ବନାଞ୍ଚଳରେ ପ୍ରାୟ ୨୦ଟି ହାତୀଙ୍କ ଏକ ପଲ ଗତ ୧୮ ଦିନ ଧରି ଡେରା ପକାଇଥିବା ଅଭିଯୋଗ ହୋଇଛି। ହାତୀପଲ ଗ୍ରାମ





ନିକଟବର୍ତ୍ତୀ ଅଞ୍ଚଳକୁ ପଶି ଧାନବିଲ, ପନିପରିବା ଓ ମକା ଚାଷ ଦଳିଚକଟି ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଚାଷ ନଷ୍ଟ ହେବା ସହ ଘରଦ୍ୱାର ଭାଙ୍ଗିବା ଘଟଣା ମଧ୍ୟ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ସେପଟେ ପାଟଣା ନିକଟ ମଙ୍ଗଳପୁର ଗ୍ରାମ ନିକଟରେ ସନ୍ଧ୍ୟା ସମୟରେ ୧୯ ଟିକିଆ ହାତୀପଲ ବୈତାଳୁଗୁଡ଼ା ଅଞ୍ଚଳରେ ପ୍ରବେଶ କରି ଚାଷ ଜମିରେ କ୍ଷତି ଘଟାଇଥିବା ସୂଚନା ମିଳିଛି। ଫଳରେ ହାତୀଙ୍କ ଗତିବିଧିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଆହୁରି ବଢ଼ିଛି। ବୈତରଣୀ ବଢ଼ି ହାତୀଙ୍କ ଗତିପଥରେ ବାଧା ସୃଷ୍ଟି କରୁଥିବାବେଳେ ହାତୀପଲକୁ ସୁରକ୍ଷିତ ଭାବେ ଅନ୍ୟ ଅଞ୍ଚଳକୁ ଘଉଡ଼ାଇବା ପାଇଁ ପାଟଣା ବନାଞ୍ଚଳର ବନ କର୍ମଚାରୀମାନେ ଲଗାତାର ଉଦ୍ୟମ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ସହଜ ହେଉନାହିଁ। ବିଶେଷକରି ବୈତରଣୀ ନଦୀରେ ବଢ଼ି ପରିସ୍ଥିତି ସମ୍ପୂର୍ଣ୍ଣ କମିନଥିବାରୁ ହାତୀପଲ ନଦୀ ପାର ହୋଇ ଅନ୍ୟତ୍ର ଯିବାରେ ବାଧା ସୃଷ୍ଟି ହେଉଥିବା ର କୁହାଯାଉଛି। ଫଳରେ ହାତୀମାନେ ଜଙ୍ଗଲ ଛାଡ଼ି ଚାଷଜମି ଓ ଜନବସତି ନିକଟକୁ ଆସୁଥିବାରୁ ସ୍ଥିତି ଜଟିଳ ହେଉଛି। ପାଟଣା ବନାଞ୍ଚଳରେ ଦୀର୍ଘଦିନ ଧରି ହାତୀଙ୍କ ଅବସ୍ଥାନ ଯୋଗୁଁ ହାତୀ-ମଣିଷ ସଂଘର୍ଷର ଆଶଙ୍କା ମଧ୍ୟ ବଢ଼ିଛି। ଅତୀତରେ ଏଭଳି ସଂଘର୍ଷରେ ଜୀବନହାନି ଘଟିଥିବାବେଳେ ହାତୀଙ୍କୁ ଉତ୍ତେଜିତ କିମ୍ବା ହଇରାଣ କରିବା ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଉଭୟ ମଣିଷ ଓ ହାତୀଙ୍କ ସୁରକ୍ଷା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି। ଘଉଡ଼ାଇବାକୁ ଦାବି, ବଡ଼ ପଦକ୍ଷେପକୁ ଅପେକ୍ଷା, ହାତୀପଲକୁ ଜନବସତି ଓ ଚାଷଜମିଠାରୁ ଦୂର ରେ ସୁରକ୍ଷିତ ଭାବେ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷୀ ଓ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ରାତି ସମୟରେ ପାଟ୍ରୋଲିଂ ଓ ଜନସଚେତନତାକୁ ଆହୁରି ଜୋରଦାର କରିବାକୁ ମଧ୍ୟ ଦାବି ହୋଇଛି। ତେବେ ୧୮ ଦିନ ଧରି ହାତୀପଲ ଅଞ୍ଚଳରେ ରହିବା, ଘର ଭାଙ୍ଗିବା ଓ ଚାଷ ନଷ୍ଟ କରିବା ଘଟଣା ବଢ଼ିଚାଲିଥିବା ବେଳେ ଏହି ସଙ୍କଟର ସ୍ଥାୟୀ ସମାଧାନ କେବେ ହେବ—ତାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ନଜର ବନ ବିଭାଗ ଉପରେ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର, ଚାପି ହୋଇ ବୃଦ୍ଧଙ୍କ ମୃତ୍ୟୁ

**ବାରିପଦା /ସାହାରପଡା(ଅମୃତମିଡିଆ):** ଲଗାଣ ବର୍ଷା ମଧ୍ୟରେ ଘର ଭୁଶୁଡ଼ି ପଡ଼ିବାରୁ ଘର ଭିତରେ ଚାପି ହୋଇ ଜଣେ ବୃଦ୍ଧଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏହି ଘଟଣା କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତର ଖୁଣ୍ଟାପଡା ଗ୍ରାମରେ ଘଟିଛି। ସୂଚନା ଅନୁଯାୟୀ, ଖୁଣ୍ଟାପଡା ଗ୍ରାମର ଡେଡ ମୁଣ୍ଡା(୬୦) ଶନିବାର ଦିନ ପ୍ରାୟ ୧୦ଟା ସମୟରେ ବର୍ଷା ପାଗ ଯୋଗୁଁ ରୋଷେଇ ଘରର ଚୁଲି ନିକଟରେ ବସି ନିଆଁ ପୁଉଁଥିଲେ। ହଠାତ୍ ଦୁର୍ବଳ ମାଟି ଘରଟି ଭୁଶୁଡ଼ି ପଡ଼ିଥିଲା। ଘରର ଖପର ଓ କାଠ ତଳେ ଡେଡ ମୁଣ୍ଡା ଚାପି ହୋଇଯାଇଥିଲେ। ଘର ଭୁଶୁଡ଼ିବାର ଶବ୍ଦ ଶୁଣି ଘରଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାଠ ଓ ଭଙ୍ଗା ଘର ଭିତରୁ ଡେଡ ମୁଣ୍ଡାଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିବାର



ଜଣାପଡ଼ିଥିଲା। ଘଟଣାଟି ଏତେ ହୃଦୟବିଦାରକ ଥିଲା ଯେ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା। ପରିବାର ପକ୍ଷରୁ ଶବ ସତ୍କାର କରାଯାଇଥିବାର ଜଣାପଡ଼ିଛି। ଘଟଣା ସମ୍ପର୍କରେ ଥାନାରେ ସୂଚନା ଦିଆଯାଇନଥିବାର ସରପଞ୍ଚଙ୍କ ସ୍ୱାମୀ ମାନଗୋବିନ୍ଦ ମୁଣ୍ଡା ସୂଚନା ଦେଇଛନ୍ତି। ସବୁଠାରୁ ଅଧିକ ଚିନ୍ତାଜନକ ବିଷୟ ହେଉଛି, ମୃତ ଡେଡ ମୁଣ୍ଡାଙ୍କ ପରିବାରରେ ଜଣେ ପୁଅ ଓ ଜଣେ ଝିଅ ନାବାଳକ ଥିବାର ଜଣାପଡ଼ିଛି। ମୁଣ୍ଡ ଉପରୁ ଅଭିଭାବକଙ୍କ ଛାୟା ହଟିଯିବା ପରେ ଏହି ଦୁଇ ନାବାଳକଙ୍କ ଭବିଷ୍ୟତ ନେଇ ଏବେ ପ୍ରଶ୍ନ ଉଠିଛି। ଲଗାଣ ବର୍ଷା ସମୟରେ ଦୁର୍ବଳ ଓ ଜରାଜୀର୍ଣ୍ଣ ଘରେ ରହୁଥିବା ଲୋକଙ୍କ ସୁରକ୍ଷା ନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ତଦାରଖ କରାଯିବା ସହ ଏହି ଅସହାୟ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସୋୟାବିନ ତରକାରି ଖାଇ ଛାତ୍ରଛାତ୍ରୀ ଅସୁସ୍ଥ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଆଶ୍ରମରେ ବିଷାକ୍ତ ଖାଦ୍ୟ ଖାଇ ଶତାଧିକ ଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି ହେବା ଏବଂ ଜଣେ ଛାତ୍ରୀଙ୍କ ମୃତ୍ୟୁ ହେବା ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ପୁଣି ଉକ୍ତ ବ୍ଲକରୁ ଉକ୍ତ ଘଟଣାର ପୁନରାବୃତି ଘଟିଛି। ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅଧୀନ ଚିଞ୍ଚଲଗଡିଆସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ମୋଟ ୩୨ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତକାଲି ରାତିରେ ହଷ୍ଟେଲରେ ରହୁଥିବା ପିଲାଙ୍କୁ ଭାତ ସହିତ ସୋୟାବିନ ତରକାରି ଖାଇବାକୁ ଦିଆଯାଇଥିଲା। ତେବେ ଖାଇ ସାରିବା ପରେ ଜଣେ ଛାତ୍ରୀ ବାନ୍ତି କରିବାରୁ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳ ପାଞ୍ଚଟା ସମୟରେ ବାର ଜଣଙ୍କୁ ବାନ୍ତି ହେବାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଁଞ୍ଚି ତଦନ୍ତ କରିଛନ୍ତି। ଏନେଇ ଅଧକ୍ଷ ମଧୁସୂଦନ ଭଦ୍ରଙ୍କୁ ପଚାରିବାରୁ ଡାକ୍ତରଖାନାରେ ପିଲାମାନେ ଭର୍ତ୍ତି ହେବାର କାରଣ ଏସିଡିଟି ହୋଇଥାଇ ପାରେ ଏବଂ ବର୍ତ୍ତମାନ ସମସ୍ତ ପିଲା ସୁସ୍ଥ ଅଛନ୍ତି ଓ଼ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ଖାଇବାକୁ ଦିଆଯାଉଛି ବୋଲି କହିଛନ୍ତି।

## ମାଣିଦା ଗହଣା ଦୋକାନରୁ ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ପୋଲିସକୁ ଡକାୟତ ଓ ଚୋରି ମାମଲାରେ ଏକ ବଡ଼ ସଫଳତା ମିଳିଥିଲା । ଏନେଇ ବେତନଟୀ ଏସଡିପିଓ ମିନତି ବିଶ୍ୱାଳ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଗତ ସୋମବାର ଦିନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସୂଚନା ଅନୁଯାୟୀ ଗତ ଜୁନ ୨୭ ତାରିଖ ବିଳମ୍ବିତ ରାତିରେ ଉକ୍ତ ଥାନା ଅଧୀନ ମାଣିଦା ସ୍ଥିତ କୃଷ୍ଣଚନ୍ଦ୍ର ଗହଣା ଦୋକାନରୁ ସୁନା ଓ ରୂପା ଗହଣା କିଛି ଦୁର୍ବୁତ୍ତ ଚୋରି କରିଥିଲେ । ଚୋରୀ ସମୟର କାର୍ଯ୍ୟ କଳାପ ସିସିଟିଭି ଫୁଟେଜରେ କଏଦ ହୋଇଥିଲା । ଏନେଇ ପୋଲିସ କେଶ ନଂ ୪୦୧/୨୬ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ଏବଂ ଟେକ୍ନିକାଲ ଟିମ ଆଧାରରେ ଉକ୍ତ ଚୋରିର ମୁଖ୍ୟ ସେକ କାଲାଙ୍କୁ ଚାରି ଦିନ ତଳେ ଗିରଫ କରିଥିଲା ପୋଲିସ ଏବଂ ୭୫୦ଗ୍ରାମର ରୂପା ଗହଣା, ୩୫ଟି ରୂପା ପଲା ଜବତ କରାଯାଇଥିଲା । ଉକ୍ତ ମାମଲାରେ ଗିରଫ ତିନି ଜଣ ଯୁବକଙ୍କ ନିକଟରୁ ୯ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିଲେ । ଗତକାଲି ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଉକ୍ତ ଥାନା ଅନ୍ତର୍ଗତ ବେଣାଶୋଳ ଗ୍ରାମରୁ ଦୀନେଶ ମହାନ୍ତଙ୍କୁ ଗିରଫ କରି କୋର୍ଟ କରିଥିବା ଜଣାପଡିଛି ।



## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାରିପଦା(ଅମୃତମିଡିଆ):** ଆମ୍ବଯୋଡା ସ୍ଥିତ ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାତୁଆଙ୍କ ଉଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଦୀପାଳୀ ସିଂ, ପରିଚାଳନା କମିଟି ସଭାପତି ଜାଗେନ ଟୁଡୁ, ଆଲୁମିନି କମିଟି ସଭାପତି ଶଶିଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯକାରୀ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ହେମ୍ବ୍ରମ, ନରେନ୍ଦ୍ର ବେହେରା, ଦିବ୍ୟପ୍ରଭା ମାଝୀ, ବିଷ୍ଣୁପ୍ରିୟା ବେହେରା, ସ୍ୱାଗତିକା ପରିଡ଼ା, ମୀନାକ୍ଷୀ କୁଅଁର, ପ୍ରିୟବ୍ରତ ବେହେରା, ନବକିଶୋର ବିନ୍ଧାଣୀ, ରଂଜନ ବାରିକ ପ୍ରମୁଖ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ତାଙ୍କର ୫ ବଷର କାର୍ଯ୍ୟ କୁ ପ୍ରଶଂସା କରିଥିଲେ । ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଏକ ବିଶାଳ ଶୋଭା ଯାତ୍ରାରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କମିଟି ମେମ୍ବର, ଗ୍ରାମବସୀ ବୁଲାଇ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ଦେଇଥିଲେ ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର ଛପର; ସରକାରୀ ସହାୟତା ପାଇଁ ଦାବି

**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା,ସାହାରପଡ଼ା ବ୍ଲକ,ଖୁଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ପିପିଲିଆ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଦୁଇଟି ପରିବାରର ଘର ଛପର ଭାଙ୍ଗି ପଡ଼ିଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ଦିନରେ ଅସହାୟ ହୋଇ ପଡ଼ିଛନ୍ତି ପରିବାର ଲୋକେ। ସୂଚନା ଅନୁଯାୟୀ, ପିପିଲିଆ ଗ୍ରାମର ବିଳାସ ମହାନ୍ତ, ଏବଂ ରାମକାନ୍ତ ମହାନ୍ତଙ୍କ ଘର ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଘର ଛପର ଭାଙ୍ଗିଯିବା ପରେ ଘର ଭିତରେ ରହିବା ମଧ୍ୟ ଦୁର୍ବିସହ ହୋଇପଡ଼ିଥିବାର





ଜଣାପଡ଼ିଛି। ବର୍ଷା ଜାରି ରହିଥିବାରୁ ଘରର ଅବଶିଷ୍ଟ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଗରିବ ପରିବାର ହୋଇଥିବାରୁ ନିଜସ୍ୱ ଖର୍ଚ୍ଚରେ ଘର ମରାମତି କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହିତ ତୁରନ୍ତ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ପିପିଲିଆ ଗ୍ରାମବାସୀ ଓ ପୀଡ଼ିତ ପରିବାର ପକ୍ଷରୁ ଦାବି ହୋଇଛି।

# ବିଶ୍ୱର ଆଦିବାସୀଙ୍କ ଅସ୍ତିତ୍ୱ ସୁରକ୍ଷା ପାଇଁ ସେଙ୍ଗେଲର ଆୱାଜ

### ବିଶ୍ୱ ଆଦିବାସୀ ଦିବସ ପାଳନ

**ବାରିପଦା(ଅମୃତମିଡିଆ):** ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ରାଜ୍ୟ ସେଙ୍ଗେଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ବିଶ୍ୱର ଆଦିବାସୀମାନଙ୍କ ଅସ୍ତିତ୍ୱ ଓ ବାସ୍ତବିକ ପରିଚୟର ସୁରକ୍ଷା, ସମୃଦ୍ଧ ସହ ଭାଗୀଦାରୀକୁ ବଞ୍ଚାଇବା ପାଇଁ ଆୱାଜ ଉଠାଇଛନ୍ତି । କହିଛନ୍ତି ଯେ, ଆଦିବାସୀ ମାନଙ୍କର ବିକାଶ ନାମରେ ରାଜନୀତି କରୁଥିବା ରାଜ୍ୟ ଏବଂ କେନ୍ଦ୍ର ସରକାର ଏକତ୍ରିତ ହୋଇ ଆଦିବାସୀମାନଙ୍କର ଅସ୍ତିତ୍ୱକୁ ସମାପ୍ତ କରିବା ପାଇଁ ଷଡ଼ଯନ୍ତ୍ର ସହ



କାର୍ଯ୍ୟ ଚଳାଇଛନ୍ତି । କୌଣସି ବର୍ଷ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳନ ସହ ସମ୍ମାନ ଦେବାର ପ୍ରତୀକ ଦେଖିବାକୁ ମିଳିନାହିଁ ଏବଂ ବାରମ୍ବାର ସାର୍ନା ଧର୍ମ କୋଡ ମାନ୍ୟତା ପାଇଁ ଦାବି କରାଯିବା ସତ୍ୱେ ଆଜି ପର୍ଯ୍ୟନ୍ତ ମାନ୍ୟତା ନଦେବା ଆଦିବାସୀ ବିରୋଧୀ ବୋଲି ଏକ ଜ୍ୱଳନ୍ତ ଉଦାହରଣ ଅଟେ । ଜୋରଜବରଦସ୍ତ ହିନ୍ଦୁ, ଖ୍ରୀଷ୍ଟିଆନ ଧର୍ମରେ ଧର୍ମାନ୍ତରୀକରଣ କରି ଆଦିବାସୀଙ୍କୁ ସମାପ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଶ୍ୱ ଆଦିବାସୀ ଦିବସକୁ ଘୃଣା କରନ୍ତି ବୋଲି ନାରାନ ମୁର୍ମୁ କହିଛନ୍ତି । ତେଣୁ ଉକ୍ତ ୯ ଅଗଷ୍ଟ ବିଶ୍ୱ ଆଦିବାସୀ ଦିବସ ଅବସରରେ ଧାରଣା ଦେଇ ୬ ଦଫା ଦାବି ପୂରଣ ପାଇଁ ଦୃଢ଼ ଦାବି କରାଯାଇଛି । ଆଦିବାସୀ ଭାଷା ଦଶକ ଅନୁଯାୟୀ ସାନ୍ତାଳୀକୁ ଝାରଖଣ୍ଡରେ ପ୍ରଥମ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ସହିତ ସାର୍ନା ଧର୍ମ କୋଡ ମାନ୍ୟତା ଦେଇ ଅବିଳମ୍ବେ ଆଦିବାସୀଙ୍କୁ ଧାର୍ମିକ ପରିଚୟ ଦିଆଯିବା ସମେତ ୬ (ଛଅ) ଦଫା ଦାବିଗୁଡିକର ଦାବିପତ୍ର ୧୦ ଅଗଷ୍ଟ ସୋମବାର ଦିନ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ବିଡ଼ିଓଙ୍କୁ ପ୍ରଦାନ କରାଯିବ । ଧାରଣାରେ ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ ସହ ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଭୋଲାଗୋଡିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ନନ୍ଦ କିଶୋର ହାଁସଦାଃ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଅନନ୍ତ ମାର୍ଣ୍ଡି, ଚୈତନ୍ୟ ହେମ୍ବ୍ରମ, ମହିଳା ମୋର୍ଚ୍ଚା ସଭାପତି ରୁପଶ୍ରୀ ମୁର୍ମୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

## ପାକୁଟସାହି ନିକଟରୁ ବିଦ୍ୟୁତ୍ ଟ୍ରାନ୍ସଫରମର ଚୋରି



**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ଏନ୍ଏସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ପାକୁଟସାହି ନିକଟରୁ ୨୦୦ କେଭିର ଏକ ବିଦ୍ୟୁତ୍ ଟ୍ରାନ୍ସଫରମର ଚୋରି ହୋଇଥିବା ର ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କଟର ସାହାଯ୍ୟରେ ଟ୍ରାନ୍ସଫରମରକୁ କାଟି ଚୋରି କରି ନେଇଥିବା ର ସୂଚନା ମିଳିଛି। ଶୁକ୍ରବାର ଭୋର ରୁ ସ୍ଥାନୀୟ ଲୋକେ ଟ୍ରାନ୍ସଫରମର ଚୋରି ହୋଇଥିବା ଦେଖି ବିଦ୍ୟୁତ୍ ବିଭାଗ ଓ କରଞ୍ଜିଆ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିରୀକ୍ଷଣ କରିବା ସହ ଏନେଇ କରଞ୍ଜିଆ ଥାନାରେ ଏତଲା ଦେଇଛନ୍ତି। ଚୋରି ହୋଇଥିବା ଟ୍ରାନ୍ସଫରମର ମୂଲ୍ୟ ୫ ଲକ୍ଷ ଟଙ୍କା ହୋଇଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ମହାନ୍ତ ଅଭିଯୋଗରେ ଦର୍ଶାଯାଇଛନ୍ତି। ଏତଲା ପାଇବା ପରେ କରଞ୍ଜିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଟ୍ରାନ୍ସଫରମର ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବା ସହ ଚୋରି ହୋଇଥିବା ଟ୍ରାନ୍ସଫରମର ଉଦ୍ଧାର ପାଇଁ ତଦନ୍ତ ଜାରି ରଖିଛି।

## ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମ



### ଶିକ୍ଷକ ସଂଘର ଅଭିନବ ପ୍ରୟାସ

**ବାରିପଦା /ଉଦଳା(ଅମୃତମିଡିଆ):** ଉଦଳାସ୍ଥିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ବ୍ୟାପକ ଅଂଚଳରେ ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ରୋପଣ ପାଇଁ ପ୍ରସ୍ତୁତି ପର୍ବ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଲିଲି ଭୋଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ । ସ୍ଥାନୀୟ ରେଂଜର ସୁଶାନ୍ତ କୁମାର ବାଗ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ବଂଚି ରହିବା ପାଇଁ ଏଠାକାର ଜଳବାୟୁ ଓ ମାଟି ବେଶ ଅନୁକୂଳ ରହିଛି । ତା'ଛଡ଼ା ଏହି ଗଛ ଗୁଡ଼ିକୁ ବଂଚାଇ ରଖିବା ପାଇଁ ସେଭଳି ଯତ୍ନର ଆବଶ୍ୟକତା ପଡ଼ିନଥାଏ ବୋଲି ବ୍ୟକ୍ତ କରିଥିଲେ । ଉଦଳା ରୋଟାରି କ୍ଲବର ସଭାପତି ଅଜୟ ବେହେରା ଓ ସଚେତନ ନାଗରିକ ମହାମଂଚର ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପରିବେଶ ପ୍ରତି ଏହି ଗଛ ଗୁଡ଼ିକର ଆବଶ୍ୟକତା କେତେ ଅଧିକ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ସଂଘ କାର୍ଯ୍ୟାଳୟ କାର୍ଯ୍ୟାଳୟ ପରିସରରେ କେତୋଟି ଗୁଆ ଗଛ ରୋପଣ କରାଯାଇଥିଲା । ପ୍ରାରମ୍ଭରେ ଲଳିତ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟେନ୍ଦୁ ଜେନା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଏହାକୁ ସଫଳ କରିବା ପାଇଁ ମାଳତୀ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତ, ପାର୍ବତୀ ମୁର୍ମୁ, କୁଳମଣି ବେହେରା, ବ୍ରଜକିଶୋର ବିନ୍ଧାଣି, ଇନ୍ଦିରା ପ୍ରିୟଦର୍ଶନୀ ସାମଲ , ସ୍ୱାତି ବେଜ, ପ୍ରଫୁଲ ସେଠୀ, ସୁଦର୍ଶନ ନାୟକ, ଅଜୟ ପତି ପ୍ରମୁଖ ସହଯୋଗ କରିଥିଲେ ।

# 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଅନିୟମିତତା ଅଭିଯୋଗ

### ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ କରିବେ ଖୁଣ୍ଟା ବ୍ଲକର ନିର୍ବାଚିତ ପ୍ରତିନିଧି



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ଖୁଣ୍ଟା ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଅନୁମୋଦିତ ପ୍ରକଳ୍ପ ଚୟନକୁ ନେଇ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚ ମାନଙ୍କ ଦ୍ୱାରା ଗ୍ରାମସଭା ମାଧ୍ୟମରେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ର ଅଭିଯୋଗ ହୋଇଛି । ଏହି ବିଷୟକୁ ନେଇ ଖୁଣ୍ଟା ବ୍ଲକ ଚେୟାରମ୍ୟାନ ସୁଧନ୍ୟ ନାୟକ, ସମିତି ସଭ୍ୟ ସଂଘ ସଭାପତି ସୁନୀଲ କୁମାର ଟୁଡୁ ଓ ସରପଞ୍ଚ ସଂଘ ସଭାପତି ନନ୍ଦକିଶୋର ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ, ବିଜିବିଓ ଯୋଜନା ନିୟମାବଳୀ ଅନୁଯାୟୀ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମସଭା ଜରିଆରେ ମନ୍ଦିର, ଶ୍ମଶାନଘାଟ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ ପ୍ରକଳ୍ପ ପ୍ରସ୍ତାବ ବ୍ଲକ ପକ୍ଷରୁ ଜିଲ୍ଲା ପରିଷଦକୁ ପଠାଯାଇଥିଲା । କିନ୍ତୁ ନିକଟରେ ଅନୁମୋଦିତ ହୋଇ ଆସିଥିବା ତାଲିକାରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପ ଗୁଡ଼ିକୁ ବାଦ ଦିଆଯାଇ କେବଳ ଅନ୍ୟ ପ୍ରକଳ୍ପ ଗୁଡ଼ିକୁ ସାମିଲ କରାଯାଇଛି । ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଏହା ଉପରେ ପଦକ୍ଷେପ ଗ୍ରହଣ କରାନଗଲେ, ଗ୍ରାମାଞ୍ଚଳରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଅଭିଯୋଗକାରୀ ମାନେ ଚେତାବନୀ ଦେଇଛନ୍ତି ।

## ସାମାଜିକ ସୁରକ୍ଷାରୁ ବଂଚିତ ବୁଧୁନି ସିଂ

**ବାରିପଦା /ଉଦଳା(ଅମୃତମିଡିଆ):** ଯେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣଗାଁ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ବକା ସିଂଙ୍କର ସହଧର୍ମିଣୀ ବୁଧୁନି ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାର କାର୍ଡ଼ରେ ଉଲ୍ଲେଖଥିବା ଜନ୍ମ ତାରିଖ ଅନୁସାରେ ବୁଧୁନି ସିଂଙ୍କୁ ଚଳିତ ବର୍ଷ ୬୫ ବର୍ଷ ଛୁଇଁଲା । ଦିନମଜୁରିଆ



ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବୁଧୁନିଙ୍କର ଦେହ ବାରମ୍ବାର ଅସୁସ୍ଥ ହେବାରୁ ସେ ଆଗଭଳି କାମ କରିପାରୁନଥିବାର କହିଛନ୍ତି । ଏଥିପାଇଁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀମାନେ ଅନୁରୋଧ ଜଣାଇଛନ୍ତି ।

## ୧୧ରେ ରାଜ୍ୟସ୍ତରୀୟ କନିଷ୍ଠ କବାଡ଼ି ପାଇଁ ଦଳ ଚୟନ

**ବାରିପଦା(ଅମୃତମିଡିଆ):** ଓଡିଶା କବାଡି ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୫୨ତମ କନିଷ୍ଠ ରାଜ୍ୟସ୍ତରୀୟ କବାଡି ଚମ୍ପିୟାନସିପ ପାଇଁ ମୟୁରଭଞ୍ଜ ଦଳର ଉଭୟ ପୁରୁଷ ଓ ମହିଳା ଦଳ ଚୟନ ଚଳିତ ମାସ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ଇଛୁକ ଖେଳାଳି ମାନେ ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ ସହ ବାରିପଦା ଷ୍ଟାଡିୟମ ଅଫିସରେ ଉକ୍ତ ଦିନ ନାମ ପଞ୍ଜିକରଣ କରିପାରିବେ ଓ ତା ୦୨/୧୧/୨୦୦୬ ରିଖ ପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏହି ଚମ୍ପିୟାନସିପରେ ଅଂଶଗ୍ରହଣ କରିପାରିବେ ଏବଂ ପୁରୁଷ ବର୍ଗର ଖେଳାଳିଙ୍କ ଓଜନ ୭୫ କିଗ୍ରା ଓ ମହିଳା ବର୍ଗର ଖେଳାଳି ୬୫ କିଗ୍ରାରୁ କମ ହୋଇଥିବା ଆବଶ୍ୟକ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ଚଢ଼େଇଭୋଳରେ ସନ୍ଦେହଜନକ ଅବସ୍ଥାରେ ବାଳକଙ୍କ ମୃତ୍ୟୁ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ବ୍ଲକ ଘୋଷଦା ପଞ୍ଚାୟତ ଅନ୍ତର୍ଗତ ଚଢେଇଭୋଳ ଗ୍ରାମର ମୁସଲିମ ବସ୍ତିରେ ଜଣେ ୧୪ ବର୍ଷୀୟ ନାବାଳକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଏମ୍ ?ଡି ୱାଜିଦ (୧୪), ପିତା ଏମ୍ ?ଡି ୱାହିଦ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ ୱାଜିଦ ଗ୍ରାମ ନିକଟସ୍ଥ ଏକ ପୋଖରୀକୁ ଯାଇଥିଲେ। କିଛି ସମୟ ପରେ ସେ ପୋଖରୀରେ ଅଚେତନ ଅବସ୍ଥାରେ ପଡ଼ିଥିବା ର କିଛି ଲୋକ ଦେଖି ତାଙ୍କ ପରିବାର ଓ ଚଢେଇଭୋଳ ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଚଢେଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନାବାଳକଙ୍କ ମୃତ୍ୟୁକୁ ନେଇ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି। କେତେକ ଲୋକ ଘଡ଼ଘଡ଼ି ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କଥା କହୁଥିବା ବେଳେ ଅନ୍ୟ କେତେକ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ର ଆଶଙ୍କା କରୁଛନ୍ତି। ତେବେ ପ୍ରକୃତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏହି ଘଟଣାରେ କେଶ ନଂ ୨୮/୨୬ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହର ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି ।



# ଆସିକା ଉପ-କାରାଗାରରେ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ

## ଅନ୍ତେବାସୀଙ୍କ ନିଶାମୁକ୍ତ ଜୀବନ ପାଇଁ ଶପଥପାଠ



**ଆସିକା (ଅମୃତ ମିଡିଆ):** ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଆସିକା ଉପ-କାରାଗାର ପରିସରରେ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶ୍ୱର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀମାନଙ୍କୁ ନିଶାମୁକ୍ତ ଜୀବନ ସହିତ ଆଧ୍ୟାତ୍ମିକତା ଓ ରାଜଯୋଗର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆସିକା ଶାନ୍ତି ଶକ୍ତି ଭବନ ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଯୋଗଦେଇ କହିଥିଲେ ଯେ, ନିଶାମୁକ୍ତି କେବଳ ଏକ ଅଭ୍ୟାସକୁ ପରିତ୍ୟାଗ କରିବା ନୁହେଁ; ବରଂ ଏହା ଚିନ୍ତା, ଚେତନା ଓ ଜୀବନଶୈଳୀର ଏକ ସକାରାତ୍ମକ ପରିବର୍ତ୍ତନ । ସହଜ ରାଜଯୋଗ ଅଭ୍ୟାସ ମାଧ୍ୟମରେ ମନକୁ ଶାନ୍ତ ଓ ସ୍ଥିର ରଖି ଜୀବନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରାଯାଇପାରିବ ବୋଲି ସେ ମତ ଦେଇଥିଲେ । ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କୁ ବ୍ୟସନମୁକ୍ତ ଜୀବନ ଆପଣେଇବା ପାଇଁ ଶପଥପାଠ କରାଯାଇଥିଲା । ଅନ୍ତେବାସୀମାନଙ୍କ ମଧ୍ୟରେ ଆତ୍ମବଳ, ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତନ ବୃଦ୍ଧି କରିବା ସହ ପରିବାର ଓ ସମାଜ ପ୍ରତି ଦାୟିତ୍ୱବୋଧ ସୁଦୃଢ଼ କରିବା ନେଇ ଆହ୍ୱାନ ଦିଆଯାଇଥିଲା । ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶ୍ୱର ସିଂ ବ୍ରହ୍ମାକୁମାରୀ ସଂଗଠନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଅନ୍ତେବାସୀଙ୍କ ଜୀବନରେ ସୁଧାର ଆଣିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ । ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ମଧ୍ୟ ରାଜଯୋଗ ମାଧ୍ୟମରେ ଆତ୍ମବଳ ବୃଦ୍ଧି କରି ବ୍ୟସନମୁକ୍ତ ଜୀବନ ଆପଣେଇବା ଉପରେ ମତ ରଖିଥିଲେ ।

ବ୍ରହ୍ମାକୁମାରୀ ସୁଜ୍ଞାନୀ ଅନ୍ତେବାସୀମାନଙ୍କୁ ସହଜ ରାଜଯୋଗର ପ୍ରାୟୋଗିକ ଅଭ୍ୟାସ କରାଇଥିଲେ । କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ସତ୍ୟପ୍ରିୟ ପରିଚାଳନା କରିଥିବା ବେଳେ ଉପ-କାରାଗାରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଚମ୍ପୁଆ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



**ଚମ୍ପୁଆ (ଅମୃତ ମିଡିଆ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିରଠାରେ ଚମ୍ପୁଆ ସଂକୁଳର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ସଂକୁଳ ପ୍ରମୁଖ ତଥା ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କୈଳାସ ଚନ୍ଦ୍ର ମହାନ୍ତ, ଉପସଭାପତି ଗୁରୁ ଚରଣ ମୁଖାର୍ଜୀ , କୋଷାଧ୍ୟକ୍ଷ ଭଗବାନ ମହାନ୍ତ, ସଂକୁଳ ସଂଯୋଜକ ଶରତ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବ୍ରଜକିଶୋର ମହାନ୍ତ ଆଦି ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଓ ବକ୍ତା ଛାତ୍ରଛାତ୍ରୀ ମାନଙ୍କୁ ମାନବ ସମାଜର କଲ୍ୟାଣ ନିମନ୍ତେ ନୂଆ ନୂଆ ଜ୍ଞାନ କୌଶଳର ଉଦ୍ଭାବନ ନିମନ୍ତେ ପ୍ରେରଣା ଦେବା ସହିତ ଭାରତୀୟ ସଂସ୍କୃତିର ଜ୍ଞାନ ପରମ୍ପରା ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଏଥିରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ମୂର୍ତ୍ତି କଳା, ସଂସ୍କୃତି ଜ୍ଞାନ କଥା କଥନ, ବୈଦିକ ଗଣିତ ପତ୍ରବାଚନ, ଏହିପରି ବିଭିନ୍ନ ବିଭାଗରେ ଶିଶୁ, ବାଲ, କିଶୋର ଏହିଭଳି ୨୫ଟି ବିଭାଗରେ ମୋଟ ୨୫୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୋଟ ୫୯ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ବିଚାରକ ଭାବେ କାଶିନାଥ ମହାନ୍ତ, ବିଜୟ କୁମାର ଗିରି, ଜୀବନ କିଶୋର ମହାନ୍ତ, ହରିହର ଚୌଧୁରୀ, ରବୀନ୍ଦ୍ର କୁମାର ଗିରି, ଚୈତନ୍ୟ ଚରଣ ମହାନ୍ତ, ନୀଳାମ୍ବର ମହାନ୍ତ, ଭୁବନେଶ୍ୱର ମହାନ୍ତ, ବିଜୟ କୁମାର ବାରିକ, ସାରଦା ପ୍ରସାଦ ବେହେରା, ହୃଷିକେଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ସମ୍ଭାଗ ସ୍ତରୀୟ ପ୍ରତିଯୋଗିତା ତୁରୁମୁଙ୍ଗା ଓ ରାଇରଙ୍ଗପୁର ଠାରେ ଯୋଗ ଦେବାପାଇଁ ସୂଚନା ରହିଛି ।

# ୧୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ



**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୋଲିସ୍‌କୁ ଏକ ବଡ଼ ସଫଳତା ମିଳିଛି । ବିଶେଷ ସୂତ୍ର ରୁ ଖବର ପାଇ ଯୋଡ଼ା ପୋଲିସ୍ ଚଢ଼ାଉ କରି ୧୦. ୧୮୦ କେଜି ଗଞ୍ଜେଇ ଜବଦ କରିବା ସହ ୨ ମାଦକ ଦ୍ରବ୍ୟ ବେପାରୀଙ୍କୁ ଗିରଫ କରିଛି । ଯୋଡ଼ା ଥାନା ଏସ୍.ଆଇ. ନୀତେଶ କୁମାର ବେହେରାଙ୍କ ନେତୃତ୍ୱରେ ଗତକାଲି ଅପରାହ୍ନରେ ପୋଲିସ୍ ଟିମ୍ ଯୋଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଗଞ୍ଜେଇ ଚୋରା ଚାଲାଣ ନେଇ ନିର୍ଦ୍ଦିଷ୍ଟ ଖବର ପାଇ ଲାହଣ୍ଡା ବସ୍ ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ୨ ଜଣଙ୍କୁ ଅଟକ ରଖିଥିଲେ । ସେମାନଙ୍କ ନିକଟରୁ ୧୦. ୧୮୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏନଡିପିଏସ ଆଇନ୍ ଅନୁଯାୟୀ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା ।

ତେବେ ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ଯୋଗେନ୍ ପ୍ରଧାନ (୫୯) ପିତା: ସ୍ୱର୍ଗତ ଦେବା ପ୍ରଧାନ, ହନୁମାନ ହଟିଂ, ୱାର୍ଡ ନଂ-୧୦, ଯୋଡ଼ାର ହେଇଥିବା ବେଳେ ଆଉଜଣେ ଦୁଲାଲ ଚନ୍ଦ୍ର ସରକାର (୫୫), ପିତା: ସ୍ୱର୍ଗତ ଜ୍ଞାନ ଚନ୍ଦ୍ର ସରକାର, ବାରାକପୁର, ରେଳ ଷ୍ଟେସନ ନିକଟ, ଜିଲ୍ଲା-ଉତ୍ତର ୨୪ ପରଗଣା, ପଶ୍ଚିମବଙ୍ଗ ବୋଲି ଜଣାପଡିଛି । ପୋଲିସ୍ ଗଞ୍ଜେଇ ବ୍ୟତୀତ ଅଭିଯୁକ୍ତମାନଙ୍କ ଠାରୁ ନଗଦ ୬. ୭୦୦ ଟଙ୍କା ଓ ୨ଟି ମୋବାଇଲ୍ ମଧ୍ୟ ଜବତ କରିଥିବା ସୂଚନନା । ଯୋଡ଼ା ଥାନା କେସ ନଂ ୨୬୫ ତା ୮/୮୨୦୨୬ ୟୁ/ଏସ -୨୦(ବି) ଟୁ (ବି) ର (ଏନ୍ ଡି ପି ଏସ) ରେ ଗିରଫ ।

# ପାଟଣା ଅଞ୍ଚଳରେ ୨୬ ଟିକିଆ ହାତୀପଲଙ୍କ ଉପଦ୍ରବ



**ପାଟଣା (ଅମୃତ ମିଡିଆ):** କେନ୍ଦୁଝରଜିଲ୍ଲା ପାଟଣା ବନ ରେଞ୍ଜ ଅନ୍ତର୍ଗତ ମଙ୍ଗଳପୁର ପାଟନାଳୀ ସାହିରେ ହାତୀପଲ ଡେରା ପକାଇଛନ୍ତି । ଦୁଇ ସପ୍ତାହ ଧରି ୧୯ ଟିକିଆ ହାତୀପଲ ପାଟଣା ଅଂଚଳରେ ବିଭିନ୍ନ ଗ୍ରାମରେ ଉପଦ୍ରବ ଜାରି ରଖିଛନ୍ତି । ଗତକାଲି ଏହି ହାତୀପଲ ମଧ୍ୟରେ ଏକ ହାତୀ ଶାବକ ଜନ୍ମ ହେବା ପରେ ଆଜି ଦିନ ତମାମ ମଙ୍ଗଳପୁର ପାଟନାଳୀ ଗାଁରେ ରହିଥିଲେ । ହାତୀ ଶାବକକୁ ଅନ୍ୟ ହାତୀପଲ ଯତ୍ନ ନେଉଥିବା କୌତୁହଳ ଦୃଶ୍ୟ ଦେଖିବାକୁ ମିଳିଛି ।

ହାତୀପଲ ମଧ୍ୟରେ ହାତୀ ଶାବକ ଥିବାରୁ ବାଘ ଆକ୍ରମଣ ଭୟରେ ଏହି ହାତୀପଲ ବଡ଼ ଜଙ୍ଗଲକୁ ଯିବାର ସମ୍ଭାବନା ନାହିଁ । ତେଣୁ ଶାବକକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଆଖପାଖ ଅଞ୍ଚଳରେ ହିଁ ଏହି ହାତୀପଲ ଅବସ୍ଥାନ କରି ପାରନ୍ତି ବୋଲି ପାଟଣା ରେଞ୍ଜର ମତ ପ୍ରକାଶ କରିଛନ୍ତି । ତେଣୁ ଏହି ହାତୀପଲଙ୍କ ଗତିବିଧି ପ୍ରତି ନଜର ରଖାଯାଇଥିବା ସେ କହିଛନ୍ତି । ଆଉ ୬ ଟିକିଆ ହାତୀପଲ ଏହି ହାତୀପଲରେ ମିଶି ୨୬ ଟିକିଆ ହାତୀପଲ ହୋଇ ଆଜି ଦିନ ତମାମ ଏଠାରେ ଡେରା ପକେଇ ଥିଲେ । ହାତୀପଲଙ୍କର ଅବସ୍ଥିତିକୁ ନେଇ ଏହି ଅଞ୍ଚଳରେ ଲୋକେ ଆଶଙ୍କିତ ଅବସ୍ଥାରେ ଅଛନ୍ତି । ଲୋକଙ୍କ ଘର ଦ୍ୱାର ଭାଙ୍ଗି, ଧାନ ଚାଉଳ ଖାଇ ଅନେକ କ୍ଷତି ଘଟାଇ ଚାଲିଥିବାରୁ ଲୋକଙ୍କ ଅର୍ଥନୈତିକ ଅବସ୍ଥାରେ ଅବନତି ଘଟୁଛି । ସେଥିପାଇଁ କ୍ଷତିଗ୍ରସ୍ତମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତୁରନ୍ତ ଏହି ଅଞ୍ଚଳରୁ ହାତୀପଲଙ୍କୁ ଘଉଡେଇବା ସହିତ କ୍ଷତିଗ୍ରସ୍ତ ମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି ।

# ରାତିରେ ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ବିଧାୟକ

**ଚଣ୍ଡିଖୋଲ (ଅମୃତ ମିଡିଆ):** ନୂଆଦିଲ୍ଲୀ ଗସ୍ତ ସାରି ଶନିବାର ରାତି ପ୍ରାୟ ୨ ଟାରେ ବଦ୍ଦାଳ ପଂଚାୟତ ଅନେକ ବନ୍ୟାପ୍ଲାବିତ ଗ୍ରାମ ବୁଲି ସ୍ଥିତି ପରଖିଥିଲେ ବଡ଼ଚଣା ବିଧାୟକ ଅମର କୁମାର ନାୟକ । ଗତ ତିନିଦିନ ଧରି ଲଗାଣ ଲଘୁଚାପ ବର୍ଷାରେ ବଦ୍ଦାଳ ପଂଚାୟତର ଗଣାଷ, ଜଗନ୍ନାଥପୁର, ଡିହକରନ୍ଦା,ହାଟକରନ୍ଦା ଆଦି ଗାଁରେ ବର୍ଷା ପାଣିରେ ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ ବୁଡ଼ିଯାଇଛି । ଏପରି କି ଚାଷ ଜମି ଅବସ୍ଥା ସମାନ । ଏବିଷ ଖବର ପାଇ ବିଧାୟକ ଶ୍ରୀ ନାୟକ ଦିଲ୍ଲୀ ଯାଇଥିଲେ ଏବଂ ହଠାତ ସେଠାରୁ ଆସି ବଦ୍ଦାଳ ପଂଚାୟତରେ ପହଂଚି ଥିଲେ । ବନ୍ୟାରେ କ୍ଷୟକ୍ଷତି ହୋଇଥିବା ଲୋକଙ୍କୁ ତୁରନ୍ତ ବ୍ଲକ ପ୍ରଶାସନ ସହଯୋଗ କରିବାକୁ ଆଜି ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୋଖାଦ୍ୟ ଠାରୁ ଆରମ୍ଭ କରି ବନ୍ୟା ବିପନ୍ନଙ୍କୁ ସହଗୋଗ କରିବାକୁ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗାଁଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଛି । ବିଧାୟକଙ୍କ ସହିତ ମଣ୍ଡଳ ସଭାପତି ବିମଳ ପ୍ରଧାନ, ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନ ଶିକ୍ଷକଙ୍କ ବିଦାୟ ସମ୍ବର୍ଦ୍ଧନା



**ବାରିପଦା (ଅମୃତ ମିଡିଆ):** ଆମ୍ବଯୋଡା ସ୍ଥିତ ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାତୁଆଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଦୀପାଳୀ ସିଂ, ପରିଚାଳନା କମିଟି ସଭାପତି ଜାଗେନ ଟୁଡୁ , ଆଲୁମିନି କମିଟି ସଭାପତି ଶଶିଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯକାରୀ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତି ହେମ୍ବ୍ରମ, ନରେନ୍ଦ୍ର ବେହେରା, ଦିବ୍ୟପ୍ରଭା ମାଝୀ, ବିଷ୍ଣୁପ୍ରିୟା ବେହେରା, ସାଗତିକା ପରିଡ଼ା, ମିନାକ୍ଷି କୁଅଁର, ପ୍ରିୟବ୍ରତ ବେହେରା, ନବକିଶୋର ବିଦ୍ଧାଣୀ, ରଂଜନ ବାରିକ ପ୍ରମୁଖ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ତାଙ୍କର ୫ ବଷର କାର୍ଯ୍ୟ କୁ ପ୍ରଶଂସା କରିଥିଲେ । ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଏକ ବିଶାଳ ଶୋଭା ଯାତ୍ରାରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କମିଟି ମେମ୍ବର, ଗ୍ରାମବାସୀ ବୁଲାଇ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ଦେଇଥିଲେ ।

# ରଞ୍ଜୀନ କୁମାର ଦଳେଇଙ୍କ ସ୍ମୃତିରେ ରକ୍ତଦାନ ଶିବିର

## ୩୦ ୟୁନିଟ ରକ୍ତ ସଂଗୃହୀତ



**ବେଗୁନିଆପଡା (ଅମୃତ ମିଡିଆ):** ସ୍ୱର୍ଗତ ରଞ୍ଜନ କୁମାର ଦଳେଇଙ୍କ ସ୍ମୃତିରେ ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ଆଜି ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଛି । ଏହି ଶିବିରକୁ ରଞ୍ଜନଙ୍କ ବାପା ପ୍ରଫୁଲ ଚନ୍ଦ୍ର ଦଳେଇ ଜଗନ୍ନାଥଙ୍କ ପ୍ରତିମା ନିକଟରେ ଦୀପ ପ୍ରଜ୍ୱଳନ କରିବା ନିଜର ପୁଅଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଦେଇ ଧୂପ ଦେଇ ଶୁଭାରମ୍ଭ କରିଥିଲେ । ଏହି ଶିବିରରେ ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ଶରତ ଚନ୍ଦ୍ର ପାଣ୍ଡି, ସୁଶୀଲ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ଡାକୁଆ, ରାମଚନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବାରିକ, ମହେନ୍ଦ୍ର କୁମାର ଗୌଡ଼,ରାକେଶ ସାହୁ, ଆଜିତ ପ୍ରଧାନ, ରଞ୍ଜନ ବିଶ୍ୱାଳ, ମଳୟ ସାହୁ, ଗଙ୍ଗାଧର ପଟ୍ଟନାୟକ, ବାବାନାଥ ମହାନ୍ତି, ରବୀନ୍ଦ୍ର ନାଥ ମହାରଣା, ଶୁଭକାନ୍ତ ଗୌଡ଼, ରବୀନ୍ଦ୍ର କୁମାର ଜେନା, ଧର୍ମାନନ୍ଦ ମହାରଣା, ଦୀପକ କୁମାର ଖଟେଇ, ଶିବ ରାମ ତରେଇ, ମର୍ଦକୋଟ ସରପଞ୍ଚ ସନ୍ତୋଷ କୁମାର ବିଶ୍ୱାଳ,ସାନ ଉସ୍ତାପଡ଼ା ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସୁଧାକର ପ୍ରଧାନ,ଗୌତମ ବିଶ୍ୱାଳ,ଟୁଲୁ ରାଉତ,ବାବୁ ଡାକୁଆ ଗଗନ ସାହୁଙ୍କ ସମେତ ସ୍ୱର୍ଗତ ରଞ୍ଜନ ଙ୍କ ସାଙ୍ଗ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ବ୍ରହ୍ମପୁର ଏମ କେ ସି ଜି ରକ୍ତ ଭଣ୍ଡାର ପକ୍ଷରୁ ଡା. ଶ୍ରୀ ନିଧି, କାଲୁ ସେଠୀ, ଦେବରାଜ ଭୋଇ, ଦେବାଶିଷ ପଣ୍ଡା, ରାମହରି ପଣ୍ଡା, ବସନ୍ତ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ସରକାରୀ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ ଘଟଣା...

## ସରପଞ୍ଚଙ୍କ ଆମରଣ ଅନଶନ ଚେତାବନୀ ପରେ ପ୍ରଶାସନର ତତ୍ପରତା



**ହାଟଡିହି/ଛେନାପଦି (ଅମୃତ ମିଡିଆ):** ସରପଞ୍ଚଙ୍କ ଆମରଣ ଅନଶନ ପରେ ଆତ୍ମାହୁତି ଚେତାବନୀକୁ ନେଇ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି । ଏହି ଘଟଣା ଏବେ ଅଞ୍ଚଳର ମୁଖ୍ୟ ପ୍ରସଙ୍ଗ ପାଲଟିଛି । ସର୍ବସାଧାରଣ ସରକାରୀ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ କରିବା ଦାବିରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ବଞ୍ଚୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଆମରଣ ଅନଶନ କରିବା ସହ ଦାବି ପୂରଣ ନହେଲେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ । ଏହାପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି । ସରପଞ୍ଚ ପ୍ରଶାନ୍ତ କୁମାର ରାଉତଙ୍କ ସହ ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ନିମନ୍ତେ ତହସିଲଦାର ଚଳିତ ବର୍ଷ ଅକ୍ଟୋବର ମାସ ପର୍ଯ୍ୟନ୍ତ ସମୟ ନେଇଥିବା ସରପଞ୍ଚ ରାଉତ କହିଛନ୍ତି । ସୂଚନାଯୋଗ୍ୟ, ଗତ ତିନି ବର୍ଷ ଧରି ବଞ୍ଚୋ ପଞ୍ଚାୟତର ୬ ନମ୍ବର ଏବଂ ୪ ନମ୍ବର ୱାର୍ଡରେ ଥିବା ସର୍ବସାଧାରଣ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ସରପଞ୍ଚ ରାଉତ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ଆନନ୍ଦପୁର ଉପଜିଲାପାଳ ଏବଂ ହାଟଡିହୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ । ଉକ୍ତ ରାସ୍ତାର ଖାତା ନମ୍ବର ୧୦୩୭ ଏବଂ ପ୍ଲଟ ନମ୍ବର ୩୧୦୧ ଓ ୩୧୪୫ ବୋଲି ଜଣାପଡ଼ିଛି ।

ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି । ଫଳରେ ଚଳିତ ଅଗଷ୍ଟ ୧୨ ତାରିଖରୁ ହାଟଡିହୀ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ସେ ନିଷ୍ପତ୍ତି ନେଇଥିଲେ । ଏଥିସହ ଆମରଣ ଅନଶନରୁ କୌଣସି ସୁଫଳ ନମିଳିଲେ ଆତ୍ମାହୁତି ଦେବାକୁ ମଧ୍ୟ ସେ ଚେତାବନୀ ଦେଇଥିଲେ । ଏ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା ରାଜସ୍ୱ ବିଭାଗ, କେନ୍ଦୁଝର ଜିଲାପାଳ ଏବଂ ଏସ୍ ?ପିଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସରପଞ୍ଚ ରାଉତ ପଞ୍ଚାୟତ କାର୍ଯ୍ୟାଳୟର ଚିଠି ନମ୍ବର ୮୩/୧୭, ଜୁଲାଇ ୨୦୨୬ ଅନୁଯାୟୀ ଲିଖିତ ଭାବେ ଅବଗତ କରାଇଥିଲେ ।

# ଗ୍ରାମୀଣ ନାଟ୍ୟ ଦିବସ ପାଳିତ



**ବ୍ରହ୍ମପୁର (ଅମୃତ ମିଡିଆ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ' ଏବଂ ୟୁଟ୍ୟୁବ ଚାନେଲ ସୁହାନୀ କ୍ରିଏସନ ଓ ତିରୁପତି ଓଡ଼ିଆ ପ୍ରଡକ୍ସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ପବିତ୍ର ଗ୍ରାମୀଣ ନାଟ୍ୟ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ଚରଣରେ ସ୍ଥାନୀୟ କଳାକାର ମାନଙ୍କୁ ନେଇ ଏକ ଭଜନ ସମାରୋହ ବରିଷ୍ଠ ଉଦଘୋଷକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ହୋଇଥିଲା । କଳାପ୍ରାଣ କୈଳାସ ପାଣିଗ୍ରାହୀ ବିଧିବତ୍ ଏହାର ଶୁଭ ଉଦ୍ଘାଟନ କରିଥିଲେ । ଦ୍ୱିତୀୟ ଚରଣରେ ମା' ମଙ୍ଗଳା ଓ କଳାପାଟ ଲୋକ ନାଟ୍ୟ ସଂଘ, ଦ୍ୱାନପଲ୍ଲୀ ପ୍ରଯୋଜିତ ଲୋକ ନାଟକ ଲକ୍ଷ୍ମୀ ପୁରାଣ ପରିବେଷଣ କରାଯାଇଥିଲା । ଏହି ଅବସରରେ ନାଟ୍ୟ ଗୁରୁ ବନଜ କୁମାର ସାହୁ, ପରିଚାଳକ ପୂର୍ଣ୍ଣ ଚନ୍ଦ୍ର ସାହୁ, ରୂପକାର କାମେଶ୍ୱର ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ଶିଶୁକଳାକାର ଆଶା, ଓଁ, ଗଣେଶ, ଅମର, ଖୁସି ଓ ପିଲି ମୋହନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମର ତୃତୀୟ ଚରଣରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା । ମଞ୍ଚ ମୋହନ ରାଜେନ୍ଦ୍ର ପତି ମୂଖ୍ୟ ଅତିଥି, ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା ବିଶିଷ୍ଟ ଅତିଥି, ସାଂସ୍କୃତିକ ଗବେଷକ ଡଃ. ବାୟାମନୁ ଚର୍ଚ୍ଚି ମୂଖ୍ୟ ବକ୍ତା, ସଂସ୍କୃତିପ୍ରାଣା ବ୍ୟକ୍ତିତ୍ୱ ଇଂ. ଯାମିନୀକାନ୍ତ ଦାସ ବିଶିଷ୍ଟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ମହାସଂଘ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଗ୍ରାମୀଣ ନାଟ୍ୟ ଦିବସ ଗ୍ରାମୀଣ କଳାକାରମାନଙ୍କୁ ଯଥେଷ୍ଟ ପ୍ରେରଣାପ୍ରଦ ହେବା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରିଷ୍ଠ କଳାକାର ଗୁରୁ ନବଘନ ପରିଡା, ଗୁରୁ ରଙ୍କନିଧି ବେହେରା, ଗ୍ରାମୀଣ ନାଟ୍ୟଗୁରୁ ଦୟାନିଧି ପାତ୍ର, କଣ୍ଠଶିଳ୍ପୀ ଡ଼ା. ଚନ୍ଦନ ଗନ୍ତାୟତ, ବରିଷ୍ଠ କଳାକାର ମହେନ୍ଦ୍ର କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା କାର୍ଯ୍ୟରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଡ଼ା. ସାହୁଙ୍କୁ ବିଭିନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ ତରଫରୁତାଙ୍କରି ୬୫ତମ ଜନ୍ମଦିନ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ଶୈଳଭାମା ମହାପାତ୍ର, ଆଲୋକ କୁଣ୍ଡୁ, କରୁଣାକର ସେଠୀ, ମାନସୀ ପାତ୍ର, ସଂଗ୍ରାମ ମହାନ୍ତି, ଅଭିଳିପ୍ସା ପାତ୍ର, ସୌମ୍ୟ ରଂଜନ ମଲ୍ଲିକ୍, ସୁଦୀପ ସାହୁ, ସ୍ୱରବିବୁଧ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କଣ୍ଠ ଶିଳ୍ପୀମାନେ ଡ଼ା. ସାହୁଙ୍କ ରଚିତ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡ଼ା. ଏନ୍. ସୁରେଶ ଚୌଧୁରୀ, ୟୁ. ପ୍ରେମା, ଏନ୍. ନୀଳକଣ୍ଠ, କୁରା ଗୌଡ଼, ଚାନ୍ଦମାମା ବେହେରା, ସରୋଜ କାନ୍ତ ପଣ୍ଡା ନଳିନୀକାନ୍ତ ଗୌଡ଼, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ନାଟ୍ୟ ସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଣ୍ଢେଇ କେନାଲ ବନ୍ଧ ରାସ୍ତା ଶୋଚନୀୟ

**ପୁରୀ (ବ୍ୟୁରୋ):** ନୟାହାଟରୁ ଟ୍ରାଫିକ ସମସ୍ୟା ଦୂର ପାଇଁ ଗତ ୮ବର୍ଷ ତଳେ ୪୦ଲକ୍ଷ ଟଙ୍କା ବ୍ୟୟରେ କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀର ବାମପାର୍ଶ୍ୱ ବନ୍ଧ ବରଗଡ଼ାଠାରୁ ରଙ୍ଗତୋଟା ପର୍ଯ୍ୟନ୍ତ ୧୫୦୦ ମିଟର ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ନୟାହାଟରେ ଟ୍ରାଫିକ ସମସ୍ୟା ପ୍ରତିଦିନ ଦେଖାଯାଉଥିବା ବେଳେ ଯୋଗେଶ୍ୱରପୁର ପଟୁ ହାଲୁକାଯାନ ବାଇକ୍, କାର ଓ ଅଟୋ ଯାତାୟାତ ପାଇଁ ଉକ୍ତ ରାସ୍ତାଦେଇ ନୟାହାଟରେ ପହଞ୍ଚିଲେ। ରାସ୍ତା ଉପରେ ଭାରିଯାନ ଯିବା ଦ୍ୱାରା ରାସ୍ତା ନଷ୍ଟ ହୋଇ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାନବାହାନ ସହଜରେ ଯାଇପାରୁ ନାହିଁ। ଏ ସମ୍ପର୍କରେ ପାଣିଛତ୍ର ଜଳସେଚନ ବିଭାଗର ଯନ୍ତ୍ରୀ ରବିନ୍ଦ୍ର କୁମାର ଦାସ କହିଛନ୍ତି, ବର୍ଷା ଦିନ ପରେ ଶୀତ ଦିନ ଆସିଲେ ରାସ୍ତା କାର୍ଯ୍ୟ କରାଯିବ।

## 'ସ୍ୱଚ୍ଛତା ପଖୱାଡା ୨୦୨୬' କାର୍ଯ୍ୟକ୍ରମ

**ପୁରୀ (ବ୍ୟୁରୋ):** ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ମାଇଁ ଭାରତ ପୁରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ ଫାଉଣ୍ଡେସନ ପକ୍ଷରୁ 'ସ୍ୱଚ୍ଛତା ପଖୱାଡା ୨୦୨୬ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସ୍ୱର୍ଣ୍ଣଭ ବେଳାଭୂମିକୁ ସଫେଇ କରାଯାଇଛି। ପର୍ଯ୍ୟଟକ ଏବଂ ବେଳାଭୂମିରେ ବ୍ୟବସାୟୀଙ୍କୁ ବେଳାଭୂମି ସଫା ରଖୁବାକୁ ସଚେତନ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରୀକୁ ପ୍ଲାଷ୍ଟିକମୁକ୍ତ କରି ସ୍ୱଚ୍ଛ ସବୁଜ ପୁରୀ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମରେ ମାଇଁ ଭାରତ ପୁରୀର ଜିଲା ଯୁବ ଅଧିକାରୀ ସଙ୍ଗୀତା ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଏହିପରି କାର୍ଯ୍ୟ ଜାରି ରଖୁବା ପାଇଁ ପ୍ରେରଣା ଦେଇଥିଲା। ହାପିନେସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ॥ ୧୩୧ ଦିନର ନୀରବ ସତ୍ୟାଗ୍ରହ ॥

# ପାଦ ଚାଲୁଛି, ଆଶା ଜୀବନ୍ତ ଅଛି



**ପୁରୀ (ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ସହର ଓ ସଦରବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ଆଜି ୧୩୧ ଦିନରେ ପହଞ୍ଚିଛି। ପବିତ୍ର କାମଦା ଏକାଦଶୀ ଅବସରରେ ମଧ୍ୟ ସତ୍ୟାଗ୍ରହୀମାନେ ନୀରବତା ଅବଲମ୍ବନ କରି ଶାନ୍ତିପୂର୍ଣ୍ଣ ପଦଯାତ୍ରା କରିଥିଲେ। ଗତ ଅପ୍ରେଲ ୧ ତାରିଖ ଉତ୍କଳ ଦିବସଠାରୁ ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ପ୍ରତ୍ୟହ ଏହି ନୀରବ ସତ୍ୟାଗ୍ରହ ପଦଯାତ୍ରା ଅନୁଷ୍ଠିତ ହୋଇଆସୁଛି। ହାତରେ ଦାବିର ପ୍ଲାକାର୍ଡ ଧରି, ନୀରବତା ଅବଲମ୍ବନ କରି ପଦଯାତ୍ରୀ ସତ୍ୟାଗ୍ରହୀମାନେ ନିଜ ଦାବି ପ୍ରତି ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ପୁରୀବାସୀଙ୍କ ଦୀର୍ଘ ଦିନର ଦାବି ହେଉଛି



ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନର ସୁବିଧା। ପୁରୀ ସହର ଓ ସଦର ଅଞ୍ଚଳର ଲୋକମାନେ ନିଜ ଆରାଧ୍ୟ ମହାପ୍ରଭୁଙ୍କୁ ପୂର୍ବପରି ସହଜ ଓ ସୁବିଧାଜନକ ଭାବେ ଦର୍ଶନ କରିପାରିବା ପାଇଁ ଏହି ଦାବି ଉଠାଇଛନ୍ତି। ଦୀର୍ଘ ୧୩୧ ଦିନ ଧରି ସତ୍ୟ ଓ ଅହିଂସାର ପଥରେ ଏହି ଦାବିକୁ ଶାନ୍ତିପୂର୍ଣ୍ଣ ଭାବେ ଜଣାଇ ଆସୁଛନ୍ତି ପଦଯାତ୍ରୀ ସତ୍ୟାଗ୍ରହୀମାନେ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ବାସୁଦେବ ଲେଙ୍କା, କିଶୋର ଚନ୍ଦ୍ର ଦାସ, ସନ୍ତୋଷ ସେନାପତି, ନୃସିଂହନାଥ ନାୟକ, ମନୋରଞ୍ଜନ ରଣସିଂହ, ଅରୁଣା ପଟ୍ଟନାୟକ, ମମତା ଦାସ, ସରସ୍ୱତୀ ସାହୁ, ବିପାଶା ସିଂହ, ସୌମ୍ୟା ସାହୁ, ବୈଶାଖୀ ପ୍ରଧାନ, ବର୍ଷା ସାହୁ, ରିତିକା ପ୍ରଧାନ, ରୂପା ବେହେରା, ଇଚ୍ଛା ଦାସ, ଚିକି ସାହୁ, ସିମ୍ରନ ସାହୁ, ମନୀଷା ରାଣୀ, ପ୍ରୀତ ରାଉତ, ମମତା ସ୍ୱାଇଁ, ଯାଦବାନନ୍ଦ ରାୟ, ଅଭିମନ୍ୟୁ ପ୍ରଧାନ, ଲିଙ୍ଗରାଜ ସାହୁ, ପତିତପାବନ ସାମନ୍ତରାୟ, ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ପଦଯାତ୍ରୀ ସତ୍ୟାଗ୍ରହୀମାନେ କହିଛନ୍ତି ଯେ, ଏହି ସଂଘର୍ଷ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ। ପୁରୀବାସୀଙ୍କ ଦୀର୍ଘଦିନର ଭାବନା ଓ ମହାପ୍ରଭୁଙ୍କ ଦର୍ଶନ ସହ ଜଡ଼ିତ ଦାବିକୁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ



ସରକାର ଓ ପ୍ରଶାସନଙ୍କ ନିକଟରେ ପହଞ୍ଚାଇବା ହିଁ ଏହି ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ। ସତ୍ୟ, ଅହିଂସା ଓ ଗଣତାନ୍ତ୍ରିକ ମାର୍ଗରେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ନୀରବ ସଂଘର୍ଷ ଜାରି ରହିବ ବୋଲି ସତ୍ୟାଗ୍ରହୀମାନେ କହିଛନ୍ତି। ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୩୧ ଦିନ ଧରି ଆମେ ସତ୍ୟ ଓ ଅହିଂସାର ପଥରେ ଆମର ଦାବି ଜଣାଇଆସୁଛୁ। ଆମର ଉଦ୍ଦେଶ୍ୟ କାହାକୁ ବିରୋଧ କରିବା ନୁହେଁ। ପୁରୀବାସୀଙ୍କ ମହାପ୍ରଭୁଙ୍କ ଦର୍ଶନ ଅଧିକାର ପୂର୍ବପରି ପୁନଃସ୍ଥାପନ ହେବା ଆମର ଦାବି। ଏହି ଦାବି ପ୍ରତି ସରକାର ଓ ପ୍ରଶାସନ ଦୃଷ୍ଟି ଦେଇ ପୁରୀବାସୀଙ୍କ ଭାବନାକୁ ସମ୍ମାନ ଦେବେ ବୋଲି ଆମର ଆଶା।" ପବିତ୍ର କାମଦା ଏକାଦଶୀରେ ନୀରବ ସତ୍ୟାଗ୍ରହୀ ପଦଯାତ୍ରୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁରୀବାସୀଙ୍କ ଦାବି ଶୀଘ୍ର ପୂରଣ ହେବା ପାଇଁ ପ୍ରାର୍ଥନା କରିଥିଲେ। ପ୍ରତ୍ୟେକ ପୁରୀବାସୀ ନିଜ ଆରାଧ୍ୟ ମହାପ୍ରଭୁଙ୍କୁ ପୂର୍ବପରି ଦର୍ଶନ କରିବାର ସୁଯୋଗ ପାଆନ୍ତୁ—ଏହି ଆଶା ଓ ବିଶ୍ୱାସ ସହ ସତ୍ୟାଗ୍ରହୀମାନେ ଆଜିର ଦିନ ଶେଷ କରିଥିଲେ। ୧୩୧ ଦିନର ନୀରବତା ଏବେ ମଧ୍ୟ ଜାରି ରହିଛି। ପାଦ ଚାଲୁଛି ଅଧିକାର ପାଇଁ, ନୀରବତା କହୁଛି ନ୍ୟାୟ ପାଇଁ ଓ ଆଉ ଆଶା ରହିଛି ମହାପ୍ରଭୁଙ୍କ ଦର୍ଶନ ପାଇଁ।

### ॥ ଶ୍ରାବଣ ଦ୍ୱିତୀୟ ସୋମବାର ॥

# ହର ହର ବମ୍ ଧ୍ୱନିରେ ପ୍ରକମ୍ପିତ ଶୈବପୀଠ







**ପୁରୀ (ବ୍ୟୁରୋ):** ବୋଲବମ ହର ହର ବମ୍ ଧ୍ୱନୀରେ ପ୍ରକମ୍ପିତ ହେଉଛି ସମସ୍ତ ଶୈବପୀଠ।ଆସନ୍ତା କାଲି ହେଉଛି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ବୋଲବମ ଭକ୍ତ ମାନଙ୍କ ଭିଡ ଦେଖିବାକୁ ମିଳିବ ପୁରୀ ଲୋକନାଥ ପୀଠରେ। ଭକ୍ତମାନେ ଭକ୍ତି ଭାବର ସହ ବିଭିନ୍ନ ନଦୀ ପଠାରୁ ଜଳ ଆଣି ଛୁଟି ଆସିଛନ୍ତି। ଭକ୍ତ ମାନଙ୍କ ଗହଳିକୁ ନଜରରେ ରଖି ପ୍ରତ୍ୟେ ବର୍ଷ ପରି ଚଳିତ ବର୍ଷ ପ୍ରୟାସ ଟେଲିଭିଜନ ପୁରୀ ଓ ୱଣ୍ଡର ୱାର୍ଲଡ଼ ୱାଟର ପାର୍କ,ମିନା ଫୁଡ୍ସ,ଜିଲ୍ଲା ଚେସ ଆସୋସିଏସନର ମିଳିତ ସହଯୋଗରେ ଭକ୍ତ ମାନଙ୍କ ନିମନ୍ତେ ନିଃଶୁଳ୍କ ପ୍ରଶାଦ ବଣ୍ଟନ କରାଯାଇଛି। ପ୍ରୟାସ ଟେଲିଭିଜନର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦାନ କରି ପ୍ରାୟ ୧୦ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ବଣ୍ଟନ କରିଥିଲେ। ଭକ୍ତ ମାନେ ପ୍ରସାଦ ଖାଇ ଅତ୍ୟନ୍ତ ଖୁସି ଥିବା ଦେଖିବାକୁ ମିଳିଥିଲା।ସନ୍ଧ୍ୟାରେ ମନୀଷା କଳା ନିକେତନର ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ନୃତ୍ୟ ଗୁରୁ ମନୀଷା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା.ଏହାପରେ ଭକ୍ତ ମାନଙ୍କ ମନୋରଞ୍ଜନ ନିମନ୍ତେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା.ପୁରୀର ଦୟାନିଧି ସଙ୍ଗୀତ ସୁଧା ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଗୁରୁ ପ୍ରକାଶ କୁମାର ରଥ ଙ୍କ ନିର୍ଦ୍ଦେଶନାରେ ପ୍ରଭୁ ଶିବଶଙ୍କରଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଭକ୍ତିସଙ୍ଗୀତ ପରିବେଷଣ କରି ଭକ୍ତଗଣ ତଥା ଶ୍ରୋତାମାନଙ୍କ ମନ ମୋହି ନେଇଥିଲେ. ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀ ମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଡ଼ଃ ଇପ୍ସିତା ଦାଶ, ଡ଼ଃ ନିହାର ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ଶ୍ୱେତା ସାଗରୀକା ପାଇକ, ପ୍ରିତମ ବରାଡ଼,ଅସିତ କୁମାର ସାହୁ ଏବଂ ଦିବ୍ୟଜ୍ୟୋତି ଦାଶ.ବାଦ୍ୟଯନ୍ତ୍ର ରେ ସହଯୋଗୀତା କରିଥିଲେ ଗୁରୁ ଶାରଦା ପ୍ରସନ୍ନ ମିଶ୍ର, ନୃସିଂହ ମହାରଣା , କାଳୁଚରଣ ସାହୁ ଏବଂ ଅର୍ଜୁନ ମହାରଣା. ଉପସ୍ଥିତ ଶିବ ଭକ୍ତ ତଥା ଶ୍ରୋତା ମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତିଗୀତର ଆନନ୍ଦ ନେଇ ଅନୁଷ୍ଠାନର ତଥା ଆୟୋଜକ ଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରୟାସ ତଥା ସମାଜସେବୀ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

# ସରକାରୀ ଅଫିସରଙ୍କ ନାଁ ନେଇ ଟଙ୍କା ଆଦାୟ ଅଭିଯୋଗ

**ପୁରୀ/ଅସ୍ତରଙ୍ଗ:**ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସ୍ଥାନୀୟ ବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଅଞ୍ଚଳ ବାସୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଆକାରରେ ଅଭିଯୋଗ ଦେଇଥିବା ବେଳେ ଏଯାଏଁ କାହାର ପ୍ରତିକ୍ରିୟା ମିଳିନଥିବା ଅଭିଯୋଗ ହୋଇଛି। ଏହା ସହ ଜିଲ୍ଲାପାଳ, ଉପଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ, ତହସିଲଦାର ଏବଂ ରାଜ୍ୟ ମାନବାଧିକାର କମିଶନଙ୍କୁ ମଧ୍ୟ ନକଲ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ୟକ୍ତି ନିଜକୁ କରିତ୍କର୍ମା ଭାବିବା ସହ ସ୍ୱାର୍ଥ ପାଇଁ ବାରମ୍ବାର ଦଳ ପରିବର୍ତ୍ତନ କରୁଛନ୍ତି। ବର୍ତ୍ତମାନ ରାଜ୍ୟରେ ଶାସକ ଦଳ କ୍ଷମତାରେ ଥିବାରୁ ନିଜକୁ ଶାସକ ଦଳର ମୁଖ୍ୟ ବୋଲି ପରିଚୟ ଦେଇ ସରକାରୀ ଅଫିସରଙ୍କ ନାଁ ବ୍ୟବହାର କରି ଲୋକଙ୍କୁ ଭୟଭୀତ କରୁଛନ୍ତି। ପ୍ରତ୍ୟେକ ଦିନ ସେ ଅସ୍ତରଙ୍ଗ ଥାନା, ତହସିଲ ଓ ବ୍ଲକ ଅଫିସରେ ଗାମୁଛା ପକାଇ ବୁଲୁଥିବା ଅଭିଯୋଗ ହୋଇଛି। ସବୁଠୁ ଗୁରୁତର ଅଭିଯୋଗ ହେଉଛି 'କଙ୍ଗାରୁ କୋର୍ଟ' ଚଳାଇବା। ଅଭିଯୋଗକାରୀଙ୍କ କହିବା ଅନୁସାରେ, ଉକ୍ତ ବ୍ୟକ୍ତି ଜନତାଙ୍କ ସମସ୍ୟା ବୁଝିବା ନାଁରେ ସାଧାରଣ ପରିବାର ଘଟଣାକୁ ଇଚ୍ଛାକୃତ ଭାବେ ବଡ କରି ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କା ବେଆଇନି ଭାବେ ଶୋଷଣ କରୁଛନ୍ତି। ସରକାରୀ ଅଧିକାରୀଙ୍କୁ ସିଧା ଧମକାଇବା ପରିବର୍ତ୍ତେ ସେ ତାଙ୍କ ନାଁ ନେଇ ଲୋକଙ୍କୁ କହୁଛନ୍ତି ଯେ 'ଉପରୁ ଅର୍ଡର ଅଛି' ଏବଂ ଏହି ଭାବେ ଚାନ୍ଦା ଆଦାୟ କରୁଛନ୍ତି। ଯେଉଁମାନେ ଟଙ୍କା ଦେଇ ପାରନ୍ତି ନାହିଁ ସେମାନଙ୍କୁ ଅକଥନୀୟ ଭାଷା ବ୍ୟବହାର କରିବା ସହ ନିଆଁ-ପାଣି ବନ୍ଦ କରିଦେବା ଭଳି ଧମକ ଦିଆଯାଉଛି। ଏହି ଭାବେ ଶୋଷଣ କରାଯାଇଥିବା ଟଙ୍କାରେ ସେ ଜମି ଉପରେ ଜମି କିଣୁଥିବା ଅଭିଯୋଗ ହୋଇଛି। ବିଗତ କିଛି ବର୍ଷ ମଧ୍ୟରେ ମହିଳାଙ୍କ ଉପରେ ସଙ୍ଘବଦ୍ଧ ଆକ୍ରମଣ, ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ବଦଳରେ ତାକୁ ଉସୁକାଇ ଦେବା ଏବଂ ଶାସକ ଦଳରେ ରହି ପଦର ଅପବ୍ୟବହାର କରିବା ଭଳି ଅଭିଯୋଗ ମଧ୍ୟ ହୋଇଛି। ଅସ୍ତରଙ୍ଗ ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଲୋକ ମତ୍ସ୍ୟଜୀବି ହୋଇଥିବା ବେଳେ ନିଜକୁ ମତ୍ସ୍ୟଜୀବି ନେତା ବୋଲି କହି ଅନେକ ମତ୍ସ୍ୟଜୀବିଙ୍କୁ ହଇରାଣ କରାଯାଉଥିବା କୁହାଯାଇଛି। ଅଭିଯୋଗରେ ଆହୁରି କୁହାଯାଇଛି ଯେ କେହି ଗ୍ରାମାଞ୍ଚଳରେ ଗଛ କାଟିଲେ କିମ୍ବା ସରକାରୀ ଜାଗାରେ ଘର ବା ଦୋକାନ କଲେ ସେମାନଙ୍କଠାରୁ ମଧ୍ୟ ସରକାରୀ ଅଧିକାରୀଙ୍କ ନାଁ ଦେଖାଇ ଟଙ୍କା ଆଦାୟ କରାଯାଉଛି। କିଛି ଲୋକଙ୍କୁ ହାତରେ ରଖି ସେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏକ ପ୍ରକାର ସମାନ୍ତରାଳ ବିଚାର ବ୍ୟବସ୍ଥା ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ସମସ୍ତ ଅତ୍ୟାଚାର ଅସହ୍ୟ ହେବାରୁ ସ୍ଥାନୀୟ ବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଶେଷରେ ସ୍ଥାନୀୟ ବାସୀଙ୍କ କଡା ଚେତାବନୀ ବିଜେପି ସରକାର 'ଲୋକଙ୍କ ସରକାର' ବୋଲି ଦାବି କରୁଥିବା ବେଳେ ଏହିଭଳି ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଦଳରେ ରଖିଲେ ତାହା ସରକାରଙ୍କ ପ୍ରତି ଜନତାଙ୍କ ଆସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି।ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ଶାସକ ଦଳ ଏହି ବ୍ୟକ୍ତିଙ୍କୁ ତୁରନ୍ତ ବହିଷ୍କାର ନ କରେ, ତେବେ ଅସ୍ତରଙ୍ଗ ବ୍ଲକ ଅଧୀନ ଅନେକ ପଞ୍ଚାୟତରେ ବିଜେପିକୁ ଏହାର ମୂଲ୍ୟ ଦେବାକୁ ପଡିବ ବୋଲି କିଛି ଗାଁ ଅଧିବାସୀ ସିଧା ଚେତାଇ ଦେଇଛନ୍ତି। ଏ ସମ୍ପର୍କରେ କାହାର ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗ ପାଇବା ପରେ ବି ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ଅଭିଯୋଗ ହୋଇଛି।

# ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି କଣାସ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ସତ୍ୟବାଦୀର ଯୁବନେତା କାମାକ୍ଷା ପ୍ରଧାନ ବିପନ୍ନମାନଙ୍କୁ ରିଲିଫ ବଣ୍ଟନ କରିଛନ୍ତି। ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଗଡ଼ମାଟିଆପଡ଼ା, ବଗିପଡା, ସିମିଳିପାଟଣା କାଦୁଆ ପଞ୍ଚାୟତର କଉଡ଼ିଖିଣି ବନ୍ୟା ପୀଡ଼ିତାଙ୍କୁ ଚୁଡା, ଚିନି, ବିସ୍କୁଟ, ପାଉଁରୁଟି, ମଶାରୀ ଓ ମଶାଧୂପ ବଣ୍ଟନ କରିଥିଲେ। ପ୍ରଧାନ ବନ୍ୟା ପୀଡ଼ିତମାନଙ୍କ ସହିତ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଚେଷ୍ଟା କରିବେ ବୋଲି ପ୍ରଧାନ କହିଥିଲେ। ଏହି ସମୟରେ କଣାସ ବ୍ଲକ ସଭାପତି ବିଶ୍ୱଜିତ ବଡ଼ଜେନା, ସମ୍ପାଦକ ବିଷ୍ଣୁଜୟ ମତଗଜସିଂହ, ୪ ନମ୍ବର ସଭାନେତ୍ରୀ ଜିତା ପାଇକରାୟ, ୩ ନମ୍ବର ଜୋନ ସଭାପତି କିଶୋର ମାର୍ଥା, ୫ ନମ୍ବର ଜୋନ ସମ୍ପାଦକ ବିଶ୍ୱଜିତ ଜଗଦେବ, ପ୍ରଫୁଲ୍ଲ ପାଇକରାୟ, ମେନକା ପ୍ରଧାନ, ଅକ୍ଷୟ ପାଇକରାୟ, ପ୍ରତ୍ୟୁଷ ବଡ଼ଜେନା, ବିଜୟ ସାହୁ ଏବଂ ସିପୁ ସାମନ୍ତରାୟ ଉପସ୍ଥିତ ଥିଲେ। ରିଲିଫ୍ ବଣ୍ଟନ କରାଯାଉଛି ।

# ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ



**ପୁରୀ (ବ୍ୟୁରୋ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଏବଂ ଅନୁଷ୍ଠାନ ଆମର ପୁରୀ ର ମିଳିତ ସହଯୋଗରେ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୪ ତମ ଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି,ସମାଜସେବୀ ରାଜେଶ କୁମାର ମିଶ୍ର, ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା, ସମାଜସେବୀ ତଥା ସଂଗଠକ ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର, ସମାଜସେବୀ ରାଧେଶ୍ୟାମ ରଥ,ଅନୁଷ୍ଠାନ ଆମର ର ସଭାପତି ଭରତ କୁମାର ନାୟକ,ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଯୋଜନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।କଳାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ ।କଳା କୁ ବଞ୍ଚାଇବା ନିମନ୍ତେ ପୁରୀ ସହରରେ ଏକ ପ୍ରେକ୍ଷାଳୟର ଆବଶ୍ୟକତା ହେଉଛି ।ତେଣୁ ପ୍ରଶାସନକୁ ଅନୁରୋଧ ଏକ ନୂତନ ପ୍ରେକ୍ଷାଳୟ ତିଆରି କରାଗଲେ କଳା ଆଗକୁ ଯାଇପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହାପରେ ନାଟରାଜ ଦେବ ଗୋସ୍ୱାମୀ ଓ ଶଶିକାନ୍ତ ରଥ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ଏହାପରେ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ସଂସଦ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଶୁଚିସ୍ମିତା ମହାରଣା,ବିଷ୍ଣୁପ୍ରିୟା ରାଉତ,ସୋନାଲି ଦାସ,ରଶ୍ମିରେଖା ପୃଷ୍ଟି,ସତ୍ୟପ୍ରିୟା ରାଉତ, ମଧୁସ୍ମିତା ନୃତ୍ୟ ପରିବେଷଣ କରିଥିଲେ ।ମଞ୍ଚ ପରିଚାଳନା କରିଥିଲେ ଭରତ ନାୟକ ।ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ।

## ମହିଳାଙ୍କୁ ଧମକ: ଅଭିଯୁକ୍ତ ଗିରଫ

**ପୁରୀ (ବ୍ୟୁରୋ):** ମହିଳାଙ୍କୁ ଖରାପ ଉଦ୍ଦେଶ୍ୟ ରଖି ହଇରାଣ କରିବା ସହ ଧମକ ଦେବା ଘଟଣାରେ ତାଳବଣିଆ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ନିମାପଡ଼ା ଅଞ୍ଚଳର ଦେବଦତ୍ତ ସେଠୀ। ପୋଲିସର ସୂଚନା ଅନୁଯାୟୀ, ଗତ ୭ ତାରିଖ ଦିନ ଥାନାରେ ଜଣେ ମହିଳା ଲିଖତ ଅଭିଯୋଗ କରିଥିଲେ କି ତାଙ୍କ ସ୍ୱାମୀ ବୌଦ୍ଧ ଜିଲାରେ କାର୍ଯ୍ୟରତ ଅଛନ୍ତି। ସେ ୧୫ ବର୍ଷ ବୟସର ଝିଅ ସହିତ ତାଳବଣିଆ ଥାନା ଅଞ୍ଚଳରେ ରହୁଛନ୍ତି। ଦୀର୍ଘ ଦିନ ଧରି ନିମାପଡ଼ାର ଦେବଦତ୍ତ ନାମକ ଜଣେ ଯୁବକ ତାଙ୍କୁ ଖରାପ ଉଦ୍ଦେଶ୍ୟ ରଖି ହଇରାଣ କରିଆସୁଛନ୍ତି। ଗତ ୫ ତାରିଖ ଦିନ ସେ ବାହାରକୁ ଯାଉଥିବା ସମୟରେ ବାଟରେ ଅଭିଯୁକ୍ତ ଦେବଦତ୍ତ ତାଙ୍କୁ ଅଟକାଇ ତାଙ୍କ ହାତକୁ ଟାଣି ନେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ।

# ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ



**ପୁରୀ (ବ୍ୟୁରୋ):** ଜଗନ୍ନାଥ ବଲ୍ଲଭ ପୁରୁଣା ପାର୍କ ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ୧୨ ଘଣ୍ଟା ମଧ୍ୟରେ ପୁଲିସ ଉଭୟଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅଧୀନ ସାଧେଇଶାସନ ଅଞ୍ଚଳର କହ୍ନା ଓରଫ ବିକାଶ ମଲ୍ଲିକ (୨୧) ଏବଂ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ ପାଡ଼ି ନାରାୟଣପୁରର ଚିନ୍ମୟ ପଣ୍ଡା ଓରଫ ଚିଣ୍ଟୁ (୨୪)। ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ମିତ୍ର ନାୟକ (୨୦) ଗତ ୭ ତାରିଖ ସକାଳ ପ୍ରାୟ ୭ଟା ୧୫ ମିନିଟ୍ ସମୟରେ ଜଗନ୍ନାଥ ବଲ୍ଲଭ ପୁରୁଣା ପାକଂରେ ଥିବାବେଳେ ଉଭୟ ଅଭିଯୁକ୍ତ ଦାଦାବଟି ଦାବି କରିଥିଲେ। ଏହାକୁ ସେ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କଟୁରୀ ଦେଖାଇ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ରେ ଟାଉନ୍ ଥାନା ପୁଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ପାଇବା ପରେ ଟାଉନ୍ ଥାନା ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଉଭୟ ଅଭିଯୁକ୍ତଙ୍କୁ ୧୨ ଘଣ୍ଟା ମଧ୍ୟରେ ଧରିଥିଲା। ସେମାନଙ୍କ ନିକଟରୁ କଟୁରୀ ଓ ୨୧୦ ଟଙ୍କା ଜବତ କରାଯାଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା (ନଂ ୫୩୧/୨୬) ରୁଜୁ ହୋଇଛି। ଅଭିଯୁକ୍ତ ଚିନ୍ମୟ ପୂର୍ବରୁ କୁମ୍ଭାରପଡ଼ା ଥାନାର ଏକ ଚୋରି ମାମଲାରେ ସମ୍ପୃକ୍ତ ଥିବାବେଳେ ବିକାଶଙ୍କ ବିରୋଧରେ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନାରେ ଆକ୍ରମଣ ଓ ଚୋରି ମାମଲା ରହିଥିବା ପୁଲିସ ଯାଞ୍ଚରୁ ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କୁ ଶନିବାର ପୁରୀ କୋର୍ଟକୁ ଚାଲାଣ କରାଯାଇଥିଲା । ପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି।

# କୁମାର ଉତ୍ସବ ପାଇଁ ୨୨ରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ପୁରୀ (ବ୍ୟୁରୋ):** ୫୯ତମ କୁମାର ଉତ୍ସବ-୨୦୨୬ ଆସନ୍ତା ୨୭ରୁ ୨୯ ଅକ୍ଟୋବର ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ପୁରୀ ଶରଧାବାଲିସ୍ଥିତ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଆୟୋଜିତ ହେବ। ଏହି ଉତ୍ସବ ମାଧ୍ୟମରେ ପୁରୀର ସମୃଦ୍ଧ ଐତିହ୍ୟ, ଲୋକକଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଆଧ୍ୟାତ୍ମିକତା ଓ ପାରମ୍ପରିକ ଜୀବନଧାରାକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରିବା ସହିତ ନୂଆପିଢ଼ିକୁ ନିଜ ମାଟି ଓ ମୂଳ ସହିତ ପରିଚିତ କରାଇବାକୁ ଉଦ୍ୟମ କରାଯିବ। ଏହି ପରମ୍ପରାକୁ ଆହୁରି ସୁଦୃଢ଼ କରିବା ସହିତ ଶିଶୁ, କିଶୋର, ଯୁବପିଢ଼ି ଓ ବୟସ୍କଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ କୁମାର ଉତ୍ସବ ପୂର୍ବରୁ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଉଛି । ତେଣୁ ଆସନ୍ତା ୨୨ରୁ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଏହି ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ଏଥିରେ ଗୀତା ପାଠ, ଓଡ଼ିଆ ଭାଗବତ ପାଠ, ଯୋଗ, ଯୋଗ, ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ, ବକ୍ତୃତା, ଝୋଟି, 'ଆସ ମହାପୁରୁଷଙ୍କୁ ଚିହ୍ନିବା, ଜାଣିବା, ଲେଖିବା', ଶ୍ରୀକ୍ଷେତ୍ର କୁମାର/କୁମାରୀ, ଶ୍ରୀକ୍ଷେତ୍ର ଗୃହିଣୀ, ଭକ୍ତି କୁମାର/କୁମାରୀ, ଶ୍ରୀକ୍ଷେତ୍ର ଗୃହିଣୀ, ଭକ୍ତି ଓ ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ ଓ ଲୋକନୃତ୍ୟ ଆଦି ବିଭିନ୍ନ ବିଭାଗ ରହିଛି। ଏହି ପ୍ରତିଯୋଗିତା କେବଳ ପ୍ରତିଭା ପ୍ରଦର୍ଶନର ମଞ୍ଚ ନୁହେଁ, ବରଂ ଆମ ପିଲା ଓ ଯୁବପିଢ଼ିଙ୍କ ମନରେ ନିଜ ଭାଷା, ସାହିତ୍ୟ, ସଂସ୍କୃତି, କଳା, ଐତିହ୍ୟ ଓ ପରମ୍ପରା ପ୍ରତି ଗଭୀର ଆତ୍ମୀୟତା ଓ ଗର୍ବବୋଧ ସୃଷ୍ଟି କରିବାର ଏକ ମହତ୍ ପ୍ରୟାସ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୧୦ରୁ ୨୧ ପର୍ଯ୍ୟନ୍ତ ପ୍ରତିଦିନ ଦିବା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠ, କୁମାର ଉତ୍ସବ ସମିତି କାର୍ଯ୍ୟାଳୟ ଠାରେ ନିଜର ନାମ ପଞ୍ଜୀକରଣ କରିପାରିବେ । ସମିତିର ଏହି ସାଂସ୍କୃତିକ ଅଭିଯାନରେ ପୁରୀର ଅଭିଭାବକ, ଛାତ୍ରୀଛାତ୍ର, ଯୁବପିଢ଼ି, କଳାକାର, ସାହିତ୍ୟିକ, ସଂସ୍କୃତିପ୍ରେମୀ ଓ ସମସ୍ତ ଶ୍ରେଣୀର ଜନସାଧାରଣ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ସମିତି ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ଅବସରରେ ପୂର୍ବବର୍ଷଗୁଡ଼ିକର ପରମ୍ପରାକୁ ବଜାୟ ରଖି ଚଳିତବର୍ଷ ମଧ୍ୟ ସମିତି ପକ୍ଷରୁ ଶ୍ରୀକାନ୍ତ ମହାନ୍ତିଙ୍କ ସମ୍ପାଦନାରେ ଏକ ଶୋଭନୀୟ ସ୍ମରଣିକା ପ୍ରକାଶ କରାଯିବ। ଇଚ୍ଛୁକ ଲେଖକ, ଲେଖିକାମାନେ ସେମାନଙ୍କ ଲେଖା ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତିଙ୍କ ନିକଟରେ କିମ୍ବା କୁମାର ଉତ୍ସବ ସମିତି କାର୍ଯ୍ୟାଳୟରେ ଆସନ୍ତା ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ଜମା କରିବାକୁ ସମିତିର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଅନୁରୋଧ କରିଛନ୍ତି।

# ପ୍ରଧାନ ବିଚାରପତିଙ୍କୁ ଛାତ୍ରଛାତ୍ରୀଙ୍କ ବିରୋଧ

## ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ନ କରିବାକୁ ଚିଠି



**ନୂଆଦିଲ୍ଲୀ,୯।୮:** ହାଇଦ୍ରାବାଦସ୍ଥିତ 'ନ୍ୟାସନାଲ ଏକାଡେମୀ ଅଫ୍ ଲିଗାଲ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ' ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ-୨୦୨୬ରେ ଅଧ୍ୟକ୍ଷତା କରିବା ପାଇଁ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କର ଏକ ଗୋଷ୍ଠୀ ବିରୋଧ କରିଛନ୍ତି। ୨୦୨୬ ବ୍ୟାଚ୍‌ର କିଛି ଛାତ୍ରଛାତ୍ରୀ ଉପକୁଳପତି, କୁଳସଚିବ (ରେଜିଷ୍ଟ୍ରାର), ଅଧ୍ୟାପକ ବୃନ୍ଦ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ପ୍ରଧାନ ବିଚାରପତିଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବା ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ଚିଠିରେ ଛାତ୍ରଛାତ୍ରୀମାନେ ନିକଟତର ନ୍ୟାୟିକ ଘଟଣାବଳୀକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିରେ ଜନ୍ତର ମନ୍ତର ଆନ୍ଦୋଳନ ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କ କିଛି ମନ୍ତବ୍ୟ ଏବଂ ଭାରତୀୟ ଯୁବପିଢ଼ିଙ୍କୁ 'ଅସରପା' ସହ ତୁଳନା କରିଥିବା ଅଭିଯୋଗ ବିଷୟରେ ଉଲ୍ଲେଖ କରାଯାଇଛି। ଚିଠିରେ ଲେଖାଯାଇଛି, 'ଆମେ, ଥରେଡାକ୍ଟେଡ୍‌ଧ (୨୦୨୫-୨୦୨୬) ର ନିମ୍ନ ସ୍ୱାକ୍ଷରକାରୀ ଛାତ୍ରଛାତ୍ରୀମାନେ, ଆମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି ଭାବେ ମାନ୍ୟବର ସିଜେଆଇ ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତଙ୍କୁ ନିମନ୍ତ୍ରଣ କରିବା ନେଇ ଗ୍ରାଜୁଏଟ୍ ହେଉଥିବା ବ୍ୟାଚ୍‌ର ଚିନ୍ତାକୁ ସମର୍ଥନ କରୁଛୁ।' 'ଯୁବପିଢ଼ିଙ୍କୁ 'ଅସରପା' ବୋଲି ସମ୍ବୋଧନ କରିବାଠାରୁ ଆରମ୍ଭ କରି ପୁଲିସ ନିର୍ଯାତନାର ଭିଡିଓ ଦେଖିବା ପାଇଁ ସମୟ ନାହିଁ ବୋଲି ସମ୍ବେଦନହୀନ ବକ୍ତବ୍ୟ ଦେବା ପର୍ଯ୍ୟନ୍ତ, ସିଜେଆଇ ଆମ ଭଳି ଛାତ୍ରଛାତ୍ରୀଙ୍କ ପ୍ରତି ଅନାଦର ଭାବ ଦେଖାଇଛନ୍ତି। ଆମ ବିଶ୍ୱବିଦ୍ୟାଳୟକୁ ଆସି ସେ ଆମକୁ ଏପରି ଡିଗ୍ରୀ ପ୍ରଦାନ କରିବା, ଯାହାର ଶିକ୍ଷାଗତ ଏବଂ ଭାବଗତ ଗୁରୁତ୍ୱ ରହିଛି, ତାହା ଆମକୁ ଗ୍ରହଣଯୋଗ୍ୟ ଲାଗୁନାହିଁ,' ବୋଲି ଛାତ୍ରଛାତ୍ରୀମାନେ ଚିଠିରେ ଲେଖିଛନ୍ତି। ଛାତ୍ରଛାତ୍ରୀମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ପରିସ୍ଥିତିରେ ପ୍ରଧାନ ବିଚାରପତିଙ୍କୁ ନିମନ୍ତ୍ରଣ କରିବା ସାମ୍ବିଧାନିକ ଉତ୍ତରଦାୟିତ୍ୱ ଏବଂ ଶିକ୍ଷାଗତ ସ୍ୱାଧୀନତାର ମୂଲ୍ୟବୋଧ ସହ ମେଳ ଖାଉନାହିଁ। ତେଣୁ ସେମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଏହି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ସେମାନେ ଲେଖିଛନ୍ତି, 'ଆମେ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଅନୁରୋଧ କରୁଛୁ ଯେ ମାନ୍ୟବର ସିଜେଆଇଙ୍କୁ ନିମନ୍ତ୍ରଣ ପଠାଇବାର ପ୍ରସ୍ତାବ ଉପରେ ପୁନର୍ବିଚାର କରାଯାଉ।

## ଟିଏମସି କର୍ମୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ମମତାଙ୍କ ଗାଡ଼ି ଉପରେ ଆକ୍ରମଣ

## ପଥର ମାଡ଼ରେ ମରିଯାଇଥାନ୍ତି : ମମତା






**ନୂଆଦିଲ୍ଲୀ,୯।୮:** ପୁଲିସ୍ ହାଜତରେ ପାର୍ଟି କର୍ମୀ ବିର୍ଜୁ କେଓଟଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ରାଜନୀତିକ ବିବାଦ ଭିତରେ ତାଙ୍କ ପରିବାରକୁ ଭେଟିବାକୁ ଯାଉଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ(ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କ କାଫିଲା ଉପରେ ଆନ୍ଦୋଳନକାରୀମାନେ ଆକ୍ରମଣ କରିବାରୁ ପଶ୍ଚିମବଙ୍ଗର ହାଲିସହରରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବିକ୍ଷୋଭକାରୀମାନେ ବାନାର୍ଜୀଙ୍କ ଗାଡ଼ିକୁ ଘେରାଉ କରି ପ୍ରତିବାଦ କରିବା ସହ ଗାଡ଼ିରେ କାଦୁଅ ବୋଳି ଦେଇଥିଲେ ଏବଂ କାଫିଲା ଉପରକୁ ପାଣି ବୋତଲ, ଜୋତା ଓ ଚପଲ ଫିଙ୍ଗିଥିଲେ। ଏହା ସହିତ ବିକ୍ଷୋଭକାରୀମାନେ ଟିଏମସି ସୁପ୍ରିମୋଙ୍କୁ 'ଚୋର' ଏବଂ 'ଡକାୟତଙ୍କ ରାଣୀ' କହି ନାରାବାଜି କରିଥିଲେ। ପୁଲିସ୍ ହାଜତରେ ମାଡ଼ ମରାଯିବା ଯୋଗୁଁ ଟିଏମସି କର୍ମୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ସ୍ଥାନୀୟ ପୁଲିସ୍ ତାଙ୍କୁ ପିଟି ପିଟି ମାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି, ଯାହା ସାଧାରଣ ଜନତାଙ୍କ ଅସନ୍ତୋଷକୁ ବଢ଼ାଇବା ସହ ସ୍ଥାନୀୟ ଅଞ୍ଚଳରେ ବିକ୍ଷୋଭ ସୃଷ୍ଟି କରିଛି। କଷ୍ଟୋଡିଆଲ୍ ଡେଥ୍ (ହାଜତ ମୃତ୍ୟୁ) ଅଭିଯୋଗକୁ ନେଇ ବଢ଼ୁଥିବା ବିବାଦ ମଧ୍ୟରେ ଶୋକସନ୍ତପ୍ତ ପରିବାରକୁ ଭେଟିବା ପାଇଁ ବାନାର୍ଜୀ ହାଲିସହର ଗସ୍ତ କରିଥିଲେ। ତେବେ ସେ ବାସଭବନରେ ପହଞ୍ଚିବା ପୂର୍ବରୁ ବିକ୍ଷୋଭକାରୀମାନେ ତାଙ୍କ କାଫିଲାକୁ ଅଟକାଇ ଦେଇଥିଲେ, ଯାହା ଫଳରେ କିଛି ସମୟ ପାଇଁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିଥିଲେ। ସୁରକ୍ଷା ଅଧିକାରୀମାନେ ବାନାର୍ଜୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପରିସ୍ଥିତିକୁ ଅଧିକ ବିଗିଡ଼ିବାରୁ ରୋକିବା ପାଇଁ ତାଙ୍କ କାଫିଲାକୁ ସେହି ଅଞ୍ଚଳରୁ ସୁରକ୍ଷିତ ଭାବେ ବାହାର କରି ନେଇଥିଲେ। ଉତ୍ତର ୨୪ ପ୍ରଗଣାର ବାରାକପୁରଠାରେ ଟିଏମସି କର୍ମୀ ବିର୍ଜୁ କେଓଟଙ୍କ ପରିବାରକୁ ଭେଟିବାକୁ ଯାଉଥିବା ବେଳେ ତାଙ୍କ ଗାଡ଼ି ଉପରେ ଆକ୍ରମଣ କରାଯାଇଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି, ପୁଲିସ ସାମ୍ନାରେ କିଛି ଅସାମାଜିକ ତତ୍ତ୍ୱ ମୋ ଗାଡ଼ି ଉପରକୁ ବଡ଼ ବଡ଼ ପଥର ଫିଙ୍ଗିଥିଲେ। ଗାଡ଼ି ଉପରେ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ଯଦି କାଚ ଖୋଲାଥାନ୍ତା, ତେବେ ମୋ ମୁଣ୍ଡ ଫାଟି ଯାଇଥାନ୍ତା। ଗାଡ଼ିର କାଚ ଖୋଲା ଥିଲେ ତାଙ୍କର ଜୀବନ ଚାଲିଯାଇଥାନ୍ତା ବୋଲି ସେ ଦାବି କରିଛନ୍ତି। ପୁଲିସ କୌଣସି ପଦକ୍ଷେପ ନେବାରେ ବିଫଳ ହୋଇଥିବା ଅଭିଯୋଗ କରି ବାନାର୍ଜୀ କହିଛନ୍ତି ଯେ ସେମାନେ 'ବିଜେପିକୁ ସୁରକ୍ଷା ଯୋଗାଉଛନ୍ତି'।

## ଚୁଟ୍‌କୀରେ...

### ମହାକାଳେଶ୍ୱରଙ୍କ ଦର୍ଶନ ସାରି ଫେରୁଥିଲେ ଶ୍ରଦ୍ଧାଳୁ

### କଣ୍ଟେନର ଧକ୍କାରେ ୬ ମୃତ

**ନୂଆଦିଲ୍ଲୀ,୯।୮:** ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ରବିବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କାରରେ ଥିବା ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ଏକ କଣ୍ଟେନର ଟ୍ରକ୍ କାରକୁ ଧକ୍କା ଦେବା ଫଳରେ କାରରେ ବସିଥିବା ଛଅ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ବଡ଼ନାଓ୍ୱର ସହରରୁ ପ୍ରାୟ ୪ କିଲୋମିଟର ଦୂର ପଞ୍ଚକ ଭାସା ନିକଟରେ ଅପରାହ୍ଣ ପ୍ରାୟ ୧ଟା ୩୦ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅତିରିକ୍ତ ପୁଲିସ ଅଧୀକ୍ଷକ ପାରୁଲ ବେଲାପୁରକର କହିଛନ୍ତି ଯେ, ଉଜ୍ଜୟିନୀରୁ ଆସୁଥିବା କଣ୍ଟେନର ଟ୍ରକ୍ ଏକ କାରକୁ ଧକ୍କା ଦେଇଥିଲା, ଫଳରେ ଘଟଣାସ୍ଥଳରେ ହିଁ କାରରେ ଥିବା ସମସ୍ତ ଛଅ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ଗୁଜରାଟର ବାସିନ୍ଦା। ସେମାନେ ଉଜ୍ଜୟିନୀରେ ମହାକାଳେଶ୍ୱରଙ୍କ ଦର୍ଶନ ସାରି ଗୁଜରାଟ ଫେରୁଥିଲେ। କଣ୍ଟେନର ଟ୍ରକର ଡ୍ରାଇଭରକୁ ପୁଲିସ ହେପାଜତକୁ ନେଇ ଅଧିକ ତଦନ୍ତ କରୁଛି ବୋଲି ପୁଲିସ କହିଛି।

### ଗାଡ଼ି ଧକ୍କାରେ ୩ ଜଣ କାଉଡ଼ିଆଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୯।୮:** ପଞ୍ଜାବର ଫତେଗଡ଼ ସାହିବ ଜିଲ୍ଲାସ୍ଥିତ ସିରହିନ୍ଦ ଜିଟି ରୋଡ୍ ନିକଟ ଦାଦା ମୋଟର୍ସ ନିକଟରେ ରବିବାର ଭୋର ସମୟରେ ଏକ ଦ୍ରୁତଗାମୀ ଗାଡ଼ି ଧକ୍କାରେ ୩ ଜଣ କାଉଡ଼ିଆଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କର ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଚାଲିଥିବାବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୨.୧୫ ମିନିଟ୍ ସମୟରେ କୋଟକପୁରାର ୬ ଜଣିଆ କାଉଡ଼ିଆ ଦଳ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀରୁ ପବିତ୍ର ଜଳ ନେଇ ଫେରୁଥିଲେ। ସେମାନେ ଜାତୀୟ ରାଜପଥ କଡ଼ରେ ଚାଲି ଚାଲି ଯାଉଥିବା ସମୟରେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଗାଡ଼ି ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୩ ଜଣ କୋଟକପୁରାର ପର୍ଶୁରାମ ନଗର ନିବାସୀ ମହିନ୍ଦର ପାଲ ଓରଫ ଗଗନ (୪୩), କୋଟକପୁରାର ଦୀପକ କୁମାର (୪୨) ଏବଂ ଡାକ୍ତର ହରପାଲ ଷ୍ଟ୍ରିଟ୍ର ଜଗଦୀଶ ମିତ୍ତଲ ଓରଫ କାଲୁ (୪୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ମୁକେଶ କୁମାର ନାମକ ଜଣେ କାଉଡ଼ିଆ ଗୁରୁତର ଆହତ ହୋଇଥିଲେ।

### ଟ୍ରେନୀ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଦୁଇ ପାଇଲଟ୍

**ନୂଆଦିଲ୍ଲୀ,୯।୮:** ମହାରାଷ୍ଟ୍ରର ପୁଣେ ଜିଲ୍ଲାର ବାରାମତୀ ବିମାନବନ୍ଦରରେ ଏକ ବଡ଼ ବିମାନ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି। ଘରୋଇ ପାଇଲଟ୍ ତାଲିମ କମ୍ପାନୀ କରଓ୍ୱାର ଆଭିଏସନର ଏକ ଟ୍ରେନି ଏୟାରକ୍ରାଫ୍ଟ ରନୱେରେ ଜରୁରୀକାଳୀନ ଅବତରଣ ଅଭ୍ୟାସ କରୁଥିବା ସମୟରେ ନିୟନ୍ତ୍ରଣ ହରାଇ ଟାରମାକ୍ ପାର ହୋଇ ରନୱେରୁ ବାହାରିଯାଇଥିଲା। ଏହା ଆଶ୍ୱସ୍ତିର ବିଷୟ ଯେ, ବିମାନରେ ଥିବା ଉଭୟ ପାଇଲଟ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ବିମାନଟି ବହୁତ କ୍ଷତି ହୋଇଛି । ଆଜି (ରବିବାର) ଅପରାହ୍ଣ ପ୍ରାୟ ୧୨.୩୦ ସମୟରେ ବିମାନଟି ବାରାମତୀ ଏୟାରଫିଲ୍ଡରେ ଏକ ନିୟମିତ ତାଲିମ ଅଭ୍ୟାସ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ପୁଣେ ପୋଲିସ ଅଧିକ୍ଷକଙ୍କ ସୂଚନା ଅନୁଯାୟୀ, କ୍ୟାପଟେନ୍ ଚିରାଗ ଶଶିକାନ୍ତ ଡୋଇଫୋଡ଼୍ ଏବଂ କ୍ୟାଡେଟ୍ ଅଭିଜିତ୍ ଜୁଣ୍ଡ୍ରେ ଦୁର୍ଘଟଣାଗ୍ରସ୍ତ ବିମାନରେ ଥିଲେ। ଉଭୟ ପାଇଲଟ୍ ସର୍କିଟ୍ ଏବଂ ଏମରଜେନସି ଲ୍ୟାଣ୍ଡିଂ ଅଭ୍ୟାସ କରୁଥିଲେ। ଏହି ସମୟରେ, ଅବତରଣ କରିବା ପରେ, ବିମାନଟି ଠିକ୍ ଭାବରେ ଅଟକି ପାରିନଥିଲା ଏବଂ ରନୱେ ୨୯ ଥ୍ରେସହୋଲ୍ଡ ଅତିକ୍ରମ କରି ଅଣଓସାରିଆ ସ୍ଥାନରେ ଅବତରଣ କଲା। ପ୍ରାଥମିକ ରିପୋର୍ଟରେ ଏକ ବିମାନ ଦୁର୍ଘଟଣା ସୂଚିତ ହୋଇଥିଲା, କିନ୍ତୁ ପରେ ପୋଲିସ ସ୍ପଷ୍ଟ କରିଥିଲା ଯେ ଏହା ଏକ ରନୱେ ଯାତ୍ରା ଥିଲା। ଘଟଣା ବିଷୟରେ ସୂଚନା ପାଇବା ପରେ, ବରିଷ୍ଠ ପୋଲିସ ଏବଂ ବିମାନବନ୍ଦର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଶ୍ଚିତ କରିଥିଲେ ଯେ ଦୁର୍ଘଟଣାରେ କୌଣସି ପାଇଲଟ୍ ଆହତ ହୋଇନାହାଁନ୍ତି, ଯଦିଓ ବିମାନ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଏବଂ ବିମାନ ଚଳାଚଳ ଅଧିକାରୀ ମାନେ ବର୍ତ୍ତମାନ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି ଯାହା ଦ୍ୱାରା ଦୁର୍ଘଟଣାଟି ଅବତରଣ ସମୟରେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ମାନବ ତ୍ରୁଟି ଯୋଗୁଁ ଘଟିଛି ତାହା ନିର୍ଣ୍ଣୟ କରାଯାଇପାରିବ ।

# ଜେପିଏସ୍‌ସି ପରୀକ୍ଷା ପ୍ରତ୍ୟାହାରକୁ ନେଇ ସରକାର ରାଜି

## ଛାତ୍ର-ମନ୍ତ୍ରୀ ବୈଠକରେ ଦାବି ଉପରେ ସହମତି ପ୍ରକାଶ



**ନୂଆଦିଲ୍ଲୀ,୯।୮:** ଜେପିଏସସି-ଜେଏସଏସସି ପରୀକ୍ଷାକୁ ନେଇ ଗତ ୧୬ ଦିନ ଧରି ଚାଲିଥିବା ଛାତ୍ରଙ୍କ ପ୍ରତିବାଦ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଏବେ ସାମ୍ନାକୁ ଆସିଛି। ସୂତ୍ର ଅନୁଯାୟୀ, ସରକାର ଏବଂ ପ୍ରତିବାଦ କରୁଥିବା ଛାତ୍ର ପ୍ରମୁଖ ଦାବି ଉପରେ ଏକ ସହମତିରେ ପହଞ୍ଚିଛନ୍ତି। ପ୍ରାଥମିକ ଆଲୋଚନା ପରେ, ସରକାର ଅନେକ ଦାବି ଉପରେ ସକାରାତ୍ମକ ମତ ପ୍ରକାଶ କରିଛନ୍ତି। ତଥାପି, ଏହି ନିଷ୍ପତ୍ତି ଗୁଡ଼ିକର ଆନୁଷ୍ଠାନିକ ଘୋଷଣା ଏପର୍ଯ୍ୟନ୍ତ ବାକି ଅଛି। ସୂତ୍ର ଅନୁଯାୟୀ ଛାତ୍ର ମାନଙ୍କର ପ୍ରାଥମିକ ଦାବି ଥିଲା ଜେପିଏସସର ଚତୁର୍ଦ୍ଦଶ ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ବାତିଲ କରିବା। ସରକାର ଏହି ଦାବିରେ ରାଜି ହୋଇଥିବା ଜଣାପଡ଼ିଛି। ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ଛାତ୍ର ମାନେ ନିରନ୍ତର ପ୍ରତିବାଦ କରିଆସୁଛନ୍ତି ଏବଂ ଏକ ସ୍ୱାଧୀନ ତଦନ୍ତ ଦାବି କରୁଛନ୍ତି। ପରୀକ୍ଷା ସହିତ ଜଡିତ ଆର୍ଥିକ ଅନିୟମିତତାର ତଦନ୍ତ ଉଚ୍ଚ ଦ୍ୱାରା କରାଯିବା ଉପରେ ମଧ ସରକାର ଏବଂ ଛାତ୍ରମାନେ ଏକ ସହମତିରେ ପହଞ୍ଚିଥିବା ଜଣାପଡ଼ିଛି। ଏହା ବ୍ୟତୀତ, ସିଆଇଡି ତଦନ୍ତ ସମ୍ପର୍କରେ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଶ୍ୱାସନା ଦିଆଯାଇଛି। ସୂତ୍ର ଅନୁଯାୟୀ, ସରକାର ୯୦ ଦିନ ମଧ୍ୟରେ ଉଓଉ ତଦନ୍ତ ସମାପ୍ତ କରିବାକୁ ଆଶ୍ୱାସନା ଦେଇଛନ୍ତି। ଛାତ୍ରଛାତ୍ରୀ ମାନେ ସରକାରଙ୍କୁ ପରୀକ୍ଷା ଅନିୟମିତତା ସମ୍ପର୍କିତ ଡକ୍ୟୁମେଣ୍ଟ ଏବଂ ପ୍ରମାଣ ପ୍ରଦାନ କରିଛନ୍ତି। ଏହି ଡକ୍ୟୁମେଣ୍ଟ ଗୁଡ଼ିକ ଆଧାରରେ ତଦନ୍ତ ଆଗକୁ ବଢ଼ିବ ବୋଲି ଏବେ କୁହାଯାଇଛି। ଛାତ୍ର ମାନଙ୍କ ଦାବି କେବଳ ୧୪ ତମ ଜେପିଏସସି ପରୀକ୍ଷା ପର୍ଯ୍ୟନ୍ତ ସୀମିତ ନୁହେଁ। ସେମାନେ ସମ୍ପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି, ସରକାର ଜେପିଏସସି ସଂସ୍କାର ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି କମିଟିରେ ଶିକ୍ଷାବିତ୍ ଏବଂ ଛାତ୍ର ପ୍ରତିନିଧି ସାମିଲ ହୋଇପାରନ୍ତି। କମିଟି ପରୀକ୍ଷା ବ୍ୟବସ୍ଥା, ସ୍ୱଚ୍ଛତା ଏବଂ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା ପାଇଁ ସରକାରଙ୍କୁ ସୁପାରିଶ ପ୍ରଦାନ କରିବ।

# ଏଫ୍‌ଡିଆଇ ମଞ୍ଜୁରି ସୀମା ୩ ଗୁଣା ବଢ଼ିବ




**ନୂଆଦିଲ୍ଲୀ,୯।୮:** ଦେଶରେ ସମ୍ପ୍ରତି ୫୦୦୦ କୋଟି ଟଙ୍କାରୁ ଅଧିକ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ନିବେଶ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ)ର ମଞ୍ଜୁରି ଆବଶ୍ୟକ ପଡୁଛି। ତେବେ ସରକାର ଉକ୍ତ ସୀମାକୁ ୩ ଗୁଣା ବଢ଼ାଇ ୧୫ ହଜାର କୋଟି ଟଙ୍କା କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ଏହା ଆଲୋଚନା ପର୍ଯ୍ୟାୟରେ ରହିଛି।ସରକାର ବ୍ୟବସାୟ ବାତାବରଣକୁ ଅନୁକୂଳ କରିବା ଉପରେ କାର୍ଯ୍ୟ କରୁଛନ୍ତି। ସିସିଇଏ ନିକଟକୁ ପ୍ରସ୍ତାବ ନପଠାଇ ମନ୍ତ୍ରାଳୟଗୁଡ଼ିକ ଯେଭଳି ଅଧିକ ମୂଲ୍ୟର ଏଫ୍‌ଡିଆଇକୁ ଅନୁମତି ଦେଇପାରିବେ ତାହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସିସିଇଏର ବିଚାର ପାଇଁ ପଠାଯାଉଥିବା ଏଫ୍‌ଡିଆଇ ନିବେଶ ପ୍ରସ୍ତାବର ସୀମାକୁ ବୃଦ୍ଧି କରିବା ପାଇଁ ପୂର୍ବରୁ ଏକ ସଚିବସ୍ତରୀୟ କମିଟି ମଧ୍ୟ ସୁପାରିସ କରିଥିଲା। ଉଲ୍ଲେଖଯୋଗ୍ୟ, ୨୦୦୦ ଏପ୍ରିଲରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଭାରତକୁ ୧.୧୬ ଟ୍ରିଲିଅନ ବା ଲକ୍ଷ କୋଟି ଡଲାରରୁ ଅଧିକ ଏଫ୍‌ଡିଆଇ ଆସିଛି। ମରିସସ୍, ସିଙ୍ଗାପୁର, ଯୁକ୍ତରାଷ୍ଟ୍ର ଆମେରିକା, ନେଦରଲ୍ୟାଣ୍ଡ୍‌ସ, ଜାପାନ, ବ୍ରିଟେନ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ସହିତ ଅନ୍ୟ କେତେକ ଦେଶରୁ ଅଧିକ ନିବେଶ ଆସିଛି।

# ଯୁବକଙ୍କୁ ଧକ୍କାଦେଲା କାଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ କାରକେଡ୍, ଯୁବକଙ୍କ ମୃତ୍ୟୁ

**ଜମ୍ମୁ-କଶ୍ମୀର,୯।୮:** ଜମ୍ମୁ-କଶ୍ମୀରର ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀଙ୍କ କାରକେଡ଼ରେ ସାମିଲ ଥିବା ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଜମ୍ମୁ କଶ୍ମୀରର ଗାଙ୍ଗ୍ୟାଲରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ସମୟରେ କାରକେଡ଼ରେ ଉପମୁଖ୍ୟମନ୍ତ୍ରୀ ନଥିଲ । କାରକେଡ୍ ତାଙ୍କୁ ଛାଡ଼ି ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା । ଶନିବାର ରାତି ପ୍ରାୟ ୮ଟା ୫୫ ମିନିଟ୍ ସମୟରେ ଏହି ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି। ମୃତ ଯୁବକଙ୍କ ପରିଚୟ ବିହାରର ସମସ୍ତିପୁର ଅଞ୍ଚଳର ଭରତ କାପର ବୋଲି ଜଣାପଡ଼ିଛି । ସେ ଗାଙ୍ଗ୍ୟାଲ ଅଞ୍ଚଳର ଏକ ଦୋକାନରେ କାମ କରୁଥିଲେ । ରାସ୍ତା ପାର ହେଉଥିବା ସମୟରେ କାରକେଡରେ ସାମିଲ ଥିବା ଏକ ଦ୍ରୁତଗାମୀ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡ଼ିର ଡ୍ରାଇଭର ତୁରନ୍ତ ଆହତ ଯୁବକଙ୍କୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ । ତେବେ ଡାକ୍ତରମାନେ ଭରତଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ବିଷୟରେ ସୂଚନା ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ଯାଞ୍ଚ କରିଥିଲା। ଦୁର୍ଘଟଣା ସମୟରେ ଡେପୁଟି ସିଏମ୍ ସୁରିନ୍ଦର ଚୌଧୁରୀ କାରକେଡ୍ରେ ଉପସ୍ଥିତ ନଥିଲେ। ତାଙ୍କୁ ଘରେ ଛାଡ଼ି କାରକେଡ୍ଟି ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି । ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ମୋଦିଙ୍କୁ ଫୋନ୍ କଲେ ଜେଡି ଭାନ୍ସ

**ନୂଆଦିଲ୍ଲୀ,୯।୮:** ମୋଦୀ-ଭାନ୍ସ ଫୋନରେ ଆଲୋଚନା । ମୋଦିଙ୍କୁ ଫୋନ୍ କଲେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ । ଭାରତ-ଆମେରିକା ସମ୍ପର୍କ ନେଇ ବଡ଼ ଆଲୋଚନା । ଆହୁରି ମଜଭୁତ ହେବ ଭାରତ-ଆମେରିକା ସମ୍ପର୍କ । ରଣନୈତିକ ଭାଗିଦାରୀ ଉପରେ ଫୋକସ୍ । ବାଣିଜ୍ୟରୁ ପ୍ରତିରକ୍ଷା, ସହଯୋଗ ବଢ଼ାଇବେ ଭାରତ-ଆମେରିକା । ୫୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ । ଉଭୟ ନେତା ଭାରତ-ଆମେରିକା ବ୍ୟାପକ ବିଶ୍ୱସ୍ତରୀୟ ରଣନୈତିକ ଭାଗିଦାରୀକୁ ଆହୁରି ମଜବୁତ କରିବା ଦିଗରେ ବିସ୍ତୃତ ଆଲୋଚନା କରିଛନ୍ତି। ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା , ଶକ୍ତି ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ପରସ୍ପରର ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ବିକାଶ ସମ୍ପର୍କରେ ମଧ୍ୟ ଉଭୟ ନେତା ଗୁରୁତ୍ୱପୂର୍ଣ୍ଣ ମତାମତ ଆଦାନପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆରେ ଏହି ଆଲୋଚନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏଭଳି ଉଚ୍ଚସ୍ତରୀୟ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଟାଇଫୁନ୍ 'ଡଲଫିନ୍' ପାଇଁ ଚୀନ୍‌ରେ ହାଇଆଲର୍ଟ

# ବାତିଲ୍ ହେଲା ୧୬୦୦ରୁ ଅଧିକ ବିମାନ

**ବେଜିଂ,୯।୮:** ଟାଇଫୁନ୍ 'ଡଲଫିନ୍'ର ମୁକାବିଲା ପାଇଁ ଚୀନ୍‌ରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଝଡ଼ର ପ୍ରଭାବକୁ ଦୃଷ୍ଟିରେ ରଖି ଚୀନର ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ସୋମବାର ସକାଳ ସୁଦ୍ଧା ଟାଇଫୁନ୍ ସ୍ଥଳଭାଗରେ ପ୍ରବେଶ କରିବାର ଆଶଙ୍କା ରହିଛି ।ଝଡ଼ ପ୍ରଭାବରେ ଯାତାୟାତ ବ୍ୟବସ୍ଥା ବେଶ୍ ପ୍ରଭାବିତ ହୋଇଛି। ରିପୋର୍ଟ ଅନୁଯାୟୀ, ସାଂଘାଇର ଦୁଇଟି ପ୍ରମୁଖ ବିମାନବନ୍ଦରରେ ମୋଟ ୧,୩୮୪ଟି ବିମାନ ଉଡ଼ାଣ ବାତିଲ୍ କରାଯାଇଛି। ଏହାବ୍ୟତୀତ ହାଂଜୌରେ ପ୍ରାୟ ୩୦୦ଟି ବିମାନ ଉଡ଼ାଣ ବନ୍ଦ ରହିଛି। ନିଙ୍ଗବୋ ଲିସେ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ଶନିବାର ବିଳମ୍ବିତ ରାତିରୁ ବିମାନ ବାତିଲ୍ ଆରମ୍ଭ ହୋଇଥିଲା। ସେହିପରି ଟାଇଫୁନ୍‌ର ପ୍ରଭାବକୁ ଦୃଷ୍ଟିରେ ରଖି ୟାଙ୍ଗତଜେ ନଦୀ ଡେଲ୍ଟା ଅଞ୍ଚଳର କେତେକ ରୁଟ୍‌ରେ ରେଳ ସେବା ସ୍ଥଗିତ ରଖାଯାଇଛି। କିଛି ରୁଟ୍‌ରେ ଗୁରୁବାର ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ରହିପାରେ ବୋଲି ଚୀନ୍ ରେଳବାଇ ସାଂଘାଇ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଟାଇଫୁନ୍ ଯୋଗୁଁ ସାଂଘାଇ ନିକଟବର୍ତ୍ତୀ ଅନେକ ପ୍ରମୁଖ ବନ୍ଦରରେ ମଧ୍ୟ କାର୍ଯ୍ୟକଳାପ ବନ୍ଦ କରାଯାଇଛି। ଜାହାଜ ପାଇଁ ଚୀନ୍‌ର ସବୁଠାରୁ ବଡ଼ ଇନ୍ଧନ କେନ୍ଦ୍ର ଭାବେ ପରିଚିତ ନୌସାନରେ ମଧ୍ୟ କାର୍ଯ୍ୟ ବନ୍ଦ ରହିଛି।

## ଇରାନ ଉପରେ ନୂଆ ଆକ୍ରମଣ ଆଶଙ୍କା

# ସବୁ ସାମରିକ ଛୁଟି ବାତିଲ୍ କଲା ଇସ୍ରାଏଲ

■ ପ୍ରତିରକ୍ଷା ସେକ୍ଟରକୁ ଯୁଦ୍ଧାସ୍ତ୍ର ଉତ୍ପାଦନ ବଢ଼ାଇବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

**ଓ୍ୱାସିଂଟନ,୯।୮:** ଇରାନ ଉପରେ ପୁଣି ଆକ୍ରମଣ ପାଇଁ ଇସ୍ରାଏଲ ପ୍ରସ୍ତୁତ ହେଉଥିବା ନେଇ ଆଶଙ୍କା ବଢ଼ିଛି। ଇସ୍ରାଏଲ ସେନା ସମସ୍ତ ସାମରିକ ଛୁଟି ବାତିଲ୍ କରିଥିବା ଖବର ଆସିବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାର ସମର୍ଥନ ବିନା ଇରାନ ବିରୋଧରେ ନୂଆ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଜନା କରୁଛନ୍ତି କି ବୋଲି ପ୍ରଶ୍ନ ଉଠିଛି। ଅଗଷ୍ଟ ୯ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଇସ୍ରାଏଲୀ ଚ୍ୟାନେଲ୍-୧୩ ଏ ସମ୍ପର୍କରେ ଖବର ଦେଇଛି। ରିପୋର୍ଟ ଅନୁସାରେ, ଓ୍ୱାସିଂଟନ ଏବେ ଯୁଦ୍ଧକୁ ଆହୁରି ବଢ଼ାଇବା ପରିବର୍ତ୍ତେ ଉତ୍ତେଜନା ହ୍ରାସ କରିବାର ରାସ୍ତା ଖୋଜୁଛି। ଏହି ସମୟରେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ବ୍ରାଡ୍ କୁପର ଇସ୍ରାଏଲରେ ପହଞ୍ଚିଛନ୍ତି। ସେ ଇସ୍ରାଏଲୀ ସେନାର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ଏୟାଲ୍ ଜମିର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲ ସେନା ପୂର୍ବରୁ ମଧ୍ୟ ଏଭଳି ପଦକ୍ଷେପ ନେଇଥିଲା। ଫେବ୍ରୁଆରି ୨୬ରେ ସମସ୍ତ ସାମରିକ ଛୁଟି ବାତିଲ୍ କରିବାର କିଛି ଦିନ ପରେ ଇରାନର ସର୍ବୋଚ୍ଚ ନେତାଙ୍କ ସହ ସମ୍ପୃକ୍ତ ସ୍ଥାନକୁ ଆକ୍ରମଣ କରାଯାଇଥିଲା। ଏବେ ପୁଣି ସମାନ ପଦକ୍ଷେପ ନିଆଯିବାରୁ ଇସ୍ରାଏଲ ନୂଆ ଅଭିଯାନ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

ସେହିପରି, ଏବେ କେଉଁ ଆଭିମୁଖ୍ୟ ନେଇ ଚାଲିଛି ଆମେରିକା ? କଣ ରହିଛି ତାର ଲକ୍ଷ୍ୟ ? କଣ ବିଶ୍ୱ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ କରି ଦେଇଛି କି ? କାରଣ ତାର କାର୍ଯ୍ୟକଳାପରୁ ଏମିତି କିଛି ଆଶଙ୍କା କରାଯାଉଛି। କାରଣ ଆମେରିକାର ପ୍ରତିରକ୍ଷା ବିଭାଗ, ପେଣ୍ଟାଗନ ଡିଫେନ୍ସ ସେକ୍ଟରକୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦର ଉତ୍ପାଦନ ବଢାଇବାକୁ ନିର୍ଦ୍ଦେଶ ଦେଇଛି। ଆଉ ଏହି ପଦକ୍ଷେପ ଆମେରିକାର ସାମରିକ ଭଣ୍ଡାରରେ ଅସ୍ତ୍ର ହ୍ରାସ ଜନିତ ଚିନ୍ତା ଭିତରେ ନିଆ ଯାଇଛି। ବିଶେଷକରି ଇରାନ ସହ ଗତ ୫ ମାସରୁ ଜାରି ସଂଘର୍ଷ ବେଳେ ବହୁ ମାତ୍ରାରେ ମିସାଇଲ ପ୍ରତିରୋଧୀ ଅସ୍ତ୍ରଶସ୍ତ୍ରର ବ୍ୟବହାର କରାଯାଇଥିଲା।



### ପାଲେଷ୍ଟାଇନ ରାଷ୍ଟ୍ର ଗଠନକୁ ନେତାନ୍ୟାହୁଙ୍କ ନାଁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସମ୍ଭାବନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଇସ୍ରାଏଲୀ ଗଣମାଧ୍ୟମ ଅନୁସାରେ ନେତାନ୍ୟାହୁ ରବିବାର କହିଛନ୍ତି ଯେ, ଯେପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଅଛନ୍ତି, ସେପର୍ଯ୍ୟନ୍ତ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ କୌଣସି ପାଲେଷ୍ଟାଇନ ରାଷ୍ଟ୍ର ରହିବ ନାହିଁ। ନେତାନ୍ୟାହୁ ୧୫- ସୂତ୍ରୀୟ ଗାଜା ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିବା ପରେ ଗାଜାରେ ଯୁଦ୍ଧ ସମାପ୍ତ କରିବା ଦିଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଫଳତା ଦାବିକୁ ଏକ ବଡ଼ ଝଟକା ଲାଗିଛି। ନେତାନ୍ୟାହୁ ଟ୍ରମ୍ପଙ୍କ ଗାଜା 'ଶାନ୍ତି ବୋର୍ଡ' ଦ୍ୱାରା ଉନ୍ମୋଚିତ ୧୫-ସୂତ୍ରୀ ରୋଡମ୍ୟାପ୍‌କୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ କରିଥିଲେ ଯେ, ହମାସକୁ ସମ୍ପୂର୍ଣ୍ଣ ନିରସ୍ତ୍ର ନ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଗାଜାରୁ ତାର ସେନା ପ୍ରତ୍ୟାହାର କରିବ ନାହିଁ। ଟ୍ରମ୍ପ ଗାଜା ଶାନ୍ତି ଯୋଜନାକୁ ଏକ 'ପ୍ରମୁଖ ମାଇଲଖୁଣ୍ଟ' ଭାବରେ ପ୍ରଶଂସା କରିବା ଓ ଏହା ହମାସ ଓ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପାଇଁ ପଥ ପ୍ରଶସ୍ତ କରିବ ବୋଲି କହିବାର ସପ୍ତାହରୁ ଅଧିକ ସମୟ ପରେ ନେତାନ୍ୟାହୁଙ୍କ ଏହି ମନ୍ତବ୍ୟ ଆସିଛି।





# ଶ୍ରାବଣରେ ଜଳଲାଗି କଲେ ଦୁଃଖ ହରଣ କରନ୍ତି ବାବା ପଶ୍ଚିମେଶ୍ୱର



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଓଡିଶା ଦେବାଦେବୀଙ୍କ କିମ୍ବଦନ୍ତୀ, ପ୍ରାଚୀନ ମନ୍ଦିର ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଆଜି ସାରା ଭାରତରେ ପ୍ରସିଦ୍ଧ। ମନ୍ଦିର ସ୍ଥାପତ୍ୟ ଶୈଳୀରେ ଓଡିଶାର ପାରମ୍ପରିକ କଳାର ପ୍ରଭାବ ସ୍ପଷ୍ଟ ଭାବେ ବାରି ହୋଇପଡେ। ଏହି ପବିତ୍ର ପରମ୍ପରାର ଜୀବନ୍ତ ସାକ୍ଷୀ ହୋଇ ରହିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ ଦକ୍ଷିଣପନ୍ତାଳ ରେ ଥିବା ସର୍ବ ପୁରାତନ ଶୈବ ପୀଠ – ବାବା ପଶ୍ଚିମେଶ୍ୱର ମନ୍ଦିର। ଅନେକ ପ୍ରାଚୀନ ମନ୍ଦିର କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଐତିହାସିକ ସ୍ଥାପତ୍ୟ ଓ ସାଂସ୍କୃତିକ ପରମ୍ପରାର ଜୀବନ୍ତ ସାକ୍ଷୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବା ପଶ୍ଚିମେଶ୍ୱର ମନ୍ଦିର ମଧ ସେହି ପରମ୍ପରାର ଗୋଟେ ଉଜ୍ଜ୍ୱଳ ଉଦାହରଣ। ମନ୍ଦିର ମୁଖଶାଳା ପଶ୍ଚିମଦିଗକୁ ରହିଥିବାରୁ ଏହାର ନାମ ପଶ୍ଚିମେଶ୍ୱର ରଖାଯାଇଥିବା କୁହାଯାଏ। ଏହା କେଉଁ ଆବାହନ କାଳରୁ ପୂଜା ପାଉଛି ତାର ସଠିକ୍ ହିସାବ ନାହିଁ, କିନ୍ତୁ ପିଢି ପରେ ପିଢି ଧରି ଏଠାରେ ଭକ୍ତିର ପ୍ରବାହ ଅବିରତ ରହିଛି। ଏହି ମନ୍ଦିର ପଛରେ ରହିଛି ଏକ ସୁନ୍ଦର କିମ୍ବଦନ୍ତୀ। ସ୍ଥାନୀୟ ବୃଦ୍ଧମାନଙ୍କ କହିବା ଅନୁସାରେ, ବହୁ ବର୍ଷ ତଳେ ଏହି ସ୍ଥାନରେ ମହାଦେବ ସ୍ୱୟଂ ପ୍ରକଟ ହୋଇଥିଲେ। ସେବେଠାରୁ ବାବାଙ୍କ ପ୍ରତି ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ ରୋଗ କିମ୍ବା ଯେକୌଣସି ଜଟିଳ ସମସ୍ୟା ଆସିଲେ ମହାଦେବଙ୍କୁ ନିଷ୍ଠାର ସହ ଡାକିଲେ ସବୁ ଦୁଃଖ ଦୂର ହୋଇଯାଏ। ମନ୍ଦିର ଭିତରେ ଘଣ୍ଟାଏ ବସିଗଲେ ବାବା ପଶ୍ଚିମେଶ୍ୱର ଭକ୍ତଙ୍କ ଦୁଃଖ ହରଣ କରନ୍ତି ବୋଲି ଲୋକଙ୍କ ମନରେ ଦୃଢ ଆସ୍ଥା ରହିଛି। ବର୍ଷ ସାରା ଭକ୍ତଙ୍କ ଭିଡ ଲାଗି ରହୁଥିବା ଏହି ପୀଠ ଶ୍ରାବଣ ମାସରେ ବିଶେଷ ଭାବେ ଚଳଚଞ୍ଚଳ ହୋଇଉଠେ। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶ୍ରାବଣ ମାସରେ କାଉଡିଆଙ୍କ ଭିଡ ଦେଖାଯାଏ। ପ୍ରତି ସୋମବାର ଶତାଧିକ ଭକ୍ତ ଏଠାକୁ ଆସି ବାବାଙ୍କୁ ଜଳ ଅର୍ପଣ କରିଥାନ୍ତି। ମହାଶିବରାତ୍ରି, ବଡ଼ ଓଷା ସମେତ ଅନ୍ୟାନ୍ୟ ପର୍ବପର୍ବାଣିରେ ମଧ ଏଠାରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଏ। ମହାଶିବରାତ୍ରିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ଭକ୍ତ ବାବାଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି। ଏଠାରେ ଭକ୍ତିର ଭାବ ସବୁଠୁ ବଡ। ପଶ୍ଚିମେଶ୍ୱରଙ୍କ ଠାରେ ଦୀପ ଜାଳି ମାନସିକ କରିବାର ପରମ୍ପରା ରହିଛି। ଭକ୍ତମାନେ ନିଜର ମନୋକାମନା ପୂରଣ ପାଇଁ ବାବାଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରନ୍ତି। ଶ୍ରାବଣ ମାସରେ କାଉଡିଆମାନଙ୍କ ସୁବିଧା ପାଇଁ ମନ୍ଦିର କମିଟି ତରଫରୁ ବାଉଁଶ ବ୍ୟାରିକେଟ ଓ ବାହୁଙ୍ଗୀ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ମନ୍ଦିରର ସ୍ଥାପତ୍ୟରେ ଓଡିଶାର ପାରମ୍ପରିକ କଳାର ଛାପ ସ୍ପଷ୍ଟ। ପ୍ରାଚୀନ କାଳର କାରୁକାର୍ଯ୍ୟ ଆଜି ବି ଦର୍ଶନୀୟ। ଏହି ପୀଠ କେବଳ ଗୋଟିଏ ମନ୍ଦିର ନୁହେଁ, ଏହା ହେଉଛି ଆମ ସଂସ୍କୃତି, ଆମ ବିଶ୍ୱାସ ଏବଂ ଆମ ଐତିହ୍ୟର ପ୍ରତୀକ। ଶ୍ରାବଣ ମାସରେ ବାବା ପଶ୍ଚିମେଶ୍ୱରଙ୍କ ନାଁରେ ଉଠୁଥିବା 'ହର ହର ମହାଦେବ' ଧ୍ୱନୀ ଆଖପାଖ ଅଞ୍ଚଳକୁ ଗୁଞ୍ଜରିତ କରିଦେଉଛି। ଭକ୍ତି, ଭାବ ଓ କିମ୍ବଦନ୍ତୀର ମିଶ୍ରଣରେ ଏହି ପୀଠ ଆଜି ମଧ ଲକ୍ଷ ଲକ୍ଷ ଲୋକଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ପାଲଟିଛି।

# ରାତାରାତି ଗାଡ଼ି କାଟି ପଶ୍ଚିମବଙ୍ଗକୁ ଚାଲାଣ

## କବାଡ଼ିଆ ଦୋକାନରେ ରାତିଅଧରେ ଚୋରାଗାଡ଼ିର ଭିଡ଼

**ଗୋପ(ଅମୃତ ମିଡିଆ):** ରାତାରାତି ବଡ଼ଲୋକ ହେବାର ନିଶା ଘାରିଛି। ଗୋପ ଥାନା ଅଞ୍ଚଳର କେତେକ କବାଡ଼ିଆ ଦୋକାନରେ ରାତିରେ ବଡ଼ ଗାଡ଼ି ଓ ବାଇକ୍ ସହ ନାମୀଦାମୀ ଜିନିଷକୁ ମେଶିନ୍ ସାହାଯ୍ୟରେ କଟାଯିବା ପରେ ଭୋରରୁ ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯାଉଛି। କବାଡ଼ିଆ ଦୋକାନକୁ ଚୋରା ଗାଡ଼ି ଦେଉଥିବା ବ୍ୟକ୍ତିମାନେ ଗୋପ ଅଞ୍ଚଳର ଏକ କବାଡ଼ିଆ ଦୋକାନରୁ ପଶ୍ଚିମବଙ୍ଗକୁ ଗାଡ଼ି ଯନ୍ତ୍ରାଂଶ ଚୋରା ଚାଲାଣ କରାଯାଉଛି। ଏବେ ସକ୍ରିୟ ହୋଇଉଠିଥିବାରୁ ରହିଥିବା ବେଳେ ଆଉ କେତେକ ଗୋପ ଅଞ୍ଚଳରୁ ଅନେକ ସମୟରେ ବାଇକ୍ ଚୋରି ହେଉଛି। କବାଡ଼ିଆ ଦୋକାନଗୁଡ଼ିକ ଉପରେ ପୋଲିସ ପକ୍ଷରୁ ଚଢାଉ କରାଗଲେ ଏଭଳି ଚୋରି ଘଟଣାର ପର୍ଦ୍ଦାଫାଶ



ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ଗୋପ, ନାଗପୁର, ନୟାହାଟ, କୋଣାର୍କ ସମେତ ଆଉ କେତେକ ସ୍ଥାନରେ ଦୀର୍ଘଦିନ ଧରି କବାଡ଼ିଆ ଦୋକାନ ସ୍ଥାନରେ ନୂଆ କବାଡ଼ିଆ ଦୋକାନ ଖୋଲାଯାଇଛି। କବାଡ଼ିଆ ମାଲିକମାନେ ଗାଡ଼ି ଏବଂ ଅନ୍ୟ ଚୋରି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ସହିତ ଭିତିରି ସମ୍ପର୍କ ରଖୁଛନ୍ତି। ବିଳମ୍ବିତ ରାତିରେ ଏହି ସବୁ କବାଡିଆ ଦୋକାନକୁ ପୁରୁଣା ବାଇକ୍, ଟ୍ରକ, ବସ୍ ପ୍ରଭୃତି ଆସିବା ପରେ ଅଣଓଡ଼ିଆ ମିସ୍ତିମାନେ ସେଗୁଡ଼ିକୁ ମେଶିନ ସାହାଯ୍ୟରେ କାଟିଥାନ୍ତି। ଭୋରୁ ସେଗୁଡ଼ିକୁ ବାହାର ରାଜ୍ୟକୁ ଚୋରା ଚାଲାଣ କରାଯାଇଥାଏ। ଏଭଳି ଘଟଣାରେ ରାଜ୍ୟର କେତେକ ଥାନା ସହ ଗୋପ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଗାଡ଼ି ଜବତ କରାଯାଇଥିବାର ନଜିର ପୂର୍ବରୁ ରହିଛି। ସମ୍ପ୍ରତି କ୍ରମାଗତ ଭାବେ କେତେକ ସ୍ଥାନରୁ ବାଇକ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେଉଥିବା ବେଳେ ସେଗୁଡ଼ିକ ଏହି କବାଡ଼ିଆ ଦୋକାନରେ ବିକ୍ରି ହେଉଥିବା କୁହାଯାଉଛି। ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ କଲେ। ଏଭଳି ଚୋରି ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ କେତେକ କବାଡିଆ ଦୋକାନୀଙ୍କଠାରୁ ପୋଲିସ କର୍ମଚାରୀ ବିଭିନ୍ନ ସମୟରେ ହାତଗୁଞ୍ଜା ନେଉଥିବା ଆଲୋଚନା ହେଉଛି। ତେବେ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି, ମୋ ନିକଟରେ ସେପରି କିଛି ଅଭିଯୋଗ ନାହିଁ। ତଥାପି ପୋଲିସ ପକ୍ଷରୁ କବାଡ଼ିଆ ଦୋକାନଗୁଡ଼ିକରେ ଚଢ଼ାଉ କରାଯିବ।

# ହରଘର ତ୍ରିରଙ୍ଗା ଅବସରରେ ଚିତ୍ର ପ୍ରଦର୍ଶନ କର୍ମଶାଳା






**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲାରେ ଆଜି ଠାରୁ ଆରମ୍ଭ ହୋଇଛି ହର ଘର ତ୍ରିରଙ୍ଗା ବା ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ।ଏହି କାର୍ଯ୍ୟକ୍ରମ ୧୭ ଅଗଷ୍ଟ ପର୍ଯ୍ୟନ୍ତ ଜିଲ୍ଲାରେ ଜାରି ରହିବ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଙ୍କ ପରାମର୍ଶ କ୍ରମେ ଜିଲ୍ଲା ସ୍ତର ସହ ପ୍ରତ୍ୟେକ ବ୍ଲକ ଓ ସହରାଞ୍ଚଳରେ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସୂଚନା ଦେଇଛନ୍ତି।ଏହି ଅବସରରେ ଆଜି ପୂର୍ବାହ୍ନରେ ପୁରୀ ଲଳିତ କଳା ଗ୍ୟାଲେରୀ ଠାରେ ଫଟୋ ଚିତ୍ର ପ୍ରଦର୍ଶନୀ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।ଏଥିରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଲଳିତ କଳା ଗ୍ୟାଲେରୀର ତତ୍ତ୍ୱାବଧାରକ ସତ୍ୟ ନାରାୟଣ ପାଢୀ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।ଜାତୀୟତା,ଦେଶପ୍ରେମ ଓ ତ୍ରିରଙ୍ଗା ବିଷୟ ବସ୍ତୁ କୁ ନେଇ ଏହି କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।ଅଙ୍କନ ହୋଇଥିବା ଏହି ଚିତ୍ରକଳା ଗୁଡିକୁ ପୁରୀ ଲଳିତ କଳା ଗ୍ୟାଲେରୀ ରେ ଅଗଷ୍ଟ ୧୨ ତାରିଖରେ ପ୍ରଦର୍ଶିତ ହେବ ବୋଲି ସଂସ୍କୃତି ଅଧିକାରୀ ଶ୍ରୀ ବେହେରା ସୂଚନା ଦେବା ସହ ବହୁ ସଂଖ୍ୟାରେ ଜନ ସାଧାରଣ ଏହାକୁ ଦେଖିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ୱି କେୟାର ପକ୍ଷରୁ ରକ୍ତଦାନ ଶିବିର

**ପୁରୀ (ବ୍ୟୁରୋ):** ହର୍ବାଲ ଲାଇଫ ନ୍ୟୁଟ୍ରେସନ ୱେଲନେସ କ୍ଲବ, ୱି କେୟାର ପକ୍ଷରୁ ଚତୁର୍ଥ ରକ୍ତଦାନ ଶିବିର ଅମଲା କ୍ଲବ ସମ୍ମୁଖ ପୁରୀ ଧାମ ଗେଷ୍ଟହାଉସ ଠାରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କଳିଙ୍ଗ ହସପିଟାଲ ର କାର୍ଡିଓଲୋଜି ଡାକ୍ତର ସବ୍ୟସାଚୀ ରାଉତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ, କୁସ୍ତିବିତ ନବ କିଶୋର ବରାଳ, ସରକାରୀ ଆଇନଜୀବୀ ସୁଧାଂଶୁ ଶେଖର ମିଶ୍ର, ସମର୍ପଣ ଅନୁଷ୍ଠାନର ସଭାପତି ଡକ୍ଟର ଅଭିମନ୍ୟୁ ଭୂୟାଁ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ମହାପୂଣ୍ୟ ଓ ରକ୍ତ ମଣିଷକୁ ବଞ୍ଚାଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ୮୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉଇ କେୟାର ହେଲଥ କୋଚ ଓ ଓନର ଶଙ୍କର ଦେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରୁନୁ ନାୟକ, ପ୍ରିୟାଂଶୁ ସେନାପତି,ପ୍ରାୟତ ନାୟକ, ବବିତା ଦେ,ଗୌତମ ପୃଷ୍ଟି, ଜିତେନ୍ଦ୍ର ସେନାପତି, ଦିବ୍ୟ ଲୋଚନ ପ୍ରତିହାରୀ, ଗୋପାଳ ପାତ୍ର, ମାନସୀ ସାହୁ, ପ୍ରତାପ ପରିଡା, ରୋଜାଲିନ ମିଶ୍ର, ସୁମନ ମିଶ୍ର, ମଧୁସ୍ମିତା ପାତ୍ର, କମଳ ଚନ୍ଦୁକା, ମମତା ପାତ୍ର, କୁମକୁମ ସାହୁ, ରଞ୍ଜିତା ସେନାପତି ଓ ଭୀମ ସାହୁ ପ୍ରମୁଖ ରକ୍ତଦାନ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଶିବିରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ ।



# ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

- ୧୫ରୁ କୋଣାର୍କରେ ଜମିବ କ୍ରୀଡ଼ା
- ଭାଗନେବେ ୪ ପ୍ରମୁଖ ଦଳ

**କୋଣାର୍କ(ଅମୃତ ମିଡିଆ):** ଆସନ୍ତା ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଣାର୍କରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟକୁ ନେଇ ପ୍ରସ୍ତୁତି ଜୋରଦାର ହୋଇଛି। କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ସହଯୋଗରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏହି ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଉଛି। ରିଙ୍ଗ୍ ରୋଡ୍ ?ସ୍ଥିତ କୋଣାର୍କ ଏନ୍ଏସିର କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରୁ ଏହି ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। କୋଣାର୍କ ସ୍ପୋର୍ଟସ୍ ଏକାଡେମୀ ଓ ଜନମଙ୍ଗଳ ଯୁବ ସଂଗଠନର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି।ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ଚାରିଟି ପ୍ରମୁଖ ଭଲିବଲ ଦଳ ଅଂଶଗ୍ରହଣ କରିବେ। ବାଲେଶ୍ୱର କ୍ଲବ, ପୁରୀ କ୍ଲବ, ରେନବୋ ଭୁବନେଶ୍ୱର ଓ ଚନ୍ଦ୍ରଭାଗା କ୍ଲବ




ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍‌ଗୁଡ଼ିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି।ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହେବାକୁ ଥିବା ଦଳକୁ ଟ୍ରଫି ସହ ଆକର୍ଷଣୀୟ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଉପବିଜେତା ଦଳକୁ ମଧ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯିବ। ଏଥିସହ ପ୍ରତିଯୋଗିତାରେ ଉତ୍କୃଷ୍ଟ ଓ ପ୍ରତିଭାବାନ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ।

# ଘରେ ପଶି ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

**ନିମାପଡ଼ା(ଅମୃତ ମିଡିଆ):** ନିମାପଡ଼ା ଥାନା ଅନ୍ତର୍ଗତ ଡେଣୁଅ ଆଳିପିଙ୍ଗଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ସମ୍ପର୍କରେ ଗୃହକର୍ତ୍ତା ରାମଚନ୍ଦ୍ର ମିଶ୍ର ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ରଙ୍କ ପରିବାରବର୍ଗ ରାତିରେ ଖାଇପିଇ ଶୋଇଥିବାବେଳେ କେହି ଦୁର୍ବୃତ୍ତ କବାଟଭାଙ୍ଗି ଘରେ ପଶି ୨ଟି ସୁନାହାର, ଗୋଟିଏ ସୁନାଚେନ୍, ୨ହଳ ସୁନାବାହୁଟି, କାନଫୁଲ, ୮ଟି ମୁଦି, ବହୁ ରୁପା ଅଳଙ୍କାର ସମେତ ନଗଦ ୧୦ହଜାର ଟଙ୍କା ଲୁଟିନେଇ ଖସି ପଳାଇଛନ୍ତି। ଚୋରି ହୋଇଥିବା ସୁନାରୁପାର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏ ସମ୍ପର୍କରେ ରାମଚନ୍ଦ୍ର ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଖବରପାଇ ପୁରୀରୁ ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ଚୋରମାନଙ୍କୁ ଠାବ କରାଯାଇ ଗିରଫ କରାଯିବାକୁ ଗୃହକର୍ତ୍ତା ରାମଚନ୍ଦ୍ର ମିଶ୍ରଙ୍କ ପରିବାରବର୍ଗ ଓ ଗ୍ରାମବାସୀ ପୋଲିସ ନିକଟରେ ଦୃଢ଼ ଦାବି କରିଛନ୍ତି। ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଖବରପାଇ ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଓ ଆଇଆଇସି ସମରେନ୍ଦ୍ର ପାଇକରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଆକାଶପଥରେ କାର୍ଯ୍ୟରତ ବିମାନ ଏବେ ସ୍ଥଳପଥରେ ଜନତାଙ୍କ ରେଷ୍ଟୋରାଁ

**ପୁରୀ (ବ୍ୟୁରୋ):** ଏୟାରବସ ଆକାଶ ପଥରେ ଦେଶ ବିଦେଶରେ ଉଡି ବୁଲୁଥିଲା । ୧୪୦ ଜଣ ଯାତ୍ରୀ ଏହି ପ୍ଲେନରେ ଯାଉଥିଲେ । ବିମାନ ଟି ୨୦୧୧ ମସିହାରୁ ସେବା ଯୋଗାଇ ନପାରି ପଡି ରହିଥିଲା । ବିମାନଟି ଫ୍ରାନ୍ସ ଦ୍ୱାରା ନିର୍ମିତ ହୋଇ ଭାରତରେ ପଞ୍ଜୀକୃତ ହୋଇଥିଲା । ଏହାର ନିର୍ମାଣ କ୍ରମିକ ନମ୍ବର ଏମଏସଏନ-୦୪୬ । ଏହା ୧୪ ଏପ୍ରିଲ ୧୯୮୯ ରେ ମୁମ୍ବାଇ ରୁ ଦିଲ୍ଲୀ ଉଡ଼ାଣ ହୋଇଥିଲା । ପରେ ଦିଲ୍ଲୀ ରୁ ଲଣ୍ଡନ ଓ ଦିଲ୍ଲୀ ରୁ କାଠମାଣ୍ଡୁ ଯାଉଥିଲା । ଏଥିରେ ୧୪୦ ଟି ସିଟ୍ ଥିଲା । ୨ ଟି ଟର୍ବୋ ଡେଣା ଓ ଗୋଟିଏ ଲାଞ୍ଜ ରହିଥିଲା । କେହି ଭାବିନଥିଲେ ଯେଉଁ ଏୟାରବସ ଦିନେ ଆକାଶରେ ଉଡୁଥିଲା ଓ ଯାତ୍ରୀଙ୍କୁ ସେବା ଯୋଗାଉଥିଲା ତାହା ଏବେ ଦ୍ୱିତୀୟ








ଜୀବନ ଆରମ୍ଭ କରିବ । ଆକାଶ ପଥରେ ରାଜୁତି କରୁଥିଲା ଏବେ ସ୍ଥଳ ପଥରେ ରାଜୁତି କରିବ । ୪ ଦିନ ହେଲାଣି ଶ୍ରୀସେତୁ ନିକଟରେ ଦର୍ଶକଙ୍କ ଭିଡ ଜମିଛି । ଏହା ମୁମ୍ବାଇ ଏୟାର ପୋର୍ଟରୁ ନଷ୍ଟ ହେବା ପରେ ଗୁରୁଗାଁଓ ରେ ପଡି ରହିଥିଲା । ମୋହିତ ନାମକ ଜଣେ ବ୍ୟବସାୟୀ ଏହାକୁ ୧ କୋଟି ୫୫ ଲକ୍ଷ ଟଙ୍କା ଦେଇ କିଣିଥିଲେ । ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ ଓ ସାତପଡା ରାସ୍ତା ପାର୍ଶ୍ୱରେ ଏରୋପ୍ଲେନ ରେଷ୍ଟୋରାଁ ଭାବେ କାର୍ଯ୍ୟ କରିବ । ଏୟାରବସ ର ଦିତୀୟ ଜୀବନ ସ୍ଥଳ ଭାଗରେ ଆରମ୍ଭ କରିବ । ଉଡାଜାହାଜ ରେ ବସି ଖାଇବାର ଅନୁଭୂତି ଗ୍ରାହକଙ୍କୁ ଯୋଗାଇ ଦେବ । ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଫଟୋ ଓ ସେଲଫି ଉଠାଇବେ । ଆକାଶରେ ଉଡୁଥିବା ଏହି ଯାନ ଏବେ ଡେଣା ଶୂନ୍ୟ ହୋଇ ରେଷ୍ଟୋରାଁ ଭାବେ ପରିଚିତ ହେବ । ଏ ସମ୍ପର୍କରେ ପୁରୀର ଭୟସ ଅଫ କମନ ମ୍ୟାନର ହେକ୍ଟର ମିଶ୍ର ଏୟାରବସକୁ ଲରି ଟ୍ରକରେ ଆଣିଥିବା ଗୁରଦୀପ ସିଂହଙ୍କୁ ପଚାରି ଅନେକ ତଥ୍ୟ ସଂଗ୍ରହ କରିଥିଲେ । ପ୍ଲେନ ର ବିଭିନ୍ନ ଅଂଶ ଫଟୋଚିତ୍ର ଉତ୍ତୋଳନ କରି ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ବସ୍ତ୍ର ଉତ୍ସବ ୨୦୨୬: ଭାରତର ହସ୍ତତନ୍ତ ପରମ୍ପରାର ଏକ ଭବ୍ୟ ଉତ୍ସବ

**ପୁରୀ (ବ୍ୟୁରୋ):** ଭାରତର ଚିରନ୍ତନ ହସ୍ତତନ୍ତ ପରମ୍ପରା, ସଂସ୍କୃତି, ଫ୍ୟାଶନ୍ ଓ କାରିଗରୀକୁ ନେଇ ଆୟୋଜିତ ଭବ୍ୟ ବସ୍ତ୍ର ଉତ୍ସବ ୨୦୨୬ ରବିବାର ଚକ୍ରତୀର୍ଥ ରୋଡ ସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବୟସ ବର୍ଗର ଅଂଶଗ୍ରହଣକାରୀଙ୍କ ଉପସ୍ଥିତିରେ ଏହି ଉତ୍ସବ ପରମ୍ପରା, ଆଧୁନିକ ଫ୍ୟାଶନ୍, ସଂସ୍କୃତି ଓ ହସ୍ତଶିଳ୍ପର ଏକ ଅନନ୍ୟ ସମନ୍ୱୟ ପ୍ରଦର୍ଶନ କରିଥିଲା।ଏହି କାର୍ଯ୍ୟକ୍ରମର ଆୟୋଜକ ତଥା ହୋଷ୍ଟ ଥିଲେ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭଲପମେଣ୍ଟର ସଭାପତି ତଥା ଡବ୍ଲୁଆଇସିସିଆଇ ଓଡ଼ିଶା ହ୍ୟୁମାନ୍ ରାଇଟ୍ସ କାଉନ୍ସିଲ୍‌ର ରାଜ୍ୟ ସଭାପତି ରୁଚିମିତ୍ରା ଜଗଦେବରାୟ ମହାପାତ୍ର । ସିଆଇଆରଟିଡି ପକ୍ଷରୁ ଉତ୍ସବ ଏ ହାଉସ ଅଫ ହ୍ୟାଣ୍ଡଲୁମ ହେରିଟେଜ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଯୁକ୍ତ ୩ ରୁ ୬୦ ବର୍ଷ ପର୍ଯ୍ୟନ୍ତ ସବୁ ପିଢ଼ି ଚାଲିଲେ ହସ୍ତତନ୍ତ ପରମ୍ପରା ସହବସ୍ତ୍ର ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଅନନ୍ୟ ହ୍ୟାଣ୍ଡଲୁମ୍ ହେରିଟେଜ୍ ୱାକ୍। ୩+ ବର୍ଷର ଶିଶୁଠାରୁ ୬୦+ ବର୍ଷ ବୟସର ଅଂଶଗ୍ରହଣକାରୀ ପର୍ଯ୍ୟନ୍ତ ବିଭିନ୍ନ ବୟସର ଲୋକେ ଭାରତର ବିଭିନ୍ନ ଅଞ୍ଚଳର ହସ୍ତତନ୍ତ ପରିଧାନ କରି ରାମ୍ପରେ ଚାଲିଥିଲେ।ପ୍ରତିଯୋଗିତାଟି ୮ଟି ବର୍ଗରେ ଆୟୋଜିତ ହୋଇଥିଲା ।ଏହି ପଦକ୍ଷେପ ମାଧ୍ୟମରେ ହସ୍ତତନ୍ତର କୌଣସି ବୟସ ସୀମା ନଥିବା ସହିତ ଏହା କିପରି ବିଭିନ୍ନ ପିଢ଼ିକୁ ଭାରତୀୟ ସାଂସ୍କୃତିକ ଐତିହ୍ୟ ସହ ଯୋଡ଼ିପାରେ, ତାହାର ଏକ ସୁନ୍ଦର ବାର୍ତ୍ତା ଦିଆଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଣ୍ଡଲଗ ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ଉଦ୍ୟୋଗୀ, ଅଂଶଗ୍ରହଣକାରୀମାନଙ୍କୁ ନିଜ ଉଦ୍ୟୋଗୀ ଯାତ୍ରା ଓ ସମାଜ ପ୍ରତି ଅବଦାନ ବିଷୟରେ ପ୍ରେରଣା ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୁରୀ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ଡ. ପ୍ରଧାନ ଧୀରେନ୍ ରାୟ,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କୈଳାସଚ ନ୍ଦ୍ରସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।ହ୍ୟାଣ୍ଡଲୁମ୍ ହେରିଟେଜ୍ ୱାକ୍ ମୂଲ୍ୟାୟନ ପାଇଁ ସିନେମା, ଫ୍ୟାଶନ୍, ନୃତ୍ୟ, ଷ୍ଟାଇଲିଂ ଓ ଡିଜିଟାଲ୍ ମିଡିଆ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ବିଚାରକମଣ୍ଡଳୀ ଗଠନ କରାଯାଇଥିଲା। ଅଭିନେତା ସମୀର ଶତପଥୀ, ଆନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ସ୍ମୃତି ସ୍ମରଣିକା ଜଗଦେବରାୟ,କୋରିଓଗ୍ରାଫର୍ ଓ ସେଲିବ୍ରିଟି ଷ୍ଟାଇଲିଷ୍ଟ ସୁନିଲ ଜେନା ,ଇନ୍‌ଫ୍ଲୁଏନ୍ସର୍ ଲୋରିନ୍ ନାୟକ,ଫ୍ୟାଶନ୍ ଆଇକନ୍ ଓ ମଡେଲ୍ ଖିରାବ୍ଧି ନାୟକ, ଟିଭି ଅଭିନେତ୍ରୀ ଦିବ୍ୟାଂଶା ପଣ୍ଡା, ବିଚାରକ ଚନ୍ଦନ କୁମାର ସାହୁ,ମମାଳି ମିଶ୍ର, ସେଲିବ୍ରିଟ ଷ୍ଟାଇଲିଷ୍ଟ ବିଶେଷ ବିଚାରକ ସିବିୟାନ୍ ସାରୋନ୍ ନନ୍ଦା ୟୁ ଟ୍ରେଣ୍ଡସ ଡିଜାଇନର ଉଷାରାଣୀ ପ୍ରମୁଖ ସହ ବିଶେଷ ରାମ୍ପ ଶୋ ସହଯୋଗରେ ଆୟୋଜିତ ବିଶେଷ ରାମ୍ପ ଶୋ କାର୍ଯ୍ୟକ୍ରମକୁ ଏକ ପ୍ରିମିୟମ୍ ଫ୍ୟାଶନ୍ ଆୟାମ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ ଟିଭି ଆଙ୍କର୍ ଓ ପ୍ରସିଦ୍ଧ କଳାକାର ଶୁଭୋଜିତ ପଣ୍ଡା । ରାମ୍ପରେ ପ୍ରଥମ ପଦକ୍ଷେପ ନେଉଥିବା ଛୋଟ ଛୋଟ ଟିଭି ଷ୍ଟାର ଠାରୁ ଆରମ୍ଭ କରି ଟାଇମଲେସ ଇଲିଗେସନ ମାଧ୍ୟମରେ ନିଜର ଗରିମା ପ୍ରଦର୍ଶନ କରୁଥିବା ବୟୋଜ୍ୟେଷ୍ଠ ଅଂଶଗ୍ରହଣକାରୀଙ୍କ ପର୍ଯ୍ୟନ୍ତ, ଏହି ଉତ୍ସବ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା । ହସ୍ତତନ୍ତ ସମସ୍ତ ପିଢ଼ିର ପ୍ରତ୍ୟେକ ବୁଣାକାମରେ ରହିଛି ଜଣେ କାରିଗରଙ୍କ ଦକ୍ଷତା, ଏକ ସମୁଦାୟର ପରିଚୟ ଏବଂ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ ହୋଇଆସୁଥିବା ଏକ କାହାଣୀ।ବସ୍ତ୍ର ଉତ୍ସବ ୨୦୨୬ ସେହି କାହାଣୀକୁ ପାଳନ କରିଥିଲା । ଉତ୍ସବ ଅବସରରେ ସମାଜ, ସଂସ୍କୃତି, କଳା ଓ ଐତିହ୍ୟ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି, କଳାକାର, କାରିଗର ଓ ସହଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଗୋଟିଏ ସୂତା, ଗୋଟିଏ ପିଢ଼ି ଓ ଗୋଟିଏ ସୁନ୍ଦର ପଦକ୍ଷେପ ସହ।କାର୍ଯ୍ୟକ୍ରମ ଶେଷରେ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ, ପୁରୀର ନିର୍ଦ୍ଦେଶକ ଡ. ପ୍ରଧାନ ଧୀରେନ୍ ରାୟଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ସେ ବିଶିଷ୍ଟ ଅତିଥି, ବିଚାରକମଣ୍ଡଳୀ, ଅଂଶଗ୍ରହଣକାରୀ, ସହଯୋଗୀ, ଡିଜାଇନର୍, କଳାକାର, କାରିଗର, ସମର୍ଥକ, ଗଣମାଧ୍ୟମ ଏବଂ ବସ୍ତ୍ର ଉତ୍ସବ ୨୦୨୬କୁ ଏକ ସ୍ମରଣୀୟ ହସ୍ତତନ୍ତ ଉତ୍ସବରେ ପରିଣତ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।




## କନ୍ଧମାଳ ପୋଲିସ୍‌କୁ ବଡ଼ ସଫଳତା

# ରାୟଦେବ କହଁରଙ୍କ ହତ୍ୟାକାଣ୍ଡ ରହସ୍ୟର ପର୍ଦ୍ଦାଫାଶ

- ଅବୈଧ ପ୍ରେମ ସମ୍ପର୍କକୁ ନେଇ ପୂର୍ବଶତ୍ରୁତାରୁ ହତ୍ୟାକାଣ୍ଡ
- ସ୍ତ୍ରୀର ପ୍ରେମିକକୁ ଷଡ଼ଯନ୍ତ୍ର କରି ହତ୍ୟା
- ୨ ସଢୁଙ୍କୁ ଗିରଫ କଲା ପୋଲିସ

**ଫୁଲବାଣୀ (ଅମୃତ ମିଡିଆ):** କନ୍ଧମାଳ ପୋଲିସ୍ କୁ ମିଳିଛି ବଡ ସଫଳତା। ଗୋଛାପଡ଼ା ଥାନା ପୋଲିସ୍ ଗୋଟିଏ ଅବୈଧ ପ୍ରେମ ସମ୍ପର୍କ ସଡଯନ୍ତ୍ର ହତ୍ୟା ଘଟଣାର ପର୍ଦ୍ଦାଫାସ କରି ଦୁଇ ଜଣ ହତ୍ୟା କାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ସଫଳତା ହାସଲ କରିଛି। ମୃତ ଉପେନ୍ଦ୍ର କହଁରଙ୍କ ପୁଅ ସାର୍ଥକ ୨୦ ଓରଫ ରାୟଦେବ କହଁରଙ୍କ ହତ୍ୟାକାଣ୍ଡ ରହସ୍ୟର ସଫଳତାର ପର୍ଦ୍ଦାଫାସ କରିଛି। ସୂଚନାଯୋଗ୍ୟ ଗୋଛାପଡ଼ା ଥାନା ଅନ୍ତର୍ଗତ ସାଲ ଗୁଡ଼ାରୀ ଗ୍ରାମର ଗାଡି ମାଲିକ ବିଶ୍ୱଜିତ୍ ବିଦ୍ୟାଧର ମଲ୍ଲିକ ତାଙ୍କ ଡ୍ରାଇଭର ସାର୍ଥକ ଓରଫ ରାୟଦେବ କହଁର ୩୦/୭/୨୦୨୬ ରିଖ ରାତିରେ ସାଙ୍ଗ ସାଥି ମାନଙ୍କ ସହ ମଦ୍ୟପାନ କରିବା କହି ଘରୁ ଯାଇଥିଲା ସେହି ଦିନ ଠାରୁ ମୋ ଡ୍ରାଇଭର ସାର୍ଥକର ପତା ନାହିଁ। ସେ ନିଖୋଜ ହୋଇଯାଇଛି ବୋଲି ତା ୩/୮/୨୦୨୬ ରିଖ ରେ ଗୋଛାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରଖିଥିଲା। ତା ୫/୮/୨୬ ରିଖ ଦିନ ନମେରୁବାଲି ନଦୀ ପୋଲ ନିକଟରୁ ସେହି ନିଖୋଜ ଯୁବକ ର ଗଳିତ ଶବ ମୃତ ପୋଲିସ୍ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୋଛାପଡା ଥାନା ଏସ୍ ଆଇ ଅଜୟ ବଳବନ୍ତ ରାୟ ଶବ ଜବତ କରି ବ୍ରହ୍ମପୁର ଏମ୍ କେ ସି ଜି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠାଇ ଥିଲେ। ନଦୀ ଶଯ୍ୟା ରୁ ଶବ ଉଦ୍ଧାର ବେଳେ ପ୍ରାଥମିକ ଦୃଷ୍ଟି ରେ ଏହା ଏକ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି ବୋଲି ମନେ ହେଉଥିଲା। ମୃତ ଯୁବକର ନଦୀ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି ନା ଆଉ କିଏ ହତ୍ୟା କରି ଏଠାରେ ଫିଙ୍ଗି ଦେଇଛନ୍ତି ସନ୍ଦେହ କରି ପୋଲିସ ତଦନ୍ତ ଅଧିକାରୀ ଭାବେ ଏସ୍ ଆଇ ଅଜୟ କୁମାର ବଳବନ୍ତ ରାୟ ସେହି ଦିନ ଠାରୁ ତଦନ୍ତ ଜାରି ରଖିଥିଲେ। ମୃତ ଯୁବକର ମୋବାଇଲ୍ ଫୋନ୍ ଜବତ କରି ଶେଷ ସମୟ ରେ ସେହି ମୃତ ଯୁବକ ପାଖକୁ କେଉଁ ମାନଙ୍କର ଫୋନ୍ କଲ୍ ଆସିଥିଲା ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ତଦନ୍ତ ବେଳେ ଯାନ୍ତ୍ରିକ ମୋବାଇଲ୍ ଫୋନ୍ ପ୍ରମାଣ ଓ ହତ୍ୟା କାରୀଙ୍କର ହତ୍ୟା କରିଥିବା ଦୋଷ ସ୍ୱୀକାର କରିବା ପ୍ରମାଣ ଆଧାରରୁ ଏହା ଏକ ବଡ ସଡଯନ୍ତ୍ର ହତ୍ୟା ବୋଲି ପୋଲିସ୍ କୁ ସନ୍ଧାନ ମିଳିଥିଲା । ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ୍ ଦୁଇଜଣ ଦୁଇ ସଢୁ ହେଲେ ଗୋଛାପଡ଼ା ଥାନା, ଖଜୁରୀ ଗାଁ ର ଡାଙ୍ଗେରା କହଁରର ପୁଅ ବିଜୁ କହଁର (୩୧) ଓ ଟାକେରୀ ଗୁଡ଼ା ଗ୍ରାମର ସିନାତା କହଁର ଙ୍କ ପୁଅ ବ୍ରିଟିଶ୍ କହଁର କୁ ଗୋଛାପଡ଼ା ଥାନା ପୋଲିସ ଗିରଫ କରି ଥାନା କେସ୍ ନଂ ୧୨୧/ ୮/୮/୨୬ ଧାରା ୧୦୩ (୧)/୩(୫) ଭାରତୀୟ ନ୍ୟାୟ ସଂହିତା ରୁଜୁ କରି ହତ୍ୟା ଘଟଣା ରେ କୋର୍ଟ ଚାଲାଣ କରିଛି । ଏହି ଦୁଇ ଜଣ ହତ୍ୟାକାରୀ ଙ୍କୁ ପୋଲିସ୍ ଗିରଫ କରି ପଚରା ଉଚରା କରିବାରୁ । ସେମାନେ ସେହି ଯୁବକକୁ ଏକ ଅବୈଧ ପ୍ରେମ ସମ୍ପର୍କକୁ ନେଇ ପୂର୍ବ ଶତ୍ରୁତାରୁ ମଦ ପିଇବା କୁ ଡାକି ହତ୍ୟା କରି ସେହି ନମେରୁବାଲି ନଦୀ ପୋଲ ତଳେ ପକାଇ ଦେଇ ଥିବା ପୋଲିସ୍ ନିକଟରେ ଦୋଷ ସ୍ୱୀକାର କରିଥିଲେ। ମୃତ ଯୁବକ ଅଭିଯୁକ୍ତ ବ୍ରିଟିଶ୍ କହଁର ଙ୍କର ପତ୍ନୀ ରୀନା କହଁର ସହିତ ଅବୈଧ ପ୍ରେମ ସମ୍ପର୍କ ଥିଲା । ରୀନା ହେଉଛି ବିଜୁ କହଁର ର ଶାଳୀ । ଅଭିଯୁକ୍ତ ବ୍ରିଟିଶ୍ କହଁର ଓ ବିଜୁ କହଁର ଦୁଇ ଜଣ ଦୁଇ ସଢୁ। ମୃତ ଯୁବକ ସାର୍ଥକ, ଜ୍ୱାଇଁ ବିଜୁ କୁ ରିନାର ଏକ ଫୋଟ ଦେଖାଇ ଥିଲା। ଏହି ଫୋଟ କୁ ଦେଖି ବିଜୁ ମନରେ କ୍ରୋଧ ଜାତ ହୋଇଥିଲା। ସାର୍ଥକ କୁ ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲା। ବିଜୁ ଏବଂ ତାର ଜଣେ ଘନିଷ୍ଠ ବନ୍ଧୁ ସହ ଏକ ଘଟଣା କୁ ନେଇ ୧୨୮/୨୦୨୩ ରେ ଗୋଛାପଡ଼ା ଥାନାରେ ଏକ ମାମଲା ରହିଥିଲା। ଏହି ଘଟଣା ର ମୁଖ୍ୟ ଦୋଷୀ ସାର୍ଥକ ବୋଲି ଭାବି ବିଜୁ ମନରେ ଅସନ୍ତୋଷ ଥିଲା। ପ୍ରତିଶୋଧ ନେବା ପାଇଁ ସମୟ କୁ ଅପେକ୍ଷା କରିଥିଲା। ୩୦/୭/୨୬ ସନ୍ଧ୍ୟାରେ ବିଜୁ ଏବଂ ବ୍ରିଟିଶ୍ ଦୁଇ ସଢୁ ମଦ ପିଇବା ଏବଂ ଜଣେ ମହିଳାଙ୍କୁ ଭେଟିବା ବାହାନାରେ ମୃତକ ସାର୍ଥ କୁ ନମେରୁବାଲି ନଦୀ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଡାକି ନେଇଥିଲେ। ସେଠାରେ ୩ ଜଣ ମଦ ପିଇବା ସମୟରେ ମୃତକ ସାର୍ଥକ ପୁନର୍ବାର ସେହି ଫୋଟ ବିଷୟରେ କହିବାରୁ ବିଜୁ ଓ ସାର୍ଥକ ମଧ୍ୟରେ ବଚସା ହୋଇଥିଲା। ନିଜପତ୍ନୀ ସହ ସାର୍ଥକର ପ୍ରେମ ସମ୍ପର୍କ ବିଷୟରେ ଜାଣିବା ପରେ ରିନାର ସ୍ୱାମୀ ବ୍ରିଟିଶ୍ କହଁର ଓ ବିଜୁ କହଁର ଦୁଇ ସଢୁ ମିଳିତ ଭାବେ ଠେଙ୍ଗା ଦ୍ୱାରା ସାର୍ଥକର ମୁଣ୍ଡରେ ବହୁତ୍ ଜୋର୍ ବାଡେଇ ଥିଲେ ଯାହା ଫଳରେ ନଦୀ ପଥର ଉପରେ ରକ୍ତ ଜୁଡୁବୁଡୁ ହୋଇ ସାର୍ଥକ ପଡିଯାଇ ଥିଲା। ନଦୀ ସ୍ରୋତ ରେ ପଡିଯାଇ ଥିଲା। ଅତ୍ୟଧିକ ରକ୍ତ ସ୍ରାବ ଯୋଗୁଁ ସେଠାରେ ସାର୍ଥକର ମୃତ୍ୟୁ ଘଟିଥିଲା। ଏହା ପରେ ଅଭିଯୁକ୍ତ ଦୁଇ ସଢୁ ବ୍ରିଟିଶ୍ କହଁର ଓ ବିଜୁ କହଁର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କନ୍ଧମାଳ ଏସ୍ ପି ଙ୍କ ଜିଲ୍ଲା କାର୍ଯ୍ୟାଳୟ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଏସ୍‌ପି କନ୍ଧମାଳ ରାମେନ୍ଦ୍ର ପ୍ରସାଦ। ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସ୍ ପି ରାମେନ୍ଦ୍ର ପ୍ରସାଦ ସହ ସଦର ଏସ୍ ଡି ପି ଓ ଶୁଭ୍ରଜିତ୍ ବିଶ୍ୱାଳ, ଗୋଛାପଡା ଥାନା ଅଧିକାରୀ ଶୁଭ୍ରଜିତ୍ ସାମନ୍ତରାୟ ଉପସ୍ଥିତ ଥିଲେ।



## ଚମ୍ପୁଆ ବଜାରରେ ୧୮ ଟିକିଆ ହାତୀପଲ

### ତାରବାଡ଼ ଭାଙ୍ଗି ଜେଲଖାନାରେ ପଶି ଘଟାଇଲେ ବ୍ୟାପକ କ୍ଷତି



**ଚମ୍ପୁଆ (ଅମୃତ ମିଡିଆ):** ଗତ ଦୁଇ ଦିନ ତଳେ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରୁ ଚମ୍ପୁଆ ସେକ୍ସନକୁ ପଶି ଆସିଥିବା ୧୮ ଟିକିଆ ହାତୀ ପଲ ଗତରାତି ଶଶାଙ୍ଗ ବୈତରଣୀ କୂଳରେ ପହଂଚି ଥିଲେ । ବୈତରଣୀ ନଦୀ ପାର ହୋଇ ମୟୁରଭଞ୍ଜ ଯିବାକୁ ଉଦ୍ୟମ ମଧ୍ୟ କରିଥିଲେ। ମାତ୍ର ବୈତରଣୀ ନଦୀ ବଢ଼ି ଯୋଗୁଁ ନଦୀ ପାର ହୋଇ ନପାରି ହାତୀ ପଲ

ନଦୀ କୂଳେ କୂଳେ ଚମ୍ପୁଆ ଏନ୍‌ଏସି କୁ ପଶି ଆସିଥିଲେ। ଚମ୍ପୁଆ ଏଗାର ନମ୍ବର ୱାର୍ଡ ଗଉଡ ସାହି ମଧ୍ୟ ଦେଇ ହାତୀ ପଲ ଚମ୍ପୁଆ ବସଷ୍ଟାଣ୍ଡରେ ପଶି ଆସିଥିଲେ। ଆଜି ପାହାନ୍ତା ପ୍ରାୟ ୩ ଟା ବେଳେ ଚମ୍ପୁଆ ବସଷ୍ଟାଣ୍ଡ ରେ ପଶି ଆସିଥିଲେ । ହାତୀ ପଲ ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ଚମ୍ପୁଆ ବସଷ୍ଟାଣ୍ଡ ଅଞ୍ଚଳରେ ରହିବା ପରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହାତୀଙ୍କୁ ଘଉଡେଇବାରୁ ହାତୀ ପଲ ରାମଳା ଗାଁ ମଧ୍ୟ ଦେଇ ଶଶାଙ୍ଗ ଜଙ୍ଗଲକୁ ଚାଲିଯାଇଛନ୍ତି । ଦୀର୍ଘ ଦୁଇ ଘଣ୍ଟା ଚମ୍ପୁଆ ବସଷ୍ଟାଣ୍ଡ ଆଖପାଖ ଅଞ୍ଚଳରେ ହାତୀପଲ ଘୁରି ବୁଲୁଥିବା ବେଳେ ତାରବାଡ଼ ଭାଙ୍ଗି ଜେଲଖାନା ପରିସରରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ପରେ ପୁଣି ବଜାର ମଧ୍ୟରେ ପ୍ରବେଶ କରିଥିଲେ। ଯଦିଓ ହାତୀ ପଲ ଚମ୍ପୁଆରେ ଅନ୍ୟ କୈଣସି କ୍ଷୟକ୍ଷତି କରିନାହାନ୍ତି ବାଟରେ ଫେରିବା ବେଳେ ରାମଳା ଗାଁରେ ଗୋଟିଏ ଘର ଭାଙ୍ଗିଥିବା ଜଣା ପଡିଛି । ବନ ବିଭାଗର ଦୀର୍ଘ ସମୟ ଉଦ୍ୟମ ପରେ ହାତୀ ପଲ ରାମଳା ମଧ୍ୟ ଦେଇ ପୁଣି ଶଶାଙ୍କ ଜଙ୍ଗଲକୁ ଚାଲିଯାଇଛନ୍ତି।

## ଲିଙ୍ଗରା ଯୋରରେ ଭାସିଯାଇ ଯୁବକଙ୍କ ମୃତ୍ୟୁ

**ହିନ୍ଦୋଳ (ଅମୃତ ମିଡିଆ):** ଦୁଦୁରକୋଟ ମାନପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ପିଉସା ଘର ସରପାକୁ ବୁଲିବାକୁ ଯାଇ ପାଣିରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଦୁଦୁରକୋଟ ମାନପୁର ଗ୍ରାମର କିଶୋର ଗୋଛାୟତଙ୍କ ପୁଅ ଦିନେଶ ଗୋଛାୟତ (୧୫) ନିଜ ପିଉସା ଘର ସରପାକୁ ବୁଲିବାକୁ ଯାଇଥିଲେ। ସରପାରେ ଥିବା ଲିଙ୍ଗରା ଯୋରକୁ ଶନିବାରେ ଗାଧୋଇବାକୁ ଯାଇ ପାଣିରେ ଭାସିଯାଇଥିଲେ। ଏ ସଂପର୍କରେ ଖବରପାଇ ବଅଁରପାଳ ବୁଢାପଙ୍କ ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲା। କିନ୍ତୁ ରବିବାର ଦମକଳବାହିନୀ ଦୀର୍ଘସମୟ ଖୋଜାଖୋଜି କରିବାପରେ ତାଙ୍କ ମୃତଦେହ ଉଦ୍ଧାର କରିଛି। ଗାଧୋଉଥିବା ଜାଗାରୁ ପ୍ରାୟ ଶହେ ମିଟର ଦୂରକୁ ତାଙ୍କୁ ଭସାଇ ନେଇଥିଲା। ପୁଅର ମୃତ୍ୟୁ ଖବରଶୁଣି ପରିବାରଲୋକେ ବାହୁନି ବାହୁନି କାନ୍ଦିବା ସହ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଏବଂ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦିନେଶ ଦଶମ ଶ୍ରେଣୀର ଛାତ୍ରଥିଲେ ବୋଲି ଜଣାପଡିଛି।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ମାହାଙ୍ଗା ବିଧାୟକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଲଗାଣ ବର୍ଷା ଦ୍ୱାରା ଜଳମଗ୍ନ ହୋଇ ନଷ୍ଟ ହୋଇଥିବା ଚାଷର କ୍ଷତିପୂରଣ, ବର୍ଷାଜଳରେ ଧୋଇ ନଷ୍ଟ ହୋଇଥିବା ରାସ୍ତାର ତୁରନ୍ତ ପୁନଃନିର୍ମାଣ ଓ ବର୍ଷାରେ ଭାଙ୍ଗିଯାଇଥିବା କଚ୍ଚା ଘରର ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ସହ ସରକାରୀ ଯୋଜନାରେ ଆବାସ ପ୍ରଦାନ ଓ ମାହାଙ୍ଗା ଅଞ୍ଚଳରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଓଡ଼ିଶା ସରକାର ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ମାହାଙ୍ଗା ଅଞ୍ଚଳର କ୍ଷୟକ୍ଷତି ପରିଦର୍ଶନ କରି ତଥ୍ୟ ପ୍ରଦାନ କରିବାକୁ ରାଜସ୍ୱ ମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବାରୁ ରାଜସ୍ୱ ମନ୍ତ୍ରୀଙ୍କୁ ମାହାଙ୍ଗା ବିଧାୟକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

## ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

### ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ୨୪ନଂ ଜିଲ୍ଲା ପରିଷଦ ଜୋନ୍ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରାଙ୍କ ସଂଯୋଜନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ, ପୂର୍ବତନ ସରପଞ୍ଚ ଯତିନ୍ଦ୍ରନାଥ ଜେନା,ରମେଶଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ମିହିର ମହାପାତ୍ର,ଜଗବନ୍ଧୁ ସ୍ୱାଇଁ, ରବିଚନ୍ଦ୍ର ବେହେରା, ଜଗବନ୍ଧୁ ରାଉତ, ରଂଜନ ବେହେରା,କମଳା ରାଉତ, ରବୀନ୍ଦ୍ର ବେଉରା, ଆଶୁତୋଷ ମହାପାତ୍ର, ରାକେଶ ସେଠୀ, ଅନନ୍ତ ମଲ୍ଲ, ସେକ୍ ଆଜାମ୍ ମହମ୍ମଦ ପ୍ରମୁଖ ଯୋଗ ଦେଇ କ୍ରାନ୍ତି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ଆସନ୍ତା ୧୧ ତାରିଖ ମଙ୍ଗଳବାର କୁଳିଆ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପରିସରରୁ ୨୪ନଂ ଜୋନ୍ ସ୍ତରୀୟ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ କୋଲଣପୁର, ବରାଦୋ,ଫଗୋଳ, ଜିଗ୍ନୀପୁର, ଜୟରାମପୁର, ରାମକୃଷ୍ଣପୁର, ନତକାଇ, ବଡ଼କ୍ଷୀର ଓ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପରିକ୍ରମା କରି ନିଶ୍ଚିନ୍ତକୋଇଲି ଅହେମ୍ମଦ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଉକ୍ତ ତ୍ରିରଙ୍ଗା ଶୋଭାଯାତ୍ରା ସମାପନ ହେବ ବୋଲି ମଣ୍ଡଳ ସଭାପତି ସୂଚନା ଦେବା ସହ ସମାଜର ସବୁ ବର୍ଗର ଲୋକ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିବେଦନ କରିଛନ୍ତି ।

## ନିଶାମୁକ୍ତ ପ୍ରତିଜ୍ଞା ମହାଅଭିଯାନ



**ଚମ୍ପୁଆ (ଅମୃତ ମିଡିଆ):** ଆଜି ଚମ୍ପୁଆରାମୁଲା ସ୍ଥିତ ଅନ୍ୱେଷା ଛାତ୍ରଛାତ୍ରୀନିବାସରେ ଏକ ଶାନ୍ତିପୂର୍ଣ୍ଣ ଭାବରେ ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଚମ୍ପୁଆ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗିନୀ ବ୍ରହ୍ମା କୁମାରୀ ସୌଦାମିନୀ ଭଉଣୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ବ୍ଲକମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଛାତ୍ରଛାତ୍ରୀନିବାସର ପରିଚାଳକ ପ୍ରମୋଦ କୁମାର ନାୟକ ଯୋଗଦେଇଥିଲେ।ଏହି ଅଭିଯାନରେ ଅଧ୍ୟକ୍ଷ ତଥା ସମସ୍ତ ଅତିଥିମାନେ ଛାତ୍ରଛାତ୍ରୀମାନେ ଭାରତବର୍ଷ ପରି ପୁଣ୍ୟାତ୍ମା ତଥା ପବିତ୍ର ଜନ୍ମଭୂମିରେ ଜନ୍ମଗ୍ରହଣ କରିଛନ୍ତି ଏବଂ ସମସ୍ତେ ଭବିଷ୍ୟତର ନାଗରିକ ଅଟନ୍ତି । ତେଣୁ ଛାତ୍ରଛାତ୍ରୀମାନେ ନିଜକୁ ନିଶା ମୁକ୍ତ ହେବା ସହ ନିଜ ନିଜ ଅଞ୍ଚଳରେ ଏକ ସୁସ୍ଥବାତାବରଣ ଗଢିବା, ପବିତ୍ରତା, ସକାରତ୍ମକ ଏବଂ ଆତ୍ମସମ୍ମାନ ରଖି ଜୀବନର ମୁଲ୍ୟବୋଧକୁ ଆପଣାଇବା ନିମନ୍ତେ ବାର୍ତ୍ତା ପ୍ରଦାନ କରିବା ସହିତ ଉଦାହରଣ ହୋଇଗଢିବେ ଫଳରେ ନିଜେ ଆଲୋକିତ ହେବା ସହିତ ସମାଜକୁ ଏକ ନୂତନ ଦିଗଦର୍ଶନରେ ସହାୟକ ହେବେ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ଏକ ସଚେତନତାର ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀନିବାସର ସହ ପରିଚାଳକ, ପରିଚାଳିକା ତଥା ବ୍ରହ୍ମକୁମାର ଜୟରାମ ଭାଇ ଓ ଗାୟତ୍ରୀ ଭଉଣୀ ଏବଂ ଅନୁଭଉଣୀ,ଧନେଶ୍ୱର ଭାଇ ଯୋଗଦାନ କରି ପୂର୍ଣ୍ଣ ସହଯୋଗ କରିଥିଲେ ।

## କୋଦଳା ନଗରପାଳଙ୍କ ବିଜ୍ଞାପନରେ ମାଳ ମାଳ ଭୁଲ୍

**ବେଗୁନିଆପଡା (ଅମୃତ ମିଡିଆ):** କୋଦଳା ନଗରପାଳ ସୂର୍ଯ୍ୟନାରାୟଣ ନାୟକଙ୍କ ବିଜ୍ଞାପନ ପତ୍ରରେ ମାଳ ମାଳ ଓଡ଼ିଆ ଶବ୍ଦ ଭୁଲ୍ ଅଛି । ସେଇ ବିଜ୍ଞାପନକୁ କୋଦଳା ବିଜେପି ନାମକ ଏକ ଫେସବୁକ୍ ପେଜ୍ ସେୟାର କରିଛି । ଯାହାକୁ ନେଇ ଅଚଂଳରେ ତୀବ୍ର ସମାଲୋଚନା କରାଯାଇଛି । 'ସମସ୍ତଙ୍କୁ' ଶବ୍ଦ କୁ ବିକୃତ ଶବ୍ଦ ଭାବରେ ଲେଖା ଯାଇଥିବା ବେଳେ ଦଲାଲ ସ୍ଥାନରେ ଦଲାଇ ଓ କଥାରେ ବଦଳରେ କଆରେ ବୋଲି ଲେଖାଯାଇଥିବା ଜଣାପଡୁଛି । ଖାଲି ସେତିକି ନୁହେଁ ନଗରପାଳ ସ୍ଥାନରେ ନଗରପାଜ ବୋଲି ଲେଖାଥିବା ସ୍ପଷ୍ଟ ଭାବେ ଦେଖାଯାଉଛି । ଏପରିକି ଉପରେ ଲେଖାଥିବା କ୍ୟାପସନରେ ମଧ୍ୟ ନିର୍ଦ୍ଦେଶ ଶବ୍ଦ ଭୁଲ୍ ଲେଖା ଅଛି । ହେଲେ ଏହି ସବୁ ଭୁଲ ନଗରପାଳଙ୍କ ଜାଣତରେ ହୋଇଛି ନା ଅଜାଣତରେ ହୋଇଛି ? ଯଦି ଜାଣତରେ ହୋଇଛି ତେବେ ସେ କ୍ଷମା ପ୍ରାର୍ଥନା କରନ୍ତୁ । ନାହିଁ ଯଦି ଅଜାଣତରେ ହୋଇଛି, ତେବେ କିଏ ସେହି ବ୍ୟକ୍ତି ଯିଏ ସେଭଳି ପେଜ୍ କରି ନଗରପାଳଙ୍କୁ ବଦନାମ କରିବାକୁ ଚାହୁଁଛି । ଏଥିପାଇଁ ସେ ପେଜ୍ ବିରୋଧରେ ଏତଲା ଦିଅନ୍ତୁ ନଗରପାଳ । ଏମିତି କିଛି ହେଲେ ଯାଇ ସତ ସାମ୍ନାକୁ ଆସିବ । ଓଡ଼ିଆ ଅସ୍ମିତା କଥା କହୁଥିବା ସରକାରୀ ଦଳର ଏନଏସି ଅଧ୍ୟକ୍ଷଙ୍କ ବିଜ୍ଞାପନରେ ଏଭଳି ଓଡ଼ିଆ ଭାଷା ଭୁଲକୁ ସବୁଠି ଏବେ ନିନ୍ଦା କରାଯାଉଛି । ଗୋଟିଏ ପଟେ କୋଦଳାରେ ସାହିତ୍ୟ ସଭା ପାଇଁ ଜୋରଦାର ଆୟୋଜନ ଚାଲିଥିବା ବେଳେ ନଗରପାଳଙ୍କ ଏହି ଅକ୍ଷମଣୀୟ ବିକୃତ ଓଡ଼ିଆ ଶବ୍ଦ ପାଇଁ ଏବେ ସାହିତ୍ୟିକ ମହଲକୁ ଲଜ୍ଜିତ କରିଥିବା ଜଣାପଡ଼ିଛି ।

## ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ



**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନର ପାଳନ ଜାତୀୟ ସେବା ଯୋଜନା ଦ୍ୱାରା ଗତ ୦୬/୦୮/୨୬ ଦିନରେ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବିନୀ ମାନେ ସମାଜରେ ନିଶା ନିବାରଣ ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଚାଳନ ହୋଇଥିଲା । ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ମୁଖ୍ୟ ଭଉଣୀ ସନ୍ତୋଷୀନୀ ଛାତ୍ରୀ ମାନଙ୍କ ସତ୍ ଚିନ୍ତନ ଓ ଆତ୍ମନିୟନ୍ତ୍ରଣର ବାର୍ତ୍ତା ରଖିଥିଲେ । ସମାଜ ସ୍ୱେବୀ ଶ୍ରୀ ଶୂଳପାଣି ଶତପଥୀ ନିଶାର ସମାଜ ପ୍ରତି କୁପରିଣାମ ଗୁଡ଼ିକ ଦର୍ଶାଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀ ସୂରଜ ସାସ୍ମଲ୍ ଅତିଥି ପରିଚୟ ପତ୍ର ପ୍ରଦାନ କରିଥିଲେ । ଯୋଜନା ଅଧିକାରିଣୀ ଶ୍ରୀମତୀ ଜୟଲକ୍ଷ୍ମୀ ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ପ୍ରଜାପିତା ବ୍ରହ୍ମକୁମାରୀର ସହଯୋଗୀଗଣ ଅଧ୍ୟାପିକା ଉର୍ମିଳା ପାଟଯୋଶୀ, ସନ୍ଧ୍ୟା ରାଣୀ ପ୍ରଧାନ, ସସ୍ମିତା ମିଶ୍ର, ହେମଲତା ଭୋଇ, ସ୍ୱର୍ଣ୍ଣମୟୀ ମହାରଣା, ଅମୂଲ୍ୟ ଶତପଥୀ । ପଙ୍କଜ ଦାସ, ସନ୍ତୋଷ ମହାନ୍ତି ଆଦି ଉପସ୍ଥିତ ଥିଲେ ।

## ୨ ଗୋଷ୍ଠୀର କଂଗ୍ରେସ କାର୍ଯ୍ୟକ୍ରମକୁ ନେଇ ରାଜନୈତିକ ଚର୍ଚ୍ଚା

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉମର ପଂଚାୟତ ଓସ୍ତପୁର ଗ୍ରାମରେ ଜଣେ ୪ ବର୍ଷର ଶିଶୁ କନ୍ୟାକୁ ସେହି ଗ୍ରାମର ଜନୈକ ଯୁବକ ଦୁଷ୍କର୍ମ କରିଥିଲେ। ଏ ସଂକ୍ରାନ୍ତରେ ଭଦ୍ରେଶ୍ୱର ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନରେ ଶିଥିଳତାକୁ ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ପିସିସିର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନାରେ ଶନିବାର ଅପରାହ୍ନରେ ପୀଡିତାଙ୍କ ପରିବାର ଏବଂ ସାଲେପୁର ଉପଖଣ୍ଡ ଥାନା ଅଧିକାରୀଙ୍କୁ ସାକ୍ଷାତ୍ କରି ଉକ୍ତ ଘଟଣାରେ ପୀଡିତାଙ୍କୁ କିପରି ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ସେ ନେଇ ଆଲୋଚନା କରିଛନ୍ତି। ପିସିସି ମହିଳା ଉପସଭାପତି ପ୍ରଣତୀ ମିଶ୍ର, ପିସିସି ମୁଖପାତ୍ର ଡଃ. ମନୀଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ ଓ ଦେବାଶିଷ ଭୂୟାଁ, ସାଧାରଣ ସଂପାଦକ ସୁକାନ୍ତ ନନ୍ଦ, ବ୍ଲକ କଂଗ୍ରେସ କମିଟି ସଭାପତି ନାରାୟଣ ଦ୍ୱିବେଦୀ, ଜିଲ୍ଲା ସଂପାଦକ ବାନାମ୍ବର ଚାନ୍ଦ, ମାହାଙ୍ଗା ଯୁବ କଂଗ୍ରେସ ସଭାପତି ସେକ୍ ସଦାମ୍, ଟାଙ୍ଗୀ ବ୍ଲକ ସଭାପତି ଆଶୁତୋଷ ବରାଳ, ଅନନ୍ତ ନାୟକ, ସେକ୍ ମଞ୍ଜୁର ଅଲୀ, ରାଜା ଭୂୟାଁ, ସେକ୍ ସୌକତ ଅଲୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ପୀଡିତାଙ୍କ ପରିବାରକୁ ଭେଟି ଘଟଣାର ସମସ୍ତ ତଥ୍ୟ ସଂକ୍ରାନ୍ତରେ ଅବଗତ ହୋଇଥିଲେ । ଏହି ଘଟଣାରେ ଅପରାଧି ବିରୁଦ୍ଧରେ ପୋସ୍କୋ ଆକ୍ଟରେ ମାମଲା ରୁଜୁ ହେବା ପରେ ସରକାରଙ୍କ ପକ୍ଷରୁ ପୀଡିତାଙ୍କୁ ବିଭିନ୍ନ ଧାରାରେ କିଭଳି ମାଗଣା ଆଇନ ସହାୟତା ଯୋଗାଇ ଦିଆଯିବା ସହିତ ସରକାରଙ୍କର ବିଭିନ୍ନ ଯୋଜନାରେ କିଭଳି ସଂପୃକ୍ତ ଶିଶୁ କନ୍ୟାକୁ ନିରାପ ।, ଥଇଥାନ ଓ ସୁରକ୍ଷା ଯୋଗାଇ ଦିଆଯାଇ ଆର୍ଥିକ ସହାୟତା ପ୍ରଦାନ କରାଯିବ ସେ ନେଇ ପୀଡିତାଙ୍କ ପରିବାର ସହିତ ଆଲୋଚନା କରିଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନରେ ଶିଥିଳତାକୁ ନେଇ ଏହି ତଥ୍ୟ ଅସୁସନ୍ଧାନକାରୀ ଦଳ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ସୁକରପଡା ଡାକବଙ୍ଗଳାରେ ବ୍ଲକ କଂଗ୍ରେସ କମିଟି ସଭାପତି ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଠାରେ ସୂଚନାଥାଉକି ଆଜିର ଏହି ତଥ୍ୟ ଅନୁସନ୍ଧାନକାରୀ ଦଳରେ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁଙ୍କ ଅନୁପସ୍ଥିତିକୁ ନେଇ ବହୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପୀଡ଼ିତା ପରିବାରକୁ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖପ୍ରସାଦ ସ୍ୱାଇଁ,କଂଗ୍ରେସ ଯୁବ ସଂଗଠକ ଉ ମ କୁମାର ବେହେରାଙ୍କ ସମେତ ମାହାଙ୍ଗା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଏଥି ପୂର୍ବରୁ ଭେଟି ଦୋଷୀକୁ କଠୋରରୁ କଠୋର ଦଣ୍ଡବିଧାନ କରିବା ସହ ପୀଡ଼ିତା ଶିଶୁ କନ୍ୟାକୁ ନ୍ୟାୟ ପ୍ରଦାନ କରିବା ପାଇଁ ସରକାର ଓ ପ୍ରଶାସନ ନିକଟରେ ଦାବି ରଖିଛନ୍ତି । ଗୋଟିଏ ଘଟଣାକୁ ନେଇ କଂଗ୍ରେସ ଦୁଇ ଭାଗରେ ବିଭକ୍ତ ହୋଇ ପୀଡ଼ିତା ପରିବାରକୁ ଭେଟିବା ଆଗାମୀ ଦିନରେ ଏହାର କୁପରିଣାମ ମାହାଙ୍ଗା କଂଗ୍ରେସକୁ ଭୋଗିବାକୁ ପଡ଼ିବ ବୋଲି ରାଜନୈତିକ ବିଶାରଦ ମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ

## ମା'ର କ୍ଷୀର ଶିଶୁ ପାଇଁ ଅମୃତ ସମାନ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ବୃଦ୍ଧି ଓ ମାଆମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ପରିସରସ୍ଥିତ ସମ୍ମିଳନୀ ଗୃହରେ ମଧ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତନ୍ୟପାନର ଉପକାରିତା, ଶିଶୁଙ୍କ ସୁସ୍ଥ ବିକାଶରେ ମାଆ କ୍ଷୀରର ଭୂମିକା ଏବଂ ଶିଶୁଙ୍କୁ ସଠିକ୍ ଭାବେ ସ୍ତନ୍ୟପାନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା।ସରକାରୀ ଏଏନ୍ଏମ୍ ତାଲିମ କେନ୍ଦ୍ର ଓ ତୁଳସୀ ନର୍ସିଂ କଲେଜର ଛାତ୍ରୀମାନେ ମାଆ କ୍ଷୀରର ଉପକାରିତା ଏବଂ ସ୍ତନ୍ୟପାନର ଅଭାବରୁ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ଦୁଇଟି ଏକକ ଅଭିନୟ ପରିବେଷଣ କରିଥିଲେ। ବାସ୍ତବ ଜୀବନର ଚିତ୍ରକୁ ନିଖୁଣ ଭାବେ ଉପସ୍ଥାପନ କରିଥିବା ଏହି ଅଭିନୟ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଶେଷଜ୍ଞ ଡାକ୍ତର ସୁଲଗ୍ନା ନେଗି ମାଆ କ୍ଷୀରକୁ ଶିଶୁ ପାଇଁ ଅମୃତ ସମାନ ବୋଲି ଉଲ୍ଲେଖ କରି କହିଥିଲେ ଯେ, ଜନ୍ମ ପରେ ଯଥାଶୀଘ୍ର ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ। ଶିଶୁର ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବା ସହିତ ଅତି କମରେ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବାର ଗୁରୁତ୍ୱ ସେ ବୁଝାଇଥିଲେ। ସ୍ତନ୍ୟପାନ ଉଭୟ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଡାକ୍ତର ମନୋରଞ୍ଜନ ସାହୁ, ସରକାରୀ ଏଏନ୍ଏମ୍ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ଇନଚାର୍ଜ ଅନୁଜା ନାୟକ ଏବଂ ତୁଳସୀ ନର୍ସିଂ କଲେଜର ପ୍ରିନ୍ସିପାଲ ଜ୍ୟୋତିର୍ମୟୀ ପଟ୍ଟନାୟକ ସ୍ତନ୍ୟପାନ କରାଇବାର ସଠିକ୍ ପଦ୍ଧତି ଓ ଶିଶୁଙ୍କୁ ମାଆ କ୍ଷୀର ନଦେଲେ ହେଉଥିବା ସମ୍ଭାବ୍ୟ କ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସହରାଞ୍ଚଳର ପାଞ୍ଚ ଜଣ ମାଆଙ୍କୁ ସେମାନଙ୍କ ଶିଶୁଙ୍କୁ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ପ୍ରଦାନ କରିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏକକ ଅଭିନୟ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିବା ନର୍ସିଂ ଛାତ୍ରୀମାନଙ୍କୁ ମଧ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର, ଇନଚାର୍ଜମାନେ, ପୁଷ୍ଟି ପୁନର୍ବାସ କେନ୍ଦ୍ର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ାର ପରାମର୍ଶଦାତା ଓ ପରାମର୍ଶଦାତ୍ରୀ, ଏଏନ୍ଏମ୍ ଏବଂ ସହରାଞ୍ଚଳ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲାସ୍ତରୀୟ କର୍ମଚାରୀଙ୍କ ସହ ଫାଇନାନ୍ସିଆଲ ଅଫିସର ଆଶୁତୋଷ ତ୍ରିପାଠୀ ମଧ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ।

## ତରିକୁନ୍ଦ ହାଇସ୍କୁଲ ପ୍ରତିଷ୍ଠାତା ପ୍ରଧାନଶିକ୍ଷକଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକର ଐତିହ୍ୟମାନ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସୋମନାଥ ମିଶ୍ରଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ ଗତକାଲି ସ୍କୁଲ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରାକ୍ତନ ଶିକ୍ଷକ ତଥା ପୂର୍ବତନ ଛାତ୍ର ସଂସଦର ସଭାପତି ରଘୁନାଥ ପତି ସଭାପତିତ୍ୱ କରି ସୋମନାଥ ସାର୍ ଜଣେ ବହୁ ପ୍ରତିଭାଧାରି ବ୍ୟକ୍ତି ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ଚିତ୍ତରଞ୍ଜନ ତ୍ରିପାଠୀ, ସୁକାନ୍ତ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷକ ସୁକାନ୍ତ ମହାନ୍ତି ଛାତ୍ର ଛାତ୍ରୀ ମାନଙ୍କୁ ଏକ ପ୍ରେରଣା ପତ୍ର ବଣ୍ଟନ କରିଥିଲା ବେଳେ ଦଶମ ଶ୍ରେଣୀର ବୈଷ୍ଣବ ବେହେରା ଓ ପ୍ରତ୍ୟାଶା ମହାରଣା, ନବମ ଶ୍ରେଣୀର ଅଲିଭା ରାଉତ, ଶ୍ରଦ୍ଧାସାଇ ମିଶ୍ରଙ୍କୁ ଯଥାକ୍ରମେ ସଚ୍ଚିଦାନନ୍ଦ ମିଶ୍ର ପ୍ରତିଭା ସମ୍ମାନ ୨୦୨୬ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଯୁଧିଷ୍ଠିର ଦାଶ ସ୍ମାରକୀ ସମ୍ମାନ ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରିୟାଂଶି ଦାସଙ୍କୁ ପ୍ରଥମ ପୁରସ୍କାର ଓ ନବମ ଶ୍ରେଣୀର ଛାତ୍ରୀ ଶ୍ରଦ୍ଧାସାଇ ମିଶ୍ରଙ୍କୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିମୋଦ କୁମାର ଜେନା ପରିଚାଳନା କରିଥିବା ବେଳେ ପୁର୍ବତନ ଶିକ୍ଷକ ପ୍ରଭାତ ମହାନ୍ତି, ବସନ୍ତ ଦାସ, ବିରକିଶୋର ରାଉତରାୟ, ଶ୍ରୀବତ୍ସ ଆଚାର୍ଯ୍ୟ, ଦେବେନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ସାହାଣୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଇଲିୟାସ ଖାଁ, ସଂପାଦକ ପ୍ରାଣକୃଷ୍ଣ ସାହୁ, ଶାନ୍ତନୁ ବେହେରା, ଇଂ କିଶୋର ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ଭବତୋଷ ସାମନ୍ତରାୟ, ବିଚିତ୍ରାନନ୍ଦ ଦାସ, ପ୍ରମୋଦ ମହାପାତ୍ର, ରବିନ୍ଦ୍ର ସାବତ୍, ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିତି ମଞ୍ଜରୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଯୁବଶକ୍ତିର...

କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି। ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇଥିଲେ ଦେଇ ସେ 'ଯୁବଶକ୍ତିର ଏକ ହିଁ ସ୍ୱର — ସୁରକ୍ଷିତ ହେବ ଦେଶ ଆମର !' ନାରା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହା ବ୍ୟତୀତ କନ୍ଧମାଳ ସାଂସଦ ଶ୍ରୀଯୁକ୍ତ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ପାଲଲହଡ଼ା ବିଧାୟକ ଶ୍ରୀଯୁକ୍ତ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ଶ୍ରୀଯୁକ୍ତ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ।ଏହି ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା କାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

### ଯୁବତୀଙ୍କୁ ...

ରହୁଥିବାବେଳେ ଜଣକର ପୂର୍ବରୁ ମୃତ୍ୟୁ ହୋଇଛି। ଦୁଇ ଭଉଣୀଙ୍କ ମଧ୍ୟରୁ ଜଣେ ବିବାହ ପରେ ବଲାଙ୍ଗୀର ସହରରେ ରହୁଛନ୍ତି। ଗାଁଲୋକଙ୍କ କହିବା ମୁତାବକ, ଏହି ପରିବାରର ପ୍ରାୟ ଅଢ଼େଇ ଏକର ପୈତୃକ ଜମି ଜାତୀୟ ରାଜପଥ-୨୬ କଡ଼ରେ ରହିଛି। ଯାହାର ମୂଲ୍ୟ ବହୁକୋଟି ଟଙ୍କା ହେବ। ଏହି ଜମି ବିକ୍ରି ପାଇଁ ଭାଇମାନେ ଗୀତାଙ୍କ ଦସ୍ତଖତ ଲୋଡ଼ିଥିଲେ। ହେଲେ, ଗୀତା ଦସ୍ତଖତ ଦେଇନଥିଲେ। ନିଜେ ଅନ୍ୟ ଜଣକୁ ଜମି ବିକିବାକୁ ଡିଲ୍ କରିଥିଲେ। ଏହି କାରଣରୁ ଭାଇମାନଙ୍କ ସହ ତାଙ୍କ ଠିକ୍ ପଡୁନଥିଲା। ଜମି ବିବାଦ, ମଧ୍ୟସ୍ଥତାକୁ ନେଇ ପୂର୍ବଶତ୍ରୁତା ତାଙ୍କ ମୃତ୍ୟୁ ପଛର କାରଣ ହୋଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଛାଡୁନି ...

ଛାଡ଼ିନି। କାମ ଧନ୍ଦା ମିଳୁନି କି ପେଟକୁ ଭଲକି ଗଣ୍ଡାଏ ଦାନା ଯୋଗାଡ଼ ହେଇପାରୁନି । ଅନୁଗୁଳ ଛେଣ୍ଡିପଦା ବ୍ଲକ ସରପାଳ ଗାଁରେ ଭୀଷଣ ବର୍ଷାରେ ନୂଆଘାଇ ନାଳ କୂଳ ଖାଇବା ସହ ମାଆ ବାଟବାୟାଣୀଙ୍କ ଭୋଗ ମଣ୍ଡପ ସମ୍ପୂର୍ଣ୍ଣ ଭସାଇନେଇଛି। ସେପଟେ କଟକ ଆଠଗଡ଼ର କଥା ନକହିବା ଭଲ। ଯେଉଁ ପାଣି ଚାଷୀଙ୍କ ପାଇଁ ଆଶୀର୍ବାଦ ହେବା କଥା, ସେଇ ପାଣି ଏବେ ତାଙ୍କ ମାସ ମାସର ପରିଶ୍ରମକୁ ଧୋଇନେଉଛି। ଜମି ତ ଅଛି, କିନ୍ତୁ ଫସଲ ଆଉ ନାହିଁ। ବନ୍ୟାରେ ଯାହା ବଞ୍ଚିଯାଇଥିଲା ତାକୁ ବୁଡ଼ାଇଦେଇଛି ପୁଣି ଲଘୁଚାପ ବର୍ଷା।

### ଭୋଟ...

ପ୍ରଧାନମନ୍ତ୍ରୀଙ୍କଠାରୁ ରାହୁଲ ଗାନ୍ଧୀ, ସରକାରଠାରୁ ବିରୋଧୀ - ସମସ୍ତଙ୍କ ନଜର ଏବେ ଜେନ୍-ଜି 'ଙ୍କ ଉପରେ। ପିଏମ୍ ମୋଦି ବିଳମ୍ବିତ ରାତିରେ ଇନଷ୍ଟାରେ ଲାଇଭ ସମ୍ବୋଧନ କରୁଛନ୍ତି। ମନ୍ତ୍ରୀମାନଙ୍କୁ ବି ଜେନ୍-ଜି'ଙ୍କ ସହ ସୋସିଆଲ୍ ମିଡିଆରେ ସକ୍ରିୟ ଭାବେ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ବି ଜେନ୍-ଜି'ଙ୍କ ଦାବିକୁ ଯଥାର୍ଥ ଓ ସେମାନେ ଦେଶବିରୋଧୀ ନୁହନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଏଭଳି ସ୍ଥିତିରେ ଜେନ୍ ଜି'ଙ୍କ ଆନ୍ଦୋଳନ ଯଥାର୍ଥ ବୋଲି କୁହାଯାଇପାରେ। ସରକାର ସଜାଗ ଓ ତର୍କ ନରହିଲେ ଆଗକୁ ଜେନ୍ ଜି' ପୁଣି ସକ୍ରିୟ ହୋଇ ଘେରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।

### ଖେଳାଳିଙ୍କର...

ଦେଶର ଗୌରବ ବଢ଼ାଇ ଥିବା ଖେଳାଳି ମାନଙ୍କ ସହ ନିଜର ବିଚାର ମଧ ବାଣ୍ଟି ଥିଲେ। ଏହି ସାକ୍ଷାତକାରର ଶେଷ ଏକ ଚମତ୍କାର ଇନଷ୍ଟାଗ୍ରାମ ରିଲ୍ ସହିତ ହୋଇ ଥିଲା, ଯାହାକୁ ନିଜେ ପ୍ରଧାନମନ୍ତ୍ରୀ ଶେୟାର କରି ଥିଲେ। ଉକ୍ତ ରିଲରେ ପ୍ରଧାନମନ୍ତ୍ରୀଙ୍କ ସହ ସମସ୍ତ ମେଡାଲ ବିଜେତା ଉପସ୍ଥିତ ଥିଲେ ଏବଂ ବକ୍ସିଂରେ ଗୋଲ୍ଡ ମେଡାଲ ଜିତିଥିବା ସାକ୍ଷୀ ଚୌଧୁରୀଙ୍କ ହାତରେ କ୍ୟାମେରା ଥିଲା। ସାକ୍ଷୀ କହି ଥିଲେ , ସମସ୍ତ ମେଡାଲ ବିଜେତାଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଏକ ଗର୍ବର ବିଷୟ ଥିଲା ଏବଂ ସେମାନେ ଏହି ସାକ୍ଷାତକାରରେ ବହୁତ ଖୁସି ଥିଲେ। ଏହାପରେ ପିଏମ୍ ଦେଶ ଉଦ୍ଦେଶ୍ୟରେ ଖେଳ ସହିତ ଜଡ଼ିତ ଏକ ବିଶେଷ ବାର୍ତ୍ତା ଦେଇ କହି ଥିଲେ, 'ଜୋ ଖେଲେଗା , ଓ୍ୱୋ ଖିଲେଗା'। ସବୁବେଳେ ଭାରତ ପାଇଁ ଚିଅର୍ କରୁଥାନ୍ତୁ। ଭାରତ ମାତା କି ଜୟ।

# କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢଙ୍ଗ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶୁକଦେବ ଜେନାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି, ବୃନ୍ଦାବନ ଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଲେଙ୍କା ମୁଖ୍ୟ ବକ୍ତା, ସରପଞ୍ଚ ସୁଶିଲ କୁମାର ବାରିକ ବିଶିଷ୍ଟ ଅତିଥି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ କୁମାର ମହାପାତ୍ର, ରଘୁନାଥ ସ୍ୱାଇଁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜେନାଙ୍କର ଛାତ୍ରବତ୍ସଳତା ଓ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ମହାନ୍ତି, ପବିତ୍ର କୁମାର ପାଳ, ସୁକାନ୍ତ ଚରଣ ପାଳ, ରଞ୍ଜନ କୁମାର ପ୍ରଧାନ, ଟୁଟୁ ଦାଶ, କମିଟି ସଭ୍ୟ ସୁରେନ୍ ରାଉତ, ସୁଶାନ୍ତ ଜେନା ଓ ପ୍ରାକ୍ତନ କର୍ମଚାରୀ ଶୁକଦେବ ଜେନା, ମାଗୁଣି ଚରଣ ରାଉତ ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟପରାୟଣତା ଉପରେ ଆଲୋକପାତ କରିଥିଲେ। ଅତିଥି ମାନେ ଶ୍ରୀ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ବିରେନ୍ଦ୍ର ବାରିକ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ନିମାଇଁ ଚରଣ ରାଉତ ଓ ସନ୍ତୋଷ କୁମାର ରାଉତ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଗାୟକ ଶେଖର ଓ ଗାୟକ ସମ୍ରାଟଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଚିଲିକା (ଅମୃତ ମିଡିଆ) :** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ନାଚୁଣୀ ଠାରେ ବାଣପୁର ଭଗବତୀ ମଣ୍ଡଳ ପାଲାଗାୟକ ପରିଷଦ ଓ ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ 'ଜାଗୃତିକା'ର ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ଗାୟକ ଶେଖର ପଦ୍ମଶ୍ରୀ ଜଗନ୍ନାଥ ବେହେରା ଓ ଗାୟକ ସମ୍ରାଟ ଅଭୟ ଚରଣ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଅଛି। ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ସ୍ଥାୟୀ ସଭାପତି ଗାୟକ ଦକ୍ଷୀଣ କେଶରୀ ରାମଚନ୍ଦ୍ର କରଙ୍କ ପୌରୋହିତରେ ଓ ଭଗବତୀ ମଣ୍ଡଳ ପାଲାଗାୟକ ପରିଷଦର ସଂପାଦକ ବିଭୁତି ଭୂଷଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାର ପ୍ରାରମ୍ଭରେ ଉପସ୍ଥିତ ଥିବା ସଦସ୍ୟମାନେ ସ୍ୱର୍ଗତ ଦୁଇ ଗାୟନାଚାର୍ଯ୍ୟ ଗାୟକ ଶେଖର ଜଗନ୍ନାଥ ବେହେରା ଓ ଗାୟକ ସମ୍ରାଟ ଅଭୟ ଚରଣ ସ୍ୱାଇଁଙ୍କ ତୈଳଚିତ୍ରରେ ଧୂପପୁଷ୍ପ ଅର୍ପଣ କରିବା ପରେ ଗାୟକ ଭବାନୀ ଶଙ୍କର ଦାଶ ଗୁରୁ ବନ୍ଦନା ଗାନ କରିଥିଲେ। ଏହାପରେ ଦୁଇ ଗାୟନାଚାର୍ଯ୍ୟଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ରାଜ୍ୟ ଉପଦେଷ୍ଟା ଓ ଚିଲିକା ବ୍ଲକର ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ,ଭଗବତୀ ମଣ୍ଡଳ ପାଲାଗାୟକ ପରିଷଦର ସଭାପତି ରମେଶ ଚନ୍ଦ୍ର ପାତ୍ର, ଜାଗୃତିକାର ସଭାପତି ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ନାଚୁଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡଃ:ରାଜ କିଶୋର ସାହୁ, ନୀଳକଣ୍ଠେଶ୍ୱର ପାଲା କର୍ମୀ ପରିଷଦର ସ୍ଥାୟୀ ସଭାପତି ବିଜୟ କୁମାର ମହାପାତ୍ର, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ମର୍ଦ୍ଦରାଜ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶିକ୍ଷକ ବିରଞ୍ଚିନାରାୟଣ ପ୍ରସାଦ ନାୟକ, ଅବସର ପ୍ରାପ୍ତ ଏ.ବି.ଡ଼ି.ଓ କାଳୁଚରଣ ସାମନ୍ତରାୟ,ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଓ ପାଲାକର୍ମୀ ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଗାୟକ ଶେଖର ଜଗନ୍ନାଥ ବେହେରା ଓ ଗାୟକ ସମ୍ରାଟ ଅଭୟ ଚରଣ ସ୍ୱାଇଁଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଉଭୟ ଗାୟକଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସଂଗୀତଜ୍ଞ ଅଜିତ୍ କୁମାର ମିଶ୍ର ସଂଗୀତ ପରିବେଷଣ କରିଥିବା ବେଳେ ପାଲାକର୍ମୀ ଯୋଗେନ୍ଦ୍ରନାଥ ବିଶ୍ୱାଳ ସ୍ୱର୍ଗତ ଦୁଇ ଗାୟନାଚାର୍ଯ୍ୟ ଜଗନ୍ନାଥ ବେହେରା ଓ ଅଭୟ ଚରଣ ସ୍ୱାଇଁଙ୍କ ପାଲା ଗାଇବା, କହିବା ଓ ଅଙ୍ଗ ଭଙ୍ଗିକୁ ଅବିକଳ ନକଲ କରି ଉପସ୍ଥିତ ଥିବା ସଦସ୍ୟମାନଙ୍କ ପାଖରେ ପରିବେଷଣ କରିଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା

**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଂଚାୟତ ବନଗୁରିଆ ଗ୍ରାମର ରବୀନ୍ଦ୍ର ଜେନାଙ୍କ ଏକମାତ୍ର ପୁଅ ପ୍ରମୋଦ ଯେନା ଗତ ଗୁରିବାର ଦିନ କୋଠପଦାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ପରିସରରେ ଥିବା ଏକ ପୁରୁଣା ପାଣି ଟାଙ୍କିରେ ପଡି, ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବା ଖବର ପାଇ ମାହାଙ୍ଗା କଂଗ୍ରେସ ନେତା ସେକ ମସୁଦ ଅଲି, କଟକ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରୀତିଛନ୍ଦା କୈବଲ୍ୟ ନାୟକ, ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ଆଇନଜୀବି ଦୀପକ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସଂଗ୍ରାମ ସାମଲ ତାଂକ ବାସଭବନରେ ପହଂଚି ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ ଏବଂ ସେହି ଦିବଂଗତ ଅମ୍ଳାନ ଆତ୍ମାର ସଦଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଂଗଠକ ବସନ୍ତ କୁମାର ମହାନ୍ତି ଓ ମହମ୍ମଦ ସିଦିକ, କୁହୁଣ୍ଡା ପଂଚାୟତ ପ୍ରାକ୍ତନ ସରପଞ୍ଚ କଳ୍ପନା ଜେନାଙ୍କ ପ୍ରତିନିଧି ରଘୁନାଥ ଜେନା, ବିଦ୍ୟାଧର ବେହେରା, ଲକ୍ଷ୍ମଣ କୁମାର ଓଝା, ପ୍ରଦୀପ୍ତ କୁମାର ବିଶ୍ୱାଳ, ରାମଚନ୍ଦ୍ର ଜେନା ଓ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ କଂଗ୍ରେସ ନେତା ସେକ ମସୁଦ ଅଲି ସରକାରଙ୍କ ନିକଟରେ ଦାବୀ ଜଣାଇଛନ୍ତି।

# ଖରିଫ ଧାନ ପଞ୍ଜୀକରଣ ନୂତନ ନିୟମକୁ ବିଜେଡିର ବିରୋଧ

**ଜୟପୁର (ଅମୃତ ମିଡିଆ) :** ଖରିଫ ଧାନ ପଞ୍ଜିକରଣର ନୂତନ ନିୟମକୁ ବିଜେଡି ଆଜି ବିରୋଧ କରିଛି। ଚାଷୀଙ୍କ ପଞ୍ଜିକରଣ ନେଇ ନୂଆ ଗାଇଡ ଲାଇନ ଜାରି କରିଛନ୍ତି। ଯାହାକୁ ବିଜେଡି ରାଜ୍ୟ ଉପ ସଭାପତି ରବି ନାରାୟଣ ନନ୍ଦ ବିରୋଧ କରିଛନ୍ତି। ଚାଷୀ ମାନେ ଅଗଷ୍ଟ ୬ରୁ ୩୧ ତାରିଖ ଯାଏ ମଧ୍ୟରେ ପଞ୍ଜୀକରଣ ସହିତ ଆବଶ୍ୟକ କାଗଜ ପତ୍ର ଦାଖଲ କରିବେ। ଆଧାର ସଂଯୁକ୍ତ ମୋବାଇଲ ନମ୍ବର, ମୋବାଇଲ ନମ୍ବର ବିକଳ୍ପ ମୋବାଇଲ ନମ୍ବର ଆଧାର କାର୍ଡ, ଜମି ପଟ୍ଟା, ପାସ ବୁକ ଆଦି ଦେବାକୁ ପଡିବ। ଏହି ନିୟମ ଅନୁଯାଇ ଚାଷୀଙ୍କୁ ଏଗ୍ରୀଷ୍ଟକ କୃଷକ ରେଜିଷ୍ଟି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପିଡବ। ଫଳରେ ବହୁବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର କରିବାର ସମସ୍ୟାରେ ପଡିବେ। ଅନେକ କ୍ଷେତ୍ରରେ ଜମି ଏ ପଯ୍ୟନ୍ତ ମୃତ ଜଜେ ବାପା କିମ୍ବା ଜେଜେ ମାଙ୍କ ନାମରେ ରହିଥିବା ବେଳେ ବର୍ତ୍ତମାନ ତୃତିୟ ପିଢି ସେହି ଜମିରେ ଚାଷ କରୁଛନ୍ତି। ନୂଆ ବ୍ୟବସ୍ଥାରେ ସେ ମାନେ କିପରି ପଞ୍ଜିକରଣ କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର



ପଞ୍ଜିକରଣ ମଧ ଜଟିଳ ହେବା ଆଶଙ୍କା ରହିଛି। ନୂଆ ନିୟମ ଭାଗ ଚାଷିଙ୍କ ପାଇଁ ମଧ ବଢ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ଜମା ମାଲିକଙ୍କ ସହମତି ପତ୍ର ଓ ଆଧାର କାର୍ଡ ଆଧାରରେ ପଞ୍ଜିକରଣ କରୁଥିଲେ। କିନ୍ତୁ ଜମି ମାଲିକଙ୍କ ବାୟୋମେଟ୍ରିକ ଯାଞ୍ଚ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତି କୁ ବାଧ୍ୟତା ମୁଳକ କରାଯାଇ ଥିବାରୁ ଭାଗ ଚାଷୀଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇ ପଡିବ ବୋଲି ରାଜ୍ୟ ଉପସଭାପତି ନନ୍ଦ ଅଭିଯୋଗ କରିଛନ୍ତି। ପଞ୍ଜିକରଣ ନିୟମକୁ କୋହଳ କରି ପୁରୁଣା ଗାଇଡ ଲାଇନକୁ ପ୍ରଚଳନ କରିବାକୁ ଦାବି ହୋଇଛି। ସରକାର ଚାଷୀମାରଣ ନିତି କରୁଥିବା ଅଭିଯୋଗ କରିଛି। ତୁରନ୍ତ ସରକାର ନୂଆ ଗାଇଡ ଲାଇନକୁ ବନ୍ଦ କରି ପୁରୁଣା ଗାଇଡଲାଇନ ଲାଗୁ କରିବାକୁ ଜୟପୁର ଠାରେ ବିଜେଡିର ରାଜ୍ୟ ଉପ ସଭାପତି ତଥା ପୂର୍ବର୍ତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଦାବି କରିଛନ୍ତି। ନଚେତ ଆନ୍ଦୋଳନ ଜୋର ସୋରରେ ହେବ ବୋଲି ଚେତାବନି ଦେଇଛନ୍ତି। ବର୍ତ୍ତମାନର ଗାଇଡ ଲାଇନରେ ପ୍ରଚଳନ ହେଲେ ଚାଷୀ ନୟାନ୍ତ ହେବା ସହ ଦଲାଲ ସକ୍ରିୟ ହେବେ। ନୂତନ ଗାଇଡଲାଇନରେ ଚାଷୀ ପ୍ରଥମେ ନିଜେ ଉପସ୍ଥିତ ରହି କୃଷି ବିଭାଗ କାର୍ଯ୍ୟାଳୟରେ ପଞ୍ଜିକୃତ କରି ସେଠାରୁ ପ୍ରମାଣ ପତ୍ର ନେବାପରେ ଲ୍ୟାମ୍ପସରେ ପଞ୍ଜିକୃତ ହେବ। ଜମିର ମାଲିକ ବାହାରେ ରହୁଥିଲେ ପଞ୍ଜିକୃତ ହେବ ନାହିଁ ସେହି ଜମି ଯଦି ଭାଇ କିମ୍ବା ଭାଗ ଚାଷ କରୁଥିବା ଉତ୍ପାଦିତ ଧାନ ମଣ୍ଡିରେ ବିକ୍ରୟ ହୋଇ ପାରିବ ନାହିଁ। ସେହି ଧାନ ଅଭାବି ବିକ୍ରି ହେବା ସହ ଚାଷି ବାଧ ହୋଇ ସାଗ ମାଛ ଦରରେ ଦଲାଲକୁ ଟେକିଦେବ। ସରକାର ଏହି ନିୟମ ପ୍ରଚଳନ କଲେ ଚାଷି କମ ରେଜିଷ୍ଟେସନ କରିବେ ସରକାର ଆଉ ଇନପୁଟ ସବସିଡି ଟଙ୍କା ଦେବାକୁ ପଡିବ ନାହିଁ । ବୋଧେ ସରକାରଙ୍କ ପାଖରେ ଟଙ୍କା ନାହିଁ। ଚାଷୀଙ୍କୁ ଉଚିତ ମୁଲ୍ୟ ଦିଆଯିବ ବୋଲି କହି ପ୍ରତିଶ୍ରୁତି ଦେଇଥିଲେ। ଚାଷୀ ଭରସା କରି ଭୋଟ ଦୋଇଥିଲେ। ପରେ ବିଜେପି ସରକାରଙ୍କୁ ଆସିଲା। ସରକାରକୁ ଆସିବା ପରଠାରୁ ଚାଷୀ ପ୍ରତାରଣାର ଶୀକାର ହୋଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲା କାଯ୍ୟକାରି ସଭାପତି ଦୁର୍ଗା ମିଶ୍ର, ବିଜେଡି ନେତା ବାଲିଙ୍କି ରାଓ ଉପସ୍ଥିତ ଥିଲେ। ଗତ ରବି ମଣ୍ଡିରେ ବହୁ ଚାଷି ରେଜିଷ୍ଟେସନ କରିପାରି ନଥିଲେ। ଫଳରେ କୋରାପୁଟ ଜିଲାର ପାଖା ପାଖି ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ନିଜ ଧାନ ବିକ୍ରି କରିପାରି ନଥିଲେ। ଚାଷୀମାନେ ଏମିତିକି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ମଧ ଚାଷୀ ନ୍ୟାୟ ପାଇ ନଥିଲେ।

# ଯୁବ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ



**ଜୟପୁର (ଅମୃତ ମିଡିଆ) :** ସହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜ,ବୈପାରିଗୁଡାଠାରେ ଯୁବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହାବିଦ୍ୟାଳୟ ର ଅଧ୍ୟକ୍ଷା ସ୍ନେହଲତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମ ଯୁବାଆୟାମ ବିଭାଗର ପ୍ରାନ୍ତ ସଂଯୋଜକ ରତିକାନ୍ତ ସାହୁ ମୁଖ୍ୟ ଅତିଥିରୁପେ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଜନଜାତି କ୍ରାନ୍ତିବୀରମାନଙ୍କ ଗୌରବଶାଳୀ ଇତିହାସ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଯୁବକମାନେ ଏ ଦେଶର ଭବିଷ୍ୟତ ଏବଂ ସେମାନେ ସଠିକ ଶିକ୍ଷା ମାଧ୍ୟମରେ ଦିଗଦର୍ଶନ ପାଇଲେ ଭାରତକୁ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଣତ କରିପାରିବେ ବୋଲି ସହପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସମୟରେ ଯୁବସମାଜ ରାଷ୍ଟ୍ରହିତକାରୀ ଲକ୍ଷ୍ୟ ସ୍ଥିର କରି ଦେଶକୁ ଆଗକୁ ନେବା ଉଚିତ ବୋଲି ପ୍ରାନ୍ତ ସହ ସଂଯୋଜିକା ମାନସୀ ଆଚାର୍ଯ୍ୟ ପ୍ରକାଶ କରିବା ସହ ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂଯୋଜକ ସଦା ଭୂମିଆ ଓ ଜିଲ୍ଲା ସହ ସଂଯୋଜକ ପ୍ରଫୁଲ୍ଲ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବାରବାଟୀରେ ଜମିବ ଓଡ଼ିଶା ଟି-୨୦ ଲିଗ୍

# ଲିଗ୍‌ର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ




**କଟକ(ବ୍ୟୁରୋ):** ଟି-୨୦ କ୍ରିକେଟ୍ ଲିଗ୍‌ର ଲୋକପ୍ରିୟତା ବିଗତ କିଛି ଦିନ ହେବ ବହୁତ ବଢ଼ିଯାଇଛି। ବିସିସିଆଇ ପ୍ରତି ବର୍ଷ ଆୟୋଜନ କରୁଥିବା ଆଇପିଏଲ୍ ଆଜି ବିଶ୍ୱର ସବୁଠାରୁ ବଡ଼ ଟି-୨୦ ଲିଗ୍ ପାଲଟିଛି। ଅନ୍ୟପଟେ ଭାରତର ରାଜ୍ୟ କ୍ରିକେଟ୍ ଆସୋସିଏସନଗୁଡ଼ିକ ମଧ୍ୟ କ୍ରମାଗତ ଭାବେ ନିଜ ନିଜର ଲିଗ୍ ଆୟୋଜନ କରୁଛନ୍ତି। ଏଥିରେ ତାମିଲନାଡୁ ପ୍ରିମିୟର ଲିଗ୍, ୟୁପି ଲିଗ୍ ଏବଂ ଦିଲ୍ଲୀ ପ୍ରିମିୟର ଲିଗ୍ ଭଳି ଅନେକ ଟି-୨୦ ଲିଗ୍ ସାମିଲ ଅଛନ୍ତି। ବର୍ତ୍ତମାନ ଏହି କ୍ରମରେ ଓଡ଼ିଶା ଟି-୨୦ ଲିଗ୍ ମଧ୍ୟ ସାମିଲ ହୋଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ନିଜସ୍ୱ ଟି-୨୦ ଲିଗ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଲିଗ୍‌ର ସମସ୍ତ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଓଡ଼ିଶା ଟି-୨୦ ଲିଗ୍‌ର ଶୁଭାରମ୍ଭ ସେପ୍ଟେମ୍ବର ୧୮ ତାରିଖରୁ ହେବ। ଏହି ଲିଗ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା। ଯାହାଦ୍ୱାରା ସେମାନେ ଏକ ବଡ଼ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ। ଏହି ଲିଗ୍ ଓଡ଼ିଶାର ଆଞ୍ଚଳିକ କ୍ରିକେଟ୍ ପରମ୍ପରାକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏଥିରେ ଭାଗ ନେଉଥିବା ଦଳଗୁଡ଼ିକ କଟକ, ଭୁବନେଶ୍ୱର, କେନ୍ଦୁଝର ଓ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ପ୍ରତିନିଧିତ୍ୱ କରିବେ। ଏହାଦ୍ୱାରା ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଯାହା ଖେଳାଳି ଏବଂ ଦର୍ଶକ ଉଭୟଙ୍କ ମନରେ ଅଧିକ ଉତ୍ସାହ ଭରିଦେବ। ଯୁବ ଖେଳାଳିମାନଙ୍କୁ ନିଜ କ୍ରୀଡ଼ା ପ୍ରତିଭା ଦେଖାଇବାର ଏକ ବୃହତ୍ ମଞ୍ଚ ମିଳିବା ସହ ସାରା ଦେଶର ଦର୍ଶକ ମଧ୍ୟ ଏହି ମ୍ୟାଚ୍‌ଗୁଡ଼ିକୁ ଉପଭୋଗ କରିପାରିବେ। ଓଡ଼ିଶା କ୍ରିକେଟ୍ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହି ଲିଗ୍ ଖେଳାଳିମାନଙ୍କ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଯୁବ ଖେଳାଳିମାନେ ରାଜ୍ୟର ଶ୍ରେଷ୍ଠ ପ୍ରତିଭାମାନଙ୍କ ବିପକ୍ଷରେ ଖେଳି ଅଭିଜ୍ଞତା ହାସଲ କରିବେ ଏବଂ ଆଗାମୀ ଦିନରେ ଉଚ୍ଚ ସ୍ତରୀୟ କ୍ରିକେଟ୍ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଓସିଏ ଖେଳାଳିମାନଙ୍କୁ ଏକ ଉନ୍ନତ ମଞ୍ଚ ପ୍ରଦାନ କରିବା ଏବଂ ଦର୍ଶକମାନଙ୍କୁ ମନୋରଞ୍ଜନପୂର୍ଣ୍ଣ କ୍ରିକେଟ୍ ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ପ୍ରତ୍ୟେକ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ ବୋଲି ସେ ଆଶା ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ପ୍ରଶଂସକମାନେ ଉତ୍ସାହର ସହ ଏହି ଲିଗ୍‌କୁ ସମର୍ଥନ କରିବେ ବୋଲି ନିବେଦନ କରିଛନ୍ତି। ଏହି ସିଜନରେ ଅଭିଜ୍ଞ ଘରୋଇ ଖେଳାଳି ଏବଂ ପ୍ରତିଭାବାନ ଯୁବ ଖେଳାଳି ଉଭୟ ଏକାଠି ଖେଳିବେ। ଏହାଦ୍ୱାରା ଓଡ଼ିଶାର କ୍ରିକେଟ୍ ଭିତ୍ତିଭୂମି ଓ ବ୍ୟବସ୍ଥା ଅଧିକ ମଜବୁତ ହେବା ସହ ଖେଳାଳିମାନଙ୍କ ପାଇଁ ଆଗକୁ ବଢ଼ିବାର ନୂଆ ରାସ୍ତା ଖୋଲିଯିବ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ କେବଳ ରୋମାଞ୍ଚକର ମ୍ୟାଚ୍‌ର ପ୍ରତିଶ୍ରୁତି ଦେଉନାହିଁ, ବରଂ ରାଜ୍ୟ କ୍ରିକେଟ୍‌କୁ ଏକ ନୂଆ ଦିଗ ଓ ଶକ୍ତି ମଧ୍ୟ ପ୍ରଦାନ କରିବ। କ୍ରିକେଟ୍ ପ୍ରେମୀମାନେ ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଆୟୋଜନକୁ ଚାତକ ଭଳି ଅପେକ୍ଷା କରିଛନ୍ତି।

## ୧୦ ବର୍ଷ ପରେ ଫେରିବ ଦିନିକିଆ ଟ୍ରାଇ ସିରିଜ




**ନୂଆଦିଲ୍ଲୀ ;** ୨୦୨୭ ବିଶ୍ୱକପ ପୂର୍ବରୁ ଦିନିକିଆ ଫର୍ମାଟକୁ ନେଇ ବଡ଼ ଖବର ଆସିଛି । ଅନ୍ତର୍ଜାତୀୟ କ୍ରିକେଟରେ ଦିନିକିଆ ଫର୍ମାଟକୁ ଆହୁରି ରୋମାଞ୍ଚକର କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇପାରେ । ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡର ସିଇଓ ରିଚାର୍ଡ ଗୋଲ୍ଡ କହିଛନ୍ତି ଯେ, ଆସନ୍ତା ୧୨ରୁ ୧୮ ମାସ ମଧ୍ୟରେ ଦିନିକିଆ ଟ୍ରାଇ ସିରିଜର ପ୍ରତ୍ୟାବର୍ତ୍ତନ ହୋଇପାରେ । ନିକଟରେ ଭାରତୀୟ ଅଧିନାୟକ ଶୁଭମନ ଗିଲ ଅନ୍ତର୍ଜାତୀୟ କ୍ରିକେଟରେ ତିନି ଦଳ ବିଶିଷ୍ଟ ସିରିଜ୍ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏବେ ଇସିବିର ଏହି ବିବୃତ୍ତି କ୍ରିକେଟ୍ ପ୍ରଶଂସକଙ୍କ ଉତ୍ସାହ ବଢ଼ାଇ ଦେଇଛି । ୧୦ ବର୍ଷ ପରେ ଦିନିକିଆ ଟ୍ରାଇ ସିରିଜ୍ ରୋମାଞ୍ଚ ଫେରିପାରେ । ଭାରତ କେବେ ଖେଳିଥିଲା ତ୍ରିକୋଣୀୟ ଦିନିକିଆ ସିରିଜ୍ – ୨୦୧୫ ମସିହା ଆରମ୍ଭରେ ଭାରତ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ଦିନିକିଆ ସିରିଜ୍ ଖେଳାଯାଇଥିଲା । ସେବେଠାରୁ ଏହା ଧୀରେ ଧୀରେ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡରରୁ ଅଦୃଶ୍ୟ ହୋଇଯାଇଥିଲା । ଦ୍ୱିପାକ୍ଷିକ ସିରିଜ୍ ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟ ଦ୍ୱାରା ବଦଳାଯାଇଛି । ତେବେ ତ୍ରିକୋଣୀୟ ସିରିଜର ଧାରଣା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ ବୋଲି ରିଚାର୍ଡ ଗୋଲ୍ଡ ସ୍ପଷ୍ଟ କରିଛନ୍ତି । ଇସିବି ଏବଂ ବିସିସିଆଇ ପରି ବଡ କ୍ରିକେଟ୍ ବୋର୍ଡ ଭବିଷ୍ୟତ କ୍ୟାଲେଣ୍ଡର ଉପରେ ଏକାଠି କାର୍ଯ୍ୟ କରୁଛନ୍ତି । ଭାରତୀୟ ଦଳର ବ୍ୟବସାୟିକ ମୂଲ୍ୟ ଏବଂ ସେମାନଙ୍କ ଯେକୌଣସି ସିରିଜ୍ ପାଇଁ ପ୍ରଶଂସକଙ୍କ ଅତ୍ୟଧିକ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଉଭୟ ବୋର୍ଡ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଦ୍ୱିପାକ୍ଷିକ ସିରିଜ ଅପେକ୍ଷା ଟ୍ରାଇ-ସିରିଜ କାହିଁକି ଭଲ ? ଟ୍ରାଇ-ସିରିଜର ପ୍ରତ୍ୟେକ ମ୍ୟାଚ୍ ପଏଣ୍ଟ ଟେବୁଲ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ, ଯାହା ପ୍ରତ୍ୟେକ ମ୍ୟାଚ୍‌କୁ ଗୁରୁତ୍ୱପୂର୍ଣ୍ଣ କରିଥାଏ । ସିରିଜ୍ କେବଳ ମ୍ୟାଚ୍ ଫଳାଫଳ ସହିତ ଶେଷ ହୁଏ ନାହିଁ, ବରଂ ଏକ ଫାଇନାଲ ମ୍ୟାଚ୍ ସହିତ ଶେଷ ହୁଏ, ଯାହା ଏହାକୁ ଅଧିକ ରୋମାଞ୍ଚକର କରିଥାଏ । ବିଭିନ୍ନ ଦେଶ ବିପକ୍ଷରେ ଖେଳିବା ଦଳଗୁଡ଼ିକୁ ସେମାନଙ୍କର ମିଶ୍ରଣ ପରୀକ୍ଷା କରିବା ଏବଂ ଯୁବ ଖେଳାଳିମାନଙ୍କୁ ମୂଲ୍ୟାଙ୍କନ କରିବାର ଏକ ଭଲ ସୁଯୋଗ ପ୍ରଦାନ କରେ । ତଥାପି,ଦ୍ୱିପାକ୍ଷିକ ସିରିଜରେ ଏହି ଉତ୍ସାହର ଅଭାବ ରହିଛି ।

## ସୁଦର୍ଶନ ସ୍ଥାନରେ ସାମିଲ ହେବେ ସର୍ଫରାଜ



**ନୂଆଦିଲ୍ଲୀ :** ଆଗାମୀ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ମୁମ୍ବାଇର ଦକ୍ଷ ବ୍ୟାଟର୍ ସର୍ଫରାଜ ଖାନ୍‌ଙ୍କୁ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଆହତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡ଼ିଥିବା ଯୁବ ବ୍ୟାଟର୍ ସାଇ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ସୂଚନା ଅନୁଯାୟୀ, ଭାରତ-ଏ' ଦଳ ପକ୍ଷରୁ ଶ୍ରୀଲଙ୍କା ଗସ୍ତ ସମୟରେ ସାଇ ସୁଦର୍ଶନ ଆହତ ହୋଇଥିଲେ। ତାଙ୍କୁ ଫିଟ୍‌ନେସ୍ ସର୍ତ୍ତରେ ମୂଳ ଦଳରେ ସ୍ଥାନ ଦିଆଯାଇଥିଲା। ମାତ୍ର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନଥିବାରୁ ଶନିବାର ତାଙ୍କୁ ପୂରା ଶୃଙ୍ଖଳାରୁ ବାଦ୍ ଦିଆଯାଇଛି। ସୁଦର୍ଶନଙ୍କ ଅନୁପସ୍ଥିତିରେ ମଧ୍ୟକ୍ରମକୁ ମଜବୁତ କରିବା ପାଇଁ ଚୟନକର୍ତ୍ତାମାନେ ଏବେ ସର୍ଫରାଜଙ୍କ ଉପରେ ଭରସା କରିପାରନ୍ତି। ସର୍ଫରାଜ ଖାନ୍ ନିଜର ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଏପର୍ଯ୍ୟନ୍ତ ବେଶ୍ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ସେ ଭାରତ ପକ୍ଷରୁ ୬ଟି ଟେଷ୍ଟ ମ୍ୟାଚ୍‌ର ୧୧ଟି ପାଳି ଖେଳି ୩୭.୧୦ ହାରରେ ମୋଟ ୩୭୧ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କର ସର୍ବୋଚ୍ଚ ସ୍କୋର ୧୫୦ ରହିଛି। ଘରୋଇ କ୍ରିକେଟରେ ମଧ୍ୟ ସର୍ଫରାଜଙ୍କ ରେକର୍ଡ ଅତ୍ୟନ୍ତ ଉନ୍ନତ। ଶ୍ରୀଲଙ୍କା ବିପକ୍ଷରେ ତାଙ୍କୁ ସୁଯୋଗ ମିଳିଲେ, ସେ ନିଜର ଦକ୍ଷତା ପ୍ରମାଣ କରିବା ସହ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ ବୋଲି ଆଶା କରାଯାଉଛି।

### ଚାଲିଗଲେ ଲିଓନେଲ ମେସିଙ୍କ ବାପା

# ଜର୍ଜ ମେସିଙ୍କ ୬୮ ବର୍ଷ ବୟସରେ ପରଲୋକ



**ନୂଆଦିଲ୍ଲୀ :** ଫୁଟବଲ ଷ୍ଟାର ତଥା ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ ମେସିଙ୍କ ବାପାଙ୍କର ପରଲୋକ। ତାଙ୍କ ବାପା ଜର୍ଜ ମେସିଙ୍କର , ଶନିବାର ମଧ୍ୟ ଆର୍ଜେଣ୍ଟିନା ସହର ରୋସାରିୟୋର ଏକ ହସ୍ପିଟାଲରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ରୋସାରିୟୋ ସ୍ଥିତ କ୍ଲବ ଏଟଲେଟିକୋ ନ୍ୟୁଭେଲ୍ସ ଓଲ୍ଡ ବୟଜ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ତାଙ୍କ ମୃତ୍ୟୁ ସୂଚନା ଦେଇଛି। ପୋଷ୍ଟରେ କୁହାଯାଇଛି ଯେ,ଗତ କିଛି ମାସରୁ ତାଙ୍କୁ ଏକ ଅଜଣା ରୋଗର ଚିକିତ୍ସା ଚାଲିଥିଲା। କ୍ଲବ୍ ତାଙ୍କୁ ସେହି ସ୍ତମ୍ଭ ଓ ସେହି ବ୍ୟକ୍ତି ଭାବେ ବର୍ଣ୍ଣନା କରିଛି, ଯିଏକି ତାଙ୍କ ପତ୍ନୀ ସେଲିଆ କୁକିତିନିଙ୍କ ସହ ମିଶି ଦୂରଦୃଷ୍ଟି , ନିଷ୍ଠା ଓ ସ୍ନେହ ସହ ସର୍ବକାଳିନ ସର୍ବଶ୍ରେଷ୍ଠ ଖେଳାଳିଙ୍କ କ୍ୟାରିୟରକୁ ସମ୍ଭାଳିବାରେ ସାହାଯ୍ୟ ଓ ସମର୍ଥନ ଦେଇ ଥିଲେ। ଦକ୍ଷିଣ ଆମେରିକୀୟ ଫୁଟବଲ ମହାସଂଘ ମଧ୍ୟ ଏକ ବିବୃତ୍ତି ଜାରି କରି ଲିଓନେଲ ମେସିଙ୍କୁ ନିଜର ସମବେଦନା ଜଣାଇଛି। ଲିଓନେଲ ମେସି ଚଳିତ ବର୍ଷ ବିଶ୍ୱକପରେ ଆର୍ଜେଣ୍ଟିନାକୁ ଉପ-ବିଜେତା କରାଇ ଥିଲେ। ଟିମର ପ୍ରଥମ ମ୍ୟାଚରେ ଆଲଜେରିଆ ବିପକ୍ଷରେ ନିଜର ତିନୋଟି ଗୋଲ୍ ମଧ୍ୟରୁ ପ୍ରଥମ ଗୋଲ୍ ଦେବା ପରେ ସେ ଭାବବିହ୍ୱୋଳ ହୋଇ ଯାଇ ଥିଲେ। ପରେ ସେ କହିଥିଲେ ଯେ, ସେ 'ଖେଳ ସମ୍ବନ୍ଧୀୟ କୌଣସି କାରଣ ପାଇଁ' କାନ୍ଦି ନଥିଲେ। ଜର୍ଜ ମେସି ଜଣେ ରାସାୟନିକ ଟେକ୍ନିସିଆନ ଥିଲେ ଏବଂ ଷ୍ଟିଲ୍ ଉଦ୍ୟୋଗରେ କାର୍ଯ୍ୟ କରୁ ଥିଲେ। ସେ ମଧ୍ୟ ମିଡଫିଲ୍ଡର ଭାବେ ଫୁଟବଲ ଖେଳୁ ଥିଲେ ଏବଂ ନ୍ୟୁୱେଲ୍ସ ଓଲ୍ଡ ବଏଜର ଯୁବ ଟିମ୍ ପର୍ଯ୍ୟନ୍ତ ପହଞ୍ଚି ଥିଲେ, ହେଲେ ଆର୍ଜେଣ୍ଟିନାରେ ବାଧ୍ୟତାମୂଳକ ସାମରିକ ସେବା ପୂରଣ କରିବା ପାଇଁ ତାଙ୍କୁ ଫୁଟବଲ ଛାଡ଼ିବାକୁ ପଡ଼ି ଥିଲା। ସେ ନିଜର ତୃତୀୟ ପୁତ୍ର ଲିଓନେଲଙ୍କ କ୍ୟାରିୟରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥିଲେ। ସେ ତାଙ୍କର ଏଜେଣ୍ଟ ଥିଲେ ଏବଂ ବ୍ୟବସାୟିକ ମାମଲାର ପରିଚାଳନା କରୁ ଥିଲେ। ୨୦୦୦ ମସିହା ପ୍ରାରମ୍ଭରେ ସେ ଯୁବ ଲିଓନେଲ ମେସିଙ୍କୁ ବାର୍ସିଲୋନାକୁ ଟ୍ରାଏଲ ପାଇଁ ନେଇଯାଇ ଥିଲେ, ଏହି ଟ୍ରାଏଲ ମେସିଙ୍କ ପାଇଁ କାଟାଲୋନିଆନ୍ କ୍ଲବର ଯୁବ ଏକାଡେମୀ 'ଲା ମାସିଆ'ର ଦ୍ୱାର ଖୋଲିଦେଇ ଥିଲା। ଲିଓନେଲ ମେସି ୨୦୦୫ ମସିହାରେ ପେଶାଦାର ଫୁଟବଲରେ ଏଣ୍ଟ୍ରି କରି ଥିଲେ। ଏହାପରେ ସେ ୮ ଥର 'ବେଲନ୍ ଡିଓ' ପୁରସ୍କାର ଜିତି ଥିଲେ। ସେ ଆର୍ଜେଣ୍ଟିନାକୁ ୨୦୨୨ ମସିହାର ବିଶ୍ୱକପ୍ ଟାଇଟଲ ବିଜେତା କରାଇ ଥିଲେ। ୨୦୦୭ରେ ରେଡିଓ ଡେଲ୍ ପ୍ଲାଟାକୁ ଦେଇ ଥିବା ଏକ ସାକ୍ଷାତକାରରେ ମେସି କହି ଥିଲେ, ମୋ ବାପା ସର୍ବଦା ମୋ ସହ ରହି ଥିଲେ। କେବେ କେବେ ବାର୍ସିଲୋନାରେ ପହଞ୍ଚିବା ପରେ ମୁଁ ମୋ ରୁମ୍‌ରେ ଏକାନ୍ତରେ କାନ୍ଦୁ ଥିଲି, ମୋ ବାପା ମଧ୍ୟ ମୋ ଆଗରେ ନକାନ୍ଦି ଏକଲା କାନ୍ଦୁ ଥିଲେ, ସେ ଭାବୁ ଥିଲେ ଯେ, ମୁଁ ତାଙ୍କୁ କାନ୍ଦିବାର ଦେଖି ନାହିଁ। ଆମେ ଦୁହେଁ ସବୁକିଛି ଠିକ୍ ଥିବା ନେଇ ଅଭିନୟ କରୁଥିଲୁ, କିନ୍ତୁ ଆମେ ଠିକ୍ ନଥିଲୁ। ନିରାଶା ସମୟରେ ମୁଁ କ'ଣ କରିବାକୁ ଚାହେଁ, ମୁଁ ସେଠାରେ ରହିବାକୁ ଚାହେଁ ନା ଫେରିବାକୁ ଚାହେଁ ବୋଲି ବାପା ମୋତେ ପଚାରୁ ଥିଲେ। ମୁଁ ରହିବାକୁ ଚାହୁଁଥିଲି ଏବଂ ସେ ମୋ ସାଥି ହୋଇ ରହି ଥିଲେ।

## ନେଟ୍‌କୁ ଫେରିଲେ ଶୁବମନ ଗିଲ୍




**କଲମ୍ବୋ:** ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ପାଇଁ ଭଲ ଖବର ଆସିଛି। ଆହତ ଯୋଗୁଁ ଶ୍ରୀଲଙ୍କା ଏକାଦଶ ବିପକ୍ଷ ତିନିଦିନିଆ ଅଭ୍ୟାସ ମ୍ୟାଚ୍ ଖେଳି ନଥିବା ଅଧିନାୟକ ଶୁବମନ ଗିଲ୍ ନେଟ୍‌କୁ ଫେରିଛନ୍ତି। ରବିବାର ଅଭ୍ୟାସ ମ୍ୟାଚ୍‌ର ତୃତୀୟ ତଥା ଶେଷ ଦିନ ପୂର୍ବରୁ ଶୁବମନ ସାଇଡ୍ ନେଟ୍‌ରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଛନ୍ତି। ଅଭ୍ୟାସ ମ୍ୟାଚ୍ ପୂର୍ବରୁ ଭାରତୀୟ ଅଧିନାୟକଙ୍କ ଡାହାଣ ହାତ ଅନାମିକା ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ସେ ଏହି ମ୍ୟାଚ୍ ଖେଳି ନଥିଲା ବେଳେ ତାଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ଭାର ଉପଅଧିନାୟକ କେଏଲ୍ ରାହୁଲ ନେଉଛନ୍ତି। ଗିଲ୍ ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିନ ଖେଳିବେନି ବୋଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲା। ହେଲେ ଦ୍ୱିତୀୟ ଦିନ ଗିଲ୍ ବି ବ୍ୟାଟିଂକୁ ଆସି ନଥିଲେ। ତାଙ୍କ ବ୍ୟାଟିଂ ପୋଜିସନ୍ ଚତୁର୍ଥରେ ରବୀନ୍ଦ୍ର ଜାଡ଼େଜା ଆସିଥିଲେ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଖେଳାଯିବ।

## ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ

# ବସନ୍ତଙ୍କୁ ଐତିହାସିକ ହାଇଜମ୍ପ୍ ରୌପ୍ୟ, ଲଙ୍ଗ୍‌ଜମ୍ପ୍‌ରେ ଶାହନୱାଜଙ୍କୁ କାଂସ୍ୟ




**ଓରେଗନ୍ :** ଚଳିତ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ହାଇଜମ୍ପ୍‌ରେ ଭାରତୀୟ ଖେଳାଳି ବସନ୍ତ କୁମାର ମେଘୱାଲଙ୍କୁ ଐତିହାସିକ ରୌପ୍ୟ ପଦକ ମିଳିଛି। ଫଳରେ ବସନ୍ତ ପ୍ରଥମ ଭାରତୀୟ ଭାବେ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାର ହାଇଜମ୍ପ୍‌ରେ ପ୍ରଥମ ପଦକ ଜିତିବାରେ ଗୌରବ ଅର୍ଜନ କରିଛନ୍ତି। ୧୯ ବର୍ଷୀୟ ବସନ୍ତ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍ ୨.୨୧ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଲ୍‌ଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଓ ଗ୍ରେଟ୍ ବ୍ରିଟେନ୍‌ର ଓଟିସ୍ ପୁଲେ କାଂସ୍ୟ ଜିତିଥିଲେ। ବସନ୍ତ ପୂର୍ବତନ ଭାରତର ମହିଳା ହାଇଜମ୍ପ୍ ରେକର୍ଡଧାରୀ ସାହାନା କୁମାରୀଙ୍କଠୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବସନ୍ତ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍‌ଠୁ ୧୦ ସେଣ୍ଟିମିଟର ଅଧିକ ଜମ୍ପ୍ କରିବାରେ ସଫଳ ହୋଇଛନ୍ତି। ଲଙ୍ଗ୍‌ଜମ୍ପ୍‌ରେ ଶାହନୱାଜ ଖାନ୍ କାଂସ୍ୟ ଯୋଡ଼ି ଦେଶ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣିଛନ୍ତି। ଫଳରେ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ (୨ ରୌପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି ।ପୂର୍ବରୁ ଜାଭ୍‌ଲିନ୍‌ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତିଥିଲେ ।ଲଙ୍ଗ୍‌ଜମ୍ପ୍ ଫାଇନାଲ୍‌ରେ ୧୮ ବର୍ଷୀୟ ଶାହନୱାଜ ୭.୮୪ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫାଇନାଲ୍‌ରେ ପହଞ୍ଚିଥିବା ଆଉ ଜଣେ ଭାରତୀୟ ଆରସି ଜିତିନ ଅର୍ଜୁନାନ୍ (୭.୫୯ ମିଟର) ଅଷ୍ଟମ ସ୍ଥାନରେ ରହିଥିଲେ। ଇଟାଲିର ଡାନିଏଲ ଏଞ୍ଜୋଲି (୭.୯୭ ମିଟର) ଓ ଅଷ୍ଟ୍ରେଲିଆର ମାସୁନ ମ୍ୟାକ୍‌ଗ୍ରଡର (୭.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ।

### କୁଲଦୀପ ଯାଦବଙ୍କ ବୋଲିଂ ଆକ୍ସନକୁ

# ନକଲ କଲେ ସାର୍ ଜାଡେଜା, ହସିଲେ ଗମ୍ଭୀର




**ନୂଆଦିଲ୍ଲୀ :** ଶ୍ରୀଲଙ୍କା ବିପକ୍ଷ ଦୁଇଟି ଟେଷ୍ଟ ସିରିଜ ପାଇଁ ଭାରତୀୟ ଟିମ୍ ଶ୍ରୀଲଙ୍କା ଗସ୍ତ କରିଛି । ଟେଷ୍ଟ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆ ଅଭ୍ୟାସ ମ୍ୟାଚ୍ ଖେଳୁଛି । ଶ୍ରୀଲଙ୍କା ବିପକ୍ଷ ୩ ଦିବସୀୟ ଅଭ୍ୟାସ ମ୍ୟାଚର ଦ୍ୱିତୀୟ ଦିନରେ ମଜାଳିଆ ମୁହୂର୍ତ୍ତ ଦେଖିବାକୁ ମିଳିଛି । ଡଗଆଉଟରେ ରବିନ୍ଦ୍ର ଜାଡେଜା ହଠାତ୍ ସ୍ପିନର କୁଲଦୀପ ଯାଦବଙ୍କ ଅନ୍ଦାଜରେ ବୋଲିଂ କରିବାକୁ ଆରମ୍ଭ କରିଥିଲେ । ଜାଡେଜାଙ୍କ ଏଭଳି ରୂପ ଦେଖି ହେଡ୍ କୋଚ ଗୌତମ ଗମ୍ଭୀର ନିଜ ହସକୁ ରୋକି ପାରିନଥିଲେ । ଯାହାର ଭିଡିଓ ଏବେ ଭାଇରଲ ହେବାର ଲାଗିଛି । ରବିନ୍ଦ୍ର ଜାଡେଜା କୁଲଦୀପ ଯାଦବଙ୍କ ରନ୍ ଅପ୍ ଠାରୁ ଆରମ୍ଭ କରି ବଲ୍ ପକାଇବା ଅନ୍ଦାଜକୁ ନକଲ କରିଛନ୍ତି । ଜାଡେଜାଙ୍କ କୁଲଦୀପଙ୍କ ଆକ୍ସନକୁ ଦେଖାଇ କହିଛନ୍ତି । ଏହାକୁ ଦେଖି ଡଗଆଉଟରେ ଥିବା ଗମ୍ଭୀର ଜୋରଦାର ହସୁଥିବାର ନଜର ଆସିଛନ୍ତି । କୁଲଦୀପ ଯାଦବ ବାମହାତୀ ସ୍ପିନର । ତାଙ୍କ ବୋଲିଂ ଆକ୍ସନ ରବିନ୍ଦ୍ର ଜାଡେଜାଙ୍କ ଠାରୁ ଭିନ୍ନ । ଜାଡେଜା ସାଧାରଣତଃ ବହୁତ ଛୋଟ ରନ୍ ଅପ୍ ସହିତ ବାମ ହାତରେ ସ୍ପିନ ବୋଲିଂ କରନ୍ତି । ଏମିତିରେ କୁଲଦୀପଙ୍କ ଭଳି ଆକ୍ସନ କରି ବୋଲିଂ କରିବା ଦେଖି ବହୁତ ମଜାଦାର ହୋଇଥିଲା । ତେବେ ଅଭ୍ୟାସ ମ୍ୟାଚରେ ଜାଡେଜା ୧୫ ଓଭର ବୋଲିଂ କରି ୬୪ ରନ୍ ଦେଇ ୨ ୱିକେଟ ନେଇଥିଲେ । ସେହିପରି କୁଲଦୀପ ଯାଦବ ୧୮ ଓଭର ବୋଲିସ କରି ୭୬ ରନ୍ ଦେଇ ୨ଟି ୱିକେଟ ନେଇଥିଲେ । ଅଭ୍ୟାସ ମ୍ୟାଚରେ ଦେବଦତ୍ତ ପାଡ୍ଡିକିଲ ଶତକ ମାରିଥିଲେ । ଦ୍ୱିତୀୟ ଦିନରେ ଭାରତୀୟ ଟିମ୍ ୬ ୱିକେଟ ହରାଇ ୩୫୭ ରନ୍ କରିଛି ।

# ବୈଭବଙ୍କ ବୟସକୁ ନେଇ ଆସିଲା ଅଷ୍ଟ୍ରେଲିଆ ବୋଲରଙ୍କ ପ୍ରତିକ୍ରିୟା



**ନୂଆଦିଲ୍ଲୀ ;** ଭାରତୀୟ କ୍ରିକେଟ ଷ୍ଟାର ଖେଳାଳି ବୈଭବ ସୂର୍ଯ୍ୟବଂଶୀ । ସେ ତାଙ୍କ ବ୍ୟାଟିଂ ବିସ୍ଫୋରଣରେ ହଇଚଇ ସୃଷ୍ଟି କରି ନାମ କମାଇଛନ୍ତି । ତେବେ ତାଙ୍କୁ ବୟସକୁ ନେଇ ଚର୍ଚ୍ଚା ଏବେ ବି ଥମିନି । ଭାରତ ବାହାରେ ଏବେ ବି ଅନେକଙ୍କ ମନରେ ଗୋଟିଏ ପ୍ରଶ୍ନ, ବୈଭବଙ୍କୁ ସତରେ କଣ ୧୫ ବର୍ଷ ? ଏହି ପ୍ରଶ୍ନ ଉପରେ ଏବେ ମୁହଁ ଖୋଲିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ବ୍ରେଟ୍ ଲି । ବ୍ରେଟ୍ ଲିଙ୍କ କହିବା ଅନୁସାରେ, ଭାରତ ବାହାରେ ବୈଭବଙ୍କ ବୟସକୁ ନେଇ ଏବେ ବି ଚର୍ଚ୍ଚା ହେଉଛି । ତେବେ ସେ କହିଛନ୍ତି, ବୟସ ୧୫ ହେଉ କି ୧୬, ୧୭ କିମ୍ବା ୧୮—ଏହା ମୁଖ୍ୟ କଥା ନୁହେଁ । ବୈଭବ ଯେଉଁ ଉଚ୍ଚସ୍ତରୀୟ କ୍ରିକେଟ୍ ଖେଳୁଛନ୍ତି, ଚର୍ଚ୍ଚାର କେନ୍ଦ୍ର ସେହି ପ୍ରତିଭା ହେବା ଉଚିତ। ବ୍ରେଟ୍ ଲି ବୈଭବଙ୍କ ବ୍ୟାଟିଂକୁ ଖୁବ୍ ପ୍ରଶଂସା କରିଛନ୍ତି। ବିଶେଷକରି ଓଟଖରେ ତାଙ୍କ ପ୍ରଦର୍ଶନ ଦେଖି ସେ ଚକିତ ହୋଇଥିବା କହିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୯୭ ରନ୍‌ର ଇନିଂସରେ ବୈଭବ ଅଷ୍ଟ୍ରେଲିଆନ୍ ବୋଲରଙ୍କ ଦ୍ରୁତ ବଲକୁ ମଧ୍ୟ ନିର୍ଭୟରେ ହୁକ୍ ଓ ପୁଲ୍ କରିଥିଲେ। ବ୍ରେଟ୍ ଲିଙ୍କ ମତରେ, ବୈଭବଙ୍କ ବ୍ୟାଟିଂ ଟେକ୍ନିକ୍ କିମ୍ବା ଫର୍ମ ନୁହେଁ, ବରଂ ମାନସିକ ଚାପ ହିଁ ତାଙ୍କ ପାଇଁ ଆଗାମୀ ଚ୍ୟାଲେଞ୍ଜ ହୋଇପାରେ। ଏତେ କମ୍ ବୟସରେ ତାଙ୍କ ଉପରେ ଅଧିକ ଚାପ ନ ଦେଇ ତାଙ୍କୁ ନିଜ ଭଳି ଖେଳିବାକୁ ଦିଆଯିବା ଦରକାର ବୋଲି ସେ କହିଛନ୍ତି । ସେପଟେ ବୈଭବଙ୍କ ଛକା ମାରିବା କ୍ଷମତାକୁ ନେଇ ମଧ୍ୟ ବ୍ରେଟ୍ ଲି ନିଜ ଅନୁଭୂତି ବାଣ୍ଟିଛନ୍ତି । ତାଙ୍କ କହିବା କଥା, ଯଦି ସେ ବୈଭବଙ୍କୁ ବୋଲିଂ କରୁଥାନ୍ତେ, ତେବେ ତାଙ୍କ ହୁକ୍ ଓ ପୁଲ୍ ସଟ୍‌କୁ ପରୀକ୍ଷା କରିବାକୁ ଦ୍ରୁତ ବଲ୍ ଦେବାରୁ ପଛକୁ ହଟିନଥାନ୍ତେ। ଅର୍ଥାତ୍, ବୈଭବଙ୍କ ବୟସକୁ ନେଇ ଯେତେ ଚର୍ଚ୍ଚା ହେଉଛି, ବ୍ରେଟ୍ ଲିଙ୍କ ନଜରରେ ତାଙ୍କ ପ୍ରତିଭା ହିଁ ସବୁଠାରୁ ବଡ଼ କଥା। ତାଙ୍କୁ ଚାପମୁକ୍ତ ଭାବେ ଖେଳିବାର ସୁଯୋଗ ଦେଲେ ଆଗାମୀ ଦିନରେ ସେ ଭାରତ ପାଇଁ ବଡ଼ ସଫଳତା ଆଣିପାରିବେ ବୋଲି ଆଶା ରଖିଛନ୍ତି ଅଷ୍ଟ୍ରେଲିଆର ଏହି ପୂର୍ବତନ ଦ୍ରୁତ ବୋଲର । ସେହିପରି ହିଟମ୍ୟାନ୍ ରୋହିତ ଶର୍ମାଙ୍କୁ ନେଇ ବ୍ରେଟ୍ ଲି କହିଛନ୍ତି, ମୋ ଜଣେ ପସନ୍ଦର କ୍ରିକେଟରଙ୍କ ମଧ୍ୟରୁ ରୋହିତ ଶର୍ମା ଜଣେ । ରିକି ପଣ୍ଟିଂ ଏବଂ ରୋହିତ ଶର୍ମାଙ୍କ ପାଖରେ ବିଶ୍ୱ କ୍ରିକେଟରେ ପୁଲ୍ ସଟ୍ ରହିଛି । ଜିମ୍ବାୱେରେ ଗର୍ଜିଥିଲା ବ୍ୟାଟ୍- ଜିମ୍ବାୱେ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀ ଚମତ୍କାର ପ୍ରଦର୍ଶନ କରିଥିଲେ । ସର୍ବାଧିକ ୧୫୧ ରନ୍ ସ୍କୋର କରିବା ପରେ ତାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା । ସେ ଏହି ପୁରସ୍କାର ଜିତିଥିବା ଅନ୍ତର୍ଜାତୀୟ କ୍ରିକେଟର ସବୁଠାରୁ କମ୍ ବୟସର ଖେଳାଳି । ସେ ୧୫ ବର୍ଷ ୧୨୧ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ । ପୂର୍ବରୁ ଆଫଗାନିସ୍ତାନର ମୁଜୀବ ଉର ରହମାନ ୧୬ ବର୍ଷ ୩୨୮ ଦିନ ବୟସରେ ସିରିଜର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra



# ଟାଟା ଷ୍ଟିଲ୍ ଓ ଆଦିବାସୀ ମିଳିତ ମଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ



**ଯାଜପୁର (ଅମୃତ ମିଡିଆ) :** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଆଦିବାସୀ ମିଳିତ ମଞ୍ଚ, ସୁକିନ୍ଦା, କଳିଙ୍ଗନଗର ର ମିଳିତ ଆନୁକୂଲ୍ୟରେ କଳିଙ୍ଗନଗର ନିକଟସ୍ଥ ଜାମପୋସି ନଡ଼ିଆଭଙ୍ଗା ଫୁଟବଲ୍ ପଡ଼ିଆଠାରେ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ "ଆଦିବାସୀ ଧାତ୍ରୀମାନଙ୍କୁ ସମ୍ମାନ: ଜୀବନ ଓ ସୁସ୍ଥତାର ସୁରକ୍ଷା" ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନଜାତିଙ୍କ ପରିଚୟ, ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟର ଉତ୍ସବ ପାଳନ ପାଇଁ ପ୍ରାୟ ୧୫୦୦ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ। ଏହି ସମାରୋହରେ ଭୁବନେଶ୍ୱରର ଅବସରପ୍ରାପ୍ତ ଡିଆଇଜି ସ୍ୟାମ ସୁନ୍ଦର ହାଁସଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ ପ୍ରେସିଡେଣ୍ଟ, ଅପରେସନ୍ସ, ଉତ୍ତମ ସିଂ, ଯାଜପୁର ବିଶେଷ ଉନ୍ନୟନ ପରିଷଦ (ଏସଡ଼ିସି)ର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ, ବିଶେଷ ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଦଶମା ଜାରିକା, ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ଚିଫ୍, ରବି ମାରିକ୍ ଏବଂ ନଡ଼ିଆଭଙ୍ଗା ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଜ୍ଞାନ, ସଂସ୍କୃତି, ଭାଷା ଓ ସ୍ୱାଭିମାନର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ପିଢ଼ି ପାଇଁ ନିଜର ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବାରେ କମ୍ୟୁନିଟିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହ ପୂର୍ବରୁ ଆଦିବାସୀ ଅଞ୍ଚଳ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶନ, କୁଇଜ୍, ପ୍ରବନ୍ଧ ଲିଖନ ଏବଂ ପୋଷ୍ଟର ତିଆରି ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଆଦିବାସୀ ଭାଷା କେନ୍ଦ୍ରର ଛାତ୍ରଛାତ୍ରୀ ଓ ଜନଜାତି ଯୁବକଯୁବତୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଆଦିବାସୀ ସଂସ୍କୃତି ଓ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। କଳିଙ୍ଗନଗର ଏବଂ ଏହାର ଆଖପାଖ ଆଦିବାସୀ ଗ୍ରାମଗୁଡ଼ିକର ଆଦିବାସୀ ଧାତ୍ରୀମାନଙ୍କୁ ମାତୃତ୍ୱ ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସେମାନଙ୍କ ଅମୂଲ୍ୟ ଯୋଗଦାନ ଏବଂ ପାରମ୍ପରିକ ଚିକିତ୍ସା ପଦ୍ଧତିର ସଂରକ୍ଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ପ୍ରତିଯୋଗିତାର ବିଜେତା, ପ୍ରତିଭାବାନ ଆଦିବାସୀ ଯୁବକ, 'ଟ୍ରାଇବାଲ୍ ଲିଡରସିପ୍ ପ୍ରୋଗ୍ରାମ୍'ର ପୁରାତନ ଛାତ୍ରଛାତ୍ରୀ ଏବଂ 'ଓଲ୍ ଚିକି' ଓ 'ୱାରାଙ୍ଗ ଚିଟି' ଭାଷା ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ସଂସ୍କୃତିର ମନୋରମ ଝଲକ୍ ଦେଖିବାକୁ ମିଳିଥିଲା। ଏହି ଅବସରରେ ମିର୍ଗିଚାରାର ଆଦିବାସୀ ୟୁଥ୍ କ୍ଲବ୍ ପକ୍ଷରୁ ବାଲ୍ୟବିବାହ ଏବଂ ଅନ୍ଧବିଶ୍ୱାସ ବିରୋଧରେ ଏକ ସାମାଜିକ ନାଟକ ପରିବେଷଣ କରାଯାଇଥିଲା, ଯାହାକୁ ଅତିଥି ଓ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ଏଥିସହ ପାରମ୍ପରିକ ଆଦିବାସୀ ଖାଦ୍ୟ, ପୋଷାକ ଏବଂ ବାଦ୍ୟଯନ୍ତ୍ରର ପ୍ରଦର୍ଶନୀ ସହ ସଂସ୍କୃତି ଓ ଭାଷାର ସୁରକ୍ଷା ପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ପ୍ରବଳ ବର୍ଷାରେ ଜଳବନ୍ଦୀରେ ଶତାଧିକ ପରିବାର



**ବଡ଼ଚଣା (ଅମୃତ ମିଡ଼ିଆ) :** ଶୁକ୍ରବାର ଦିନ ପ୍ରବଳ ବର୍ଷା ଯୋଗୁଁ ଚାରିଆଡ଼େ ଜଳମଗ୍ନ ହୋଇଯାଇଛି। ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର, ପତରାଜପୁର ଓ ନଳୀପୁର ପଞ୍ଚାୟତର ଶତାଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏପରିକି କେତେକ ବ୍ୟକ୍ତିଙ୍କ ଘରେ ପାଣି ପଶିଯିବା ଦ୍ୱାରା ଚାଳ ଛପର ଘର କାନ୍ଥ ଗଳି ପଡିଛି।ବାଲିଚନ୍ଦ୍ରପୁର ପଞ୍ଚାୟତର ୧୪,୧୫ ଓ ୧୧ ନଂ ୱାର୍ଡ ରେ ପାଣି ପଶିବା ଦ୍ୱାରା ଲୋକ ମାନେ ପଦାକୁ ବାହାରିବା କଷ୍ଟକର ହୋଇ ଯାଇଛି। ଏପରିକି ଘଡେଇ ସାହି ରେ ୪୦ ପରିବାରଙ୍କ ଘରେ ପାଣି ପଶିଯିବା ଦ୍ୱାରା ସେମାନେ ଶୁକ୍ରବାର ରାତିରେ ଶୋଇପାରିନାହାନ୍ତି। ସେହିଭଳି ପତରାଜପୁର ପଞ୍ଚାୟତର ୫ ନଂ ୱାର୍ଡରେ ୨୦ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ନଳୀପୁର ପଞ୍ଚାୟତର ୧୦ଟି ୱାର୍ଡ ଜଳମଗ୍ନ ହୋଇଯାଇଛି। ରାସ୍ତା ଉପରେ ଏକ ଫୁଟରୁ ଅଧିକ ଜଳ ପ୍ରବାହିତ ହେଉଛି। ଏପରିକି କିଛି ଲୋକଙ୍କ ଘରେ ପାଣି ପଶି ଯାଇଛି। ଏ ସମ୍ପର୍କରେ ଖବର ପାଇ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ। ପାଣି ଘେରରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏଥି ସହିତ ବିଭିନ୍ନ ସ୍ଥାନରେ ୩ଟି ପୋକଲିନ ମେସିନ ଲଗାଇ ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଚାଲିଛି ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ତେବେ ଜାତୀୟ ରାଜପଥ ୫୩ ନଂ ଚଣ୍ଡିଖୋଲ-ପାରାଦ୍ୱୀପ ରାସ୍ତା ସମ୍ପ୍ରସାରଣ ଯୋଗୁ ଏହା କଡରେ ଥିବା ନୟନ ଯୋରି ପୋତି ହୋଇଯିବା କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ଏହା ୪ ଲେନ ବିଶିଷ୍ଟ ଥିବା ବେଳେ ଏହାକୁ ୧୨ ଲେନ ବିଶିଷ୍ଟ କରାଗଲା। ଉଦବୃତ ଜଳ ଏହି ଜାତୀୟ ରାଜପଥ କଡରେ ଥିବା ନୟନଯୋରୀ ଦେଇ ନିଷ୍କାସିତ ହୋଇ ଯାଉଥିଲା। ଏବେ ଏହି ଜାତୀୟ ରାଜପଥ ଉଭୟ ପାର୍ଶ୍ୱ ରେ ଡ୍ରେନେଜ ସିଷ୍ଟମ କରାଯିବା ପାଇଁ ଆମେ ବଡ଼ଚଣା ବିଧାୟକଙ୍କ ସହ ଆଲୋଚନା କରିଥିବା ତହସିଲଦାର ସୂଚନା ଦେଇଛନ୍ତି।

# ଜେଲ୍ ସଂସ୍କାର ନେଇ ହାଇକୋର୍ଟଙ୍କ ମାମଲା
## ବିସ୍ତୃତ ରିପୋର୍ଟ ଦାଖଲ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**କଟକ (ବ୍ୟୁରୋ) :** ଜେଲ୍ ସଂସ୍କାର ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାର ଜବାବ ଦାଖଲ କରି ଜେଲ୍ ସଂସ୍କାର, ମୁକ୍ତାକାଶ ସଂସ୍କାର କେନ୍ଦ୍ରର ପରିଚାଳନା ପାଇଁ ମନିଟରିଂ ବା ନିରୀକ୍ଷଣ କମିଟି ଗଠନ କରାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରିଥିଲେ। ଏହି ଜବାବ ପରେ ହାଇକୋର୍ଟ ଏହି କମିଟି କିଭଳି ଭଲ ଭାବେ କାର୍ଯ୍ୟ କରିପାରିବ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଆଦି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତ ଏକ ବିସ୍ତୃତ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜେଲ୍ ସଂସ୍କାର ପାଇଁ ସମସ୍ତ ରାଜ୍ୟ ସରକାର, କେନ୍ଦ୍ର ଶାସିତ ରାଜ୍ୟଗୁଡିକ ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟ ଗତ ଫେବ୍ରୁଆରୀ ୨୬ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ୍)ଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଗୃହ ବିଭାଗ ଜବାବରେ ଜଣାଇଥିଲା ଯେ, ଜେଲ୍ ସଂସ୍କାର ତଥା ମୁକ୍ତାକାଶ ସଂସ୍କାର କେନ୍ଦ୍ର ପରିଚାଳନା ପାଇଁ ମନିଟରିଂ କମିଟି ଗଠନ କରାଯାଇଛି। ଏହି ଜବାବ ପରେ କମିଟି ଯେପରି ଠିକ୍ଭାବେ କାର୍ଯ୍ୟ କରିପାରିବ ସେଥିପାଇଁ ତାଙ୍କୁ ଆବଶ୍ୟକ କ୍ଷମତା ଦେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ବିସ୍ତୃତ ରିପୋର୍ଟରେ ଗତ ଜୁଲାଇ ୨୮ରେ ମନିଟରିଂ କମିଟି ଗଠନ ନେଇ ଯେଉଁ ବିଜ୍ଞପ୍ତି ଜାରି ହୋଇଛି ତାହା ସହ କମିଟି କାର୍ଯ୍ୟକାରୀ ପାଇଁ ନିଆଯାଇଥିବା ପଦକ୍ଷେପ ରହିବ। ଏଥିସହିତ ଅନ୍ୟାନ୍ୟ ସମସ୍ତ ଜବାବ ତିନି ସପ୍ତାହ ମଧ୍ୟରେ ମିଳିବା ଆବଶ୍ୟକ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

# ବାଘ ଆତଙ୍କ ଘଟଣାର ପଡିଲା ପୂର୍ଣ୍ଣଚ୍ଛେଦ
## ଏଆଇ ଫଟୋ ଭାଇରାଲ କରି ଯୁବକ ଅଟକ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ଓ ବୈରି ରେଞ୍ଜ ଅଧିନ ସାଉଡିଆ ପଞ୍ଚାୟତ ତାଲୁଆ ଗ୍ରାମର ଆଖୁକିଆରୀ ନିକଟରେ ଏକ ମହାବଳ ବାଘ ବୁଲୁଥିବାର ଫଟୋ ଆଜି ଦିନ ୧୨ଟା ବେଳୁ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରକାଶ ଯେ, ଆଜି ତାଲୁଆର ଶ୍ରୀକାନ୍ତ କୁମାର ଧୂନ୍ଦାଙ୍କ ମୋବାଇଲରୁ ଏକ ମହାବଳ ବାଘ ଆଖୁକିଆରୀ ନିକଟରେ ଏକ ବାଘର ଫଟୋକୁ ଭାଇରାଲ କରିଥିଲେ। ସ୍ଥାନୀୟ ମୁଷାଟିକିରି ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ଯୁବକଙ୍କ ଘରକୁ ଜାଇ ବୁଝିବା ପରେ ସେ ବାଘ ଟିର ଫଟୋ ସତ୍ୟ ବୋଲି କହିବା ପରେ ସେ ଦର୍ପଣ ତହସିଲଦାର ଓ ବାଲିଚନ୍ଦ୍ରପୁର ଥାନାକୁ ଜଣାଇବା ପରେ ପୁଲିସ ବନବିଭାଗକୁ ଜଣାଇଥିଲେ,ଖବର ପାଇବା ମାତ୍ରେ ଡାଳିଯୋଡା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି,ଓ ଡାଳିଯୋଡା ବନଖଣ୍ଡ ଅଧିକାରୀ ଲଳିତଗିରି ବିଟ୍ ହାଉସ୍ ର ଦିଲ୍ଲୀରଞ୍ଜନ ସ୍ୱାଇଁ ଓ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଂଚି ଦୀର୍ଘ ସମୟ ଅନୁଧାନ କରିବାସହ ବାଘର ପାଦ ଚିହ୍ନ ଖୋଜାଖୋଜି କରିଥିଲେ। ମାତ୍ର ବାଘର ସୁରାକ ମିଳିନଥିଲା,ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଦିର୍ଘ ପାଞ୍ଚ ଘଣ୍ଟା ଖୋଜା ଖୋଜି କରି ନୟାନ୍ତ ହେବାପରେ ସମ୍ପୃକ୍ତ ଯୁବକକୁ ଥାନାକୁ ଆଣି ପଚରା ଉଚରା କରୁଛନ୍ତି, ତେବେ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ତଦନ୍ତ ଜାରିରହିଛି ବୋଲି ପ୍ରକାଶ କରିଛନ୍ତି, ଏହି ବାଘ ଧରା ଅଭିଯାନରେ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ ବହୁ ବନବିଭାଗ ଓ ପୁଲିସ କର୍ମଚାରୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ଜ୍ଞାନର ଆଲୋକରେ ପଞ୍ଚକୋଷୀୟ ବିକାଶ
## ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସାପ୍ତାହିକ ସେମିନାର



**ଜୟପୁର (ଅମୃତ ମିଡିଆ) :** ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ଶନିବାର ଆୟୋଜିତ 'ଦକ୍ଷତା ବିକାଶ କାର୍ଯ୍ୟକ୍ରମ' ଅନ୍ତର୍ଗତ ଏକ ସାପ୍ତାହିକ ସେମିନାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଡି.ଏ.ଭି କଲେଜ ଅଫ ଟିଚର ଇଜୁକେସନ, କୋରାପୁଟର ଅଧ୍ୟକ୍ଷା ଡ. ଭୁବନେଶ୍ୱରୀ ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ। ସେ ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ପଞ୍ଚକୋଷୀୟ ବିକାଶ'ର ବିଭିନ୍ନ ଦିଗ ଉପରେ ପ୍ରେରଣାଦାୟୀ ଓ ମୂଲ୍ୟବୋଧଭିତ୍ତିକ ମତାମତ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବି.ଏଡ୍. ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ 'ପଞ୍ଚକୋଷୀୟ ବିକାଶ'ର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ 'ବିଜ୍ଞାନମୟ କୋଷ' ଏବଂ 'ଆନନ୍ଦମୟ କୋଷ' ଉପରେ ତଥ୍ୟସମୃଦ୍ଧ ଓ ପ୍ରଭାବଶାଳୀ ଉପସ୍ଥାପନା କରିଥିଲେ। ପ୍ରସ୍ତୁତକାରୀ ଛାତ୍ରଛାତ୍ରୀମାନେ ପଞ୍ଚକୋଷୀୟ ବିକାଶର ଶିକ୍ଷାଗତ, ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଗୁରୁତ୍ୱକୁ ସୁନ୍ଦର ଭାବେ ବ୍ୟାଖ୍ୟା କରିଥିଲେ। ଏହା ସହିତ ଜାତୀୟ ଶିକ୍ଷାନୀତି–୨୦୨୦ ଅନୁଯାୟୀ ଶିକ୍ଷାରେ ସମ୍ମିଳିତ ଭାରତୀୟ ଜ୍ଞାନ ପରମ୍ପରା ସହ ପଞ୍ଚକୋଷୀୟ ବିକାଶର ସମ୍ପର୍କକୁ ମଧ୍ୟ ସ୍ପଷ୍ଟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୫ ଜୁଲାଇରେ ଆୟୋଜିତ ସେମିନାରର ବିଷୟବସ୍ତୁ ଥିଲା ଅନ୍ତର୍ନିବେଶୀ ଶିକ୍ଷା ଏବଂ ୧ ଅଗଷ୍ଟରେ ପଞ୍ଚକୋଷୀୟ ବିକାଶର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ଉପରେ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନଙ୍କ ସମେତ ଅନୁପମା ମିଶ୍ର, ସୁଶ୍ରୀ ପରିଚିତା ମହାପାତ୍ର, କସ୍ତୁରୀ ଆଚାର୍ଯ୍ୟ ଏବଂ ଡ. ନରେନ୍ଦ୍ର କୁମାର ମହାରଣା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିର ସମୀକ୍ଷା କରିବା ସହ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ। ଏପରି ସାପ୍ତାହିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବିଷ୍ୟତ ଶିକ୍ଷକମାନଙ୍କର ଉପସ୍ଥାପନା କୌଶଳ, ବିଷୟଜ୍ଞାନ, ଗବେଷଣା ମନୋଭାବ ଓ ବୃତ୍ତିଗତ ଦକ୍ଷତା ବିକାଶରେ ଏକ ସକାରାତ୍ମକ ମାଧ୍ୟମ ଭାବେ ପରିଗଣିତ ହେଉଛି।

# କାଠଯୋଡି ନଦୀକୁ ଡେଇଁ ଯୁବକ ନିଖୋଜ

**କଟକ (ବ୍ୟୁରୋ) :** କଟକ ସୁଭାଷ ସେତୁରୁ କାଠଯୋଡି ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ। ସେତୁ ଉପରେ ରେନକୋର୍ଟ, ଚପଲ ଓ ମୋବାଇଲ୍ ରହିଛି। ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଯୁବକ ଜଣକ ଜଟଣୀ ଅଞ୍ଚଳର ଲିପୁ ସାହୁ ବୋଲି ଜଣାପଡ଼ିଛି। ପୁଲିସକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ବାରଙ୍ଗ ପୁଲିସ ପହଞ୍ଚି ଛାନଭିନ୍ କରୁଛି। ତେବେ କେଉଁ କାରଣ ଯୁବକ ଜଣଙ୍କ ଚରମ ନିଷ୍ପତ୍ତି ନେଲେ ତାହାକୁ ନେଇ କାରଣ ଖୋଜା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଶନିବାର ସକାଳୁ ଜଟଣୀ ଅଞ୍ଚଳର ଲିପୁ ସାହୁ ନାମ ଜଣେ ଯୁବକ ସୁଭାଷ ସେତୁରୁ କାଠଯୋଡ଼ି ନଦୀକୁ ଡେଇଁ ପଡିଛନ୍ତି। ବ୍ରିଜ୍ ଉପରେ ତାଙ୍କର ରେନ୍‌କୋର୍ଟ, ଚପଲ ଓ ମୋବାଇଲ ପଡି ରହିଛି। ଏନେଇ ସ୍ଥାନୀୟଲୋକ ବାରଙ୍ଗ ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ଟିମ୍ ପହଞ୍ଚି ନିଖୋଜ ଯୁବକଙ୍କୁ ଖୋଜାଖୋଜି ଆରମ୍ଭ କରିଛନ୍ତି। ନଦୀରେ ପାଣିର ସ୍ରୋତ ଅଧିକ ଥିବାରୁ ଯୁବକ ଜଣକ ଅଧିକ ଦୂର ଭାସିଯାଇଥିବା ସନ୍ଦେହ କରାଯାଉଛି।

# ସପ୍ତାହେରୁ ଉର୍ଦ୍ଧ୍ୱ ହେବ ପାନୀୟଜଳରୁ ବଞ୍ଚିତ ସନ୍ତୁପଡା ୨ନଂ ୱାର୍ଡ ବାସିନ୍ଦା

**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ ବନ୍ଧପଡା ପଂଚାୟତ ସନ୍ତୁପଡା ଗ୍ରାମରେ ୨ନଂ ୱାର୍ଡର ଲୋକମାନେ ସପ୍ତାହେରୁ ଉର୍ଦ୍ଧ୍ୱ ହେବ ପାନୀୟଜଳ ପାଇବାରୁ ବଂଚିତ ହୋଇଛନ୍ତି । ୮୦ ପରିବାରର ପ୍ରାୟ ୫ଶହ ଲୋକ ବସବାସ କରୁଥିବା ଏହି ଗାଁରେ ୫ଟି ନଳକୂପ ଓ ପାନୀୟଜଳ ପ୍ରକଳ୍ପ ରହିଛି । ଗତ ୩୦ତାରିଖଠାରୁ ବନ୍ୟାଜଳ ମାଡିବା ପରେ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା । ପୂର୍ବରୁ ୪ଟି ନଳକୂପ କ୍ରମାନ୍ୱୟରେ ଅଚଳ ହୋଇ ପଡିଥିବା ବେଳେ ସଚଳ ଥିବା ଗୋଟିଏ ନଳକୂପ ଏଯାବତ୍ ବନ୍ୟାଜଳ ଭିତରେ ରହିଛି । ସବୁଠାରୁ ବଡକଥା ହେଲା, ପାନୀୟ ଜଳ ପ୍ରକଳ୍ପରୁ



କିଛି ମାସ ହେବ ଲୁଣାପାଣି ଆସୁଥିବାରୁ ତାହା ପିଇବା ଯୋଗ୍ୟ ହୋଇ ରହିନାହିଁ । ବହୁ ଦୂରରୁ ଲୋକମାନେ ବାଇକ, ସାଇକେଲ ଇତ୍ୟାଦିରେ ଡବାରେ ପାଣି ଆଣି ଦୁଃଖ କଷ୍ଟରେ ଚଳି ଆସୁଛନ୍ତି । ବନ୍ୟାଜଳ କମିବାର ତିନିଦିନ ପରେ ପୁନର୍ବାର ବୃଦ୍ଧି ପାଇବାରେ ଲାଗିଛି । ଏହି ଗାଁର ରଂଜନ ରାଉତ, ପ୍ରମୋଦ ରାଉତ, ଅକ୍ଷୟ ରାଉତ, ହେମନ୍ତ ରାଉତ, ଅଭୟ ରାଉତ, କାଳନ୍ଦୀ ବାରିକ ରାଜନଗର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଉଚ୍ଚ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତିରେ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି ।

# ଓଲଟିଲା ତେଲ ଟ୍ୟାଙ୍କର



**ରାଜନଗର (ଅମୃତ ମିଡିଆ) :** ରାଜନଗର ତାଳଚୁଆ ପୂର୍ତ୍ତ ବିଭାଗ ଜଙ୍ଗଲ ପାର୍ଶ୍ୱ ରାସ୍ତାର ରାଜେନ୍ଦ୍ରନଗର ଗାଁ ନିକଟରେ ଭାରସାମ୍ୟ ହରାଇ ତେଲ ଟ୍ୟାଙ୍କର ଓଲଟି ପଡିଛି। ତାଳଚୁଆରେ ଥିବା ନାୟର ତେଲଟାଙ୍କିକୁ ଯାଉଥିବା ଏହି ଟ୍ୟାଙ୍କରଟି ସକାଳ ପ୍ରାୟ ୮ଟା ସମୟରେ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ଷଣ୍ଢକୁ ସାଇଟ୍ ଦେବା ପାଇଁ ରାସ୍ତା ପାର୍ଶ୍ୱକୁ ଚାଲି ଯାଇଥିଲା। ରାସ୍ତା ପାର୍ଶ୍ୱ ପିଚୁ ଦବି ଯିବାରୁ ଭାରସାମ୍ୟ ହରାଇ ଟ୍ୟାଙ୍କରଟି ଓଲଟି ପଡିଥିଲା। ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଥିଲେ। ଟ୍ୟାଙ୍କରୁ ତେଲ ବୋହି ଯାଉଥିବା ଦେଖି ସ୍ଥାନୀୟ ଲୋକମାନେ ପ୍ଲାଷ୍ଟିକ ଡବା ଓ ହାଣ୍ଡିରେ ତେଲ ବୋଝେଇ କରି ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ଜେସିବି ସାହାଯ୍ୟରେ ଟ୍ୟାଙ୍କରକୁ ଉଠାଯାଇଥିବା ଜଣାପଡିଛି। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାମ କରାଯାଇଥିବାରୁ ବିଭିନ୍ନ ସ୍ଥାନରେ ପିଚୁ ବାହାରିଥିବା ସହ ଦବି ଯାଉଛି। ଡାଙ୍ଗମାଳ ଜୟଦୂର୍ଗା ଗେଟ ନିକଟରୁ ତାଳଚୁଆ ପୂର୍ତ୍ତ ବିଭାଗ ବଙ୍ଗଳା ପର୍ଯ୍ୟନ୍ତ ସାଢେ ୭କିଲୋମିଟର ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନିତୀ ହୋଇଥିବାରୁ ବର୍ଷଟିଏ ନପୁରୁଣୁ ରାସ୍ତା ଦବି ଯିବା ସହ ପିଚୁ ଉଠିଯାଉଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ସମୟରେ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ଉଚିତ ଧ୍ୟାନ ଦେଇନଥିବାରୁ ନିମ୍ନମାନର ରାସ୍ତା ନିର୍ମାଣ ହେବାରୁ ଏଭଳି ଦୁର୍ଘଟଣା ଦେଖାଦେଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବିଭାଗର ଦୁର୍ନିତୀ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜମି ଜବରଦଖଲ କରି ନିର୍ମାଣ ଅଭିଯୋଗ
## ୧୫ଦିନ ମଧ୍ୟରେ ଜବରଦଖଲମୁକ୍ତ ପାଇଁ ନୋଟିସ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜମି ଜବରଦଖଲ, ବେଆଇନ ନିର୍ମାଣ ଏବଂ ପରିବାରକୁ ଧମକ ଦେବା ଅଭିଯୋଗକୁ ନେଇ ପାଟକୁରା ଥାନା ଅଧିନ ବ୍ରହ୍ମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଆଇନଗତ ନୋଟିସ ଜାରି କରାଯାଇଛି। ନୋଟିସରେ ଅଭିଯୋଗକାରୀ ଅନାମ ଚରଣ ଦାଶ ତାଙ୍କ ଜମିରୁ ଜବରଦଖଲ ହଟାଇବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ପ୍ରତିପକ୍ଷ ପ୍ରଶାନ୍ତ ଦାଶଙ୍କୁ ଦାବି କରିଛନ୍ତି। ଆଇନଗତ ନୋଟିସ ଅନୁଯାୟୀ ମୌଜା ବ୍ରହ୍ମପୁର, ଥାନା ନଂ–୬୬, ଖାତା ନଂ–୭୨୦/୨୮୦, ଘରବାରି କିସମ ପ୍ଲଟ ନଂ–୧୧୦୯ର ମୋଟ ୨୭ ଡିସିମିଲ ଜମି ଉପରେ ଅନାମ ଚରଣ ଦାଶଙ୍କ ବୈଧ ମାଲିକାନା ଓ ଦଖଲ ଥିବା ଦାବି କରାଯାଇଛି। ଉକ୍ତ ଜମିରୁ ପ୍ରାୟ ୨୦ କଡ଼ି ଜମିକୁ ପ୍ରଶାନ୍ତ ଦାଶ ବିନା ବୈଧ ଅଧିକାରରେ ଜବରଦଖଲ କରିଥିବା ନୋଟିସରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ୨୦୨୫ମସିହା ମଇମାସ ୫ତାରିଖରେ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ନୋଟିସରେ ଉଲ୍ଲେଖ ରହିଛି। ପରେ ସ୍ଥାନୀୟ ଭଦ୍ରଲୋକ, ସରପଞ୍ଚଙ୍କ ପ୍ରତିନିଧି ଓ ଗ୍ରାମର ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସେହି ଆଲୋଚନାରେ ଜବରଦଖଲ ହଟାଇବାକୁ ପ୍ରତିପକ୍ଷ ସହମତି ପ୍ରକାଶ କରିଥିବା ଅଭିଯୋଗକାରୀଙ୍କ ପକ୍ଷରୁ ଦାବି କରାଯାଇଛି। ତେବେ ଏହା ପରେ ମଧ୍ୟ ଉକ୍ତ ସ୍ଥାନରେ ଘର ନିର୍ମାଣ ଆରମ୍ଭ କରାଯାଇଥିବା ନୋଟିସରେ ଅଭିଯୋଗ ହୋଇଛି। ବିବାଦର ସମାଧାନ ପାଇଁ ୨୦୨୫ମସିହା ଜୁଲାଇମାସ ୨ତାରିଖରେ ସ୍ଥାନୀୟ ଅମିନଙ୍କ ଦ୍ୱାରା ଜମିର ମାପଚୁପ କରାଯାଇଥିବା ଏବଂ ମାପଚୁପ ଓ ସ୍କେଚ୍ ମ୍ୟାପରୁ ଜବରଦଖଲ ସ୍ପଷ୍ଟ ହୋଇଥିବା ନୋଟିସରେ ଦାବି କରାଯାଇଛି। ଏଥିସହ ଜମିକୁ ନେଇ ବିରୋଧ କରିବାରୁ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଜୀବନ ପ୍ରତି ଧମକ ଦିଆଯାଉଥିବା ମଧ୍ୟ ନୋଟିସରେ ଉଲ୍ଲେଖ କରାଯାଇଛି। ଏହି ଅଭିଯୋଗ ଗୁଡ଼ିକର ସ୍ୱତନ୍ତ୍ର ଆଇନଗତ ପ୍ରାମାଣିକତା ସମ୍ପର୍କରେ ଅଦାଲତ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ। ନୋଟିସ ମାଧ୍ୟମରେ ୧୫ ଦିନ ମଧ୍ୟରେ କଥିତ ଜବରଦଖଲ ହଟାଇବା, ନିର୍ମାଣ କାର୍ଯ୍ୟ ବନ୍ଦ କରିବା, ଯଦି କୌଣସି ନିର୍ମାଣ ହୋଇଥାଏ ତାହାକୁ ହଟାଇ ଜମିକୁ ପୂର୍ବାବସ୍ଥାକୁ ଫେରାଇବା ଏବଂ ଅଭିଯୋଗକାରୀଙ୍କୁ ଦଖଲ ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଧମକ କିମ୍ବା ଭୟଭୀତ କରିବା ବନ୍ଦ କରିବାକୁ ମଧ୍ୟ ନୋଟିସରେ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନହେଲେ ସିଭିଲ ଓ ଫୌଜଦାରୀ ଆଇନ ଅନୁଯାୟୀ ମାମଲା, ଜବରଦଖଲ ଉଚ୍ଛେଦ, ସ୍ଥାୟୀ ଓ ଅସ୍ଥାୟୀ ନିଷେଧାଜ୍ଞା, କ୍ଷତିପୂରଣ ଏବଂ ମକଦ୍ଦମା ଖର୍ଚ୍ଚ ଆଦି ପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି ନୋଟିସରେ ଚେତାବନୀ ଦିଆଯାଇଛି।

# ଅଧ୍ୟାପିକାଙ୍କ ବଦଳି ବାତିଲ ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶନାମା



**ଜେନାପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ଅଧ୍ୟାପିକା ଡ.ଚନ୍ଦ୍ରକଳା ନାୟକଙ୍କ ବଦଳି କଟକ ଜିଲ୍ଲାର ନେମାଳ କଲେଜକୁ କରାଯାଇଥିଲା। ଛତିଆ କଲେଜର ସବୁଠାରୁ ଅଧିକ ଛାତ୍ରବତ୍ସଳ ଏବଂ ନିଷ୍ଠାପର ଅଧ୍ୟାପିକା ଚନ୍ଦ୍ରକଳାଙ୍କ ବଦଳିକୁ କେହି ଛାତ୍ରଛାତ୍ରୀ, ଅଭିଭାବକମାନେ ସହଜରେ ଗ୍ରହଣ କରି ପାରି ନଥିଲେ। କଲେଜର ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ଆକ୍ରୋଶମୂଳକ ଭାବେ ହୋଇଥିବା ଏଭଳି ବଦଳି ବାତିଲ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛତିଆ କଲେଜରେ ବ୍ୟାପକ ୱାର୍କଲୋଡ ଥିବା ବେଳେ କଲେଜର ସବୁଠାରୁ ଭଲ ନିଷ୍ଠାପର ଅଧ୍ୟାପିକାଙ୍କ ବଦଳି ଆଦୌ ବରଦାସ୍ତଯୋଗ୍ୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ନଂବର-୦୦୭୧-୨୦୨୬/୪୦୫୬୨ ତା୨୪.୦୭.୨୬ରେ ୨୮୬ ଜଣ ଅଧ୍ୟାପକଙ୍କ ସହ ଡ.ଚନ୍ଦ୍ରକଳା ନାୟକଙ୍କ ବଦଳି ହୋଇଥିଲା। ହେଲେ ପରେ ଏହି ଅସନ୍ତୋଷକୁ ଦୃଷ୍ଟିରେ ରଖି ଡ.ଚନ୍ଦ୍ରକଳା ନାୟକଙ୍କ ବଦଳି ବାତିଲ ନେଇ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶ ନଂବର-୪୦୮୦୦ ତା୨୭.୦୭.୨୬ ରେ ସ୍ପଷ୍ଟ କରାଗଲା। ଚନ୍ଦ୍ରକଳାଙ୍କ ଏହି ବଦଳି ନିର୍ଦ୍ଦେଶ ବାତିଲ ପରେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ତେବେ ଅଧ୍ୟାପକ ଏବଂ ଶିକ୍ଷକ ଭଳି ସମ୍ମାନଜନକ କାର୍ଯ୍ୟରେ ଥିବା ବ୍ୟକ୍ତିଙ୍କ ଉପରେ ରାଜନୈତିକ ଚାପ କିମ୍ବା ଆକ୍ରୋଶ ମୂଳକ କାର୍ଯ୍ୟକୁ ନାପସନ୍ଦ କରାଯାଇଛି। ଶିକ୍ଷାନୁଷ୍ଠାନ ଗୁଡିକ ରାଜନୈତିକ ଚାପରୁ ମୁକ୍ତ ରଖାଯିବାକୁ ସରକାରଙ୍କୁ ବହୁ ବ୍ୟକ୍ତିଙ୍କ ତରଫରୁ ନିବେଦନ କରାଯାଇଛି।

# ବିଶ୍ୱ ଆଦିବାସୀ ଦିବସରେ ଶୋଭାଯାତ୍ରା




**ଜୟପୁର (ଅମୃତ ମିଡିଆ) :** ବିଶ୍ୱ ଆଦିବାସୀ ଦିବସ ଅବସରରେ ଏକ ଶୋଭାଯାତ୍ରା ସୁଫଯ ମହଲ ଠାରୁ ବାହାରି ସହର ପରିକ୍ରମା କରି ମୁଖ୍ୟ ରାସ୍ତା ଦେଇ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଷ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଆଦିବାସୀ ସମ୍ପ୍ରଦାୟର ସାମାଜିକ, ଶିକ୍ଷାଗତ, ଆର୍ଥିକ, ଜମି-ଜଙ୍ଗଲ ଅଧିକାର, ନିଯୁକ୍ତି ଓ ସାମଗ୍ରିକ ବିକାଶ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧି ଭାବେ, ଆମ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ବିଭିନ୍ନ ମୌଳିକ ସମସ୍ୟା, ଅଧିକାର ଓ ବିକାଶ ସମ୍ବନ୍ଧୀୟ ଦାବି ରହିଛି। ଅଗଷ୍ଟ ୦୯ ବିଶ୍ୱ ଆଦିବାସୀ ଦିବସ ଓ ପୁଷ ପୁନୀ ପରବକୁ ସରକାରୀ ଛୁଟି ଘୋଷଣା କରାଯାଉ। ପେଶା ଆଇନ ଅନୁସୂଚିତ ଅଞ୍ଚଳରେ ଏହାର ମୂଳ ଆତ୍ମା ଓ ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯାଉ ଏବଂ ଗ୍ରାମସଭାର ସାମ୍ବିଧାନିକ ଭୂମିକା ଓ ଅଧିକାର ସୁନିଶ୍ଚିତ କରାଯାଉ। ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କୁ ଆଦିବାସୀ ସଂରକ୍ଷଣ କରାଯାଉ। ବନ ଅଧିକାର ଆଇନ: ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ବନ ଅଧିକାର ସ୍ୱୀକୃତି ଅଧିନିୟମ, ୨୦୦୬ ଫରେଷ୍ଟ ରାଇଟସ ଆକ୍ଟ ୨୦୦୬ ର ସଠିକ୍, ସ୍ୱଚ୍ଛ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରାଯାଉ ଏବଂ ଯୋଗ୍ୟ ଦାବିଦାରଙ୍କୁ ବ୍ୟକ୍ତିଗତ ଓ ସାମୁଦାୟିକ ବନ ଅଧିକାର ପ୍ରଦାନ କରାଯାଉ। ମିଥ୍ୟା ଜାତିଗତ ପ୍ରମାଣପତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ: ମିଥ୍ୟା ଜାତିଗତ ପ୍ରମାଣପତ୍ର ମାଧ୍ୟମରେ ସରକାରୀ ଚାକିରି କିମ୍ବା ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରିଥିବା ମାମଲାଗୁଡ଼ିକର ନିରପେକ୍ଷ ଯାଞ୍ଚ କରାଯାଇ, ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତି ଓ ଏଥିରେ ଜଡ଼ିତ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସ୍ଥାନୀୟ ନିଯୁକ୍ତିର ସୁଯୋଗ: ପଞ୍ଚମ ଅନୁସୂଚିତ ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଜନସଂଖ୍ୟାର ଅନୁପାତ ଓ ସ୍ଥାନୀୟ ଆବଶ୍ୟକତାକୁ ବିଚାରକୁ ନେଇ ଜିଲ୍ଲାଭିତ୍ତିକ ଭାବରେ ଗ୍ରୁପ ସି' ଓ 'ଡି' ପଦବୀରେ ନିଯୁକ୍ତିରେ ସ୍ଥାନୀୟ ଆଦିବାସୀ ଯୁବକ-ଯୁବତୀଙ୍କୁ ସୁଯୋଗ ଓ ପ୍ରାଥମିକତା ପ୍ରଦାନ କରାଯାଉ ସହରାଞ୍ଚଳରେ ଥିବା ଆଦିବାସୀ କୃଷକଙ୍କୁ ସୁବିଧା:ସହରାଞ୍ଚଳରେ ବସବାସ କରୁଥିବା ଓ କୃଷି କାର୍ଯ୍ୟରେ ନିୟୋଜିତ ଆଦିବାସୀ କୃଷକମାନଙ୍କୁ ମଧ୍ୟ କୃଷି, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ପଶୁପାଳନ, ଜୀବିକା ଓ ଅନ୍ୟାନ୍ୟ ସରକାରୀ ଯୋଜନାର ଯୋଗ୍ୟତା ଅନୁଯାୟୀ ସମସ୍ତ ସୁବିଧା ଉପଲବ୍ଧ କରାଯାଉ। ଜମି ହସ୍ତାନ୍ତର ନିୟନ୍ତ୍ରଣ:ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର ସମ୍ପର୍କିତ ର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ପାଳନ କରାଯାଇ ଆଦିବାସୀ ଜମିର ଅବୈଧ ହସ୍ତାନ୍ତର ରୋକାଯାଉ ଏବଂ ଅବୈଧ ଭାବେ ହସ୍ତାନ୍ତରିତ ଜମି ପୁନରୁଦ୍ଧାର ପାଇଁ ଆଇନସମ୍ମତ ପଦକ୍ଷେପ ନିଆଯାଉ। ଅନୁଚ୍ଛେଦ ୨୭୫ (୧) ଅଧୀନରେ ଅଧିକ ପାଣ୍ଠି: ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୭୫(୧) ଅନୁଯାୟୀ ଅନୁସୂଚିତ ଜନଜାତିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଭିତ୍ତିଭୂମି ଓ ସର୍ବାଙ୍ଗୀଣ ବିକାଶ ପାଇଁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ସହାୟତା ଓ ପାଣ୍ଠି ବୃଦ୍ଧି କରାଯାଉ। ଦାବିଗୁଡ଼ିକ କୋରାପୁଟ ଜିଲ୍ଲାର ଆଦିବାସୀ ସମାଜର ସାମାଜିକ ନ୍ୟାୟ, ଜମି-ଜଙ୍ଗଲ ଅଧିକାର, ଶିକ୍ଷା, ନିଯୁକ୍ତି, ଜୀବିକା, ସାଂସ୍କୃତିକ ସୁରକ୍ଷା ଓ ସର୍ବାଙ୍ଗୀଣ ବିକାଶ ସହିତ ସିଧାସଳଖ ଭାବେ ଜଡ଼ିତ ତେଣୁ ରାଜ୍ୟପାଳ ଏହି ସମସ୍ତ ଦାବିର ଗୁରୁତ୍ୱକୁ ବିଚାର କରି, ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଆବଶ୍ୟକୀୟ ତଦନ୍ତ, ସମୀକ୍ଷା ଓ ବିହିତ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ/ପରାମର୍ଶ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ଆଦିବାସୀ ଓ ଉନ୍ନୟନ ଓଡିଶା, କୋରାପୁଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାରେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ସଭାପତି ଜିତେନ୍ଦ୍ର ନାୟକ, ଉପ ସଭାପତି ଆନନ୍ଦ ହାଇବା, ସମ୍ପାଦକ ଭଗବାନ କେନ୍ଦୁ, ବଳିଭଦ୍ର ଗାଦବା ନବୀନ ଜାନୀ, କୋଷାଧ୍ୟକ୍ଷ ଟଙ୍କଧର ହାଇବା, ଶଶୀଭୂଷଣ ସୌରା ଉପଦେଷ୍ଟା ଦିନୁ ହିକକା, ତ୍ରିନାଥ ମୁଦୁଲି, କୃଷ୍ଣଚନ୍ଦ୍ର ନାୟକ ଭଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ଦାନହୁଣ୍ଡିରୁ ଟଙ୍କାଚୋରି



**ଜୟପୁର (ଅମୃତ ମିଡିଆ) :** ବୈପାରୀଗୁଡା ଅଂଚଳରେ ଚୋରଙ୍କ ଲୋଲୁପ ଦୃଷ୍ଟିରେ ଧର୍ମାନୁଷ୍ଠାନ। କିଛି ଦିନ ବ୍ୟବଧାନରେ ବିଭିନ୍ନ ମନ୍ଦିରରୁ ଲୁଟ ହୋଇଥିବା ଜଣାପଡିଛି। ଗତକାଲି ରାତିରେ ହନୁମାନ ମନ୍ଦିର ଦାନହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ଘସର୍ଡାସ୍ଥିତ ହନୁମାନ ମନ୍ଦିରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଓ କବାଟ ତାଡ଼ି ଚୋରି କରିଛନ୍ତି। ୪ବର୍ଷ ହେବ ଦାନହୁଣ୍ଡିରୁ ଦାନ କଢ଼ାଯାଇନାହିଁ। ସେଥିରେ ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାଚୋରୀ ହୋଇଛି ବୋଲି ମନ୍ଦିର କମିଟି ତରଫରୁ ସୂଚନା ରହିଛି। ଘଟଣାସ୍ଥଳରେ ବୈପାରୀଗୁଡା ପୋଲିସ ତଦନ୍ତ କରୁଛି। ସୂଚନାଥାଉ କି, ବିଗତ ଦିନରେ ଦିଗାପୁର ରାଧାକୃଷ୍ଣ ମନ୍ଦିରରୁ ଲକ୍ଷାଧିକ ସୁନା ଟଙ୍କା ଚୋରୀ ହୋଇଛି। ଦୁର୍ବୃତ୍ତ ମନ୍ଦିର ତାଲା ଓ କବାଟ ତାଡ଼ି ଚୋରୀ କରିଛନ୍ତି। ଶ୍ରୀ ରାଧାକୃଷ୍ଣ ଲଳିତାଙ୍କ ମୁକୁଟ ଓ ବଂଶୀ ସହ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ ହୋଇଛି। ଘଟଣାସ୍ଥଳରେ ବୈପାରୀଗୁଡା ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛି କିନ୍ତୁ ଏ ପର୍ଯ୍ୟନ୍ତ ଦୁବୃତ୍ତଙ୍କ ଟେର ପାଉନି ପୋଲିସ। ପୁଣି ଏବେ ଘସର୍ଡାସ୍ଥିତ ହନୁମାନ ମନ୍ଦିରରେ ଦାନହୁଣ୍ଡୀରୁ ଟଙ୍କାଚୋରି ଘଟଣା ଭକ୍ତଙ୍କ ମନରେ ଚିନ୍ତା ବଢ଼ାଇଛି।

## ସାହାସପୁର ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ସାହାସପୁର ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ, କେନ୍ଦ୍ରାପଡାର ମିଳିତ ଉଦ୍ୟମରେ ତା୦୮.୦୮.୨୦୨୬ରିଖ, ଶନିବାର ପୂର୍ବାହ୍ନ ୧୧ଘଟିକା ସମୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ପୃଷ୍ଟି, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କାହ୍ନୁଚରଣ ଜେନା, ଜାତୀୟ ସେବା ଯୋଜନାର ରାଜ୍ୟ ଉପଦେଷ୍ଟା ତଥା ସମାଜସେବୀ ମଧୁସୂଦନ ଦାସ ଓ ସମାଜସେବିକା ରୂପାଲି ହାତୀ ଓ ଶ୍ରୀସତ୍ୟସାଇ ସେବା ସଂଗଠନ, କେନ୍ଦ୍ରାପଡାର ଯୁବ ସଂଯୋଜକ ଉପସ୍ଥିତ ରହି ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରୀସତ୍ୟସାଇ ସେବା ସଂଗଠନ, ଓଡ଼ିଶାର ପ୍ରେମତରୁ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲା ସଂଗଠନ ର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟାପକ ସଂଗ୍ରାମ କିଶୋର ପରିଡା, ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଜ୍ୟ ଓ ଜାତୀୟସ୍ତରୀୟ କୃତୀ କ୍ରୀଡାବିତ୍ ଓ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜାତୀୟସ୍ତରୀୟ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କୃତୀ କ୍ରୀଡ଼ାବିତ୍ ଏବଂ କ୍ରିଡ଼ା ପରିଚାଳକମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ପିଏମ୍ଶ୍ରୀ ଜିଲ୍ଲା ସ୍କୁଲ୍ ଯାଜପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଯୁବପିଢ଼ି ପାଇଁ ଏହା ପ୍ରେରଣା ଯୋଗାଇବାରେ ସହାୟକ ହେବ ଏବଂ କ୍ରିଡ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଆଜିର ଛାତ୍ରଛାତ୍ରୀ ତାଙ୍କର କ୍ରୀଡା ପ୍ରତି ଆଗ୍ରହ ଓ କଠିନ ପରିଶ୍ରମ ଓ ଅଧ୍ୟାବସାୟ ବଳରେ ସେମାନେ ତାଙ୍କର ଭବିଷ୍ୟତ ଗଢି ସଫଳତା ହାସଲ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନେ ଏହିପରି ଭାବେ ନିଷ୍ଠାର ସହିତ ଉଦ୍ୟମ ଜାରି ରଖିଲେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ଓ କ୍ରୀଡା ମାଧ୍ୟମରେ ବହୁତ୍ ଆଗକୁ ଯାଇ ପାରିବେ ବୋଲି ଶିକ୍ଷାଧିକାରୀ ଶ୍ରୀ ସାହୁ ତାଙ୍କ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ସୁରମା ମହାପାତ୍ର, ସବିତା ସାହୁ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସବିତା ନାୟକ ଅତିଥିମାନକ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା କ୍ରୀଡାଧିକାରୀ ଫକୀର ମୋହନ ଟୁଡୁ, ହ୍ୟାଣ୍ଡବଲ୍ ଆସୋସିଏସନ୍ର ପ୍ରେସିଡେଣ୍ଟ ରମେଶଚନ୍ଦ୍ର ପୃଷ୍ଟି, ଯାଜପୁର ଜିଲ୍ଲା ପାରା ସ୍ପୋର୍ଟସ ଆସୋସିଏସନ୍ର ସେକ୍ରେଟାରୀ ମଣ୍ଟୁ ଦାସ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୮ଜଣ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗି ଓ ୩୧ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ପଦକ ହାସଲ କରି ଥିବା ପ୍ରତିଯୋଗି ଏବଂ ୨୧ ଜଣ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକର୍ମକୁ ଦଶଟି ମଣ୍ଡଳ ସମ୍ପାଦକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ରାଜେଶ କୁମାର ସେଠୀ, ସୋନାଲୀ ସାହୁ, ରୂପସୀ ଲେଙ୍କା, ହରିହର ବିଶ୍ୱାଳ, ଶଙ୍କର୍ଷଣ ବେହେରା, ମିନତି ନାୟକ, ଖଗେଶ୍ୱର ରାଉତ, ସଂଜୁଲତା ମହାନ୍ତି, ସୁବାସ ବାରିକ, ନିରଂଜନ ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ।

## ରାହାମାରୁ ସେକ୍ସ ରାକେଟ ଠାବ



**କୁଜଙ୍ଗ (ଅମୃତ ମିଡିଆ) :** ଦିନ ଦ୍ୱିପହରରେ ଚାଲିଥିଲା ଦେହବ୍ୟବସାୟ କୁଜଙ୍ଗ, ପାରାଦ୍ୱୀପ, ଜଗତସିଂହପୁର, ତିର୍ତ୍ତୋଲ ଓ କେନ୍ଦ୍ରାପଡ଼ା ରୁ ଆସୁଥିଲେ ଗ୍ରାହକ। ଦୀର୍ଘ ୧୦ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ହେଲା ଏହି ବ୍ୟବସାୟ ଚାଲୁଥିଲେ ମଧ୍ୟ ଟେର୍ ପାଉନଥିଲା ପୋଲିସ। ତେବେ କୌଣସି ସୂତ୍ରରୁ ସୂଚନା ପାଇବା ପରେ ତିର୍ତ୍ତୋଲ ପୋଲିସ ରାହାମା ବଜାର ନିକଟ ଏକ ଭଡ଼ା ଘରେ ଚଢ଼ାଉ କରି ଘର ମାଲିକ ସମେତ ଘଟଣାର ରାଣୀ ମହୁମାଛି ସମେତ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଘର ମାଲିକଙ୍କୁ ମିଶାଇ ଦୁଇଜଣ ପୁରୁଷ ରହିଛନ୍ତି। ସେମାନଙ୍କ ନିକଟରୁ ବହୁ ଆପତ୍ତିଜନକ ସାମଗ୍ରୀ ସମେତ ଶକ୍ତି ବର୍ଦ୍ଧକ ବଟିକା ଏବଂ ନଗଦ ୩୨୦୦ ଟଙ୍କା, ୭ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ପ୍ରତ୍ୟେକ ଦିନ ସକାଳେ ଉକ୍ତ ଘରକୁ କିଛି ନିର୍ଦ୍ଦିଷ୍ଟ ମହିଳା ଆସିଥାନ୍ତି ଏବଂ ରାତି ଦୁଇଟା ରେ ସେଠାରୁ ଚାଲି ଯାଆନ୍ତି। ଦିନ ଏବଂ ରାତି ଏଠାକୁ ବିଭିନ୍ନ ଅଞ୍ଚଳରୁ ଗ୍ରାହକ ଆସିଥାନ୍ତି। ଅତି ସତର୍କତାର ସହିତ ଏହି ଦେହ ବ୍ୟବସାୟ ଚାଲିଥିବା ବେଳେ ପ୍ରତ୍ୟେକ ଗ୍ରାହକଙ୍କ ପିଛା ଘର ମାଲିକ ୨୦୦ଟଙ୍କା ନେଇଥାନ୍ତି ଏବଂ ଯଦି ଗ୍ରାହକ ବାହାରୁ ଝିଅ କିମ୍ବା ମହିଳାଙ୍କୁ ଆଣନ୍ତି ତେବେ ଘର ମାଲିକ ୫୦୦ଟଙ୍କା ନିଅନ୍ତି ବୋଲି ଗିରଫ ହୋଇଥିବା ଜଣେ ମହିଳା ପ୍ରକାଶ କରିଛନ୍ତି। ଏହି ଘରେ ୫ରୁ ୬ଜଣ ମହିଳା ରହୁଥିବା ବେଳେ ଦୈନିକ ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ଗ୍ରାହକ ଆସିଥାନ୍ତି। ଖବର ପାଇବା ପରେ ତିର୍ତ୍ତୋଲ ଆଇଆଇସି ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢାଉ ସାମିଲ ହୋଇଥିବା ବେଳେ କୁଜଙ୍ଗ ଅତିରିକ୍ତ ତହସିଲଦାର ପାୟେଲ ପ୍ରିୟଦର୍ଶୀନୀଙ୍କ ଉପସ୍ଥିତିରେ ସମସ୍ତ ଚଢ଼ାଉ ଏବଂ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଥିରେ ସହଯୋଗ କରିଥିବା ତିର୍ତ୍ତୋଲ ଏସଡିପିଓ ପ୍ରକାଶ କରିଛନ୍ତି।

## ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



**ଜୟପୁର (ଅମୃତ ମିଡିଆ) :** ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ପିଏମ୍ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ, ଜୟପୁର ପରିସରରେ ବିଦ୍ୟାର୍ଥୀମାନଙ୍କୁ ଦେଶପ୍ରେମ, ଦେଶାତ୍ମବୋଧ ଓ ସୃଜନଶୀଳତାରେ ଉତ୍ସାହିତ କରିବା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରଭାତୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ ଲିଖନ, ବକ୍ତୃତା ଓ ଦେଶାତ୍ମକ ବୋଧ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାର୍ଥୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମ, ଦେଶପ୍ରେମ ଓ ଜାତୀୟ ଏକତା ସମ୍ପର୍କରେ ନିଜର ଚିନ୍ତାଧାରା ପ୍ରକାଶ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ଦେଶଭକ୍ତିମୂଳକ ସଙ୍ଗୀତ ପରିବେଷଣ କରି ବିଦ୍ୟାର୍ଥୀମାନେ ପରିବେଶକୁ ଦେଶପ୍ରେମର ଭାବନାରେ ଭରି ଦେଇଥିଲେ। ସର୍ବ କନିଷ୍ଠ ଓଡ଼ିଆ ପ୍ରବନ୍ଧ ପାଇଁ ବିଚାରପତି ଥିଲେ କମଳକୃଷ୍ଣ ତ୍ରିପାଠୀ, ଜଗନ୍ନାଥ ମିଶ୍ର, ଦେବକତିଳି। ବରିଷ୍ଠ ବର୍ଗର ଓଡ଼ିଆ ବକ୍ତୃତାର ବିଚାରପତି ଥିଲେ ପ୍ରଭାତ କୁମାର ରଥ, ଜ୍ୟୋତ୍ସ୍ନା ତ୍ରିପାଠୀ, ଏଚ କନ୍ହେଇ। କନିଷ୍ଠ ବର୍ଗର ବିଚାରପତି ଥିଲେ ଡ.ଜ୍ୟୋତ୍ସ୍ନା ମିଶ୍ର, ସୁମିତ ସୁନା, ରଜନୀରାଣୀ ପାତ୍ର। ସେହିଭଳି କନିଷ୍ଠ ବର୍ଗର ଦେଶାତ୍ମକ ବୋଧ ସଙ୍ଗୀତ ପ୍ରତିଯୋଗିତା ପାଇଁ ବିଚାରପତି ଥିଲେ ସୁଧାକର ପଣ୍ଡା, ଯୁଗଳ କୁମାର ସାହୁ, ବରିଷ୍ଠ ବର୍ଗରୁ ଲାଲୁ ମିଶ୍ର, ଅମର ମିଶ୍ର, ରୁଦ୍ର ପ୍ରସନ୍ନ ପାଣିଗ୍ରାହୀ। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ ତଥା ସିଆରସିସି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତାକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଏପରି କାର୍ଯ୍ୟକ୍ରମ ବିଦ୍ୟାର୍ଥୀମାନଙ୍କ ମନରେ ଦେଶପ୍ରେମ, ଜାତୀୟ ଏକତା ଓ ଦାୟିତ୍ୱବୋଧ ବୃଦ୍ଧି କରିବା ସହିତ ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ ହୋଇଥାଏ। ପ୍ରକାଶଥାଉ କି କୃତି ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତା ଦିବସ ଦିନ ଅତିରିକ୍ତ ଜିଲ୍ଲାପାଳ ପୁରସ୍କୃତ କରିବେ।

# ବଣୁଆ ହାତୀ ଦ୍ୱାରା ଫସଲ ନଷ୍ଟ



**ବଡ଼ଚଣା (ଅମୃତ ମିଡ଼ିଆ) :** ଡାଳି ଜୋଡା ଜଙ୍ଗଲ ବିଭାଗ ଅଧିନସ୍ଥ ବୈରୀ ଡିଭିଜନ ଅଧିନସ୍ଥ ପଶ୍ଚିମ ବଡଚଣାରେ ଗତ କିଛିଦିନ ଧରି ବଣୁଆ ହାତୀପଲ ଗାଁଗଣ୍ଡାରେ ପଶି ବେଶ୍ ଉପଦ୍ରବ କରୁଛନ୍ତି। ଫଳରେ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ନିୟମିତ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ଆରମ୍ଭ ହୋଇ ପଡିଥିବା ବେଳେ ବଣୁଆ ହାତୀ ଧାନକ୍ଷେତମାନଙ୍କରେ ପଶି ପଡିଥିବା ଧାନ ତଳିକୁ ନଷ୍ଟ କରୁଛନ୍ତି। ସ୍ଥାନେ ସ୍ଥାନେ ଚାଷୀମାନଙ୍କ ଦ୍ୱାରା ବର୍ଷାଦିନିଆ ପନିପରିବା ଚାଷ ଯଥା ବାଇଗଣ, ଭେଣ୍ଡି,ମକା, କାଙ୍କଡ କିଆରିକୁ ନଷ୍ଟ କରୁଛନ୍ତି। ଗାଁ ଲୋକେ ନିଆଁ ହୁଳା, ଟିଣ ଧରି ରାତି ଉଜାଗର ରହି କ୍ଷେତବାଡିକୁ ଜଗୁଛନ୍ତି। ଲାଣ୍ଡୁଆଝରରେ ହାତୀ ପଲ ପଶି ଶିକ୍ଷାବିତ ନିତ୍ୟାନନ୍ଦ ନାୟକଙ୍କ ବାଡ଼ିପଟ ଘରେ ରଖାଯାଇଥିବା ଚାଉଳ ବସ୍ତାକୁ ଘରୁ ଭିଡିଆଣି ଖାଇବା ସହିତ ନଷ୍ଟ କରିଥିବା ଅଭିଯୋଗ ଆସିଛି। ତେବେ ସ୍ଥାନୀୟ ବୈରୀ ଜଙ୍ଗଲ ବିଭାଗ ପକ୍ଷରୁ କାମ୍ପା ସଂସ୍ଥା ଦ୍ୱାରା ନିୟୋଜିତ ହାତୀ ସୁରକ୍ଷା ରେ ମାତ୍ର ୬ ଜଣିଆ ଗୋଟିଏ ଇଉନିଟ୍ ଗୋଟିଏ ମାତ୍ର ପେଟ୍ରୋଲିଂ ଗାଡି ନିୟୋଜିତ ହୋଇଛନ୍ତି। କିନ୍ତୁ ବୈରୀ ଜଙ୍ଗଲ ବିଭାଗ ଅଧିନରେ ନିମଡିଅ, ନଳିଦା, କୋହ୍ଲା, ମହିସିଆଲଣ୍ଡା ପରି ଦୂର୍ଗମ ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ ହାତୀ ପଲ ଜନବସତିରେ ପଶି କ୍ଷୟକ୍ଷତି କରୁଛନ୍ତି। ବାସ୍ତବରେ ବୈରୀ ବନାଞ୍ଚଳ ଅଧିନରେ ଥିବା ୩୪୦ ହେକ୍ଟର ଜଙ୍ଗଲକୁ ସୁରକ୍ଷା ଦେବାକୁ ହେଲେ ଅତି କମ୍ରେ ୪ଟି ପେଟ୍ରୋଲିଂ ଗାଡିରେ ୨୪ ଜଣ ପାରାଫୋର୍ସର ଆବଶ୍ୟକତା ରହିଛି। ହେଲେ ଡାଳିଜୋଡା ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୋଟିଏ ପେଟ୍ରୋଲିଂ ଗାଡି ହାତୀ ନିୟନ୍ତ୍ରଣ କରିବାକୁ ଅସମର୍ଥ ।ବେଳେ ବେଳେ ସୁରକ୍ଷାରେ ତ୍ରୁଟିଯୋଗୁଁ ଉକ୍ତ ପେଟ୍ରୋଲିଂ ଗାଡି ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହେଉଛି। ଯଦିଓ ବୈରୀ ବନାଞ୍ଚଳ ରେ ନିୟୋଜିତ ପେଟ୍ରୋଲିଂ ଗାଡଟି ଡାକବାଜି ଯନ୍ତ୍ର ଦ୍ୱାରା ବଣୁଆ ହାତୀ ସତର୍କତା ସୂଚନା ଦିଆଯାଉଛି,ହେଲେ ସାଧାରଣ ଲୋକଙ୍କୁ ସଂପୂର୍ଣ୍ଣ ସୁରକ୍ଷା ଦେବାକୁ ଏହା ଅସମର୍ଥ। ବଣୁଆ ହାତୀ ପ୍ରାୟତଃ ଉସୁନା ଧାନ ପ୍ରତି ଆକର୍ଷିତ ହୋଇ ଚାଳଛପର ଘରକୁ ଟାର୍ଗେଟ କରିଥାନ୍ତି। ଆଦିବାସୀ ବସ୍ତିମାନଙ୍କରେ ଏବେ ମଧ୍ୟ ବହୁ ଚାଳଛପର ଘର ରହିଛି। ଯାହାକି ସମୟ ସମୟରେ ହାତୀଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଦୀର୍ଘ ଦଶନ୍ଧିରୁ କପିଳାସ ଅଭୟାରଣ୍ୟରୁ ହାତୀ ମାନେ କାୟାମ୍ବା ସଂରକ୍ଷଣ ଜଙ୍ଗଲ ମଧ୍ୟରେ ଏକ ହାତୀ ଚଲାପଥ ରହିଆସିଛି। କାଳକ୍ରମେ ଛୋଟବଡ ଶିଳ୍ପ ଅନୁଷ୍ଠାନମାନେ ଗଢି ଉଠିବା ଯୋଗୁଁ ହାତୀ ଚଲାପଥ ସଂଙ୍କୁଚିତ ହେବାରେ ଲାଗିଛି ଯାହା ଫଳରେ ହାତୀ ବାଟବଣା ହୋଇ ଜନ ବସତୀ ମୁହାଁ ହେଉଛନ୍ତି। ହାତୀଙ୍କ ପାରମ୍ପରିକ ଖାଦ୍ୟ ଶିଆଳି ଲତା, ବାଉଁଶ, କିଆ ଫୁଲ ଗଛ ପ୍ରାୟତଃ ଜଙ୍ଗଲରୁ ବିଲୁପ୍ତ ଫଳରେ ହାତୀ ଧାନଶସ୍ୟ ପ୍ରତି ଆକୃଷ୍ଟ ହୋଇ ପଡୁଛନ୍ତି। ହାତୀ ମଣିଷ ଲଢ଼େଇ ଏକ ନିତି ଦିନିଆ ଘଟଣାରେ ପରିଣତ ହେଲାଣି। ଗତ ବର୍ଷ ଏକ ଘରୋଇ ଫାର୍ମ ହାଉସ୍ ପରିସରରୁ ମାଟିତଳୁ ଏକ ମୃତ ହାତୀର କଙ୍କାଳ ଉଦ୍ଧାର କରିଥିଲେ ଜଙ୍ଗଲ ବିଭାଗ ।କ୍ରମ ବର୍ଦ୍ଧିତ ଜନସଂଖ୍ୟା ଓ ଜଙ୍ଗଲ ଲୋପ ହିଁ ଆଗକୁ ହାତୀ ବଂଶରେ ବିରାମ ଲାଗିବ ବୋଲି ପରିବେଶବିତ୍ମାନେ ଆଶଙ୍କା ପ୍ରକାଶ କଲେଣି।



# ବେଦାନ୍ତ ଆଲୁମିନିୟମ୍ ପ୍ରକଳ୍ପ ସଙ୍ଗମରେ ୪୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ କୃଷି ପଦ୍ଧତି ଉପରେ ତାଲିମ



**ଭୁବନେଶ୍ୱର (ବ୍ୟୁରୋ) :** କୃଷକମାନଙ୍କ କଲ୍ୟାଣ ଏବଂ ସହନଶୀଳତା ଉପରେ ସମୃଦ୍ଧ ଗ୍ରାମୀଣ ସମ୍ପ୍ରଦାୟ ନିର୍ମାଣ ହୋଇଥାଏ। ଏହାକୁ ସ୍ୱୀକାର କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆକ୍ସନ୍ ଫର୍ ଫୁଡ୍ ପ୍ରଡକ୍ସନ୍ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ସଙ୍ଗମ ଜରିଆରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ୨୩ଟି ଗ୍ରାମରେ ୨୩ଟି ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି, ଯେଉଁଥିରେ ୪୦୦ରୁ ଅଧିକ କୃଷକଙ୍କୁ ନିରାପଦ କୃଷି ରାସାୟନିକ ପରିଚାଳନା ଏବଂ ସ୍ଥାୟୀ କୃଷି ପଦ୍ଧତି ଉପରେ ଜ୍ଞାନ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ହ୍ରାସ କରିବା ଏବଂ ପରିବେଶ ପ୍ରତି ଉତ୍ତରଦାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣର ସଠିକ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅତ୍ୟଧିକ କ୍ଷତିକାରକ ସାର ଏବଂ କୀଟନାଶକଗୁଡ଼ିକର ନିରାପଦ ପରିଚାଳନା, ସଂରକ୍ଷଣ, ପରିବହନ ଏବଂ ବିଘଟନ ଉପରେ କାର୍ଯ୍ୟକ୍ରମଗୁଡ଼ିକରେ ଧ୍ୟାନ ଦିଆଯାଇଥିଲା। କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଜଳବିଭାଜିକା ଏବଂ ଜୀବିକା ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ସଙ୍ଗମ, ଜଳ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କୃଷକ ମାନଙ୍କୁ ସହାୟତା କରିଥାଏ। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, କୃଷକମାନଙ୍କୁ ନିରାପଦ କୃଷି ରାସାୟନିକ ବ୍ୟବହାର, ବୈଜ୍ଞାନିକ ପ୍ରୟୋଗ କୌଶଳ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପଦକ୍ଷେପ ବିଷୟରେ ତାଲିମ ଦିଆଯାଇଥିଲା। ଏହି ଅଧିବେଶନରେ ପିପିଇର ସଠିକ୍ ବ୍ୟବହାର ଉପରେ ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ କ୍ଷେତରେ ନିରାପଦ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବଛା ବଛା କୃଷକ କ୍ଷେତ୍ର ବିଦ୍ୟାଳୟ ସଦସ୍ୟମାନଙ୍କୁ ସୁରକ୍ଷା କିଟ୍ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ ଉପରେ ବକ୍ତବ୍ୟ ରଖି, ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ଆଲୁମିନା ବିଜନେସ୍, ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସମୃଦ୍ଧ ଗ୍ରାମୀଣ ସମ୍ପ୍ରଦାୟ ଗଠନ ପାଇଁ କୃଷକଙ୍କ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ଆମେ କୃଷକମାନଙ୍କୁ ସୁରକ୍ଷିତ, ସ୍ୱାସ୍ଥ୍ୟକର ଏବଂ ଅଧିକ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ସଶକ୍ତ କରୁଛୁ। ଦାୟିତ୍ୱବାନ କୃଷି ରାସାୟନିକ ପରିଚାଳନାକୁ ପ୍ରୋତ୍ସାହିତ ଏବଂ ବୃତ୍ତିଗତ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି କରି, ଆମେ ଉତ୍ପାଦନ ବୃଦ୍ଧି, ପରିବେଶ ସୁରକ୍ଷା ଏବଂ ଦୀର୍ଘକାଳୀନ କୃଷି ସ୍ଥିରତାରେ ଯୋଗଦାନ କରୁଛୁ। ଆଜି ପର୍ଯ୍ୟନ୍ତ ପ୍ରକଳ୍ପ ସଙ୍ଗମ ୪୧ଟି ଗାଁର ୯୦୦୦ରୁ ଅଧିକ ହିତାଧିକାରୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଛି, ଉନ୍ନତ କୃଷି ପଦ୍ଧତି, ବର୍ଦ୍ଧିତ ଜୀବିକା ଏବଂ ଦୃଢ଼ ଗୋଷ୍ଠୀ ସହନଶୀଳତା ମାଧ୍ୟମରେ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିଛି। ଏହି ପ୍ରକଳ୍ପ ଗୋଷ୍ଠୀ ଏବଂ କୃଷି ପୋଖରୀ ସମେତ ୭୦ରୁ ଅଧିକ ଜଳ ସଂରକ୍ଷଣ ଢାଞ୍ଚା ମଧ୍ୟ ବିକଶିତ କରିଛି, ଯାହା ପ୍ରାୟ ୧୮ ଲକ୍ଷ କ୍ୟୁବିକ୍ ମିଟରର ଭୂତଳ ଜଳ ରିଚାର୍ଜ କ୍ଷମତା ସୃଷ୍ଟି କରିଛି ଏବଂ ୧୭୦୦ ଏକରରୁ ଅଧିକ ଚାଷଜମି ପାଇଁ ଜଳସେଚନକୁ ସକ୍ଷମ କରିଛି। ଏହାବ୍ୟତୀତ, ଏହି ପଦକ୍ଷେପଟି କୁକୁଡ଼ା ଏବଂ ଛେଳି ପାଳନକୁ ସମର୍ଥନ କରିବା ସହିତ ଯୁବକ, ଅବହେଳିତ ସମ୍ପ୍ରଦାୟ ଏବଂ ଭୂମିହୀନ କୃଷକମାନଙ୍କ ପାଇଁ କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଜୀବିକା ନିର୍ବାହକୁ ମଜବୁତ କରୁଛି, ଯାହା ସମଗ୍ର ଅଞ୍ଚଳରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି।

## ଆଇଆଇଏମଟିର ସଫଳତା
# ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଏଆଇ ଗଭର୍ଣ୍ଣାନ୍ସ ଆଣ୍ଡ୍ ହ୍ୟୁମାନ୍ ରାଇଟ୍ସ ଉଦଘାଟିତ




**ଭୁବନେଶ୍ୱର (ବ୍ୟୁରୋ) :** ଇଣ୍ଟର ସାଇନ୍ସ ଇନଷ୍ଟିଚ୍ୟୁଟ୍? ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱରରେ ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଏଆଇ ଗଭର୍ଣ୍ଣ ଆଣ୍ଡ ହ୍ୟୁମାନ ରାଇଟ୍ସ ଏବଂ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଗଭର୍ଣ୍ଣାନ୍ସ ଆଣ୍ଡ୍ ହ୍ୟୁମାନ୍ ରାଇଟ୍ସ ଉଦଘାଟନ ହୋଇଛି। ଯାହା ଦାୟିତ୍ୱପୂର୍ଣ୍ଣ ଏଆଇ ଗଭର୍ଣ୍ଣାନ୍ସ ଏବଂ ମାନବାଧିକାର ଉପରେ ଗବେଷଣା, ଆଲୋଚନା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ପ୍ରତିଷ୍ଠାନଗତ ପଦକ୍ଷେପ। ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) କୁଳପତି ପ୍ରଫେସର ଡକ୍ଟର ବିଭୂତି ଭୂଷଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଆଇଆଇଏମଟି ଚେୟାରମ୍ୟାନ ଡ.ଶ୍ରୀକାନ୍ତ ପଟ୍ଟନାୟକଙ୍କ ପୌରହିତ୍ୟରେ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଏବଂ ବୃତ୍ତିଗତମାନେ ମଧ୍ୟ ଉଦୀୟମାନ ଏଆଇ ଚ୍ୟାଲେଞ୍ଜ ଏବଂ ସୁଯୋଗ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇଏମଟି ନିର୍ଦ୍ଦେଶକ ଡ.ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରଯୁକ୍ତିବିଦ୍ୟାର ଉଦୀୟମାନ କ୍ଷେତ୍ରରେ ନବସୃଜନ, ଗବେଷଣା ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉଦଘାଟନ ଅବସରରେ ପ୍ରଫେସର ଡକ୍ଟର ରଥ ଶିକ୍ଷାନୁଷ୍ଠାନଗୁଡ଼ିକୁ ନୈତିକ ମୂଲ୍ୟବୋଧ ସହିତ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ସମନ୍ୱିତ ରଖି ଏଆଇ କ୍ଷମତାକୁ ମଜବୁତ କରିବା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଡକ୍ଟର ବିଶ୍ୱାଳ ଦାୟିତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଗବେଷଣା-ଚାଳିତ ସମାଧାନକୁ ପ୍ରୋତ୍ସାହିତ କରିବାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କୃତ୍ରିମ ବୁଦ୍ଧିମତ୍ତାର ନୈତିକ, ସାମାଜିକ ଏବଂ ଆଇନଗତ ଦିଗ ସମ୍ପର୍କରେ ଶୈକ୍ଷିକ ଆଲୋଚନା, ଗବେଷଣା, ନୀତି ଆଲୋଚନା ଏବଂ ସଚେତନତା ପାଇଁ ଆନ୍ତର୍ଜାତୀୟ ଏଆଇ ଗଭର୍ଣ୍ଣାନ୍ସ ଏବଂ ମାନବାଧିକାର କେନ୍ଦ୍ରର ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ପରିକଳ୍ପନା କରାଯାଇଛି। ନୂତନ ଭାବରେ ଉନ୍ମୋଚିତ ହୋଇଥିବା ଆନ୍ତର୍ଜାତୀୟ ଏଆଇ ଗଭର୍ଣ୍ଣାନ୍ସ ଏବଂ ମାନବାଧିକାର ପତ୍ର ଗବେଷକ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଏବଂ ଅଭ୍ୟାସକାରୀମାନଙ୍କୁ ମାନବାଧିକାର ଉପରେ ବଢୁଥିବା ବିଶ୍ୱ ବିତର୍କରେ ଯୋଗଦାନ ଦେବା ପାଇଁ ଏଆଇ ବିଦ୍ୱାନ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲ ଡ.କବିରାଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ବିଏଲଏ-୨ ବୈଠକ



ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଶ୍ରୀ ପ୍ରକାଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଏସଆଇଆର କଂଗ୍ରେସ ବିଏଲଏ-୨ ମାନଙ୍କର ଏକ ବୈଠକ ସାମନ୍ତରାପୁର ମା' ଭୂଆଶୁଣି ପୀଠରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁରେଶ କୁମାର ରାଉତରାୟ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପ୍ରଶାନ୍ତ ଚମ୍ପତି, ମାନସ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା ଯୋଗଦେଇ ବିଏଲଏ-୨ ମାନଙ୍କର ଦାୟିତ୍ୱ ଓ କାର୍ଯ୍ୟାଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଏଲଏ-୨ ଦାୟିତ୍ୱ ନିର୍ବାହ କରୁଥିବା ନେତୃବୃନ୍ଦମାନେ ନିଜ କର୍ତ୍ତବ୍ୟକୁ ଉପଯୁକ୍ତ ଭାବରେ ନିର୍ବାହ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଉଦ୍‌ବୋଧନ ଦେଇ ହରିହର ମୁଦୁଲି କଂଗ୍ରେସ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଆଜିର ଏହି ବୈଠକରେ ସୁବ୍ରତ ମହାପାତ୍ର, ଜୟକୃଷ୍ଣ ମଲ୍ଲିଆ, ଦିପକ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ବଶୁ ବରାଳ, ଛବି ପଟ୍ଟନାୟକ, ବିଜୟ ସର୍ମଥା, ମଣ୍ଟୁ ମଲ୍ଲିକ, କୁସୁମ ପ୍ରଧାନ, ଏମଡି ତାକୱିନ, କୁଞ୍ଜ ବିହାରି ସ୍ୱାଇଁ, ପ୍ରଭାତ ପ୍ରତାପ ସିଂ, ତିଳତମା ବିଶ୍ୱାଳ, ଅବଦୁଲ୍ କଲାମ ଆଜାଦ, ଦେବୀ ପ୍ରସାଦ ସ୍ୱାଇଁ, ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ୱାର୍ଡ ଓ ପଞ୍ଚାୟତର କଂଗ୍ରେସ ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଶେଷରେ ଯୋଗିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ଶ୍ରାଦ୍ଧୋତ୍ସବ ପାଳିତ



**କଟକ (ବ୍ୟୁରୋ) :** ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ସରକାରୀ ଉଚ୍ଚବିଦ୍ୟାଳୟ ପଣ୍ଡୁଆ ମିଳିତ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ପଞ୍ଚାଅଶୀତମ ତିରୋଧାନ ଦିବସରେ ଉଚ୍ଚବିଦ୍ୟାଳୟ ପରିସରରେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ଲେଙ୍କାଙ୍କ ସଭାପତିତ୍ୱରେ ସ୍ମୃତିସଭାକୁ ଶିକ୍ଷାବିତ ତଥା ନବକାକଳୀର ସମ୍ପାଦକ ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ ଉଦଘାଟନ କରିଥିଲେ। ସମସ୍ତ ଅତିଥିମାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି ମହାନ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାରଳା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ମୁଦୁଲି, ମୁଖ୍ୟବକ୍ତା ଚୈତନ୍ୟ କୁମାର ରାଉତ, ସମ୍ମାନିତ ବକ୍ତା ଦ୍ୱିତୀୟ ଭଞ୍ଜ ଗୋଲକ ପ୍ରଧାନ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଶାସକ ତଥା ସାହିତ୍ୟିକ ଡକ୍ଟର ବସନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ତଥା ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସଦସ୍ୟ କବି ରାଜକିଶୋର ସ୍ୱାଇଁ, ଶିକ୍ଷାବିତ ତଥା ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସଦସ୍ୟା ବୈଜୟନ୍ତୀବାଳା ଶତପଥୀ, ଅଧ୍ୟାପିକା ଡକ୍ଟର ମୀରା ବେଉରା, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଡକ୍ଟର ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ ଭାଗ୍ୟଧର ସ୍ୱାଇଁ, ଆକାଶବାଣୀର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ତପନ କୁମାର ଦତ୍ତ, ବିଭୁବୈଭବର ସମ୍ପାଦକ ଲୋକଶିକ୍ଷକ ଡକ୍ଟର ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଡକ୍ଟର ଅରୁଣ କୁମାର ପାଣି, ଡକ୍ଟର ଆରତୀ ମହାପାତ୍ର, ଡକ୍ଟର ମନୋରମା ଦାଶ, ଶିକ୍ଷାବିତ ମାଧୁରୀ ମହାନ୍ତି, ଶିକ୍ଷାବିତ ଡକ୍ଟର ସଫଳା ଦାସ, ସୁଶ୍ରୀ ଅର୍ପିତା ଦାସ ପ୍ରମୁଖ ବିଶ୍ୱକବିଙ୍କର ବିଭିନ୍ନ କୃତିତ୍ୱର ସ୍ମୃତିଚାରଣ କରିବା ସହିତ ଭଲ ମଣିଷ ହେବାକୁ ବୁଝାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ସ୍ମୃତିସଭାଟି ସାଫଲ୍ୟ ମଣ୍ଡିତ ହୋଇଥିଲା। କୃତି ପ୍ରତିଭା ଶୁଭମ୍ ଦାସ, ରାଜଲକ୍ଷ୍ମୀ ବିଶ୍ୱାଳ, ସାଇରମଣ ସେଠୀ, ସତ୍ୟପ୍ରକାଶ ସ୍ୱାଇଁ, ଶୁଭାଞ୍ଜଳୀ ଦାସ, ଦିବ୍ୟଜ୍ୟୋତି ବାରିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସରୋଜିନୀ ଦାସ ସମସ୍ତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସମ୍ ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ



**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ୍-୧ର ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ 'ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍‌ଦେନ୍ ହ୍ୱାଟ ୱାର୍କ୍ସ'କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସଂପର୍କରେ ସଚେତନ କରାଯାଇଥିଲା। ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି କ୍ୟାମ୍ପସ୍-୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ରୁବି ପ୍ରଧାନ ପ୍ରସଙ୍ଗ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର ଆଦିତ୍ୟ ମହାପାତ୍ର ଏବଂ ଭୁବନେଶ୍ୱର ଏମ୍ସର ଶିଶୁରୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ସମରେନ୍ଦ୍ର ମହାପାତ୍ର, ଯୋଗ ଦେଇଥିଲେ। ଏସ୍‌ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତୀ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଶିଶୁ ନର୍ସିଂ ବିଭାଗର ଅସିଷ୍ଟାଂଟ ପ୍ରଫେସର ଶ୍ରୀମତୀ ମନିଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପରବର୍ତୀ ପର୍ଯ୍ୟାୟରେ ଶିଶୁରୋଗ ଓ ନବଜାତ ଶିଶୁରୋଗ ବିଭାଗର ବିଶେଷଜ୍ଞମାନେ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ।

## ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜନ୍ମଜୟନ୍ତୀ ବର୍ଷ
# ରାଜ୍ୟବ୍ୟାପୀ 'କଳସ ବନ୍ଦନ ଅଭିଯାନ ଶୁଭାରମ୍ଭ'



ଭୁବନେଶ୍ୱର (ବ୍ୟୁରୋ) : ତ୍ରୟୋଦଶ - ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଏବଂ ଧର୍ମାନ୍ତୀରଣ ପ୍ରକ୍ରିୟା କାରଣରୁ ସାମାଜିକ ବୈଷମ୍ୟ ଓ ଜାତିଭେଦର ଅସ୍ପୃଶ୍ୟତା ପ୍ରମୁଖ ଶିଖରରେ ପହଁଚିଥିଲା। ସାମଗ୍ରିକ ଭାବେ ସତାନତ ଧର୍ମ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଦୀର୍ଘ ୧୨୦୦ ବର୍ଷ ଧରି ଦେଶ ପରାଧୀନ ଥିଲା। ଇଂରେଜଙ୍କ ଠାରୁ ଆରମ୍ଭ କରି ମୋଗଲ ପର୍ଯ୍ୟନ୍ତ ସଭିଏଁ ସନାତନ ଧର୍ମକୁ ବାରମ୍ବାର ଆକ୍ରମଣ କରିଥିଲେ। ଏହି ଧର୍ମକୁ ନଷ୍ଟ କରିବା ପାଇଁ ଅନେକ ଅପଚେଷ୍ଟା କରିଥିଲେ। ମାତ୍ର ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସ ମହାରାଜଙ୍କ କାରଣରୁ ଏହି ସନାତନ ଧର୍ମର ରକ୍ଷା ହେବା ସହିତ ଅନେକ ସଂସ୍କାର ଆସିଥିଲା ଏହି ଧର୍ମ ସହ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ଆଜି ଆମକୁ ଯେଉଁ ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ମିଳିଛି, ଏହାପଛରେ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପୂଜ୍ୟ ସନ୍ଥ ଶ୍ରୀ ଗୁରୁ ରବି ଦାସ ମହାରାଜ ଅଟନ୍ତି। ସମାଜରେ ଯେତେବେଳେ କିଛି ରୁଢ଼ିବାଦୀ ଲୋକ ଆମ ଭିତରେ ଝଗଡ଼ା ଲଗେଇବା ପାଇଁ, ବିବାଦ କରିବା ପାଇଁ, ଜାତିବାଦ ଆଣିବା ପାଇଁ ଉଦ୍ୟମ କରୁଥିଲେ ସେତେବେଳେ ସନ୍ଥ ଶ୍ରୀ ରବିଦାସ ଅନେକ ସଂଘର୍ଷ କରି ସମରସତାର ବାର୍ତ୍ତା ଦେଇ ସମାଜରୁ ଛୁଆଁ, ଅଛୁଆଁ, ଅସ୍ପୃଶ୍ୟତା ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ। ସମାଜରେ ସଂସ୍କାର ଆଣି ଠିକ୍‌ଭାବେ ଗଢ଼ିବା ପାଇଁ ସଂକଳ୍ପ ନେବା ସହିତ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଅନେକ ଯୁଗପୋଯୋଗୀ ନିଷ୍ପତି ନେଇଥିଲେ। ପରିବର୍ତନ କରିବାର ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଂଚାଇପାରିଥିଲେ। ଏଥିଯୋଗୁଁ ସମଗ୍ର ଭାରତବର୍ଷରେ ଆଜି ଲୋକେ ତାଙ୍କୁ ପୂଜା କରୁଛନ୍ତି। ଏଭଳି ସମାଜ ସଂସ୍କାର କାର୍ଯ୍ୟ ଯୋଗୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସନ୍ଥ ରବିଦାସଜୀଙ୍କୁ ଲୋକେ ମନେପକାଇବା ସହ ତାଙ୍କ ରାସ୍ତାକୁ ଅନୁସରଣ କରିବେ। ଓଡ଼ିଶାପ୍ରଦେଶରେ ସନ୍ଥଜୀଙ୍କ ବାର୍ତାକୁ ନେଇ ସବୁଗାଁରେ ପହଂଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ରବି ଦାସଜୀଙ୍କ ବାର୍ତାକୁ ଓଡ଼ିଶାର ସବୁ ଜିଲ୍ଲାରୁ ବ୍ଲକ ଓ ମଣ୍ଡଳସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ବିଜେପି ସଂକଳ୍ପବଦ୍ଧ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ପାଇଁ ବିଜେପିର ପ୍ରୟାସ ନିଶ୍ଚିନ୍ତ ସଫଳ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାରତବର୍ଷର ପ୍ରାଚୀନ ଜ୍ଞାନ ପୀଠ ରୂପେ କାଶୀ ବା ବାରଣାସୀ ଧର୍ମ ଦର୍ଶନର ପ୍ରଚାର ପ୍ରସାର କରିଆସିଛି। ଏହି ପାବନ କ୍ଷେତ୍ରରେ ସନ୍ଥ ଶିରୋମଣି ଶ୍ରୀ ରବି ଦାସଜୀ ମହାରାଜ ୬୫୦ ବର୍ଷ ତଳେ ଆବିର୍ଭୂତ ହୋଇ ଉକ୍ତ ଆନ୍ଦୋଳନର ଜଣେ ମହାନ ସନ୍ଥ କବି, ସମାଜ ସଂସ୍କାରକ, ସମରସତା ଓ ସମନ୍ୱୟର ସଦ୍‌ଗୁରୁ ରୂପେ ସମାଜର କୋଟି କୋଟି ବଂଚିତ ତଥା ଅବହେଳିତ ବ୍ୟକ୍ତିଙ୍କୁ ସମ୍ମାନ, ଆତ୍ମବିଶ୍ୱାସ ଓ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ ବଂଚିବାକୁ ଶିକ୍ଷା ଦେଇଯାଇଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ସନ୍ଥ ଗୁରୁ ଶ୍ରୀ ରବି ଦାସଜୀ କେବଳ ଜଣେ ସନ୍ଥ ନ ଥିଲେ। ସେ ଥିଲେ ସାମାଜିକ ପରିବର୍ତ୍ତନର ବିପ୍ଳବୀ ଚେତନା। ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ। ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଆଜି ବିକଶିତ ଭାରତର ସଂକଳ୍ପ ମଧ୍ୟ ସେହି ଚିନ୍ତାଧାରରେ ପର୍ଯ୍ୟବେଶିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି। ଏହି ଅବସରରେ ସାଧୁ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହିମା ଧର୍ମର କୌପିନଧାରୀ ସାଧୁ ପାଗଳ ବାବା, ଅଲେଖ ମହିମା ସାଧୁ ସ୍ୱାମୀ ରମେଶ ବାବା, ଯୋରନ୍ଦା ଗାଦି ସଭାପତି ବାବା ବିଶ୍ୱନାଥ, ବାବା ଅଭିନାଶ ଦାସ ମହାରାଜ, ସ୍ୱାମୀ ହରିଶଙ୍କର ମହାରାଜ, ସ୍ୱାମୀ ବିଶ୍ୱମ୍ଭର ଦାସ ମହାରାଜ, ଯୋଗୀ ମହାରାଜ, ଚୈତନ୍ୟ ବାବା, ହିମାଂଶୁ ବାବା, ଅସୀମାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶ୍ରୁତିସାଗର, ତ୍ରିଲୋକେଶ୍ୱର ଭାରତୀ, ଅଭଦୂତ ମହାରାଜ, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ ଅନେକ ସାଧୁସନ୍ଥ ସାମିଲ ହୋଇ ସନ୍ଥ ଶ୍ରୀ ଗୁରୁ ରବି ଦାସଙ୍କ ଆଦର୍ଶ ଓ ତାଙ୍କ ସମାଜ ପ୍ରତି ବାର୍ତ୍ତାକୁ ଆଲୋକପାତ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବି ଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଗତ ଜୁଲାଇ ୨୯ ତାରିଖରୁ ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯାଉଛି। ସେଠାରୁ ପ୍ରତ୍ୟେକ ଗ୍ରାମପଂଚାୟତକୁ ଓ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବୁଲିବା ପରେ ଶେଷରେ ସେହି ସ୍ଥାନରେ ବୃକ୍ଷରୋପଣ କରାଯିବ। ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ। ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ। ପବିତ୍ର ମାଟି ସହିତ ଶ୍ରୀ ରବି ଦାସଙ୍କ ବାର୍ତ୍ତା ଓ ଆଦର୍ଶକୁ ଗାଁ ଗାଁରେ ପହଂଚାଯିବ। ଆଜି ରାଜ୍ୟବ୍ୟାପୀ "କଳସ ବନ୍ଦନ ଅଭିଯାନର ଶୁଭାରମ୍ଭ" ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବରିଷ୍ଠ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ବିଭୂତି ଭୂଷଣ ଜେନା, ଡ. ମୁକେଶ ମହାଲିଙ୍ଗ, ପ୍ରଦୀପ ବଳ ସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସାଂସଦ ପ୍ରତାପ ଷଡଙ୍ଗୀ, ଡ.ରବିନ୍ଦ୍ର ନାରାୟଣ ବେହେରା, ସୁକାନ୍ତ ପାଣିଗ୍ରାହୀ, ରାଷ୍ଟ୍ରୀୟ ଅନୁସୂଚିତ ଜାତି କମିଶନ ଅଧ୍ୟକ୍ଷ କିଶୋର ମକୱାନା, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ରଘୁନାଥ ଜଗଦଲା, ବାବୁ ସିଂ, ଦୁର୍ଗାପ୍ରସନ୍ନ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଓ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ରାଜ୍ୟ ବିଜେପିର ନେତୃବୃନ୍ଦ ଏବଂ ଅନୁସୂଚିତ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ ଓ ୩୭ ଟି ଜିଲ୍ଲାରୁ ଆସିଥିବା ପଦାଧିକାରୀଗଣ ଉପସ୍ଥିତ ଥିଲେ।



# ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ଅହୋରାତ୍ର ଧାରଣା




**ଭୁବନେଶ୍ୱର (ବ୍ୟୁରୋ) :** ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଆଜି ଲୋୟର ପିଏମ୍‌ଜି ଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବିରେ ଦୁଇ ଦିନ ପାଇଁ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଅବସରରେ ଶ୍ରୀ ମହାପାତ୍ର କହିଲେ ଯେ ବିଜେପି ସରକାରର ଜାତୀୟ ଶିକ୍ଷାନୀତି-୨୦୨୦ ଦେଶ ଓ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉଜାଡି ଦେଇଛି। ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇପଡ଼ିଛି। ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏପର୍ଯ୍ୟନ୍ତ ଇସ୍ତଫା ନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସୁରକ୍ଷାରେ ନିଜ ପଦକ ବଜାଇ ରଖିଛନ୍ତି। ମୋହନ ସରକାର ଏ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଆମେ ପିଲାବେଳେ 'ତୁମ ପରି ଛୋଟ ପିଲାଟିଏ' ବା 'ନିଧି ବୁଢ଼ା ବାରିପଡେ ପଡିଛି ବିଚାର' ଗୀତ ବା କବିତା ପାଠ୍ୟପୁସ୍ତକରେ ପଢୁଥିଲେ। ଏବେ କିନ୍ତୁ ପିଲାମାନଙ୍କୁ 'ନିମ୍ବୁଡା ନିମ୍ବୁଡା' ଗୀତ ପଢ଼ିବା ପାଇଁ ସରକାର ବାଧ କରୁଛନ୍ତି। ସମଗ୍ର ପାଠ୍ୟପୁସ୍ତକ ଅଦରକାରୀ ହୋଇପଡୁଥିବା ବେଳେ ସରକାରଙ୍କ ଚିନ୍ତା ବା ଦକ ନାହିଁ। ଏହି ସାଙ୍ଘାତିକ ତ୍ରୁଟି ମାଧ୍ୟମରେ ମୋହନ ସରକାର ଓଡ଼ିଆ ଜାତିର ସ୍ୱାଭିମାନ ଓ ସମ୍ମାନ ପ୍ରତି ଆଘାତ ଦେଇଛନ୍ତି। କର୍ଣ୍ଣାଟକ ବିଧାନସଭାକୁ ଓଡ଼ିଶା ବିଧାନସଭା ଭାବେ ଦର୍ଶାଇଥିବାବେଳେ ବ୍ରହ୍ମପୁର ଏକ ଜିଲ୍ଲା ବୋଲି ବହିରେ ଲେଖାଯାଇଛି। ସେହିପରି ନିୟମଗିରୀର ଅବସ୍ଥିତି ଝାଡଖଣ୍ଡରେ ରହିଛି ବୋଲି ପୁସ୍ତକରେ ସ୍ଥାନିତ ହୋଇଛି। ସେହିଭଳି ଅଜ୍ଞତାର ଚରମସୀମାକୁ ଯାଇ ବୈଜ୍ଞାନିକ ନ୍ୟୁଟନକୁ ପାଇଲଟ ଭାବରେ ଦର୍ଶାଯାଇଛି। ସାହିତ୍ୟ ବହିରେ ଗଣିତ ଏବଂ ଗଣିତ ବହିରେ ସାହିତ୍ୟ ରଖି ବହି ଗୁଡ଼ିକୁ ଡଷ୍ଟବିନ୍ ପଡିବା ଯୋଗ୍ୟ କରିଦିଆଯାଇଛି। ତେଣୁ ଗଣଶିକ୍ଷା ବିଭାଗର ମନ୍ତ୍ରୀଙ୍କର ଦାୟିତ୍ୱ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଜଣେ ଦାୟିତ୍ୱହୀନ ଏବଂ ଅଯୋଗ୍ୟମନ୍ତ୍ରୀ ଓଡ଼ିଶାର ଗଣଶିକ୍ଷା ବ୍ୟବସ୍ଥା ପ୍ରତି ବିପଦପୂର୍ଣ୍ଣ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ତେଣୁ ଉଭୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଓଡ଼ିଶାର ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିଭଳି କଲେଜ ଓ ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଷଡ଼ଯନ୍ତ୍ର କରିଛନ୍ତି। ବିଜେପି ଓ ଏବିଭିପି ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନ ବାତାବରଣକୁ ସଂପୂର୍ଣ୍ଣ ନଷ୍ଟ କରିଦେବା ପାଇଁ ଯୋଜନା କରିଛନ୍ତି। ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବିଭିପିର ଷଡଯନ୍ତ୍ରରେ ଜଣେ ନିରୀହ ଛାତ୍ରୀଙ୍କୁ ଆତ୍ମହତ୍ୟାକୁ ବାଧ କରିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ନିର୍ବାଚନ ନ କରି ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ବିଜେପି ସରକାର ଛଡେଇ ନେଉଛି। ନିର୍ବାଚନ କରିବା ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ଏ ସରକାର ପ୍ରତାରଣା କରୁଛି। ସୁତରାଂ କଲେଜ ଓ ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ। ମାଲକାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ କଲେଜ ଓ ୟୁନିଭରସିଟିରେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବ। ସୁତରାଂ ଛାତ୍ର ବିରୋଧି ଶିକ୍ଷାବ୍ୟବସ୍ଥାକୁ ବିପର୍ଯ୍ୟନ୍ତ କରିବା ପାଇଁ ଦାୟି ଦୁଇ ଅଯୋଗ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ୨ ଦିନ ଲୋୟର ପିଏମଜିରେ ଧାରଣା ଦିଆଯାଉଛି। ଓଡ଼ିଶାର ଛାତ୍ରମାନଙ୍କର ଅଧିକାର ପାଇଁ ଆମେ ଯେଉଁ ଲଢ଼େଇ କରୁଛୁ ସେଥିରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଜ ଝାଖଡ ଓ ପିସିସି ସଭାପତି ସମ୍ମାନନୀୟ ଭକ୍ତ ଚରଣ ଦାସଙ୍କର ସଂପୂର୍ଣ୍ଣ ସମର୍ଥନ, ସଂଯୋଗ ପ୍ରେରଣା ଓ ଦିଗଦର୍ଶନ ରହିଛି। ଜନନାୟକ ରାହୁଲ ଗାନ୍ଧୀ ଦେଶର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପ୍ରତି ଯେଉଁ ଆବେଗ ପ୍ରକଟ କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସେହି ବାର୍ତ୍ତାକୁ ଓଡ଼ିଶାର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ପାଖକୁ ପହଂଚାଇବ। ବିଶେଷ କରି ପେପର ଲିକ୍ ଘଟଣାରେ ବିଜେପି ସରକାରର ବିଶ୍ୱାସଘାତକତାକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାଇବ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ସ୍ୱନ୍ଦନ ସ୍ୱାଇଁ, ନିଆଜୁଲ୍ ଇସ୍‌ଲାମ, ସାରୁ ଖାନ୍, ଚିତ୍ତରଞ୍ଜନ ନାୟକ, ସରୋଜ ଦାସ, ଅମିତ ନାୟକ, ପଦ୍ମନାଭ ପଣ୍ଡା, ରୁଦ୍ର କର, ଦେବାଶିଷ ଦଇତାପତି, ବିଶ୍ୱଭୂଷଣ ମହାପାତ୍ର, ସନ୍ତୋଷ ନିମାଇଁ, ଆଶୁତୋଷ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ



ଭୁବନେଶ୍ୱର (ବ୍ୟୁରୋ) : ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅଗଷ୍ଟ-୯ କ୍ରାନ୍ତି ଦିବସ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଳ୍ପନା ଛକ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତି ସ୍ତମ୍ଭରେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମ ଚନ୍ଦ୍ର କାଡାମ, ନିରଞ୍ଜନ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ସୁଦର୍ଶନ ଦାସ, କୃଷ୍ଣଚନ୍ଦ୍ର ଶଗରିଆ, ଚିନ୍ମୟ ପ୍ରସାଦ ବେହୁରା, ବିଶ୍ୱଜିତ ଦାସ, ମାନସ ଆଚାର୍ଯ୍ୟ, ପ୍ରଣତୀ ମିଶ୍ର, ତରୁଣ ମିଶ୍ର, ସତ୍ୟବ୍ରତ ନାୟକ, ରାଜକିଶୋର ବାରିକ, ସୁଭାଷ ପ୍ରଧାନ, ଆଲୋକ ନନ୍ଦ, ଏମଡି ଶାହଦୁଲ୍ଲା, ଆଦିତ୍ୟ କିରଣ ନାଗ, ଉଷାରାଣୀ ବେହେରା, ମିହିର ଆଚାର୍ଯ୍ୟ, ଦୟାନିଧି ମହାପାତ୍ର, ଶିଶିର କୁମାର ମିଶ୍ର, ଶ୍ରେୟାସ୍ମିତା ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅବସର ଯୋଜନା ଆୟ ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ

**ଭୁବନେଶ୍ୱର (ବ୍ୟୁରୋ) :** ସାମ୍ପ୍ରତିକ ସମୟରେ ସାରା ଭାରତରେ ବୋର୍ଡରୁମ୍ ଆଲୋଚନା, ସୋସିଆଲ ଫିଡ୍ ଏବଂ ସାଧାରଣ ସମ୍ପତି ଆଲୋଚନାରେ ଏକ ଆକ୍ରୋନିମ୍‌ଫାୟାର ପ୍ରାଧାନ୍ୟ ବିସ୍ତାର କରିଆସିଛି। ସମସ୍ତେ ସେହି ଏକକ, ଯାଦୁକରୀ ସଂଖ୍ୟା ଖୋଜୁଛନ୍ତି, ସେହି ବଡ ପାଣ୍ଠି ଯାହା ସେମାନଙ୍କର ଅବସର ବର୍ଷଗୁଡ଼ିକରେ ସୁରକ୍ଷା ଏବଂ ଆରାମଦାୟକ ଜୀବନର ପ୍ରତିଶ୍ରୁତି ଦେଇଥାଏ। ସେହି ମହତ୍ୱାକାଂକ୍ଷୀ ପାଣ୍ଠି ଉପରେ ମହତ୍ୱ ବୁଝିହେଉଛି। ତେବେ ଚୂଡ଼ାନ୍ତ ସଂଖ୍ୟା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଶୈଳୀ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତା ଉପରେ ବହୁମାତ୍ରାରେ ନିର୍ଭର କରିବ। ଅବସର ଏକ ଘଟଣା ନୁହେଁ ଯାହା ଧାର୍ଯ୍ୟ ପାଣ୍ଠିରେ ପହଂଚିବା ପରେ ଶେଷ ହୁଏ। ଏହା ଏକ ପର୍ଯ୍ୟାୟ ଯାହା ଦୁଇ କିମ୍ବା ବେଳେ ବେଳେ ତିନି ଦଶନ୍ଧି ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ। ସେହି ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଂଗୃହିତ ଅର୍ଥକୁ କେତେ ନିର୍ଭରଯୋଗ୍ୟ ଭାବେ ନିୟମିତ ଆୟରେ ରୂପାନ୍ତରିତ କରାଯାଇପାରିବ। ଅବସରପ୍ରାପ୍ତ ବ୍ୟକ୍ତିଙ୍କ ସାମ୍ନାରେ ଥିବା ପ୍ରକୃତ ପ୍ରଶ୍ନ ହେଉଛି 'ସଂଚୟ କରିଥିବା ଅର୍ଥ କେତେ ଦିନ ରହିବ ଏବଂ ଏହା ଯଥେଷ୍ଟ ହେବ କି ନାହିଁ'। ଭାରତରେ ଅବସର ଯୋଜନାର ମାନସିକତା ପରିବର୍ତ୍ତନ ପାଇଁ ଲକ୍ଷିତ ପାଣ୍ଠି ଉପରେ ସ୍ଥିରତା ଠାରୁ ନଗଦ ପ୍ରବାହ ସୁରକ୍ଷା ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ। ଏକ ସୁସଂଗଠିତ ଆୟ ସ୍ରୋତ ଏପରି ଆର୍ଥିକ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ ଯାହା ଲୋକଙ୍କୁ ସେମାନଙ୍କ ଟଙ୍କା ବଂଚାଇବା ସମ୍ପର୍କରେ ଚିନ୍ତା କରିବା ପରିବର୍ତ୍ତେ ସେମାନଙ୍କ ପରବର୍ତ୍ତୀ ବର୍ଷଗୁଡିକୁ ଉପଭୋଗ କରିବାକୁ ଦେଇଥାଏ ବୋଲି ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ ଲିମିଟେଡର ରିଟାୟାରମେଂଟ ବିଭାଗର ମୁଖ୍ୟ ଏବଂ ପାର୍ଟନରସିପ ଚ୍ୟାନେଲସ୍‌ର ମୁଖ୍ୟ ବାଣିଜ୍ୟ ଅଧିକାରୀ ଅନୁରାଗ ଗୁପ୍ତା କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅବସର ଯୋଜନା ବିଷୟରେ ଭାରତୀୟମାନଙ୍କ ମଧ୍ୟରେ ସଚେତନତା ଯଥେଷ୍ଟ ଉନ୍ନତ ହୋଇଛି। ତଥାପି, ଏହା ଯଥେଷ୍ଟ ପ୍ରସ୍ତୁତିରେ ପରିଣତ ହୋଇନାହିଁ। ଅବସର ପ୍ରସ୍ତୁତି ଉପରେ ଏକ ସାମ୍ପ୍ରତିକ ଶିଳ୍ପ ରିପୋର୍ଟ ଅନୁଯାୟୀ, କେବଳ ୩୭% ଉତରଦାତା ସେମାନଙ୍କର ଲକ୍ଷିତ ଅବସର ପାଣ୍ଠିର ମାତ୍ର ଏକ ଚତୁର୍ଥାଂଶ ସଂଗ୍ରହ କରିପାରିଛନ୍ତି ଏବଂ ଦଶ ଜଣଙ୍କ ମଧ୍ୟରୁ ସାତ ଜଣ ଏପର୍ଯ୍ୟନ୍ତ ବିଶ୍ୱାସ କରୁଛନ୍ତି ଯେ ୧ କୋଟି ଟଙ୍କାର ପାଣ୍ଠି ଯଥେଷ୍ଟ ହେବ। ତେବେ ବର୍ଦ୍ଧିତ ଖର୍ଚ୍ଚ ଏବଂ ଦୀର୍ଘ ଜୀବନକାଳ କାରଣରୁ ଏହା ବହୁତ କମ୍ ହୋଇଯିବ। ଆଜି ଆରାମଦାୟକ ଦେଖାଯାଉଥିବା ଏକ ସଂଖ୍ୟା ପନ୍ଦର ବର୍ଷ ପରେ ବହୁତ ଭିନ୍ନ ଦେଖାଯାଇପାରେ। ମୁଦ୍ରାସ୍ଫୀତି କ୍ରମାଗତ ଭାବରେ କ୍ରୟ ଶକ୍ତିକୁ ହ୍ରାସ କରିଥାଏ ଏବଂ ଅବସର ପରେ ଦୁଇରୁ ତିନି ଦଶନ୍ଧି ପର୍ଯ୍ୟନ୍ତ, ସାମାନ୍ୟ ମୁଦ୍ରାସ୍ଫୀତି ମଧ୍ୟ ପ୍ରକୃତ ଆୟରେ ଗୁରୁତ୍ୱପୂର୍ଣ୍ଣ କ୍ଷତି ଘଟାଇଥାଏ। ଏକ ସ୍ଥିର ପେନସନ୍ କିମ୍ବା ଏକ ଫ୍ଲାଟ୍ ବାର୍ଷିକ ଉଠାଣ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଖର୍ଚ୍ଚକୁ ଆରାମରେ କଭର୍ କରିପାରେ ଏବଂ ପରେ ଦୃଶ୍ୟମାନ ଭାବରେ ହ୍ରାସ ପାଇପାରେ, ଠିକ୍ ଯେତେବେଳେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବୃଦ୍ଧି ପାଇଥାଏ। ଏହି କାରଣରୁ ଅବସର ଆୟ ପ୍ରଥମ ଦିନରୁ ସ୍ଥିର ରହିବା ପରିବର୍ତ୍ତେ ସମୟ ସହିତ ବୃଦ୍ଧି ପାଇବାର ସମ୍ଭାବନା ବହନ କରିବା ଉଚିତ।

# ଗୋଦାବରୀଶ ଶିକ୍ଷା ସମ୍ମାନ-୨୦୨୬ ପ୍ରଦାନ ଉତ୍ସବ




**ଭୁବନେଶ୍ୱର (ବ୍ୟୁରୋ) :** ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଆସୋସିଏସନ୍ (ଆପୋଷା) ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଶିକ୍ଷା ସମ୍ମାନ ସମାରୋହ, ସ୍ମାର୍ଟ ପ୍ୟାରେ ସଚେତନତା କାର୍ଯ୍ୟକ୍ରମ ଓ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଏକ ସଭା ଅନୁଷ୍ଠିତ ହୋଇଯାଇଅଛି। ଆପୋଷାର ରାଜ୍ୟ ସଭାପତି ଅଜିତ୍ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୨୬ର ଗୋଦାବରୀଶ ଶିକ୍ଷା ସମ୍ମାନରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଦୀର୍ଘଦିନ ଧରି ଉଲ୍ଲେଖନୀୟ ଅବଦାନ ଉତ୍କୃଷ୍ଟ ବିଦ୍ୟାଳୟ ପରିଚାଳନା ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶରେ ବିଶେଷ ଭୂମିକା ପାଇଁ ଚଳିତ ବର୍ଷ ଓଡ଼ିଶାରୁ ୫୦ଜଣ ବିଦ୍ୟାଳୟ ପ୍ରତିଷ୍ଠାତା, ୫୦ଜଣ ପ୍ରଧାନ ଆଚାର୍ଯ୍ୟ ଓ ୧୦୦ ଜଣ ଶିକ୍ଷକଙ୍କୁ ଶିକ୍ଷାରତ୍ନ, ଶିକ୍ଷାଶ୍ରୀ ଓ ଶିକ୍ଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଡିଆଇଇଟି, ଖଲିକୋଟ୍, ଗଞ୍ଜାମର ଅଧ୍ୟକ୍ଷ, ସନ୍ତୋଷ ପରିଡ଼ା ଯୋଗଦେଇ ଶିକ୍ଷାନୀତିର ଲକ୍ଷ୍ୟ, ପ୍ରୟୋଗ ପଦ୍ଧତି, ଦକ୍ଷତା ବିକାଶ, ମାତୃଭାଷାର ଶିକ୍ଷା ଓ ଶିକ୍ଷାର୍ଥୀମାନଙ୍କର ସାମଗ୍ରୀକ ବିକାଶ ଉପରେ ଆଲୋକପାତ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କର ଦାୟିତ୍ୱ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅବନୀ କୁମାର ସୂତାର ସ୍ମାର୍ଟ ଗ୍ୟାରେଣ୍ଟିର ଉଦ୍ଦେଶ୍ୟ ତଥା ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗଢ଼ିବା ଲକ୍ଷ୍ୟହେବା ଉଚିତ୍ ଏବଂ ସେହି ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସଂଘର ଉପାଧ୍ୟକ୍ଷ ଡ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ରାଉତରାୟ, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ରମା ବଲ୍ଲଭ ପରିଡ଼ା, ମଙ୍ଗୁଳି ଚରଣ ମହାନ୍ତି, ଶିଶିର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯକ୍ରମରେ ଓଡ଼ିଶା ଅଭିଭାବକ ସଂଘର ସଭାପତି ବାସୁଦେବ ଭଟ୍ଟ ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକମାନଙ୍କ ଭୂମିକା ମୂଲ୍ୟବୋଧ ଆଧାରିତ ଶିକ୍ଷା ମୋବାଇଲ୍ ଓ ସୋଶିଆଲ୍ ମିଡ଼ିଆର ସନ୍ତୁଳିତ ବ୍ୟବହାର, ସାଇବର ସୁରକ୍ଷା ଓ ଶିକ୍ଷାଗତ ସଫଳତା ଉପରେ ଅଭିଭାବକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ସଂଘର ଉପାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

# 'ଶିକ୍ଷା ରୁଗ୍ଣ ହେଲେ ଦେଶ ଧ୍ୱଂସ ହେବ'
## ରବିରାୟ ସ୍ମରଣ ସଭାରେ ମତ



କଟକ (ବ୍ୟୁରୋ) : ଶିକ୍ଷାର ଗୁରୁତ୍ୱ ଦୃଷ୍ଟିରୁ ସମ୍ବିଧାନରେ ନିଃଶୁଳ୍କ ସାର୍ବଜନୀନ ଶିକ୍ଷାକୁ ଜନ୍ମଜାତ ମୌଳିକ ଅଧିକାର ମାନ୍ୟତା ଦିଆଯାଇଛି। କିନ୍ତୁ ଏବେ ଗୁଣାତ୍ମକ ଶିକ୍ଷା କିନ୍ତୁ ସାଧାରଣ ବର୍ଗର ଅପହଁଚ ହୋଇଛି। ପୁଣି ଉଭଟ ପାଠ୍ୟକ୍ରମ ବଳରେ ଶିକ୍ଷାକୁ ଅବୈଜ୍ଞାନିକ କରାଯାଉଛି। ଶିକ୍ଷା ରୁଗ୍ଣ ଓ ଖରାପ ହେଲେ ଦେଶ ଧ୍ୱଂସ ହେବ ବୋଲି ବିଶିଷ୍ଟ ବକ୍ତା ଦୃଢ ମତ ପ୍ରକାଶ କରିଛନ୍ତି। ଲୋକସଭାର ପୂର୍ବ ବାଚସ୍ପତି ସମାଜବାଦୀ ଜନ ନେତା ରବିରାୟଙ୍କ ଜନ୍ମ ଶତ ବାର୍ଷିକୀ ପାଳନ ଅବସରରେ ଏକ ଆଲୋଚନା ସଭା ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଟକ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଥିଲା। ରବିରାୟଙ୍କୁ ସ୍ମରଣ କରି ବକ୍ତାମାନେ କହିଥିଲେ ଯେ ଛାତ୍ରନେତାରୁ ରାଜନେତା ହେବା ପର୍ଯ୍ୟନ୍ତ ସେ ସଦାସର୍ବଦା ନିଶୁଳ୍କ ଗୁଣାତ୍ମକ ସାର୍ବଜନିକ ଶିକ୍ଷା ପାଇଁ ସଂଗ୍ରାମ କରିଥିଲେ। ଛୁଆ ଛୁଆଙ୍କ ଭିତରେ ପାତର ଅନ୍ତରକୁ ସେ ଘୃଣା କରି କହୁଥିଲେ ଯେ ଏହା ସଭ୍ୟ ସମାଜର ଲକ୍ଷଣ ନୁହେଁ। ଶିକ୍ଷାକୁ ରୁଗ୍ଣ ଓ ଖରାପ କଲେ ଦେଶ ରସାତଳକୁ ଯିବ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଶଶୀ ଭୂଷଣ ବେହେରା, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠି, ସୁକାନ୍ତ ନାୟକ, ଆଲୋକର ପ୍ରସାଦ ନନ୍ଦ, ଧର୍ମେଶ ନାୟକ, ବିଶ୍ୱଜିତ ଘୋଷ, କୃଷ୍ଣକେଶବ ମିଶ୍ର, କାଶୀନାଥ ସ୍ୱାଇଁ, ବବି ବଳବନ୍ତ ରାୟ, ସ୍ୱଦେଶ କୁମାର ଜେନା, ଅକ୍ଷୟ ରାଉଳ, ଶରତ କୁମାର ବେହେରା, ସେକ୍ କାମିଲୁଦିନ ଅହମଦ, ପ୍ରଶାନ୍ତ କୁମାର ସାହୁ, ରଞ୍ଜନ କୁମାର ମିତ୍ର, ପ୍ରଜ୍ଞା ମହାନ୍ତି, ରମେଶ ବେହେରା, ନିରୋଧ ଚନ୍ଦ୍ର ମହାପାତ୍ର, ବସନ୍ତ ନାୟକ, ବିନୋଦ ସେଠୀ, ମନୋରଞ୍ଜନ ପଣ୍ଡା, ଶାଶ୍ୱତ ଜେନା, ପ୍ରମୁଖ ଆଲୋଚନା ସଭାରେ ଭାଗ ନେଇ ଥିଲେ।

# ମିନାକ୍ଷୀ କୋଇଲାଖଣି ପକ୍ଷରୁ ରକ୍ତଦାନ ଶିବିର
## ୪୦ ୟୁନିଟ୍ ରକ୍ତ ସଂଗୃହୀତ



**ଭୁବନେଶ୍ୱର (ବ୍ୟୁରୋ) :** ମିନାକ୍ଷୀ କୋଇଲା ଖଣି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ ୟୁନିଟ୍ ତରଫରୁ ସୁନ୍ଦରଗଡ ଜିଲ୍ଲା ହେମଗିର ସିଏଚ୍‌ସିଠାରେ ଓଡ଼ିଶା ବ୍ଲଡ୍ ସେଣ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏନ୍‌ଏଚ୍‌ଏମ୍ ହେମଗିରର ସହଯୋଗରେ ମୀନାକ୍ଷୀ କୋଇଲା ଖଣି ଏହାର ସିଏସ୍ ?ଆର୍ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ହେମଗିର ସିଏଚ୍‌ସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ, ସିଡିପିଓ, ଆଇସିଡିଏସ୍, ସୁପରଭାଇଜରମାନଙ୍କ ସମେତ ଓଡ଼ିଶା ରକ୍ତ କେନ୍ଦ୍ରର ପ୍ରତିନିଧିମାନେ ଏବଂ ମୀନାକ୍ଷୀ କୋଇଲା ଖଣିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ମୀନାକ୍ଷୀ କୋଇଲା ଖଣିର ସିଏସ୍‌ଆର୍ ମୁଖ୍ୟ ନିହାରିକା ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ମଧ୍ୟରେ ଉତ୍ସାହଜନକ ଭାବେ ରକ୍ତ ଦାନ ପାଇଁ ଅଂଶଗ୍ରହଣ କରିଥିଲେ। ଏହି ଶିବିରରୁ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆବଶ୍ୟକତା ଥିବା ରୋଗୀମାନଙ୍କ ପାଇଁ ସୁରକ୍ଷିତ ରକ୍ତର ଉପଲବ୍ଧତାକୁ ସୁଦୃଢ଼ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ଏହି ରକ୍ତଦାନ ଶିବିରର ସଫଳ ଆୟୋଜନ ସ୍ଥାନୀୟ ସମୁଦାୟର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ଜୀବନ ରକ୍ଷା ପ୍ରତି ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

# 'ଶିକ୍ଷକ ଦାବି ଦିବସ'ରେ ମହାସମାବେଶ ଓ ଅହୋରାତ୍ର ଗଣଧାରଣା ଚାଲୁ ରହିବ : ସମନ୍ୱୟ ସମିତି

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟର ସ୍କୁଲ କଲେଜ ଓ ଶିକ୍ଷକ କର୍ମଚାରୀମାନଙ୍କର ନ୍ୟାୟ ସଂଗତ ଦାବି ପୂରଣ ନହେଲେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବ୍ୟାନରରେ ବହୁବର୍ଷ ଧରି ଶିକ୍ଷକ ମହାସଂଘ ଦ୍ୱାରା କ୍ରାନ୍ତିର ସ୍ୱର ସାଜି ପାଳିତ ହୋଇ ଆସୁଥିବା ଐତିହାସିକ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବିଦିବସରେ ରାଜଧାନୀର ରାଜରାସ୍ତାରେ ଏକ ବିଶାଳ ଶିକ୍ଷକ ସମାବେଶ ଓ ଅହୋରାତ୍ର ଗଣଧାରଣା ସଂଗଠିତ କରିବାକୁ ଯାଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍‌ମିଟ୍ ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ, ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ଖାଲି ପଡ଼ିଥିବା ପଦବୀ ଗୁଡ଼ିକରେ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ସରକାରୀକରଣ କ୍ଷେତ୍ରରେ ସରକାରଙ୍କ ଅହେତୁକ ବିଳମ୍ବର ପ୍ରତିବାଦରେ ଏ ସମାବେଶ ଅନୁଷ୍ଠିତ ହେଉଛି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷାର୍ଥୀ ମାନଙ୍କର ବିଭିନ୍ନ ଅସମାହିତ ସମସ୍ୟା ଓ ଦାବି ନେଇ ସରକାରଙ୍କର କଳ ଓ ଦଳ ସହିତ ବାରମ୍ବାର ସାକ୍ଷାତ ଆଲୋଚନା, ପତ୍ର ବିନିମୟ ଏବଂ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ବାଧ ହୋଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିଜର ନ୍ୟାୟ ସଙ୍ଗତ ଅଧିକାର ପାଇଁ ଅଗଷ୍ଟ ୫ ତାରିଖରେ ରାଜ୍ୟର ସମସ୍ତ ବ୍ଲକରୁ ବି.ଡ଼ି.ଓ. ମାନଙ୍କ ଜରିଆରେ, ଅଗଷ୍ଟ ୭ ତାରିଖରେ ୩୦ ଗୋଟି ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କର ୪ ଦଫା ସମସ୍ୟା ସମ୍ବଳିତ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। କିନ୍ତୁ ଇତିମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନଥିବାରୁ ସମାନତାଭିତ୍ତିକ ଶିକ୍ଷାବ୍ୟବସ୍ଥା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ଅଧିକାର, ଶିକ୍ଷକମାନଙ୍କ ମର୍ଯ୍ୟାଦା ଓ ସେବା ସହିତ ଶିକ୍ଷାର ଭବିଷ୍ୟତ ପାଇଁ ସମସ୍ତ ବର୍ଗର ଶିକ୍ଷକ ଓ କର୍ମଚାରୀମାନେ ନିଜର ଅଧିକାର ପାଇଁ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ମହାସମାବେଶ ଓ ଦାବି ହାସଲ ନହେବା ପର୍ଯ୍ୟନ୍ତ ଅହୋରାତ୍ର ଗଣଧାରଣାରେ ବସିବା ପାଇଁ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ୨୦୦୪ ରୁ ୨୦୨୫ ମସିହା ମଧ୍ୟରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଶୂନ୍ୟ ହସ୍ତରେ ଅବସର ନେଇଛନ୍ତି ଓ ଅନେକ ମୃତ୍ୟୁବରଣ କରିଛନ୍ତି। ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୯୪ ମସିହାରେ ୩୦୧୨ ବିଦ୍ୟାଳୟ ସରକାରୀକରଣ ହୋଇଥିଲା। ବର୍ତ୍ତମାନର ନୂତନ ସରକାର ୩୦ ବର୍ଷ ପରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କଲେ ଉଲ୍ଲେଖିତ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥାନୁସାରେ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା, ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ କରଣ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା ଏବଂ ରାଜ୍ୟର ସମସ୍ତ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯଥା- ଶିକ୍ଷାଉପକରଣ, ପୋଷାକ ଓ ସାଇକେଲ ଆଦି ଯୋଗାଇ ଦେବା ଇତ୍ୟାଦି ଦାବି ସମୂହ ପୂରଣ ହେଲେ ଓଡ଼ିଶାର ଶିକ୍ଷା, ଶିକ୍ଷକ, ଶିକ୍ଷାର୍ଥୀଙ୍କ ଅବସ୍ଥା ସୁଧୁରିବା ସହିତ ବିଦ୍ୟାଳୟଗୁଡ଼ିକରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସମନ୍ୱୟ ସମିତିର ସଭ୍ୟମାନେ ମତ ପ୍ରଦାନ କରିଛନ୍ତି। ଆସନ୍ତା ଅଗଷ୍ଟ ୧୬ ତାରିଖରେ ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀ କଂଗ୍ରେସଭବନ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପି.ଏମ୍.ଜି. ଅଭିମୁଖେ ଅଗ୍ରସର ହେବେ। ବିଧାନସଭା ସମ୍ମୁଖସ୍ଥ ଗାନ୍ଧିମାର୍ଗରେ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଅହୋରାତ୍ର ଗଣଧାରଣା ଜାରି ରହିବ। ଏଥିପାଇଁ ଯଦି ସରକାର କିମ୍ବା ପ୍ରଶାସନ କୌଣସି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟି ରହିବେ। ଉକ୍ତ ସଭାରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ, ଛାତ୍ର ସଙ୍ଗଠନ, ବିଭିନ୍ନ ଗଣ ସଙ୍ଗଠନର ପଦାଧିକାରୀ ଉପସ୍ଥିତ ରହି ଉଦ୍‌ବୋଧନ ଦେବେ। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱ ମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଗଣମାଧ୍ୟମକୁ ଜଣାଇଛନ୍ତି।

# ଭଙ୍ଗା ପୋଲରୁ ପଡ଼ି ଯୁବକ ମୃତ



**କଣ୍ଟାବାଞ୍ଜି(ଅମୃତ ମିଡିଆ):** ଲଗାଣ ବର୍ଷା ପରେ ଭାଙ୍ଗି ଯାଇଥିବା ପୋଲ ଏବେ ଲୋକଙ୍କ ପାଇଁ ଘାତକ ସାଜିଛି। ଭଙ୍ଗା ପୋଲରୁ ତଳକୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଡମନିଚୁଆଁ ଗାଁର କେମନ୍ତ ମାଝି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଭଙ୍ଗା ପୋଲକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ, ଚଳିତ ଲଗାଣ ବର୍ଷାରେ ଡମନିଚୁଆଁ ଗାଁରୁ ଢୋଲମାନ୍ଦଲ ଯିବା ରାସ୍ତାରେ ଥିବା ପୋଲଟି ଭାଙ୍ଗି ଯାଇଛି। ପ୍ରବଳ ବର୍ଷା ଓ ପାଣିର ପ୍ରବଳ ସ୍ରୋତ ଯୋଗୁଁ ପୋଲଟି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପୋଲ ଭାଙ୍ଗିଯିବା ପରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାତି ସମୟରେ ଏହି ରାସ୍ତା ଦେଇ ଯିବାଆସିବା ବେଶ୍ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଭଳି ସ୍ଥିତିରେ କେମନ୍ତ ମାଝି ଗତକାଲି ରାତିରେ କୌଣସି କାମରେ ନିଜ ଘରୁ ବାଇକ୍ ଯୋଗେ ବାହାରିଥିଲେ। ତେବେ ରାତିରେ ଭଙ୍ଗା ପୋଲ ନିକଟରେ ତାଙ୍କ ବାଇକ୍ ନିୟନ୍ତ୍ରଣ ହରାଇଥିବା ଅନୁମାନ କରାଯାଉଛି। ଭଙ୍ଗା ପୋଲ ତଳକୁ ବାଇକ୍ ସହ କେମନ୍ତ ଖସିପଡ଼ିଥିବା ସନ୍ଦେହ କରାଯାଉଛି। ଭୋରୁ ଗାଁର କିଛି ଲୋକ ରାସ୍ତା ଦେଇ ଯାଉଥିବା ସମୟରେ ପୋଲ ତଳେ ଏକ ବାଇକ୍ ପଡ଼ିଥିବା ଦେଖିଥିଲେ। ନିକଟକୁ ଯାଇ ଦେଖିବା ପରେ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ପରେ ମୃତ ଯୁବକ ଜଣକ ଡମନିଚୁଆଁ ଗାଁର କେମନ୍ତ ମାଝି ବୋଲି ପରିଚୟ ମିଳିଥିଲା। ଘଟଣା ଜଣାପଡ଼ିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ଲୋକେ ଯୁବକଙ୍କ ମୃତ୍ୟୁ ଖବର ପାଇ ଭାଙ୍ଗି ପଡ଼ିଛନ୍ତି। ଏପଟେ ଭଙ୍ଗା ପୋଲ ଯୋଗୁଁ ଏଭଳି ଅଘଟଣ ଘଟିଥିବାରୁ ତୁରନ୍ତ ପୋଲର ମରାମତି କରି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଗାଁ ଲୋକେ ଦାବି କରିଛନ୍ତି। ଲଗାଣ ବର୍ଷା ସମୟରେ ଅନେକ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ସତର୍କତାମୂଳକ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଚାଷୀଙ୍କ କ୍ଷୟକ୍ଷତି ଭରଣା ସହିତ କୃଷିଋଣ ଛାଡ଼ କରିବାକୁ ଦାବି କଲେ ବରୀ ବିଧାୟକ



**ବରୀ(ଅମୃତ ମିଡିଆ):** ବରୀ ଅଞ୍ଚଳରେ ଚଳିତ ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ। ଦୀର୍ଘ ଧରି ଲଗାଣ ବର୍ଷା ପରେ ଗତ ୩୦ ତାରିଖରେ ପ୍ରଳୟଙ୍କାରୀ ବନ୍ୟାରେ ୨/୩ ସପ୍ତାହ ଧରି ଚାଷକ୍ଷେତ ପାଣିବୁଡ଼ି ରହିବା ଫଳରେ ସଂପୂର୍ଣ୍ଣ ଭାବେ କ୍ଷେତରେ ଥିବା ଧାନ ଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ପଚିସଢି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାଷୀକୁଳର ଅଣ୍ଟା ଭାଙ୍ଗିଯାଇଛି। ବର୍ଷକର ଆହର ଲଗାଣ ବର୍ଷା ଓ ବନ୍ୟା ଚାଷୀପୁଅ ହାତରୁ ଛଡାଇ ନେଇଛି। ଏଣୁ ତୁରନ୍ତ ସରକାର ଚାଷୀଙ୍କ କ୍ଷୟକ୍ଷତିକୁ ସଠିକ୍ ଭାବେ ଆକଳନ କରି ସହାୟତା ଯୋଗାଇ ଦେବା ସହିତ କୃଷି ଋଣ ସଂପୂର୍ଣ୍ଣ ଛାଡ଼ କରିବାକୁ ଦାବି କରିଛନ୍ତି ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ। ରବିବାର ଅପରାହ୍ନରେ ବରୀ ବଜାରସ୍ଥିତ ଜଳସଂପଦ ଡାକ ବଙ୍ଗଳାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବନ୍ୟା ମୁକାବିଲାରେ ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଛି। ସଠିକ୍ ଭାବେ ପୂର୍ବ ପ୍ରସ୍ତୁତ ରେ ରହି ନଦୀବନ୍ଧର ମରାମତି କରିଥିଲେ ଏପରି ଘାଇ ସୃଷ୍ଟି ହୋଇ ନଥାନ୍ତା କି ବନ୍ୟାର ସ୍ଥିତି ଏପରି ସଂଗୀନ ହୋଇ ନଥାନ୍ତା। ତେବେ ବନ୍ୟା ପରେ ମଧ ବିପନ୍ନଙ୍କ ପାଖରେ ସଠିକ୍ ସମୟରେ ପ୍ରଶାସନ ସହାୟତା ପହଞ୍ଚାଇବାରେ ବିଫଳ ହୋଇଛି। ପୂର୍ବ ପ୍ରସ୍ତୁତି ନଥିବାରୁ ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ମଧ ପହଞ୍ଚାଇବାରେ ବିଳମ୍ବ ହୋଇଛି। ତେବେ ଯାହାହେଉ ଏବେ ଚାଷୀଙ୍କ କ୍ଷୟକ୍ଷତିର ଆକଳନ, ବନ୍ୟାରେ କ୍ଷତିଗ୍ରସ୍ତ ଘରର ସଠିକ୍ ଯାଞ୍ଚ ସହିତ ବ୍ଲକର ୨୯ ଟି ପଞ୍ଚାୟତର ବିପନ୍ନଙ୍କ ପାଖରେ ସମସ୍ତ ସରକାରୀ ସହାୟତା ଯଥା ଚାଷୀର ଚାଷର କ୍ଷୟକ୍ଷତି ଭରଣା, କ୍ଷତିଗ୍ରସ୍ତ ଘର ଗୁଡ଼ିକର ସଠିକ୍ ଯାଞ୍ଚ କରି ସହାୟତା ପ୍ରଦାନ ସହିତ ଆସନ୍ତା ୭ଦିନ ମଧ୍ୟରେ ଏସମସ୍ତ ସହାୟତା ପାଇଁ ଚିହ୍ନଟ ପ୍ରକ୍ରିୟା ଶେଷ କରିବା ସହିତ ସଂପୂର୍ଣ୍ଣ କୃଷି ଋଣ ଛାଡ଼ ପାଇଁ ଘୋଷଣା କରାନଗଲେ ସେ ତାଙ୍କ ସମସର୍ଥକମାନଙ୍କୁ ନେଇ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ଆଜିର ସାମ୍ବାଦିକ ସମ୍ମିଳନିରେ ଘୋଷଣା କରିଛନ୍ତି ବିଧାୟକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସମିତି ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ୍ କୁମାର ମହାନ୍ତି, ସରପଞ୍ଚ ସଂଘ ସଭାପତି ପ୍ରସନ୍ନ ସାମଲ ଓ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ି ରହିଛି ଚାଷଜମି, ଚିନ୍ତାରେ ଚାଷୀ

**ବିନିକା(ଅମୃତ ମିଡିଆ):** ବୁଡ଼ି ରହିଛି ଚାଷଜମି । ମୁଣ୍ଡରେ ହାତ ଦେଇ ବସିଛି ଚାଷୀ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ତହସିଲ କଇଁନ୍ତରା ପଞ୍ଚାୟତ ବାଞ୍ଜିପାଲି ଗାଁର ଶହ ଶହ ଏକର ଚାଷଜମି ଜଳମଗ୍ନ। ପାଣି ଜମି ରହିଥିବାରୁ ତଳି ପଚି ସଢି ଗଲାଣି। ଏପଟେ ରାସ୍ତାରେ ୨୫ ଫୁଟର ଘାଇ ସୃଷ୍ଟିହୋଇ ଚାଷଜମି ବାଲିଚର ହୋଇଛି। ଫଳରେ ଧାର କରଜ କରି ଚାଷ ଆରମ୍ଭ କରିଥିବା ଚାଷୀ ଏବେ ଚିନ୍ତାରେ। ଚାଷଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଯୋଗୁଁ ଧାନ ତଳି ପଚି ସଢ଼ିବାକୁ ବସିଲାଣି । ଅନେକ ସ୍ଥାନରେ ଚାଷଜମିରେ ପାଣି ଜମି ରହିଥିବାରୁ ଚାଷୀମାନେ ଜମିକୁ ଯାଇ ନିଜ ଫସଲର ଅବସ୍ଥା ମଧ ଦେଖିପାରୁନାହାନ୍ତି । ଯେଉଁ ଜମିରେ ସୁନାର ଫସଲ ଅମଳ କରିବାର ସ୍ୱପ୍ନ ଦେଖିଥିଲେ, ସେହି ଜମି ଏବେ ପାଣି ଭିତରେ ବୁଡ଼ି ରହିଛି। ଅନ୍ୟପଟେ ରାସ୍ତାରେ ପ୍ରାୟ ୨୫ ଫୁଟର ଘାଇ ସୃଷ୍ଟି ହୋଇଛି। ଏହି ଘାଇ ଦେଇ ବନ୍ୟାଜଳ ଚାଷଜମିକୁ ପ୍ରବେଶ କରିବା ସହ ଅନେକ ଜମିରେ ବାଲି ଜମିଯାଇଛି। ଫଳରେ ଉର୍ବର ଚାଷଜମି ବାଲିଚରରେ ପରିଣତ ହୋଇଛି। ଗୋଟିଏ ପଟେ ପାଣିରେ ଫସଲ ନଷ୍ଟ ହେଉଥିବା ବେଳେ ଅନ୍ୟପଟେ ବାଲି ମାଡ଼ିଯିବାରୁ ଚାଷୀଙ୍କ ଚିନ୍ତା ଆହୁରି ବଢ଼ିଛି ।



# ନାକଟିଦେଉଳରେ କାୟା ମେଲାଇଲାଣି ମ୍ୟାଲେରିଆ, ୭ ମାସରେ ୩୭ ପଜିଟିଭ୍

**ନାକଟିଦେଉଳ(ଅମୃତ ମିଡିଆ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି । ଗତ ଜାନୁଆରୀ ଠାରୁ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ନାକଟିଦେଉଳ ବ୍ଲକ୍‌ରେ ୩୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବଳମ ସବସେଣ୍ଟରରେ ୬ ଜଣ, ଫୁଲକୁସୁମ ସବସେଣ୍ଟରରେ ୭ ଜଣ, ଡଇଁଚାର ୩ଜଣ, ଘୋଷରାମାଳରେ ଜଣେ, ବାଟଗାଁରେ ୫ ଜଣ, ଶିମିଳିପାଳରେ ୫ ଜଣ, ଜାମୁଯୋରୀରେ ଜଣେ, ଗିରିଶ୍ଚନ୍ଦ୍ରପୁରରେ ୨ଜଣ ଏବଂ ନାକଟିଦେଉଳ ସବସେଣ୍ଟର ଅଧୀନରେ ୭ ଜଣ ଏହିପରି ମୋଟ ୩୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି । ନାକଟିଦେଉଳ ସବସେଣ୍ଟର ଅଧୀନ ସାହେବୀ ପଞ୍ଚାୟତ ମାନକୁଣ୍ଡା ଗାଁରେ ମ୍ୟାଲେରିଆ ସଂକ୍ରମଣକୁ ନେଇ ଆତଙ୍କ ଦେଖାଦେଇଛି । ଗାଁରେ ଦିନକୁ ଦିନ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କିଛି ଦିନ ପୂର୍ବରୁ ନାକଟିଦେଉଳ ମେଡିକାଲ ଟିମ୍ ଦ୍ୱାରା ମାନକୁଣ୍ଡା ଗ୍ରାମରେ ୨୬ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ସେଥିରୁ ଜଣଙ୍କ ମ୍ୟାଲେରିଆ ପଜିଟିଭ୍ ବାହାରିଥିଲା । ଏବେ କିନ୍ତୁ ତାହା ୫ରେ ପହଞ୍ଚିଲାଣି । ୩ ଦିନ ତଳେ ମାନକୁଣ୍ଡା ଗାଁର ଜଣେ ମହିଳା ଏବଂ ଜଣେ ଶିଶୁ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାକଟିଦେଉଳ ମେଡିକାଲରେ ଚିକିତ୍ସାଧୀନ ଥିଲେ । ଏବେ ସୁସ୍ଥ ହୋଇ ଘରକୁ ଫେରିଥିବା ମେଡିକାଲ ପକ୍ଷରୁ ଜଣାପଡ଼ିଛି । ବ୍ଲକ୍‌ରେ ୩୭ ଜଣ ମ୍ୟାଲେରିଆ ରୋଗୀଙ୍କୁ ସଠିକ୍ ସମୟରେ ଚିକିତ୍ସା କରାଯାଇଛି ବୋଲି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅମୂଲ୍ୟରତ୍ନ ମହନ୍ତ ପ୍ରକାଶ କରିଛନ୍ତି । ମ୍ୟାଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ସଚେତନ କରାଯାଉନାହିଁ । ମ୍ୟାଲେରିଆ ନିରାକରଣ ପାଇଁ ସରକାରଙ୍କ ତରଫରୁ ମଶାରୀ ବଣ୍ଟନ କରାଯିବା ସହ ପ୍ରତ୍ୟେକ ଘରେ ଡିଡିଟି ସିଞ୍ଚନ କରାଯାଉଥିଲା । ହେଲେ ଏବେ ଏସବୁ ବନ୍ଦ ହୋଇଯାଇଥିବାରୁ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି । ଗାଁ କଲ୍ୟାଣ ସମିତି ଯୋଜନାରେ ଗାଁର ପରିବେଶ ସ୍ୱଚ୍ଛ ରଖିବା ପାଇଁ ସରକାରୀ ତହବିଲରୁ ବିପୁଳ ଅର୍ଥ ଯୋଗାଣ ହେଉଛି । ହେଲେ ଗାଁ କଲ୍ୟାଣ ସମିତି ପକ୍ଷରୁ ସଫେଇ କରାନଯାଇ କାଗଜକଲମରେ ବିଲ ଭାଉଚର ପଇଠ କରାଯାଉଛି । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ଶିବିର କରି ଲୋକଙ୍କୁ ସଚେତନ କରିବା ସହ ରକ୍ତ ପରୀକ୍ଷା, ଔଷଧ ବଣ୍ଟନ କରିବାକୁ ଜନସାଧାରଣରେ ଦାବି ହେଉଛି ।



# ରାଜପଥରେ 'ଆମ ବସ୍' ପାର୍କିଂ ଯୋଗୁଁ ବଢୁଛି ଟ୍ରାଫିକ ସମସ୍ୟା



**ଛେନାପଦୀ(ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ସ୍ଥାୟୀ ବସ ଷ୍ଟାଣ୍ଡ ନାହିଁ କି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ, ଯାହାଫଳରେ ବାଧ ହୋଇ ରାଜପଥରେ 'ଆମ ବସ' ଗୁଡ଼ିକ ପାର୍କିଂ କରାଯାଉଛି। ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ବ୍ଲକ ଆସିବା ପାଇଁ ସରକାର 'ଆମ ବସ' ବ୍ୟବସ୍ଥା କରିଥିଲେ ହେଁ ଏହାର ପାର୍କିଂ ସ୍ଥାନ ପ୍ରତି କାହାର ନଜର ନାହିଁ। ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ପାଇଁ ମୋଟ ୮ଟି ଆମ ବସ ଚାଲୁଥିବାବେଳେ ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ବ୍ଲକ ସମ୍ମୁଖରେ ଏହି ବସଗୁଡ଼ିକ ପାର୍କିଂ କରାଯାଉଛି। ରାଜପଥରେ ବସ ପାର୍କିଂ କରାଯିବା ଯୋଗୁ ଅନେକ ସମୟରେ ନାନା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ମଧ ଗାଡ଼ିକୁ ଅପେକ୍ଷା କରିବା ଓ ଘରକୁ ଫେରିବା କ୍ଷେତ୍ରରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ସମୟରେ କେବଳ ବ୍ଲକ ପରିସରରେ ବସଗୁଡ଼ିକ ରହୁଥିଲେ ହେଁ ଦିନବେଳେ ସେଠାରେ ପାର୍କିଂ ପାଇଁ ସୁବିଧା ନାହିଁ ବୋଲି ହାଟଡିହୀ ବିଡ଼ିଓ ରଞ୍ଜନ ପରିଡ଼ା ପ୍ରକାଶ କରିଛନ୍ତି। ତେଣୁ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଢେପାଗୁଡ଼ାରେ ପୁଣି ବିରାଟ ଗାତ: ୧୧ ବର୍ଷ ତଳେ ବି ଏମିତି ଘଟିଥିଲା



**ଭଞ୍ଜନଗର(ଅମୃତ ମିଡିଆ):** କନ୍ଧମାଳଜିଲ୍ଲା ରାଇକିଆ ବ୍ଲକ୍ ଅଧୀନ ଇନ୍ଦ୍ରଗଡ଼ ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ପୁଣି ରାସ୍ତା ଦବି ପ୍ରାୟ ୩୦ ଫୁଟ ଓସାର ଓ ୭/୮ଫୁଟ ଗଭୀର ଗାତ ସୃଷ୍ଟି ହୋଇଛି। ଗାତର ଆକାର ଓ ଗଭୀରତା ବଢୁଥିବା ସହ ପାଣି ଜମୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗାଁକୁ ପୁଣିଥରେ ବିପଦ ଘନେଇଲା ବୋଲି କହିଛନ୍ତି। ଅନନ୍ତ ନାୟକଙ୍କ ଘର ସାମନାରେ ଗତକାଲି କିଛି ପିଲା ଖେଳିବା ସମୟରେ ହଠାତ୍ ଅସ୍ୱାଭାବିକ ଭାବେ ମାଟି ଧସିବାକୁ ଲାଗିଥିଲା। ଫଳରେ ତପସ୍ୱିନୀ ନାୟକ ତୁରନ୍ତ ପିଲାମାନଙ୍କୁ ସେଠାରୁ ହଟିବାକୁ କହିଥିଲେ। କିଛି ସମୟରେ ମାଟି ଧସିବା ଆରମ୍ଭ କରିବା ସହ ବିରାଟ ଗାତ ହୋଇଥିଲା। ସିମେଣ୍ଟ ଓ କଂକ୍ରିଟ୍ ରାସ୍ତା ନଷ୍ଟ ହୋଇଯିବା ସହ ଜଣେ ବ୍ୟକ୍ତିଙ୍କ ଘର ତାରବାଡ଼ ପଶିଯାଇଥିଲା। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ମଝିରେ ମଝିରେ ମାଟି ଧସୁଥିବା ଗ୍ରାମବାସୀ କହିଛନ୍ତି। ୨୦୧୫ ସେପ୍ଟେମ୍ବର ୧୬ ତାରିଖ ବିଳମ୍ବିତ ରାତିରେ ହଠାତ୍ ଭୂସ୍ଖଳନରେ ଗାଁ ମଝିରେ ୨୫ ଫୁଟ ତଳକୁ ମାଟି ଦବିଯାଇ ବିରାଟ ଗାତ ହୋଇଥିଲା। ଏହାପରେ ଏଭଳି ତିନିଟି ଗାତ ସୃଷ୍ଟି ହୋଇଥିଲା। ୫ର ସୃଷ୍ଟି ହୋଇ ଗାତରେ ପାଣି ବୋହିଯାଉଥିବା ଦେଖିବାକୁ ମିଳିଥିଲା। ଆମ୍ବ ଓ ନଡ଼ିଆ ଗଛ ପୋତି ହୋଇ ଯାଇଥିଲା। ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପ୍ରଶାସନିକ ଅଧିକାରୀ ଓ ଭୂତତ୍ତ୍ୱବିତ୍ ଆସି ଅନୁଧାନ କରିବା ସହ ମାଟି ସମେତ କିଛି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲେ। ବିପଦ ରହିଥିବାରୁ ସ୍ଥାନୀୟ ଲୋକଙ୍କୁ ଗାଁ ଛାଡ଼ିବାକୁ କୁହାଯିବା ସହ ସେଠାରେ ଚଳପ୍ରଚଳକୁ ବାରଣ କରି ସୂଚନାଫଳକ ମଧ ଲଗାଯାଇଥିଲା। ୩୫ ପରିବାରକୁ କେନ୍ଦୁପଲ୍ଲୀ ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। ସେଠାରେ ପାଖାପାଖି ୪୦ ଦିନ ରହିବା ପରେ ଗ୍ରାମବାସୀଙ୍କୁ ଅନ୍ୟ ସ୍ଥାନରେ ଘର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏମାନଙ୍କ ମଧ୍ୟରୁ କିଛି ପରିବାର ବରଗଡ଼ିହରେ ପୁନର୍ବାସ ଗୃହ ଯୋଜନାରେ ଘର ନିର୍ମାଣ କରି ରହୁଥିବା ବେଳେ ଭୂସ୍ଖଳନରେ ଘର ହରାଇଥିବା ପଞ୍ଚାନନ ନାୟକ ଓ ବୁଲୁ ନାୟକ ମଧ ସେଠାରେ ରହୁଛନ୍ତି। ଅନ୍ୟମାନଙ୍କ ପାଇଁ ଗ୍ରାମ ନିକଟ ତଳ ମୌଜାରେ ଘର ନିର୍ମାଣ ପାଇଁ ଟଙ୍କା ଆସିଥିଲା। କିନ୍ତୁ କେ ?ଣସି କାରଣରୁ ନିର୍ମାଣ କାମ ସଂପୂର୍ଣ୍ଣ ହୋଇପାରିନି। ଫଳରେ ପ୍ରାୟ ୧୫ରୁ ଅଧିକ ପରିବାର ଆଜି ବି ଗ୍ରାମରେ ବିପଜ୍ଜନକ ଅବସ୍ଥାରେ ରହୁଥିବା ବୃନ୍ଦାବନ ନାୟକ, ସନ୍ନ୍ୟାସୀ ନାୟକ, ନୃସିଂହ ନାୟକ, ଅନନ୍ତ ନାୟକ, ନିରାକାର ନାୟକ ଓ ରଘୁନାଥ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପୁଣି ଗ୍ରାମକୁ ବିପଦ ମୁହାଁଇଥିବା ବେଳେ ଘର ଭାଙ୍ଗିବା ଆଶଙ୍କା ଦେଖାଦେଇଛି। ତେଣୁ ନିକଟସ୍ଥ ବିଦ୍ୟାଳୟରେ ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିବା କିଛି ଗ୍ରାମବାସୀ କହିଛନ୍ତି।

# ବ୍ରାହ୍ମଣୀରେ ବନ୍ୟା ଆଶଙ୍କା, ଖୋଲିଲା ମନ୍ଦିରା ଡ୍ୟାମ୍‌ର ୬ ଗେଟ୍

**ରାଉରକେଲା(ଅମୃତ ମିଡିଆ):** ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ସୁନ୍ଦରଗଡ଼ ଜିଲ୍ଲା କାଂସବାହାଲ ସ୍ଥିତ ଶଙ୍ଖ ନଦୀ ଉପରେ ନିର୍ମିତ ମନ୍ଦିରା ଡ୍ୟାମର ୧୧ଟି ଗେଟ୍ ମଧ୍ୟରୁ ୬ଟି ଗେଟ୍ ଖୋଲା ଯାଇଛି। ଗେଟ୍ ଖୋଲିବା ପରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସେପଟେ ଗତ ୨୪ ଘଣ୍ଟା ମଧ୍ୟରେ ରାଉରକେଲାରେ ସର୍ବାଧିକ ୬୮.୨ ମିମି ବର୍ଷା ରେକର୍ଡ କରାଯାଇଛି । ଅନ୍ୟପଟେ ଶ୍ରାବଣ ମାସ ଚାଲୁଥିବାରୁ ପ୍ରଶାସନ ପକ୍ଷରୁ ବଢୁଥିବା ବର୍ଷାର ମାତ୍ରାକୁ ଦୃଷ୍ଟିରେ ରଖି ବେଦବ୍ୟାସ ପୀଠରେ କାଉଡ଼ିଆମାନଙ୍କ ଲାଗି ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମିଳିଥିବା ତଥ୍ୟ ଅନୁସାରେ, ଶୁକ୍ରବାର ସକାଳ ୬ଟାରୁ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ଅର୍ଥାତ୍ ଗତ ୨୪ ଘଣ୍ଟା ମଧ୍ୟରେ ରାଉରକେଲାରେ ୬୮.୨ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହେମଗିରରେ ୫୮.୨, ବିଶ୍ରାରେ ୫୬.୨, ବାଲିଶଙ୍କରାରେ ୪୩, କୁଆଁରମୁଣ୍ଡାରେ ୩୯.୪, ନୂଆଗାଁରେ ୩୬.୧, ଲେଫ୍ରିପଡ଼ାରେ ୩୬, ଟାଙ୍ଗରପାଲିରେ ୧୦.୪, ସୁନ୍ଦରଗଡ଼ରେ ୪.୪, ସବଡ଼େଗାରେ ୨୪.୧, ବଡ଼ଗାଁରେ ୨୪.୬, କୁତ୍ରାରେ ୧୩.୪, ରାଜଗାଙ୍ଗପୁରରେ ୩.୬, ଲାଠିକଟାରେ ୮, ବଣାଇଁରେ ୧୧, ଲହୁଣିପଡ଼ାରେ ୧୩.୪, ଗୁରୁଣ୍ଡିଆରେ ୬ ଓ କୋଇଡ଼ାରେ ୮ ମିମି ବର୍ଷା ହୋଇଛି । ତେବେ ଶଙ୍ଖ ନଦୀରେ ୬ ମିମି ବର୍ଷା ରେକର୍ଡ ହୋଇଛି । ମନ୍ଦିରା ଡ୍ୟାମ୍‌ର ଜଳସ୍ତର କ୍ଷମତା ୬୯୦ ଫୁଟ୍ ରହିଥିବା ବେଳେ ଶନିବାର ସୁଦ୍ଧା ୬୭୮.୯ ଫୁଟ ରହିଛି । ଡ୍ୟାମ୍‌କୁ ୧୫୧୨୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ଛଡ଼ା ଯାଉଛି ୧୩୭୧୦ କ୍ୟୁସେକ ଜଳ । ଫଳରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି । ୧୦ତାରିଖ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଥିବାରୁ ବେଦବ୍ୟାସର ତ୍ରିବେଣୀ ସଙ୍ଗମରୁ ଜଳ ନେବା ଲାଗି ରବିବାର ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିବ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିପଦସଙ୍କୁଳ ସ୍ଥାନକୁ ବାରିକେଡ୍ କରାଯାଇଛି ଓ ସେଠାରେ ପୁଲିସ୍ ଜଗି ରହିଛି ।

# ସକ୍ରିୟ ହୋଇପଡ଼ିଛନ୍ତି ଅପରାଧୀ, ସହରବାସୀଙ୍କୁ ସୁରକ୍ଷା ଭୟ



**ବରଗଡ଼(ଅମୃତ ମିଡିଆ):** ବରଗଡ଼ ସହର ସମେତ ଜିଲାରେ କିଛିଦିନର ଆଇନ ଶୃଙ୍ଖଳା ହୁଗୁଳା ହୋଇପଡ଼ିଛି। କିଛିଦିନର ନୀରବତା ପରେ ଏଠାରେ ଅପରାଧୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ସହରବାସୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ବିପଦରେ ରହିଛି। ଏଠାରେ ସାଧାରଣ ଜନତା ତ ଦୂରର କଥା, ବିଭିନ୍ନ ସମୟରେ ସାମାଜିକ କର୍ମୀଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ଚାଷୀନେତାଙ୍କଠାରୁ ଖବରଦାତା, ଛାତ୍ରୀଛାତ୍ରଙ୍କଠାରୁ ଡାକ୍ତର ଦିନ ଦ୍ୱିପ୍ରହରରେ ଆକ୍ରମଣ, ଅସଦାଚରଣର ସମ୍ମୁଖୀନ ହେଉଛନ୍ତି। ସହରରେ ୨ ପୋଲିସ ଫାଣ୍ଡି, ୨ ଥାନାଠାରୁ ଆରମ୍ଭ କରି ଏସ୍‌ଡିପିଓ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ରହିଛି। ଏହା ସହିତ ସହର ଉପକଣ୍ଠ ବରାହଗୋଡ଼ାରେ ଗ୍ରାମାଞ୍ଚଳ ଥାନା ମଧ ରହିଛି। ଏହାସତ୍ତ୍ୱେ ଅପରାଧୀମାନେ ଦିନକୁ ଦିନ ସକ୍ରିୟ ହୋଇ ପଡ଼ିଛନ୍ତି। ଏଭଳି ଅପରାଧ ରୋକିବା ଗୋଟିଏପଟେ ସ୍ଥାନୀୟ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଥିବାବେଳେ ଅନ୍ୟପଟେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଚିନ୍ତା ଘାରିଛି। ସହର ମଧ୍ୟରେ ରହିଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଦୁଇଦିନ ତଳେ ଦିନ ଦ୍ୱିପ୍ରହରରେ ବରଗଡ଼ କୋର୍ଟ ସମ୍ମୁଖ ବିଚ୍‌ରାସ୍ତା ଉପରେ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ୍‌ଙ୍କୁ ମଦ ବୋତଲରେ ମରଣାନ୍ତକ ଆକ୍ରମଣ ପରେ ସହରରେ ଆଇନ ଶୃଙ୍ଖଳା ପଦାରେ ପଡ଼ି ଯାଇଛି। କେବଳ ଏହି ୨ଘଟଣା ନୁହେଁ, ଏହାର କିଛିଦିନ ପୂର୍ବରୁ ସ୍ଥାନୀୟ ପଞ୍ଚାୟତ କଲେଜ ରାସ୍ତାରେ ସର୍ବସମ୍ମୁଖରେ ରାସ୍ତା ଉପରେ ଜଣେ ଯୁବକ ବିଚ୍ ରାସ୍ତା ଉପରେ ଅନ୍ୟଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ସେହିପରି ପ୍ରାୟ ବର୍ଷକତଳେ ବରଗଡ଼ ସହର ଉପକଣ୍ଠ ଡାଙ୍ଗ ଛକ ନଦୀପଡ଼ା ସାର ଫ୍ୟାକ୍ଟ୍ରି ସମ୍ମୁଖ ଦୋକାନରେ ଜଣେ ସାମାଜିକ କର୍ମୀ ତଥା ସ୍ୱେଚ୍ଛାସେବୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ବେଳେ କଳାପାଣି ଛକ ନିକଟରେ ଜଣେ ଚାଷୀନେତାଙ୍କୁ କିଛି ଦୁର୍ବୃତ୍ତ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ସହରରେ ବଢ଼ି ଚାଲିଥିବା ଅପରାଧଗୁଡ଼ିକ ମଧ୍ୟରୁ ଏହା କେବଳ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର। ସହର ତଥା ସହର ଉପକଣ୍ଠ ରାସ୍ତାରେ ଲୁଟ୍‌ପାଟ୍ ମଧ ବଢ଼ି ଚାଲିଛି। ଗତ କିଛିଦିନ ତଳେ ସହର ଉପକଣ୍ଠ ରାଜପଥରେ ରାହାଜାନି ବଢ଼ି ଚାଲିଥିଲା। ଲୁଟେରାମାନେ ଲୁଟ୍ ସମୟରେ ଧାରୁଆ ଅସ୍ତ୍ରରେ ଭୟଭୀତ କରିବା ସହିତ ଆକ୍ରମଣ ପାଇଁ ମଧ ପଛାଇ ନ ଥିବା ନଜିର ରହିଛି। ଏହି ସବୁ ଅପରାଧ ପଛରେ ସହରରେ ବୃଦ୍ଧି ପାଉଥିବା ନିଶା କାରବାର ହିଁ ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଜିଲା ଓକିଲ ସଂଘ ସଭାପତିଙ୍କୁ ମଦ ବୋତଲରେ ଆକ୍ରମଣ କରାଯିବା ଆହୁରି ଚକିତ କରି ପକାଇଛି। ପୋଲିସ ଥରକୁ ଥର ଚଢ଼ାଉ କରି ବିପୁଳ ପରିମାଣରେ କଫ ସିରପ୍, ବ୍ରାଉନସୁଗାର, ଗଞ୍ଜେଇ, ମଦ ଜବତ କରୁଛି। ତଥା ସହରରେ ଚାଲିଥିବା ନିଶା କାରବାରରେ ବ୍ରେକ୍ ଲାଗି ନ ପାରିବା ଚର୍ଚ୍ଚାର ବିଷୟ ହୋଇଛି। ସହରର ବିଭିନ୍ନ ଗଳିକନ୍ଦିରେ ନିଶା କାରବାର ଚାଲୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ପୋଲିସ ବିଭିନ୍ନ ସମୟରେ ଧରପଗଡ଼ କରୁଛି। ନିଶା ସାମଗ୍ରୀ ସହିତ ଅଭିଯୁକ୍ତମାନଙ୍କୁ ଗିରଫ ମଧ କରୁଛି। କିନ୍ତୁ ନିଶା କାରବାର ବନ୍ଦ ହେଉ ନାହିଁ। କିଛି ବଡ଼ବଡ଼ିଆଙ୍କ ଛତ୍ରଛାୟାରେ ରହି ନିଶା ବେପାରୀମାନେ ଅନାୟାସରେ ନିଶା କାରବାର ଚଳାଇ ଆସୁଥିବା ଅଭିଯୋଗ ହେଉଛି। ଏପରି କି ଗତ କିଛିଦିନ ତଳେ ବରଗଡ଼ ଟାଉନ ଥାନା ପୋଲିସ ବିପୁଳ ପରିମାଣରେ ବ୍ରାଉନ ସୁଗାର ଜବତ କରିବା ପରେ ଏକଦା ପୋଲିସ ଇନଫର୍ମର ସାଜିଥିବା ଜଣେ ଯୁବକ ଏକ ଖବରଦାତା ସମ୍ମିଳନୀରେ ନିଶା କାରବାରରେ କିଛି ପୋଲିସ କର୍ମଚାରୀଙ୍କ ହାତ ରହିଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଥିଲେ। ଏଭଳି ସ୍ଥିତିରେ ସହରରୁ କେବେ ନିଶା କାରବାର ସମ୍ପୂର୍ଣ୍ଣ ଦମନ ହେବ ଏବଂ ଅପରାଧ ହ୍ରାସ ସହିତ ସହରବାସୀଙ୍କ ଜୀବନ ଜୀବିକା ସୁରକ୍ଷିତ ରହିବ, ତାକୁ ନେଇ ଏବେ ଚା ଖଟିରୁ ଆରମ୍ଭ କରି ସବୁଆଡ଼େ ଆଲୋଚନା ଜୋର ଧରିଛି।

# ବୈତରଣୀ-ସାଳନ୍ଦୀରେ କମୁଛି ପାଣି, ଘାଇ ଯୋଗୁଁ ଏବେବି ଜଳବନ୍ଦୀ ୮ ଗାଁ

**ଭଦ୍ରକ(ଅମୃତ ମିଡିଆ):** ବିପଦ ସଙ୍କେତ ତଳେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର। ଆଖୁଆପଦାରେ ବୈତରଣୀ ନଦୀ ଜଳସ୍ତର ସତର୍କ ସଙ୍କେତ ଅତିକ୍ରମ କରି ବିପଦ ସଙ୍କେତ ଆଡକୁ ଯାଉଥିଲା। ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ ଥିବାବେଳେ ଏବେ ୧୮.୩ରେ ପ୍ରବାହିତ ହେଉଛି। ସେହିପରି ସାଳନ୍ଦୀ ନଦୀର ଜଳସ୍ତର ମଧ କମିଛି। ରାଜ ଘାଟଠାରେ ବିପଦ ସଂକେତ ୧୭ ଫୁଟ୍ ଥିବାବେଳେ ଏବେ ୧୬ ଫୁଟ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ବାରୋ ଡିହ ଠାରେ ସାଳନ୍ଦୀର ୨୦୦ ଫୁଟର ଘାଇ ଓ ଲଞ୍ଜା ତରା ଠାରେ ନାଳିଆ ନଦୀର ୩୦୦ ଫୁଟ ଘାଇରେ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଏବେବି ବାରୋ ପଞ୍ଚାୟତର ୪ ଓ ବିଳନ ପଞ୍ଚାୟତର ୪ ଗାଁ ଜଳାର୍ଣ୍ଣବ ହୋଇଛି। ଅନ୍ୟପଟେ, ଗୋଟିଏ ବନ୍ୟାର ଦୁର୍ଦ୍ଦଶା ସରିନି, ପୁଣି ଆସିଛି ବନ୍ୟା । ପୁଣି ଡରାଇଛି ବୈତରଣୀ, ସାଳନ୍ଦୀ, ଜଳକା । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବଢୁଛି ବୈତରଣୀର ଜଳସ୍ତର।



# ପୁରୀରେ ବୋଲବମ୍ ଉତ୍ସବ


























# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.112, Monday, 10 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୨, ସୋମବାର, ୧୦ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



